# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, February 23/2026 | Page 16 | ₹ 7.00

୫୨ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 91 | ମୂଲ୍ୟ₹୭/-










Flat
45% off
on making charges
of gold jewellery.

90 YEARS
TRUST IS TIMELESS

BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON:

SCAN TO KNOW MORE



ଇନ୍ଦୋରର ଚିମନ ବାଗ୍ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଭାରତୀୟ ଭାଷା ପର୍ବ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ଆଭୂଷଣ ସହ ଭାଗ ନେଇଥିବା ରାଜସ୍ଥାନୀ ମହିଳାମାନେ।

# ଟ୍ରମ୍ପ୍‌ଙ୍କ ଟାରିଫ୍ : ୬୦% ଆମେରିକୀୟ ଅସନ୍ତୁଷ୍ଟ

**ୱାଶିଂଟନ୍,୨୨।୨**

ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ 'ମାଗା'(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ସଙ୍କଳ୍ପକୁ ଅଗ୍ରାଧିକାର ଦେଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଗେଇଥିଲେ। ଏହି କ୍ରମରେ ସେ ବିଭିନ୍ନ ରାଷ୍ଟ୍ର ଉପରେ ଅଧିକ ହାରରେ ଟାରିଫ୍ ଲଗାଇବା ଆରମ୍ଭ କରିଥିଲେ। କିନ୍ତୁ ଅନ୍ୟାନ୍ୟ ଦେଶ ତୁଳନାରେ ଆମେରିକାରେ ହିଁ ଏହି ଟାରିଫ୍ ନୀତିକୁ ନେଇ ଅଧିକ ଚର୍ଚ୍ଚା ହୋଇଆସିଥିଲା। ତେବେ ଟ୍ରମ୍ପ୍‌ଙ୍କ ଏହି ଟାରିଫ୍ ନୀତିକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିବା ପରେ ଏହି ପ୍ରସଙ୍ଗ ବିଶ୍ୱବ୍ୟାପୀ ଆହୁରି ଚର୍ଚ୍ଚିତ ହେବାରେ ଲାଗିଛି। ଏହାମଧ୍ୟରେ ଆମେରିକାରେ କରାଯାଇଥିବା ଏକ ଜନମତ ସର୍ଭେ ଅନୁଯାୟୀ ଟାରିଫ୍‌କୁ ନେଇ ୬୦% ଆମେରିକୀୟ ଅସନ୍ତୁଷ୍ଟ ରହିଥିବା ଜଣାପଡ଼ିଛି। ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳରେ ନିଯୁକ୍ତି, ମହଙ୍ଗା ସମସ୍ୟା ଏବଂ ଆମେରିକାର ବହିର୍ବ୍ୟାପାର ନୀତିକୁ ନେଇ ଦୈନନ୍ଦିନ ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଦେଶକୁ କିଭଳି ନୀତିରେ ଚଳାଉଛନ୍ତି ବୋଲି ସର୍ବାଧିକ ନାଗରିକ ପ୍ରଶ୍ନ ଉଠାଇଛନ୍ତି।




ଏବିସି ନ୍ୟୁଜ୍,ୱାଶିଂଟନ୍ ପୋଷ୍ଟ ଏବଂ ଇପ୍‌ସୋସ୍ ପୋଲ୍ ଦ୍ୱାରା କରାଯାଇଥିବା ଏହି ସର୍ଭେରେ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୬ ଜଣ ଆମେରିକୀୟ ଟ୍ରମ୍ପ୍‌ଙ୍କ ଟାରିଫ୍ ଏବଂ ମହଙ୍ଗାସ୍ଥିତି ମୁକାବିଲା ନୀତିକୁ ନାପସନ୍ଦ କରିଛନ୍ତି। ସେହିପରି ୬୨% ଆମେରିକୀୟ ଟ୍ରମ୍ପ୍‌ଙ୍କ ବିଦେଶ ନୀତିକୁ ନାପସନ୍ଦ କରିଛନ୍ତି। ଏହାଛଡ଼ା ପ୍ରବାସନ ନିୟମ ଏବଂ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ନେଇ ଟ୍ରମ୍ପ୍ ଯେଉଁ ଆଭିମୁଖ୍ୟ ଆପଣେଇଛନ୍ତି ତାହାକୁ ମଧ୍ୟ ସର୍ବାଧିକ ନାଗରିକ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାସତ୍ତ୍ୱେ ଆମେରିକୀୟ କଂଗ୍ରେସରେ ଡେମୋକ୍ରାଟ୍ ଦଳ ପ୍ରତି ଲୋକଙ୍କ ଭରସା କମ୍ ରହିଛି। ଦେଶର ସାମ୍ପ୍ରତିକ ସମସ୍ୟା ଦୂର କରିବାରେ କେଉଁ ଦଳ ସକ୍ଷମ ହେବ ବୋଲି ପ୍ରଶ୍ନ କରାଯାଇଥିଲା ବେଳେ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ଦଳକୁ ୩୩ ପ୍ରତିଶତ, ଡେମୋକ୍ରାଟ୍ ଦଳକୁ ୩୧ ପ୍ରତିଶତ ସମର୍ଥନ ମିଳିଛି। ୩୧ ପ୍ରତିଶତ ମତଦାତା କୌଣସି ଦଳ ପ୍ରତି ସମର୍ଥନ ଜଣାଇ ନାହାନ୍ତି।

## ଟ୍ରମ୍ପ୍‌ଙ୍କ ରିସର୍ଟକୁ ପଶିଥିବା ବନ୍ଧୁକଧାରୀଙ୍କୁ ଗୁଳି କରି ହତ୍ୟା

**ୱାଶିଂଟନ୍,୨୨।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟ ପରିସରକୁ ଶନିବାର ରାତିରେ ପ୍ରବେଶ କରିଥିବା ଜଣେ ବନ୍ଧୁକଧାରୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ୨୦ ବର୍ଷୀୟ ଏହି ଯୁବକ ଜଣଙ୍କର ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନଥିଲା ବେଳେ ସେ ନର୍ଥ କାରୋଲିନାର ବୋଲି ସିକ୍ରେଟ୍ ସର୍ଭିସ୍ ପକ୍ଷରୁ କୁହାଯାଇଛି। ତେବେ ଯୁବକ ଜଣକ ଏକ ବନ୍ଧୁକ ସହ ଫ୍ୟୁଏଲ କ୍ୟାନ୍ ଧରି କାହିଁକି ରିସର୍ଟ ଭିତରେ ପଶିଥିଲେ ସେ ସମ୍ପର୍କରେ ଯାଞ୍ଚ କରାଯାଉଛି। ରାଷ୍ଟ୍ରପତି ଟ୍ରମ୍ପ୍ ଏହି ରିସର୍ଟକୁ ସାପ୍ତାହିକ ଛୁଟି କଟାଇବାକୁ ଆସିଥାଆନ୍ତି।

## ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ: ମସ୍କୋର ସବୁ ଏୟାରପୋର୍ଟ ବନ୍ଦ

**ମସ୍କୋ,୨୨।୨**

ୟୁକ୍ରେନ୍ ରବିବାର ରୁଷିଆ ରାଜଧାନୀ ମସ୍କୋରେ ଜୋର୍‌ଦାର ଡ୍ରୋନ୍ ଆକ୍ରମଣ କରିବାରୁ ସହରର ସମସ୍ତ ୪ଟି ଅନ୍ତର୍ଜାତୀୟ ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଘଣ୍ଟାଏ ମଧ୍ୟରେ ମସ୍କୋରେ ପ୍ରବେଶ କରିଥିବା ୧୧ ୟୁକ୍ରେନ୍ ଡ୍ରୋନ୍‌କୁ ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇ ଦେଇଛି। ସୁରକ୍ଷା ଦୃଷ୍ଟିରୁ ଡୋମୋଡେଡୋଭୋ ଏୟାରପୋର୍ଟ, ଭନୁକୋଭା ଏୟାରପୋର୍ଟ, ଝୁକୋଭସ୍କି ଏୟାରପୋର୍ଟ ଏବଂ ଶେରେମେଟ୍ୟେଭୋ ଏୟାରପୋର୍ଟରେ ରବିବାର ଅପରାହ୍ନରୁ ବିମାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଗତ ରାତିରେ କିଭ୍ ଉପରେ ରୁଷିଆ ୨୯୭ ଡ୍ରୋନ୍ ଏବଂ ୫୦ ମିଶାଇଲ୍‌ରେ ଆକ୍ରମଣ କରିଥିଲା।

# ଆତଙ୍କବାଦୀଙ୍କ 'ଆଧାର' ଅସ୍ତ୍ର

ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଆକ୍ରମଣ ପାଇଁ ଆତଙ୍କବାଦୀମାନେ ବନ୍ଧୁକ, ଗୁଳିଗୋଳା ଓ ବିସ୍ଫୋରକ ବ୍ୟବହାର କରିଥାନ୍ତି। କିନ୍ତୁ ଭାରତରେ ଅନୁପ୍ରବେଶ କରି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ପୂର୍ବରୁ ସୁରକ୍ଷିତ ରହଣି ପାଇଁ ସେମାନେ ଆଧାର କାର୍ଡର ଆଶ୍ରୟ ନେଇଥାନ୍ତି। ପୂର୍ବରୁ ଏଭଳି ଅନେକ ଦୃଷ୍ଟାନ୍ତ ରହିଥିବାବେଳେ ଏକ ସଦ୍ୟ ଘଟଣା ଦିଲ୍ଲୀ ପୋଲିସକୁ ଚକିତ କରିଦେଇଛି। ଦିଲ୍ଲୀ, ପଶ୍ଚିମବଙ୍ଗ ଓ ତାମିଲନାଡୁରୁ ଧରାପଡ଼ିଥିବା ୮ ଆତଙ୍କବାଦୀ ମଧ୍ୟରୁ ୭ ଜଣ ହେଉଛନ୍ତି ବାଂଲାଦେଶୀ ନାଗରିକ। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସହ ଜଡ଼ିତ ଏହି ମଡ୍ୟୁଲ୍‌ର ୭ ସଦସ୍ୟ ତାମିଲନାଡୁର ତିରୁପୁର ଏବଂ କୋଲକାତାସ୍ଥିତ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ ଛଦ୍ମବେଶୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବାଂଲାଦେଶୀ ପରିଚୟ ଲୁଚାଇ ଭାରତୀୟ ବୋଲାଇବା ଏବଂ ନିଯୁକ୍ତି ପାଇବା ପାଇଁ ସେମାନେ ନିଜର ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ। ଏହି ଚାଞ୍ଚଲ୍ୟକର ତଥ୍ୟ ବାୟୋମେଟ୍ରିକ୍ ଆଧାରିତ 'ଆଧାର'ରେ ଥିବା ଦୋଷ ଦୁର୍ବଳତାକୁ ପୁଣି ଥରେ ପଦାରେ ପକାଇଛି।

**ନୂଆଦିଲ୍ଲୀ,୨୨।୨**

ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଆତଙ୍କବାଦୀ କାର୍‌ବୋମା ବିସ୍ଫୋରଣ ଘଟାଇବାରୁ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଥିଲା। ଘଟଣାକୁ ୩ ମାସ ପରେ ଦିଲ୍ଲୀ ପୋଲିସ ଜାତୀୟ ରାଜଧାନୀରେ ଏକ ବଡ଼ ଧରଣର ଆତଙ୍କବାଦୀ ଷଡ଼ଯନ୍ତ୍ର ଯୋଜନାର ପର୍ଦ୍ଦାଫାଶ କରିବା ସହ ୮ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ବାଂଲାଦେଶର ଉଗ୍ରପନ୍ଥୀ ସଂଗଠନ ତରଫରୁ ସେମାନେ ଦିଲ୍ଲୀରେ ଆତଙ୍କବାଦୀ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ପୋଲିସ କହିଛି। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ସେମାନଙ୍କର ଲିଙ୍କ୍ ରହିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ କେତେଜଣ ବାଂଲାଦେଶୀ ରହିଛନ୍ତି। ପରିଚୟ ଲୁଚାଇବା ପାଇଁ ସେମାନେ ଜାଲ୍ ଆଧାର କାର୍ଡ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି।

ବିଦେଶୀ ପରିଚାଳକଙ୍କ ନିର୍ଦ୍ଦେଶରେ ସେମାନେ ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଗିରଫ ୬ ଅଭିଯୁକ୍ତ ହେଲେ ମିଜାନୁର ରହମାନ, ମହମ୍ମଦ ଶାବତ, ଉମର, ମହମ୍ମଦ ଲିଟନ, ମହମ୍ମଦ ଶହିଦ ଏବଂ ମହମ୍ମଦ ଉଜ୍ଜଲ। ସେମାନଙ୍କୁ ତାମିଲନାଡୁର ତିରୁପୁର ଜିଲାରେ ଥିବା ଏକ ପୋଷାକ କାରଖାନାରୁ ଧରାଯାଇଥିବାବେଳେ ପଶ୍ଚିମବଙ୍ଗରୁ ୨ ଜଣ ଗିରଫ ହୋଇଛନ୍ତି। ପୋଲିସ ସୂତ୍ର ଅନୁଯାୟୀ, ଉକ୍ତ ଟେରର ମଡ୍ୟୁଲ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ଜଡ଼ିତ ଏବଂ ଏହାର ପରିଚାଳକ କଶ୍ମୀର ବାସିନ୍ଦା ଶବିର ଅହମଦ ଲୋନ। ସମ୍ପ୍ରତି




ଦିଲ୍ଲୀ ପୋଲିସ ଗିରଫ କରିଥିବା ବାଂଲାଦେଶୀ ଆତଙ୍କବାଦୀ।

- **ଦିଲ୍ଲୀରେ ଆତଙ୍କବାଦୀ ମଡ୍ୟୁଲ୍‌ର ପର୍ଦ୍ଦାଫାଶ: ୮ ଗିରଫ**
- **ହାଫିଜ୍ ସୟିଦଙ୍କ ସହ ସମ୍ପର୍କରେ ଥିଲେ ହ୍ୟାଣ୍ଡଲର**

ସେ ବାଂଲାଦେଶରେ ରହି ଉକ୍ତ ଟେରର ମଡ୍ୟୁଲକୁ ନିୟନ୍ତ୍ରଣ କରୁଛନ୍ତି। ଆତଙ୍କବାଦୀ ହ୍ୟାଣ୍ଡଲର ଜଣକ ପାକିସ୍ତାନରୁ ତାଲିମ ପାଇଥିବା ବିଶ୍ୱାସ କରାଯାଉଛି। ଗିରଫ ୮ ଜଣ ତାଙ୍କ ପାଇଁ କାମ କରୁଥିଲେ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ ସୟିଦ ଏବଂ ବରିଷ୍ଠ କମାଣ୍ଡର ଜାକିଉର ରହମାନ ଲଖ୍‌ଭିଙ୍କ ସହ ହ୍ୟାଣ୍ଡଲରଙ୍କ ପ୍ରତ୍ୟକ୍ଷ ଯୋଗାଯୋଗ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୨୦୦୭ରୁ ଲଶ୍କର ସଂଗଠନ ସହ ସମ୍ପର୍କରେ ଥିବା ଶବିର ସଦ୍ୟ ପର୍ଦ୍ଦାଫାଶ ମଡ୍ୟୁଲରେ ସମନ୍ୱୟ ରଖିବାରେ ମୁଖ୍ୟ ଭୂମିକା ନିଭାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ୨୦୦୭ରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ତାଙ୍କୁ ପ୍ରଥମେ ଗିରଫ କରିଥିବାବେଳେ ସୟିଦ ଏବଂ ଲଖ୍‌ଭିଙ୍କ ସହ ସମ୍ପୃକ୍ତି ଥିବା ନେଇ ପ୍ରଥମେ ଜଣାପଡ଼ିଥିଲା।

ଦେଶର ବିଭିନ୍ନ ଭାଗରେ ଧ୍ୱଂସାତ୍ମକ କାର୍ଯ୍ୟ ଘଟାଇବା ପାଇଁ ଆତଙ୍କବାଦୀ ମଡ୍ୟୁଲ୍ ଯୋଜନା କରୁଥିବା ନେଇ ନିର୍ଦ୍ଦିଷ୍ଟ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ତଲାସି ଅଭିଯାନ ଆରମ୍ଭ କରିଥିଲା। ଏହି ତଲାସି ବେଳେ ଅନେକ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଜବତ ହୋଇଛି। ଉକ୍ତ ନେଟ୍‌ୱର୍କ କେତେଦୂର ବ୍ୟାପିଛି ଏବଂ ଏହା ପଛରେ ସମ୍ଭାବ୍ୟ ବିଦେଶୀ ସମ୍ପୃକ୍ତି ରହିଛି କି ନାହିଁ, ତାହା ସ୍ପଷ୍ଟ ହେବା ପାଇଁ ଅନୁଧ୍ୟାନ ଜାରି ରହିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତଦନ୍ତରେ ସହାୟତା କରୁଛନ୍ତି। ଲଶ୍କର ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଆଇଇଡିରେ ଆକ୍ରମଣ ଯୋଜନା କରିଥାଇପାରନ୍ତି ବୋଲି ଗୋଇନ୍ଦା ସଂସ୍ଥା ସୂଚନା ଦେଇଥିଲା। ଗତ ୬ ତାରିଖରେ ଇସ୍‌ଲାମାବାଦ ମସ୍‌ଜିଦରେ ହୋଇଥିବା ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଆତଙ୍କବାଦୀ ସଂଗଠନ ଯୋଜନା କରୁଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି।

## ୭୦ ଆଫଗାନ୍ ଆତଙ୍କବାଦୀଙ୍କୁ ମାରିଥିବା ଦାବିକଲା ପାକିସ୍ତାନ

**ଇସ୍‌ଲାମାବାଦ,୨୨।୨**

ଆଫଗାନିସ୍ତାନର ନଙ୍ଗରହାର୍ ଏବଂ ପାକ୍ଟିକା ପ୍ରଦେଶର ୭ ସ୍ଥାନରେ ପାକିସ୍ତାନ ସେନା ବୋମାମାଡ଼ କରି ୭୦ ଆତଙ୍କବାଦୀଙ୍କୁ ମାରିଥିବା ରବିବାର ଦାବି କରିଛି। ଇସ୍‌ଲାମାବାଦସ୍ଥିତ ମସ୍‌ଜିଦ୍ ବିସ୍ଫୋରଣ ସମେତ ଗତ ସପ୍ତାହକ ମଧ୍ୟରେ ପାକିସ୍ତାନର ବେଲୁଚିସ୍ତାନ ଏବଂ କେପିକେ ପ୍ରଦେଶରେ ଆଫଗାନ୍ ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ ଏବଂ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲାବେଳେ ଏଥିରେ ପାକ୍ ସେନାର ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ଅନେକ ସୈନ୍ୟଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ପଛରେ ଆଫଗାନିସ୍ତାନର ଆଇଏସ୍‌କେପି ଓ ଏଫ୍‌ଏକେ ଆତଙ୍କବାଦୀ ସଂଗଠନର ହାତ ଥିବା ପାକିସ୍ତାନ ଅଭିଯୋଗ କରିଥିଲା। ପ୍ରତିଶୋଧ ନେବା ପାଇଁ ଆଫଗାନିସ୍ତାନର ଆତଙ୍କବାଦୀ ଆଡ୍ଡାରେ ଆକ୍ରମଣ କରାଯାଇଥିବା ପାକିସ୍ତାନ କହିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନର ତାଲିବାନ ଏହାକୁ ଅସ୍ୱୀକାର କରିଛି।

## ଇରାନରେ ପୁଣି ଛାତ୍ର ଆନ୍ଦୋଳନ

**ତେହରାନ୍,୨୨।୨**

ଇରାନ ସରକାରଙ୍କ ବିରୋଧରେ କିଛି ଦିନ ତଳେ ହୋଇଥିବା ବିକ୍ଷୋଭ ବେଳେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଇରାନ ପୋଲିସ ବର୍ବରତା ସହିତ ଲୋକଙ୍କୁ ଦମନ କରିଥିବାରୁ ଏହା ଉପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶ୍ନ ଉଠିଥିଲା। ଏହି କାରଣକୁ ନେଇ ଏବେ ଇରାନର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପୁଣି ଆନ୍ଦୋଳନ ତେଜିଛି। ଗୋଟିଏ ପଟେ ଆମେରିକାର ଆକ୍ରମଣ ଆଶଙ୍କା ବଢିଥିଲାବେଳେ ଅନ୍ୟପଟେ ଛାତ୍ର ବିକ୍ଷୋଭକୁ ନେଇ ସ୍ଥିତି ଜଟିଳ ହେବାରେ ଲାଗିଥିବା କୁହାଯାଇଛି।

## ବିବାହ ଦିନ ଜୀବନ ହାରିଲେ ୨ ଭଉଣୀ

**ଯୋଧପୁର,୨୨।୨**

ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ମନାଇ ଗ୍ରାମରେ ଏକ ପରିବାର ସେମାନଙ୍କ ୨ ଝିଅଙ୍କ ବିବାହ ଉତ୍ସବ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ବିବାହ ଦିନ ୨ ଭଉଣୀ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ପରିବାରକୁ ଶୋକସାଗରରେ ବୁଡ଼ାଇ ଦେଇଥିବାବେଳେ ଉକ୍ତ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଉଭୟ ଯୁବତୀ ବିଷାକ୍ତ ପଦାର୍ଥ ଖାଇଦେଇଥିବା ପୋଲିସ କହିଛି।

୨ ଭଉଣୀ ଶୋଭା (୨୫) ଏବଂ ବିମଳା(୨୩)ଙ୍କର ଶନିବାର ବିବାହ ଅନୁଷ୍ଠିତ ହୋଇଥାନ୍ତା। ଶୁକ୍ରବାର ରାତିରେ ପ୍ରାକ୍ ବିବାହ ଉତ୍ସବ ଚାଲିଥିବାବେଳେ ମଧ୍ୟରାତ୍ରରେ ୨ ଭଉଣୀ ଶୋଇବା ପାଇଁ ଯାଇଥିଲେ। ଭୋର ୪ଟା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯିବାରୁ ପରିବାର ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଯୋଧପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଏଡିସିପି(ପଶ୍ଚିମ) ରୋଶନ ମୀନା କହିଛନ୍ତି। ପରିବାର ମୃତଦେହକୁ ଫେରାଇଆଣି ଶେଷକୃତ୍ୟ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଅଟକାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ଫେରାଇ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ୍ ଜବତ ହୋଇନାହିଁ।



ଶୋଭା ଏବଂ ବିମଳା।

## ଲୁଟିଏନ୍ସଙ୍କ ସ୍ଥାନରେ ସ୍ଥାପନ ହେବ ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି

**ନୂଆଦିଲ୍ଲୀ,୨୨।୨**

ରାଷ୍ଟ୍ରପତି ଭବନ ପରିସର ନିକଟରେ ରହିଥିବା ବ୍ରିଟିଶ ପ୍ରଶାସକ ତଥା ସ୍ଥାପତ୍ୟ ଏଡ୍‌ୱିନ୍ ଲୁଟିଏନ୍ସଙ୍କ ପ୍ରତିମୂର୍ତ୍ତି ହଟିବ। ତାଙ୍କ ସ୍ଥାନରେ ସ୍ୱାଧୀନ ଭାରତର ପ୍ରଥମ ଗଭର୍ନର ଜେନେରାଲ ସି. ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରବିବାର ପ୍ରସାରିତ ୧୩୧ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ମୋଦି କହିଛନ୍ତି, ସ୍ୱାଧୀନତାର ଦୀର୍ଘ ସମୟ ପରେ ମଧ୍ୟ ଜଣେ ବ୍ରିଟିଶ ସ୍ଥାପତ୍ୟଙ୍କ ପ୍ରତିମୂର୍ତ୍ତି ରାଷ୍ଟ୍ରପତି ଭବନ ନିକଟରେ ସ୍ଥାନ ପାଇବା ଦୁର୍ଭାଗ୍ୟର ବିଷୟ। ସ୍ୱାଧୀନତା ସଂଗ୍ରାମର ଅନେକ ବିପ୍ଳବୀ ଓ ତ୍ୟାଗୀ ପୁରୁଷ ରହିଛନ୍ତି, ଯେଉଁମାନଙ୍କୁ ଏଭଳି ମହତ୍ତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାନ ଦିଆଯାଇପାରି ନାହିଁ। କିନ୍ତୁ ଏବେ ଉପନିବେଶବାଦ ଢାଞ୍ଚାକୁ ସମ୍ପୂର୍ଣ୍ଣ ବାଦ୍ ଦେବାର ଅବକାଶ ଆସିଛି। ଲୁଟିଏନ୍ସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

# କଂଗ୍ରେସ ଦୁଃସ୍ଥ ରାଜନୀତିକୁ ଓହ୍ଲାଇଛି: ମୋଦି

**ନୂଆଦିଲ୍ଲୀ,୨୨।୨**

ଭାରତ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୁବ କଂଗ୍ରେସ କର୍ମୀଙ୍କ ଅର୍ଦ୍ଧନଗ୍ନ ଶରୀରରେ ବିକ୍ଷୋଭ କରିବା ବିଷୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ବର୍ଷିଛନ୍ତି। ଏଆଇ ସମିଟ୍ ଭଳି ଏକ ବୈଶ୍ୱିକ ସମାବେଶରେ କଂଗ୍ରେସ କର୍ମୀମାନେ ଯେଭଳି ଆଚରଣ ଦେଖାଇଛନ୍ତି ,ତାହା କଂଗ୍ରେସର ଦୁଃସ୍ଥ ଏବଂ ନଗ୍ନ ରାଜନୈତିକ ମାନସିକତାର ପରିଚୟ ଦେଇଛି ବୋଲି ରବିବାର ମିରଟ୍‌ରେ ନମୋ ଭାରତ ରିଜିଓନାଲ୍ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍(ଆର୍‌ଆର୍‌ଟିଏସ୍) ସେବା ଉଦ୍‌ଘାଟନ ଅବସରରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି କହିଛନ୍ତି। ଭାରତ ଆୟୋଜନ କରିଥିବା ଏଆଇ ସମିଟ୍‌କୁ ନେଇ ବିଶ୍ୱର ବହୁ ତୁଙ୍ଗ ନେତା ପ୍ରଶଂସା କରିଥିଲା ବେଳେ ଏଭଳି ଏକ ବୈଶ୍ୱିକ ସମାବେଶରେ ସାରା ବିଶ୍ୱରୁ ଶତାଧିକ ପ୍ରତିଷ୍ଠିତ କମ୍ପାନୀର ପ୍ରତିନିଧିତ୍ୱ କରିବା ଦେଶ ପାଇଁ ଗର୍ବର ବିଷୟ ହୋଇଛି। କିନ୍ତୁ ବିଦେଶୀ ଅତିଥିମାନଙ୍କ ଉପସ୍ଥିତିରେ କଂଗ୍ରେସ ଯେଭଳି ଆଚରଣ ଦେଖାଇଛି ତାହା ଦେଶର ଛବି ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଛି। ଟିଏମ୍‌ସି, ଡିଏମ୍‌କେ, ବିଏସ୍‌ପି ଭଳି ଅନ୍ୟ ବିରୋଧୀ ଦଳ ଏଭଳି ବିକ୍ଷୋଭରେ ସାମିଲ ହୋଇନାହାନ୍ତି। କିନ୍ତୁ କଂଗ୍ରେସ ଏତେ ତଳକୁ ଖସିଯାଇଛି ଯେ ଦେଶର ମର୍ଯ୍ୟାଦା ହାନି କରିବାକୁ ପଛାଇ ନାହିଁ। କଂଗ୍ରେସ ଦଳ ନଗ୍ନ ହୋଇସାରିଛି ବୋଲି ଦେଶବାସୀ ଜାଣି ସାରିଛନ୍ତି। ପୁଣି ଏଆଇ ସମିଟ୍‌ରେ ଅର୍ଦ୍ଧନଗ୍ନ ହେବାର କି ଆବଶ୍ୟକତା ଥିଲା ବୋଲି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ କଟାକ୍ଷ କରି କହିଛନ୍ତି।

ଦେଶର ପ୍ରଥମ ହାଇସ୍ପିଡ୍ ନମୋ ଭାରତ ରେଳସେବାକୁ ଲୋକାର୍ପିତ କରି ମୋଦି କହିଛନ୍ତି, ଦିଲ୍ଲୀ ଓ ମିରଟ୍‌କୁ ଯୋଡୁଥିବା ଏହି ୮୨ କି.ମି. ବିଶିଷ୍ଟ ପ୍ରକଳ୍ପ ଦ୍ୱାରା ସାଧାରଣ ଯାତାୟାତ କ୍ଷେତ୍ରରେ ଲୋକଙ୍କୁ ଅନେକ ସୁବିଧା ମିଳିବ। ବିଶେଷକରି ଦିଲ୍ଲୀକୁ ମିରଟ୍ ଏବଂ ଏନସିଆର୍‌ରୁ ଦୈନନ୍ଦିନ ଯାତାୟାତ କରୁଥିବା ଲୋକ ଏହି ସେବା ଦ୍ୱାରା ସର୍ବାଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ଦ୍ରୁତତମ ମେଟ୍ରୋ ଟ୍ରେନ୍ ସେବା ରୂପେ ନମୋ ଭାରତ ପ୍ରକଳ୍ପ ପାଇଁ ପ୍ରାୟ ୧୫ ହଜାର ଟଙ୍କା ବ୍ୟୟ କରାଯାଇଛି। ଏହି ଟ୍ରେନ୍ ଘଣ୍ଟାକୁ ସର୍ବାଧିକ ୧୬୦ କି.ମି. ବେଗରେ ଗତି କରିପାରିବ। ଏହାଦ୍ୱାରା ପୂର୍ବରୁ ଦିଲ୍ଲୀରୁ ମିରଟ୍ ଯିବାକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଥିଲା ବେଳେ ଏବେ ୮୨ କି.ମି. ଦୂରତା ପାଇଁ ୪୫ରୁ ୫୦ ମିନିଟ୍ ସମୟ ଲାଗିବ।

**ପ୍ରଥମ ନମୋ ଭାରତ ରେଳସେବା ଲୋକାର୍ପିତ**




ୟୁପି ମିରଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନମୋ ଭାରତ ରିଜିଓନାଲ୍ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍(ଆର୍‌ଆର୍‌ଟିଏସ୍) ସେବାର ଲୋକାର୍ପଣ କରୁଛନ୍ତି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ Bhubaneswar, Monday, February 23/2026 | ପୃଷ୍ଠା-୧



## ହାସବନିସ୍ ପ୍ଲେୟର ଅଫ୍ ଦି ମ୍ୟାଚ୍

ବାଂଲାଦେଶ 'ଏ' ବିପକ୍ଷ ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ଭାରତର ତେଜଲ ହାସବନିସ୍।

୧୪

୦୨

## ଭାଜପାରେ ଯୋଗଦେଲେ ଭୂପେନ ବୋରା

ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ କଂଗ୍ରେସର ପୂର୍ବତନ ସଭାପତି ଭୂପେନ କୁମାର ବୋରା ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି।





କଟକସ୍ଥିତ ଚିଦାସ୍ୱାମୀ ଘାଟ ମହାନଦୀ ଜଳରାଶିରେ ରବିବାର ଉଦ୍‌ଘାଟିତ ଦୁଃସାହସିକ ଜଳକ୍ରୀଡ଼ା ସମାରୋହରେ ଭାଗ ନେଇଥିବା ପ୍ରତିଯୋଗୀମାନେ। (ଫଟୋ: ରାଜକିଶୋର ମହାନ୍ତି)

# ଟାରିଫ୍ ଦ୍ୱନ୍ଦ୍ୱ, ଆଲୋଚନା ସ୍ଥଗିତ

**ଭାରତ ଓ ଆମେରିକା ମଧ୍ୟରେ ସୋମବାର ହେବାକୁ ଥିବା ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବ ଟାରିଫ୍‌କୁ ତାଙ୍କ ଦେଶର ସୁପ୍ରିମକୋର୍ଟ ବେଆଇନ ଦର୍ଶାଇ ରଦ୍ଦ କରିବା ପରେ ସେ ଶନିବାର ବିଶ୍ୱବ୍ୟାପୀ ୧୫% ଅସ୍ଥାୟୀ ଟାରିଫ୍ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ୧୮% ଆମଦାନୀ ଶୁଳ୍କ ବଜାୟ ରହିବ ବୋଲି କହିଥିବାରୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଛି। ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ଉପରେ ଆମେରିକା ସୁପ୍ରିମକୋର୍ଟଙ୍କ ରାୟର ପ୍ରଭାବକୁ ଅନୁଧ୍ୟାନ କରିବା ପାଇଁ ଫେବୃଆରୀ ୨୩ରୁ ୩ ଦିନ ଧରି ୱାଶିଂଟନ୍‌ରେ ହେବାକୁ ଥିବା ଟ୍ରେଡ୍ ଡିଲ୍ ସମ୍ପର୍କିତ ବୈଠକକୁ ସ୍ଥଗିତ ରଖିବାକୁ ଉଭୟ ପକ୍ଷ ନିଷ୍ପତ୍ତି ନେଇଥିବା ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଦୁଇ ଦେଶ ମଧ୍ୟରେ ଅନ୍ତରୀଣ ବାଣିଜ୍ୟିକ ଚୁକ୍ତିର ରୂପରେଖ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ନେଇ ଗତ ୭ରେ ହ୍ୱାଇଟ୍‌ହାଉସ୍ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଥିଲା।**

### ଭାରତ-ଆମେରିକା ଟ୍ରେଡ୍ ଡିଲ୍

ନୂଆଦିଲ୍ଲୀ/ ୱାଶିଂଟନ୍, ୨୨।୨ (ରଏଟର୍ସ/ଏଜେନ୍ସି)

ଭାରତ ଓ ଆମେରିକା ମଧ୍ୟରେ ୱାଶିଂଟନ୍‌ରେ ସୋମବାରଠାରୁ ୩ ଦିନ ଧରି ଅନ୍ତରୀଣ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଆଲୋଚନା କରାଯିବା ନେଇ ପୂର୍ବରୁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଯୋଗଦେବା ପାଇଁ ଭାରତରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆମେରିକା ଗସ୍ତ କରିବା ପାଇଁ ରବିବାର ବାହାରିଥିଲା। ବୈଠକରେ ଭାରତ ପକ୍ଷରୁ ଚିଫ୍ ନେଗୋସିଏଟର ଦର୍ପନ ଜୈନ୍ ନେତୃତ୍ୱ ନେଉଥିବାବେଳେ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିଏସନ୍ ଗ୍ରିର ୱାଶିଂଟନ୍‌ର ପକ୍ଷ ରଖିଥାନ୍ତେ। ବୈଠକରେ ଦ୍ୱିପାକ୍ଷିକ ଆଲୋଚନା ବେଳେ ଟ୍ରେଡ୍ ଡିଲ୍‌ରେ ଶେଷସ୍ପର୍ଶ ଦିଆଯିବାକୁ ଥିବାବେଳେ ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଟାରିଫ୍ ଆଭିମୁଖ୍ୟକୁ ବେଆଇନ ଦର୍ଶାଇ ରଦ୍ଦ କରିଦେଇଥିଲେ। ରାଷ୍ଟ୍ରପତି ୧୯୭୭ର ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା (ଆଇଇଇପିଏ) ବଳରେ ଅତ୍ୟୁଚ୍ଚ ଆମଦାନୀ ଶୁଳ୍କ ଲଗାଇପାରିବେ ନାହିଁ ବୋଲି ସେଠାକାର ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟକୁ ନୈରାଶ୍ୟଜନକ କହି ସମାଲୋଚନା କରିଥିବା ଟ୍ରମ୍ପ ଏହାର କିଛି ଘଣ୍ଟା ପରେ ବିଶ୍ୱବ୍ୟାପୀ ୧୦% ଟାରିଫ୍ ☞ପୃଷ୍ଠା-୨

# ବନ୍ଧୁକ ଦେଖାଇ କାର୍‌ରୁ ନବବଧୂଙ୍କୁ ଅପହରଣ

ବଲାଙ୍ଗୀର /ତରଭା/ ସୋନପୁର, ୨୨।୨ (ବୀରେନ୍ଦ୍ର କୁମାର ଝାଙ୍କର/ମାନଭଞ୍ଜନ ମିଶ୍ର/ମୃତ୍ୟୁଞ୍ଜୟ ଶତପଥୀ)



ନବଦମ୍ପତି

### ବାହାଘର ପରେ କନ୍ୟାଙ୍କୁ ଧରି ଘରକୁ ଫେରୁଥିଲେ ବର

ବାହା ବେଦୀରେ ହାତଗଣ୍ଠି ପଡ଼ି ସାରିଥିଲା। ବିବାହ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ଶୁଭ ବେଳା ଦେଖି ଏକ ସୁସଜ୍ଜିତ କାର୍‌ରେ ନବବଧୂଙ୍କୁ ଧରି ଘରକୁ ଫେରୁଥିଲେ ବରପକ୍ଷର ଲୋକେ। ହେଲେ ଅଧାବାଟରେ ଘଟିଲା ଅଘଟଣ। କେହି କିଛି ବୁଝିବା ପୂର୍ବରୁ ଫିଲ୍ମ ଷ୍ଟାଇଲ୍‌ରେ ବନ୍ଧୁକ ଓ ମାରଣାସ୍ତ୍ରର ଭୟ ଦେଖାଇ ଜଣେ ଯୁବକ ତାଙ୍କ ସହଯୋଗୀଙ୍କ ସହାୟତାରେ କାର୍‌ରୁ ନବବଧୂଙ୍କୁ ଅପହରଣ କରି ଚମ୍ପଟ ମାରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଶନିବାର ରାତି ପ୍ରାୟ ୩ଟାରେ ସୁବର୍ଣ୍ଣପୁର ଜିଲାର ତରଭା ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁ ହେବା ପରେ ପୋଲିସର ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନବବଧୂ, ଅପହରଣକାରୀ କାହାରି ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ବଲାଙ୍ଗୀର ସହରର ☞ପୃଷ୍ଠା-୨

# ଓଟିପି, ଆଧାର, ବ୍ୟାଙ୍କ ବିବରଣୀ ଶେୟାର କରନାହିଁ

### ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ



ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୨୨।୨ (ପି.ଟି.)

ଦେଶରେ ଡିଜିଟାଲ ଜାଲିଆତି ଘଟଣା ବଢ଼ିଚାଲିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। କାହା ସହ ଓଟିପି, ଆଧାର ନମ୍ବର କିମ୍ବା ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଶେୟାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରତି ଋତୁରେ ଖାଦ୍ୟ ଓ ପୋଷାକ ବଦଳାଇବା ଭଳି ନିୟମିତ ଭାବେ ପାସ୍‌ୱାର୍ଡ ବଦଳାଇବାକୁ ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଦ୍‌ବୋଧନ ଦେଇ କହିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଡିଜିଟାଲ ଆରେଷ୍ଟ ସମ୍ପର୍କରେ ☞ପୃଷ୍ଠା-୨

# ଦୁର୍ଘଟଣାରେ ଚାଲିଗଲା ୫ ପୋଲିସଙ୍କ ଜୀବନ

ଝାରସୁଗୁଡ଼ା, ୨୨।୨ (ଆଶିଷ ରଞ୍ଜନ ଦାଶ)

### ଟ୍ରେଲର-ବୋଲେରୋ ମୁହାଁମୁହିଁ ଧକ୍କା

- ୩ଜଣଙ୍କ ଅବସ୍ଥା ସଂକଟାପର୍ଣ୍ଣ
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା ଜିଲା ସଦର ଥାନାରୁ ପ୍ରାୟ ଶହେ ମିଟର ଦୂର ଏଚ୍ କଣ୍ଟାପାଲି ଏନ୍‌ଏଚ୍ ୪୯ରେ ରବିବାର ଭୋର ୩ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ ଟ୍ରେଲର ଏବଂ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୫ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୋଲିସ କର୍ମଚାରୀମାନେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ଗ୍ରାମର ହାବିଲଦାର ଲିଙ୍ଗରାଜ ଧୁରୁଆ (୫୦), କୁମ୍ଭାରବନ୍ଧ ଗ୍ରାମର ହୋମଗାର୍ଡ ଭକ୍ତବନ୍ଧୁ ମିର୍ଦ୍ଧା(୪୦), ସରେଇପାଲି ଗ୍ରାମର କନ୍‌ଷ୍ଟେବଲ କାଶୀରାମ ଭୋଇ (୪୦), ଟାଙ୍ଗରପାଲି ଗ୍ରାମର କନ୍‌ଷ୍ଟେବଲ ଦେବଦତ୍ତ ସା (୪୦) ଓ ସୁନ୍ଦରଗଡ଼ ଜିଲା ଚିଙ୍ଗେରକେଲା ଗ୍ରାମର ଏସ୍‌ଆଇ ନିରଞ୍ଜନ କୁଜୁର (୫୮)। ଗୁରୁତରମାନେ ହେଲେ ଝାରସୁଗୁଡ଼ା ଗାୟତ୍ରୀ ନଗରର କନ୍‌ଷ୍ଟେବଲ ଦୁବରାଜ ମିରିଗ(୩୫), ସମ୍ବଲପୁର ସହରର ସର୍ଜନ ରାଜୀବ ଭରାସାଗର (୩୦) ଏବଂ ଝାରସୁଗୁଡ଼ା ତାଳପଟିଆର କନ୍‌ଷ୍ଟେବଲ ଆକାଶ କୁମାର ନାଇକ (୩୦)। ଏହି ଘଟଣା ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି।

ସୂଚନା ଅନୁସାରେ, ଝାରସୁଗୁଡ଼ା ରିଜର୍ଭ ପୋଲିସରେ କାର୍ଯ୍ୟରତ ୮ଜଣ ପୋଲିସ କର୍ମଚାରୀ ଏକ ବୋଲେରୋ(ନଂ.ଓଡି ୦୫ସି ୫୪୪୦)ରେ ଲଖନପୁର ବ୍ଲକ କୁମର ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ବୋଲେରୋକୁ ହୋମଗାର୍ଡ ଭକ୍ତ ବନ୍ଧୁ ମିର୍ଦ୍ଧା ଚଳାଉଥିଲେ। ସେଠାରୁ ଭୋର ୩ଟାରେ ସେମାନେ ବ୍ରଜରାଜନଗର ପଟୁ ଝାରସୁଗୁଡ଼ାକୁ ଆସୁଥିଲେ। ଏହି ସମୟରେ କଣ୍ଟାପାଲି ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରେଲର (ନଂ.ସିଜି ୦୪ ଏଚ୍ ଡବ୍ଲ୍ୟୁ ୬୩୮୩) ବୋଲେରୋକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବୋଲେରୋଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୫ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ପ୍ରଶାସନ ପହଞ୍ଚି ଗାଡ଼ି ଭିତରୁ ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୫ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ସଙ୍କଟାପନ୍ନ ୩ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ପ୍ରଥମେ ବୁର୍ଲା ମେଡିକାଲ ଏବଂ ପରେ ବରଗଡ଼ର ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ☞ପୃଷ୍ଠା-୨

# କିସ୍ତୱାରରେ ଏନ୍‌କାଉଣ୍ଟର: ଜେଇଏମ୍ କମାଣ୍ଡରଙ୍କ ସମେତ ୩ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୨୨।୨

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ରବିବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ(ଜେଇଏମ୍)ର ଜଣେ କମାଣ୍ଡରଙ୍କ ସମେତ ୩ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଜମ୍ମୁ-କଶ୍ମୀର ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ଟିମ୍ ପକ୍ଷରୁ ଏହି ମିଳିତ ଚଢ଼ାଉ କରାଯାଇଥିଲା। ଆତଙ୍କବାଦୀଙ୍କ ମୃତଦେହ ଜଳିଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ତେବେ ଜଣେ ଆତଙ୍କବାଦୀ ଜୈଶ କମାଣ୍ଡର ସୈଫୁଲ୍ଲା ବୋଲି ଅନୁମାନ କରାଯାଉଛି। ଏନ୍‌କାଉଣ୍ଟର ସ୍ଥଳରୁ ୨ଟି ଏକେ-୪୭ ରାଇଫଲ ସମେତ ଗୁଳିଗୋଳା ଜବତ ହୋଇଛି। ସୈଫୁଲ୍ଲା ୫ ବର୍ଷ ପୂର୍ବରୁ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରି ଉକ୍ତ ଅଞ୍ଚଳରେ ସକ୍ରିୟ ରହିଆସିଛନ୍ତି। ସୁରକ୍ଷା ବଳ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଡାଟା ସେଣ୍ଟର ନୁହେଁ ଏଆଇ**






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲଳିତକଳା ଏକାଡେମୀରେ ଚିତ୍ରକଳା ପ୍ରଦର୍ଶନ, ସ୍ଥାନ: ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କମ୍ରେଡ ସୋମନାଥ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପିନାକେଲ୍ ଆୱାର୍ଡ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ନିଆଳି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ଶ୍ରଦ୍ଧାଞ୍ଜଳି ସଭା, ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୧ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱନାହାକାଣୀ ଓ ମଙ୍ଗୁଳି ପ୍ରାଇମେରୀ ସବ୍‌ଷ୍ଟେଶନର ଉଦ୍‌ଘାଟନ, ସ୍ଥାନ: ବିଶ୍ୱନାହାକାଣୀ, ସମୟ: ଅପରାହ୍ନ ୩ଟା।
- ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ଭବନର ଉଦ୍‌ଘାଟନ, ସ୍ଥାନ: ଜଗତପୁର, ସମୟ: ଅପରାହ୍ନ ୪ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଶ୍ରୀଧବଳେଶ୍ୱରଙ୍କ ପୀଠ, ଗୁରୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶିଳ୍ପାଞ୍ଚଳ ଥାନାର ଶିଳାନ୍ୟାସ, ସ୍ଥାନ: ବରୁଣେଇ ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୨ଟା ୩୦।

## ବାଲେଶ୍ୱର

- ଏଫ୍‌ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ-କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଅଗଣୀ ଚରଣ ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ : ଅପରାହ୍ନ ୩ ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- କପ୍ତିପଦା ଉପଖଣ୍ଡ ନିମନ୍ତେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର, ସ୍ଥାନ:ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଜୟପୁର ପଞ୍ଚାୟତ କାର୍ଯ୍ୟାଳୟ, ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: କରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୃଷ୍ଣଛାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ତୃତୀୟ ସାମ୍ବତ୍ସରିକ ଜନ୍ମ ମହୋତ୍ସବ, ସ୍ଥାନ: ସନ୍ଥ ଶ୍ରୀକ୍ଷେତ୍ର, ସନ୍ଥପୁର, ଗଁଦିଆ ବ୍ଲକ, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଜନଜୀବନ ସୁରକ୍ଷା କମିଟିର ଗଣ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ, ସ୍ଥାନ : ମିନିଷ୍ଟାଡିୟମ ଖେଳ ପଡିଆ ଆଠମଲ୍ଲିକ, ସମୟ : ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଡିଏଲ୍‌ଆର ଆସୋସିଏଶନର ସାଧାରଣ ସଭା, ସ୍ଥାନ: ବିଜୁ କନ୍‌ଭେନଶନ ସେଣ୍ଟର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସତ୍ୟସାଇ ସେବା ସଂଗଠନ ପକ୍ଷରୁ ସୁପର ସ୍ପେଶାଲିଷ୍ଟ ହସ୍‌ପିଟାଲ ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ, ସ୍ଥାନ: ରଜାଙ୍ଗ, ଦାନପୁର, ଡେରାବିଶ, ସମୟ: ସକାଳ ୯ଟା ।
- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ, ଗତାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।

## ଯାଜପୁର

- ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯାଗ ଶୁଣାଣି ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଶାଖା ଉଦ୍‌ଘାଟନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ ନିକଟ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ଜାମାଲାଗି ବେଶର ୩୨ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ୪ର୍ଥ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦ ।

## ରାୟଗଡ଼ା

- ସାମାଜିକ ସଦ୍‌ଭାବନା ବୈଠକ, ସ୍ଥାନ: ଟାଉନ ହଲ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- 'ଆମେ ପଢିବା ଆମ ଭାଷାରେ' ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ଉମରକୋଟ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## କୋରାପୁଟ

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଲଙ୍କାପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରଜା ମୁଠାଇ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- କଲମ ଟ୍ରଷ୍ଟ ପରିବାର ପକ୍ଷରୁ ବିଶ୍ୱ ପାନ ଦିବସ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଓଡ଼ିଶା ପୋଲିସ ହକି ଚାମ୍ପିୟନଶିପ୍‌ର ୨ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, ସମୟ: ସକାଳ ୬ଟା ୩୦।
- ଜିଲାପାଳଙ୍କ ଦ୍ୱାରା ଖବରଦାତା ସମ୍ମିଳନୀ, ସ୍ଥାନ: ଆର୍‌ଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ:ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ଗୋଡିପଡା,ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ଦଡୁମେରମୁଣ୍ଡା ପ୍ରହରୀ ମଣ୍ଡପ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ, କସୁରବନ୍ଧ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବଲଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ କର୍ଲାଜୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ବ୍ଲକ ବାବେବୀର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।
- ଖରିଆର ରୋଡ ମହୋତ୍ସବ ଦ୍ୱିତୀୟ ରଜନୀ,ସ୍ଥାନ: ଗୋଡମା ଛକ ସୀମାନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ:କିର୍ମିରା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ବାଗଡ଼ିହି, ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

# ଭାଜପାରେ ଯୋଗଦେଲେ ଭୂପେନ ବୋରା

**ଗୁଆହାଟୀ,୨୨।୨**

ଆସାମ କଂଗ୍ରେସର ପୂର୍ବତନ ସଭାପତି ଭୂପେନ କୁମାର ବୋରା ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଏକ ବଡ଼ ରାଜନୈତିକ ପଟ୍ଟ ପରିବର୍ତ୍ତନ ହୋଇଛି। ଗୁଆହାଟୀସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟ ବାଜପେୟୀ ଭବନରେ ଦଳର ରାଜ୍ୟ ସଭାପତି ଦିଲୀପ ସାଇକିଆଙ୍କ ଉପସ୍ଥିତିରେ ବୋରା ଦଳରେ ଯୋଗଦେଇଛନ୍ତି। ଏହି ଅବସରରେ ପୂର୍ବତନ କଂଗ୍ରେସ କର୍ମୀ ସଞ୍ଜୁ ବୋରା ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଗତ ୧୬ ତାରିଖରେ ଭୂପେନ କଂଗ୍ରେସରୁ ଇସ୍ତଫା ଦେଇଥିବାବେଳେ ନିଷ୍ପତ୍ତି ବଦଳାଇବା ପାଇଁ ରାହୁଲ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଜୋର୍‌ଦାର ଉଦ୍ୟମ ଚଳାଇଥିଲେ। ଆତ୍ମସମ୍ମାନ ଥିବା ଅସମୀୟା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେବେ ବୋଲି ବୋରା ଗଣମାଧ୍ୟମକୁ କହିଛନ୍ତି। କଂଗ୍ରେସରେ ସେମାନଙ୍କ ଅବସ୍ଥା ମୃତ୍ୟୁ ପୂର୍ବରୁ ମହାଭାରତର କର୍ଣ୍ଣଙ୍କ ଅବସ୍ଥା ଭଳି ବୋଲି ବୋରା ତୁଳନା କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, କଂଗ୍ରେସରେ ପ୍ରାୟ ୩୩ ବର୍ଷ ଧରି କାମ କରିଥିବା ବୋରାଙ୍କର ଉକ୍ତ ଦଳ ପ୍ରତି ଯଥେଷ୍ଟ ଅବଦାନ ରହିଥିଲା। ଆଜିଠାରୁ ସେ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେବେ ଦେଇଥିଲା ଧାନ ପାଏ,**
**ଗୋଡ଼ାଇ ଧରୁଛି ଏବଯାଏ ।**

ନିଜ ଅର୍ଜନରେ ଚଳିବାରେ ମନରେ ସନ୍ତୋଷ ଥାଏ। ଆତ୍ମ ନିର୍ଭରଶୀଳ ହେଲେ କେହି କହିବାକୁ ନ ଥିବେ। ପରନ୍ତୁ ଅଭାବରେ ପଡି ଅନ୍ୟଠୁ ସାହାଯ୍ୟ ମାଗିଲେ, ସମୟ ପଡ଼ିଲେ ଭଲ ମନ୍ଦ ଶୁଣିବାକୁ ପଡ଼ିଥାଏ। ଅଭାବରେ ପଡ଼ିଥିବା ବ୍ୟକ୍ତିଙ୍କୁ ଜତକିଞ୍ଚିତ୍ ସାହାଯ୍ୟ କରି ଉଘେଇବା ଅବିବେକୀ କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଜୁରି ଗଛର କି ଗୁଣ ଗାଇବି,**
**ମୂଳରୁ ପାହାଚ ପାହାଚ ।**

ମୂଳରୁ ଚୂଳ ଯାଏ ଦୋଷରେ ଭରା, ସବୁ ପ୍ରକାର ଖରାପ କାର୍ଯ୍ୟରେ ଲିପ୍ତ। ବହୁ ଦୋଷ ଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷ ଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ଦୁର୍ଘଟଣାରେ ଚାଲିଗଲା ...

ଏହି ଦୁର୍ଘଟଣା ଖବର ପାଇବା ପରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର,ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହି ଘଟଣାର ତଦନ୍ତ କରିବା ସହିତ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରାଯାଇଥିବା ବେଳେ ଗାଡ଼ି ଚାଳକ ଗୋବିନ୍ଦ ଚକ୍ରବର୍ତ୍ତୀ (୩୦)ଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟ ମେଡିକାଲକୁ ପଠାଯାଇଛି। ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ୍ ଅପରାହ୍ନ ୨ଟାରେ ଆସି ଉକ୍ତ ଘଟଣା ସମ୍ପର୍କରେ ଝାରସୁଗୁଡ଼ା ଏସ୍‌ପି ଜିଆର୍ ରାଘବେନ୍ଦ୍ରଙ୍କ ସହିତ ଆଲୋଚନା କରିଛନ୍ତି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

### କିସ୍ତୱାରରେ ଏନ୍‌କାଉଣ୍ଟର...

ଉପରେ ଏକାଧିକ ଘାତକ ଆକ୍ରମଣର ସେ ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ ହୋଇଛି। ତେବେ ସେ ପୂର୍ବରୁ ଅନେକ ଏନ୍‌କାଉଣ୍ଟରରୁ ବର୍ତ୍ତିଯାଇଥିଲେ। ଆତଙ୍କବାଦୀମାନେ ପାହାଡ଼ ପାଦଦେଶରେ ଥିବା ଏକ ମାଟିଘରେ ଆତ୍ମଗୋପନ କରିଥିବା ସୂଚନା ମିଳିଥିଲା। ସୁରକ୍ଷା ବଳ ସେମାନଙ୍କ ନିକଟବର୍ତ୍ତୀ ହେବାରୁ ଆତଙ୍କବାଦୀ ଗୁଳି ଚଳାଇଥିଲେ। ସୁରକ୍ଷା ବଳର ତ୍ୱରିତ୍ ଓ ସଠିକ୍ କାର୍ଯ୍ୟାନୁଷ୍ଠାନ ଯୋଗୁ ୩ ଆତଙ୍କବାଦୀ ନିପାତ ହେଲେ ବୋଲି ଉତ୍ତରାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ପ୍ରତୀକ ଶର୍ମା କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ଜିଲାର ଚତ୍ରୁ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ୬ଟି ଏନ୍‌କାଉଣ୍ଟର ଘଟିଥିଲା। ଏଥିରେ ଜଣେ ସୈନ୍ୟ ଓ ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।

### ବନ୍ଧୁକ ଦେଖାଇ...

କାମାକ୍ଷୀନଗର ନିବାସୀ ହରିବନ୍ଧୁ ପୁଟେଲ (ରିଙ୍କୁ)ଙ୍କ ବିବାହ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ସ୍ଥିରୀକୃତ ହୋଇଥିଲା। ଫଳରେ ଶନିବାର ବରଯାତ୍ରୀଙ୍କ ଗହଣରେ ହରିବନ୍ଧୁ କନ୍ୟାଘରକୁ ବାହା ହେବା ପାଇଁ ଯାଇଥିଲେ। ସୁରୁଖୁରୁରେ ବିବାହ ସମ୍ପନ୍ନ ହୋଇଥିଲା। ବିଳମ୍ବିତ ରାତିରେ ହରିବନ୍ଧୁ ନବବଧୂଙ୍କୁ ଧରି କାମାକ୍ଷୀନଗର ଫେରୁଥିବାବେଳେ ତରଭା ସହର ଉପକଣ୍ଠ ଏକ ବନ୍ଧ ନିକଟରେ କାର୍‌ରେ ଆସିଥିବା ତିନିଜଣ ଯୁବକ ହଠାତ୍ ବାହାରକୁ ବାହାରି ବରକନ୍ୟା ବସିଥିବା କାର୍‌କୁ ଅଟକାଇ ଥିଲେ। ଏହା ପରେ ସେମାନେ ବନ୍ଧୁକ ଓ ମାରଣାସ୍ତ୍ର ଭୟ ଦେଖାଇ ଆତଙ୍କ ସୃଷ୍ଟି କରିବା ସହ କାର୍‌ରେ ବସିଥିବା ନବବଧୂଙ୍କୁ ଛାଡ଼ିଦେବାକୁ କହି ବରକୁ ଧମକ ଚମକ ଦେଇଥିଲେ। ମାରଣାସ୍ତ୍ର ଧରିଥିବାରୁ ବରପକ୍ଷର କେହି ବି ପ୍ରତିରୋଧ କରିବାକୁ ସାହସ କରି ନ ଥିଲେ। ଏହି ସୁଯୋଗରେ କାର୍ ଭିତରୁ ନବବଧୂଙ୍କୁ ଟାଣି ଆଣି ଅପହରଣକାରୀମାନେ ଆସିଥିବା କାର୍‌ରେ ଫେରାର ମାରିଥିଲେ। ଏନେଇ ହରିବନ୍ଧୁ ତରଭା ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ପ୍ରେମ ସମ୍ପର୍କକୁ ନେଇ ଏହି ଅପହରଣ ହୋଇଥିବା ଚର୍ଚ୍ଚା ହେଉଛି। ଅପହରଣକାରୀ ଯୁବକ ଜଣକ କଣ୍ଟାମାଳ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ନବବଧୂଙ୍କ ସହ ତାଙ୍କର କୁଆଡେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା । ଉଭୟଙ୍କ ମଧ୍ୟରେ ବିବାହ ହୋଇ ନ ପାରିବାରୁ ଶେଷରେ ପ୍ରେମିକ ଜଣକ ସହଯୋଗୀଙ୍କୁ ଧରି ଯୋଜନାବଦ୍ଧ ଭାବେ ଏଭଳି କାଣ୍ଡ ଘଟାଇଥିବା ଆଲୋଚନା ହେଉଛି। ତେବେ ପୋଲିସ ଏହି ଘଟଣା ସମ୍ପର୍କରେ କେବଳ ତଦନ୍ତ ଜାରି ରହିଥିବା କହିଛି। ନବବିବାହିତ ବର-ବଧୂଙ୍କୁ ଅପେକ୍ଷା କରିଥିବା କାମାକ୍ଷୀନଗର ଘରେ ସକାଳୁ ଏଭଳି ଖବର ପହଞ୍ଚିବା ପରେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି । ହରିବନ୍ଧୁଙ୍କ ବାପାଙ୍କ ଦେହାନ୍ତ ହୋଇ ଯାଇଥିବାରୁ ମା' ବହୁକଷ୍ଟରେ ଗ୍ରୁପ୍ ଋଣ କରି ପୁଅର ବିବାହ କରିଥିଲେ। ଶେଷରେ ଏଭଳି କାଣ୍ଡ ଘଟିବା ଜାଣିବା ପରେ ପରିବାରରେ ବିବାହର ଆନନ୍ଦ ପାଣି ଫୋଟକା ପରି ମିଳାଇ ଯାଇଥିବା ହରିବନ୍ଧୁଙ୍କ ବଡ଼ଭଉଣୀ କ୍ଷୋଭର ସହ କହିଛନ୍ତି।

### ଟାରିଫ୍ ଦ୍ୱନ୍ଦ୍ୱ, ...

ଲଗାଇବାକୁ ଘୋଷଣା କରିଥିଲେ। ସେ ଶନିବାର ଏହି ଟାରିଫ୍‌କୁ ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ପୂର୍ବରୁ ଭାରତ ଉପରେ ଟ୍ରମ୍ପ ଲଗାଇଥିବା ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦକୁ ମୋଟ ୫୦% ଟାରିଫ୍ ଲଗାଇଥିବାବେଳେ ଫେବୃଆରୀ ପ୍ରାରମ୍ଭରେ ଏହାକୁ ୧୮%କୁ ଖସାଇଦେଇଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଝଟକା ପରେ ଟ୍ରମ୍ପ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍ ଅପରିବର୍ତ୍ତିତ ରହିବ ବୋଲି ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଟ୍ରମ୍ପ କହିଥିଲେ, ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ଭାରତ ସହ ବାଣିଜ୍ୟ ଚୁକ୍ତିନାମାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଭାରତ ଆମକୁ ଟାରିଫ୍ ଦେବ କିନ୍ତୁ ଆମେ ଦେବୁନାହିଁ। ଭାରତ ସହ ଏହା ହିଁ ଚୁକ୍ତି। ପୂର୍ବରୁ ଯାହା ଥିଲା, ସେଥିରେ ପରିବର୍ତ୍ତନ ହୋଇଛି। ଆପଣମାନେ ଜାଣନ୍ତି ଯେ ଭାରତ ଓ ମୁଁ ଭାବୁଛୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବହୁତ ଭଦ୍ରଲୋକ, କିନ୍ତୁ ସେ ଅନ୍ୟମାନଙ୍କଠାରୁ ଅଧିକ ସ୍ମାର୍ଟ। ସେ ଆମେରିକାଠାରୁ ଫାଇଦା ଉଠାଉଥିଲେ। ସେଥିପାଇଁ ଆମେ ଭାରତ ସହ ଡିଲ୍ କଲୁ। ଏହା ବହୁତ ଭଲ ଚୁକ୍ତିନାମା, ଯେଉଁଥିରେ ଆମେ ସେମାନଙ୍କୁ ଟାରିଫ୍ ଦେବୁନାହିଁ, କିନ୍ତୁ ସେମାନେ ଆମକୁ ପୈଠ କରିବେ ବୋଲି ଟ୍ରମ୍ପ ସ୍ପଷ୍ଟ କରିଥିଲେ। ଏଭଳି ସ୍ଥିତିରେ ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ୧୫% ନା ୧୮% ଆମଦାନୀ ଶୁଳ୍କର ସମ୍ମୁଖୀନ ହେବ ସେନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଥିଲା। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଆଲୋଚନାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଉଭୟ ପକ୍ଷ ବିଚାରବିମର୍ଶ ପରେ ବୈଠକ ପାଇଁ ସହମତି ଭିତ୍ତିରେ ନୂଆ ତାରିଖ ଘୋଷଣା କରିବେ ବୋଲି ଭାରତ ଓ ଆମେରିକା ପକ୍ଷରୁ ପୃଥକ୍ ଭାବେ ସୂଚନା ଦିଆଯାଇଛି।

### ଓଟିପି, ଆଧାର, ...

କଥା ହେବା ସହ ଡିଜିଟାଲ ଜାଲିଆତି ଏବଂ ଅନ୍‌ଲାଇନ ଦୁର୍ନୀତିକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏଭଳି ଦୁର୍ନୀତିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକେ ସତର୍କ ରହିବା ସହ କେବଳ ବ୍ୟାଙ୍କ ଶାଖା ଜରିଆରେ କେୱାଇସି ଏବଂ ପୁନଃ କେୱାଇସି ପ୍ରକ୍ରିୟା କରିବାକୁ ପ୍ରଧାନମନ୍ତ୍ରୀ କହିଥିଲେ। ନିକଟରେ ଶେଷ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ଭବିଷ୍ୟତରେ ବିଶ୍ୱ କିପରି କୃତ୍ରିମ ବୁଦ୍ଧିମତ୍ତାକୁ ଉପଯୋଗ କରିବ, ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଭାବେ ପ୍ରମାଣିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କ୍ଷେତ୍ରରେ ଭାରତ ଦ୍ୱାରା ସାଧିତ ଉଲ୍ଲେଖନୀୟ ସଫଳତାରେ ବିଶ୍ୱ ନେତାମାନେ ପ୍ରଭାବିତ ହୋଇଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତିର ସୁପ୍ରଭାବରେ ପ୍ରତ୍ୟେକ କାମ ସମ୍ପନ୍ନ କରିପାରିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। କର୍ମକ୍ଷେତ୍ରରୁ ସହକର୍ମୀଙ୍କ ସାହାଯ୍ୟରେ ଆଶା କରୁଥିବା ଦୀର୍ଘଦିନର ବକେୟା ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବା ଦିଗରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ବୃଷ**
ପରୋକ୍ଷ ଶତ୍ରୁତାର ବିନାଶ ସାଙ୍ଗକୁ ଋଣ ମାଧ୍ୟମରେ ଅର୍ଥପ୍ରାପ୍ତି ଘଟିବ। ପାରିବାରିକ କ୍ଷେତ୍ରର ବିବାଦୀୟ ସ୍ଥିତିକୁ ନେଇ ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରୁ ଓହରି ପାରିବେ ନାହିଁ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ କେହି ଜଣେ ସାହାଯ୍ୟ କରିବେ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ସହ ରୋଗପୀଡ଼ାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**ମିଥୁନ**
ସାମାଜିକ ସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହାୟତାରେ ସ୍ଥଗିତ କାର୍ଯ୍ୟ ହାସଲ କରିବେ। ଆଜି ସବୁ କାର୍ଯ୍ୟ ଯଥା ସମୟରେ ହୋଇଯିବ। ଆବଶ୍ୟକତାର ବହୁଳତା କାରଣରୁ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବାର ସୂଚନା ରହିଛି।

**କର୍କଟ**
ଉପରିସ୍ଥଙ୍କ ସହ ମତପାର୍ଥକ୍ୟ କାରଣରୁ ସଙ୍କଟଜନକ ସ୍ଥିତି ଉତ୍ପନ୍ନ ହେବ। ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସହକର୍ମୀଙ୍କ ଜରିଆରେ ପାଇପାରିବେ। ନିର୍ମାଣାଧୀନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ଏବଂ ଅପେକ୍ଷା କରିଥିବା କୌଣସି ଖବର ପାଇ ଖୁସି ହୋଇପାରନ୍ତି।

**ସିଂହ**
ଦୀର୍ଘଦିନାନ୍ତେ ଆରୋଗ୍ୟଲାଭ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ,ସରକାରୀ ସହାୟତା ପ୍ରାପ୍ତିର ସମ୍ଭାବନା ରହିଛି। ଯାତ୍ରାକାଳୀନ ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ଘରେ ପୂର୍ବସ୍ଥିରୀକୃତ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ।

**କନ୍ୟା**
ପାରିବାରିକ ଅଶାନ୍ତି ଓ ଦୈହିକ ଦୁର୍ବଳତା ମନୋବଳ ହ୍ରାସ କରିପାରେ। କରଜଦାତାଙ୍କ ଚାପରେ ଋଣ ପରିଶୋଧର ବିକଳ୍ପ ବ୍ୟବସ୍ଥା କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘ ଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବାଣୀକାରକ ବୁଧଙ୍କ ପ୍ରଭାବରୁ ସଭାସମିତିରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି।

**ତୁଳା**
ବନ୍ଧୁଙ୍କ ସହାୟତାରେ ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିବା ସହ ଆର୍ଥିକ ଉନ୍ନତି ଘଟାଇବ। ଫଳପ୍ରଦ ଯାତ୍ରା, ଗୃହ ଭୂମି ଲାଭ, ପ୍ରତିଯୋଗିତାରେ ସଫଳତା ମିଳିପାରେ। କେତେକ ଘରୋଇକଥା ଚାହୁଁଥିଲେ ମଧ୍ୟ ବନ୍ଧୁଙ୍କୁ କହିପାରିବେ ନାହିଁ। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା**
ବର୍ତ୍ତମାନର ସମୟ ଓ ପରିସ୍ଥିତିର ବିଷମତା ଆଶା ଓ କାମନାକୁ ଏପଟ ସେପଟ କରିଦେବ। ଅସହିଷ୍ଣୁ ବନ୍ଧୁଙ୍କ ମିଥ୍ୟା ଅଭିଯୋଗ କଷ୍ଟ ଦେବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହିତ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ମିଳିପାରେ।

**ଧନୁ**
ବିଶିଷ୍ଟ ବ୍ୟକ୍ତିଙ୍କ ସହାନୁଭୂତି ସମସ୍ୟା ସମାଧାନପୂର୍ବକ କର୍ମପ୍ରବାହକୁ ଅଗ୍ରଗାମୀ କରାଇବ। ଗୃହାରମ୍ଭ, ଯାନ କ୍ରୟ ଏବଂ ବନ୍ଧୁ ସମ୍ପର୍କରେ ଉନ୍ନତି ଦେଖାଦେବ। ପ୍ରକାଶନ, ଏଜେନ୍‌ସିପ୍, ସାମ୍ବାଦିକତା, ସାହିତ୍ୟ ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମତାନ୍ତର କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ।

**ମକର**
ଶୁକ୍ରଙ୍କ ପ୍ରଭାବରେ ବିଳାସବ୍ୟସନ ଦିଗରେ ମନ ଆକର୍ଷିତ ହୋଇ ଲକ୍ଷ୍ୟସାଧନର ମାର୍ଗକୁ ଅଣଦେଖା କରିପାରନ୍ତି। ଆଜିର ଗ୍ରହସମ୍ପର୍କ ନୂତନ ସମ୍ପର୍କ ସୃଷ୍ଟିରେ ସହାୟକ ହେବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ**
ରାଶିରେ ରାଜଯୋଗ ସଂଘଟିତ ହୋଇଥିବାରୁ ଆପଣ ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଲାଭକରି କାର୍ଯ୍ୟସାଧନ କରିବେ। ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ବିରୋଧୀ ଶକ୍ତିର ପ୍ରାଦୁର୍ଭାବ ଆପଣଙ୍କ ଉପରେ କୌଣସି କୁପ୍ରଭାବ ପକାଇପାରିବ ନାହିଁ। ଆଜିର ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଶାସନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ**
ପରିବାରରେ ଅର୍ଥର ଅଭାବ ଓ ପ୍ରତିବନ୍ଧକ କାମକୁ ସ୍ଥଗିତ ରଖିପାରିବ ନାହିଁ। ଆଜି ବନ୍ଧୁଙ୍କ ଘରୋଇ କାର୍ଯ୍ୟରେ ସହଯୋଗ ସକାଶେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଗୁରୁପାକ ଦ୍ରବ୍ୟ ଭୋଜନଜନିତ ସ୍ୱାସ୍ଥ୍ୟହାନି ଘଟିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଭଲ।

ଆଜି ଫେବୃଆରୀ ୨୩ ତାରିଖ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ସୋମବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୪ ଗତେ, ଘ.୦୭।୪୦ ମଧ୍ୟେ, ଘ.୧୦।୫୧ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୦ ଗତେ, ଘ.୦୯।୦୭ ମଧ୍ୟେ ରାହୁକାଳ।


KHIMJI TRUST SINCE 1936
Weddings by
KHIMJI®
JEWELLERS SINCE 1936
Sadiyon baad bhi,
tumhara saath Nibhayenge,
Always
Flat
45% off
on making charges
of gold jewellery.
90 YEARS
TRUST IS TIMELESS
BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)
100% BIS Hallmarked HUID Pure Gold Jewellery
Fair Price Policy
Tested And Certified Diamonds
Lifetime Buyback Guarantee
100% Exchange Of Old Gold
Free Insurance On Diamonds
Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

# ଡାଟା ସେଣ୍ଟର ନୁହେଁ ଏଆଇ

ନୂଆଦିଲ୍ଲୀରେ ୬ ଦିନ ଧରି ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଉପରେ ଦିଲ୍ଲୀ ଘୋଷଣାନାମା ୨୧ ଫେବୃଆରୀରେ ଗୃହୀତ ହୋଇଛି। ଆମେରିକା, ବ୍ରିଟେନ୍, ଚାଇନା ଓ ଫ୍ରାନ୍ସ ସମେତ ୮୮ ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଙ୍ଗଠନ ଉକ୍ତ ଘୋଷଣାନାମାକୁ ସମର୍ଥନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଆଇର ଗବେଷଣା ଓ ଅଭିନବତ୍ୱର ଅନେକ ସ୍ତରରେ ପୃଥିବୀ ବ୍ୟାପୀ ମୁଖ୍ୟତଃ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା କରାଯାଉଛି। ଅଧିକାଂଶ ଦେଶର ସରକାର ଏବେ ଏହି ଅଭିନବତ୍ୱଗୁଡ଼ିକୁ ନିୟନ୍ତ୍ରଣ କରିବା ବ୍ୟତୀତ ଅନ୍ୟ କିଛି କରିପାରୁନାହାନ୍ତି। ଏଆଇକୁ ନିୟନ୍ତ୍ରିତ ରଖିବା ଏବେ ଏକ କଷ୍ଟକର କାର୍ଯ୍ୟ ହୋଇପଡ଼ିଛି। ଏଆଇର ଯେତେ ପ୍ରସାର ହେଉଛି ସେଥିପାଇଁ ବିପୁଳ ପରିମାଣର ଜମି, ଅପୂର୍ବ ପରିମାଣର ବିଦ୍ୟୁତ୍‌ଶକ୍ତି ଏବଂ ଅତ୍ୟଧିକ ମାତ୍ରାର ଜଳର ପ୍ରୟୋଜନ ରହୁଛି।

ଏହି ପ୍ରଚ୍ଛଦପଟରେ ନୂଆଦିଲ୍ଲୀରେ ନିକଟରେ ଶେଷ ହୋଇଥିବା ଇମ୍ପାକ୍ଟ ସମିଟ୍ ସମ୍ପର୍କରେ ଅନେକ ଆଲୋଚନା କରିବା ଉଚିତ ହେବ। ଏଠାରେ ମନେରଖିବାକୁ ହେବ ଯେ ଭାରତର ଏଆଇ ବ୍ୟବସ୍ଥାର ବିକାଶରେ ଅବଦାନ ଅତ୍ୟନ୍ତ ଗୌଣ। ସେଥିପାଇଁ ହୁଏତ ଅନେକେ ବୁଝିପାରି ନ ଥିବେ ଏଭଳି ସମିଟ୍‌ର ଦିଲ୍ଲୀରେ ଆବଶ୍ୟକତା କ'ଣ ଥିଲା। ଏହିସବୁ ଅନ୍ତର୍ଜାତୀୟ ଏଆଇ କମ୍ପାନୀ ଭାରତକୁ ମାଡ଼ିଆସିବାର କାରଣ ହେଉଛି, ଆମେ ସେମାନଙ୍କର ବିରାଟକାୟ ଡାଟା ସେଣ୍ଟର ସ୍ଥାପନ ପାଇଁ ଜମି, ବିଦ୍ୟୁତ୍ ଓ ଜଳ ବିନାଶୁଳ୍କରେ ଉତ୍ସର୍ଗୀକୃତ କରିବା ପାଇଁ ଆଗେଇ ଆସିଛୁ। ଗୋଟିଏ ସାଧାରଣ ଡାଟା ସେଣ୍ଟରକୁ କାର୍ଯ୍ୟକ୍ଷମ ରଖିବା ପାଇଁ ଯେତିକି ପାଣି ଦରକାର ହୁଏ, ତାହା ୩୦ ହଜାର ନାଗରିକ ବିଶିଷ୍ଟ ସହରର ଜଳ ବ୍ୟବହାର ସମାସ୍କନ୍ଧ। କୁହାଯାଉଛି ଭାରତରେ ୨୦୩୦ ସୁଦ୍ଧା ନିର୍ମିତ ହେବାକୁ ଥିବା ଡାଟା ସେଣ୍ଟର ପରିଚାଳନା ପାଇଁ ପାଣିର ଚାହିଦା ୩୫୦ ବିଲିୟନ ଲିଟର ରହିବ। ଏଭଳି ଡାଟା ସେଣ୍ଟରଗୁଡ଼ିକ ବମ୍ବେ, ଚେନ୍ନାଇ, ହାଇଦ୍ରାବାଦ ଭଳି ସହର ନିକଟସ୍ଥ ଅଞ୍ଚଳରେ ସ୍ଥାପିତ ହେବ। ଏହିସବୁ ସହରଗୁଡ଼ିକ ପାନୀୟ ଜଳାଭାବର ଶିକାର ଏବେ ମଧ୍ୟ ଅଛନ୍ତି।

ଭାରତରେ ଏଆଇର ଅଭିନବତ୍ୱଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଡାଟା ସେଣ୍ଟର ସ୍ଥାପନ। ଏହିସବୁ ଡାଟା ବା ତଥ୍ୟ କେନ୍ଦ୍ର ଅନେକ ଘରୋଇ କମ୍ପାନୀ ଦ୍ୱାରା ପୃଥିବୀବ୍ୟାପୀ ସଂଗୃହୀତ ତଥ୍ୟକୁ ଆଶ୍ରୟ ଦେବ। ତାହାର ଅର୍ଥ ନୁହେଁ, ଯେ ଭାରତ ସରକାର ଏଭଳି ତଥ୍ୟକୁ ବ୍ୟବହାର କରିପାରିବେ। କିନ୍ତୁ ଭାରତର କେତୋଟି ଘରୋଇ କମ୍ପାନୀ ରିଲାଏନ୍ସ, ଆଦାନୀ ଏବଂ ଟାଟା ଏହିସବୁ ଡାଟା ସେଣ୍ଟର ପାଇଁ ୨୦୦ରୁ ଅଧିକ ବିଲିୟନ ଡଲାର ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ପ୍ରକଳ୍ପରେ ବିଦେଶୀ କମ୍ପାନୀଗୁଡ଼ିକର, ତୁଳନାତ୍ମକ ଭାବେ, କମ୍ ଯୋଗଦାନ ରହିବ। ପୁଞ୍ଜିବଜାରରେ ଲାଗିଥିବା ଅର୍ଥକୁ ନେଇ ଅମ୍ବାନୀ, ଆଦାନୀ ଓ ଟାଟା ବିଦେଶୀ କମ୍ପାନୀଙ୍କ ସେବାରେ ଲଗାଇବା ସହିତ ଦେଶର ପ୍ରାକୃତିକ ସମ୍ବଳକୁ ପ୍ରବଳମାତ୍ରାରେ ବ୍ୟବହାର କରିପାରିବେ। ସ୍ୱୀକାର କରିବାକୁ ହେବ ଯେ ଏହି ଭାରତୀୟ କମ୍ପାନୀଗୁଡ଼ିକ ପ୍ରବଳମାତ୍ରାରେ ଲାଭ ମଧ୍ୟ କରିବେ। କିନ୍ତୁ ଦେଶର ନାଗରିକଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିବ, କାରଣ ଯେଉଁ ଅଞ୍ଚଳରେ ପ୍ରାକୃତିକ ସମ୍ପଦର ଅଭୂତପୂର୍ବ ବ୍ୟବହାର କରାଯିବ, ସେଠାରେ ସାଧାରଣ ନାଗରିକର ଜୀବନ ଅସମ୍ଭାଳ ହୋଇପଡ଼ିବ। ଅନ୍ୟପଟେ ଡାଟା ସେଣ୍ଟରର ପ୍ରକୃତ ଧନ ଯାହା ହେଉଛି ଅନେକ ପ୍ରକାର ତଥ୍ୟ, ତାହାର ସୁବିଧା ଓ ସୁଯୋଗ ଭାରତ ଏକ ଦେଶ ଭାବେ ଉଠାଇପାରିବ ନାହିଁ। ବିଦେଶୀ କମ୍ପାନୀଗୁଡ଼ିକ ନିଜର ସବୁ ଆଲ୍‌ଗୋରିଦିମକୁ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖିବେ ବୋଲି ଆରମ୍ଭରୁ ସ୍ପଷ୍ଟ କରିଦିଆଯାଇଛି।

ଅନ୍ୟ ଏକ ଉଦାହରଣକୁ ଦେଖିଲେ ସହଜରେ ସମାନ୍ତରାଳ ସ୍ଥିତିକୁ ବୁଝିହେବ। ଭାରତ ଲଢୁଆ ରାଫାଲ ବିମାନ ଫ୍ରାନ୍ସଠାରୁ କିଣିଛି ଓ ଆହୁରି ୧୧୪ଟି କିଣିବ ବୋଲି ଘୋଷଣା ହୋଇଛି। ଏହାପାଇଁ ୨୮ ବିଲିୟନ ଡଲାର ଖର୍ଚ୍ଚ କରାଯିବ। କିନ୍ତୁ ସେହି ବିମାନର ମୂଳ କମ୍ପ୍ୟୁଟରର ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ହେଉଥିବା କୋଡ୍ ଭାରତକୁ ମିଳିବ ନାହିଁ। ଅର୍ଥାତ୍ ଫ୍ରାନ୍ସର ଦୟା ଉପରେ ସର୍ବଦା ନିର୍ଭରଶୀଳ ହୋଇ ରହିବ ଭାରତୀୟ ବାୟୁସେନା। ଅବିକଳ ସେହିଭଳି ହୋଇ ନ ଥିଲେ ମଧ୍ୟ ଡାଟା ସେଣ୍ଟର ନିର୍ମାଣ ପାଇଁ ଭାରତ ପ୍ରବଳ ପରିମାଣର ଅର୍ଥ ବିନିଯୋଗ କରି ମୂଳ ଲାଭରୁ ବଞ୍ଚିତ ହେବ। ଏଥିସହିତ ଏହି ଡାଟା ସେଣ୍ଟରଗୁଡ଼ିକରେ ଅତି କମ୍ ସଂଖ୍ୟକ କର୍ମଚାରୀଙ୍କ ପ୍ରୟୋଜନ ରହିବ। ଫଳରେ ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିବ ନାହିଁ।

ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ନେଦରଲାଣ୍ଡ୍ସ, ଆୟରଲାଣ୍ଡ ଏବଂ ସିଙ୍ଗାପୁର ଭଳି ଦେଶ ଡାଟା ସେଣ୍ଟର ସ୍ଥାପନକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିଛନ୍ତି କିମ୍ବା ଅତି ନିୟନ୍ତ୍ରିତ ରୂପରେ ଅନୁମତି ଦେଉଛନ୍ତି। ଏହିସବୁ ଦେଶ ବ୍ୟତୀତ ଚାଇନା ଓ ଆମେରିକାର କେତୋଟି ରାଜ୍ୟ କଡ଼ାକଡ଼ି ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ କରାଯାଇଛି ଯେ ପ୍ରତ୍ୟେକ ଡାଟା ସେଣ୍ଟର ତାହାର ନିଜସ୍ୱ ବିଦ୍ୟୁତ୍‌ଶକ୍ତି ଚାହିଦାର ୮୦ ଭାଗକୁ ନବୀକରଣୀୟ ଶକ୍ତିରୁ ଉତ୍ପାଦନ କରିବାକୁ ବାଧ୍ୟ। ଏହିସବୁ ଦେଶରେ ଜଳ ସମ୍ପର୍କରେ କେଉଁପ୍ରକାର କଟକଣା ଜାରି କରାଯାଉଛି ତାହା ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ସେଥିପାଇଁ ଭାରତ ଭଳି ଏକ ଦୁର୍ବଳ ଦେଶକୁ ଏହିସବୁ ଅନ୍ତର୍ଜାତୀୟ ଘରୋଇ କମ୍ପାନୀଗୁଡ଼ିକ ଲକ୍ଷ୍ୟରଖି ଦିଲ୍ଲୀକୁ ଆସିଥିଲେ। ସମ୍ଭବତଃ ସେମାନେ ସଫଳ ହୋଇଛନ୍ତି, କାରଣ ଭାରତ ମୁଣ୍ଡ ନୁଆଁଇ ସେମାନଙ୍କ ସବୁ ପ୍ରସ୍ତାବ ଓ ଦାବିକୁ ମାନିନେଇଛି। ଭାରତର ତିନୋଟି ଅଧିକ ପ୍ରଭାବଶାଳୀ କମ୍ପାନୀ ଏଥିରେ ଅର୍ଥ ଲଗାଇବାର ପ୍ରତିଶ୍ରୁତି ଇଙ୍ଗିତ କରୁଛି ଯେ, ଦେଶର ସରକାର ସବୁକିଛି ମାନିନେବାକୁ ପ୍ରସ୍ତୁତ। ଏହି ଭାରତୀୟ କମ୍ପାନୀଗୁଡ଼ିକ ଏଆଇ ଅଭିନବତ୍ୱ ସକାଶେ ବିପୁଳ ପରିମାଣର ଅର୍ଥ ଲଗାଉଛନ୍ତି ବୋଲି ଦାବି କରୁଥିବା ସତ୍ତ୍ୱେ ବାସ୍ତବ ସ୍ଥିତିକୁ ଦେଖିଲେ ମୁଖ୍ୟତଃ ଡାଟା ସେଣ୍ଟର ସ୍ଥାପନ ଜଳ ଜଳ ଦିଶୁଛି। ନିକଟ ଭବିଷ୍ୟତରେ ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପ୍ରକାଶ ପାଇବ ବୋଲି ଆଶା ରହିଥିବା ବେଳେ ସୁନିଶ୍ଚିତତା ନାହିଁ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 6 |
| 3 | 2 | 1 | | | | 7 | | |
| | | 4 | | 9 | | | 3 | 8 |
| | | | 4 | 1 | | 9 | 8 | |
| | | 5 | | | | 2 | | |
| 1 | | 9 | | | | | 6 | |
| | 1 | 8 | | | 5 | | 9 | |
| | 7 | 6 | 3 | | | | | |
| 9 | 4 | | 8 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 1 | 3 | 4 | 9 | 8 | 5 |
| 3 | 4 | 5 | 8 | 2 | 9 | 7 | 1 | 6 |
| 1 | 8 | 9 | 5 | 7 | 6 | 3 | 4 | 2 |
| 9 | 5 | 3 | 6 | 4 | 2 | 1 | 7 | 8 |
| 6 | 1 | 2 | 9 | 8 | 7 | 4 | 5 | 3 |
| 4 | 7 | 8 | 3 | 1 | 5 | 6 | 2 | 9 |
| 8 | 9 | 6 | 7 | 5 | 1 | 2 | 3 | 4 |
| 7 | 3 | 4 | 2 | 9 | 8 | 5 | 6 | 1 |
| 5 | 2 | 1 | 4 | 6 | 3 | 8 | 9 | 7 |

ଗତକାଲିର ଉତ୍ତର

# ବିପଦରେ ଅନ୍ନଦାତା



ବୈକୁଣ୍ଠନାଥ ମିଶ୍ର

କିଛିବର୍ଷ ତଳେ ପ୍ରାଥମିକ ସ୍ତରରେ ପଢାଯାଉଥିବା ସାହିତ୍ୟ ବହିର ଏକ କବିତାର କିୟଦଂଶ ସହିତ ଊଣା ଅଧିକେ ସମସ୍ତେ ପ୍ରାୟତଃ ପରିଚିତ ଥିବେ। ଆଜିର ଆଲୋଚ୍ୟ ପ୍ରସଙ୍ଗ ସହ ଉକ୍ତ କବିତାଂଶର ନିବିଡ ସମ୍ପର୍କ ରହିଥିବା ପରି ମନେହୁଏ। କବିତାଂଶଟି ହେଲା,'ଚାଷ ଅଛି ଯାହାର କି ଆନନ୍ଦ ତାହାର– ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର।' ଆଜି କିନ୍ତୁ ଚାଷୀ ଭାବୁଛି –'ଚାଷ ଅଛି ଯାହାର କେତେ ଦୁଃଖ ତାହାର– କିପରି ସେ ଯୋଗାଇବ ଦୁନିଆକୁ ଆହାର।' ସ୍ୱାଧୀନୋତ୍ତର ଭାରତବର୍ଷରେ ବଡଚିନ୍ତା ଥିଲା ପ୍ରତ୍ୟେକ ଲୋକଙ୍କୁ ଖାଦ୍ୟ ଯୋଗାଇବା, ଯାହା କ୍ୱଚିତ ସମ୍ଭବ ହେଉଥିଲା। ଆମେ ପ୍ରାଥମିକ ଶ୍ରେଣୀରେ ପଢିଲା ବେଳେ ବିଦ୍ୟାଳୟରେ ପିଲାଙ୍କୁ ପୁଷ୍ଟିଯୁକ୍ତ ମକାଗୁଣ୍ଡ ସହ ଗୁଣ୍ଡଦୁଗ୍ଧ ଦିଆଯାଉଥିଲା। ଏହାର ନାମ ଥିଲା କେୟାର ଫିଡିଂ। କେୟାର ବା କଣ୍ଟ୍ରିବ୍ୟୁଶନ୍‌ଅଫ୍‌ଆମେରିକାନ୍‌ରିଲିଫ୍‌ଏଭ୍ରିହୋୟାର। ଅର୍ଥାତ୍ ଆମେରିକା ପ୍ରେରିତ ଶୁଷ୍କ ଖାଦ୍ୟ ଆମ ପିଲାଙ୍କ ପୁଷ୍ଟି ସାଧନ ପାଇଁ ଦିଆଯାଉଥିଲା। ଖାଦ୍ୟାଭାବର ଉତ୍କଟ ସମସ୍ୟା ମଧ୍ୟରେ ଭାରତ ଜଡିତ ଥିଲା। ଓଡ଼ିଶା କଥା ଚିନ୍ତା କଲେ ଗୋଟିଏ କଥା ସ୍ପଷ୍ଟ ଯେ ବନ୍ୟା, ବାତ୍ୟା ଓ ମରୁଡି ଭଳି ବିପଦ ଓଡ଼ିଶା ଚାଷୀର ଚିର ସହଚର। ୧୮୬୬ର ନ'ଅଙ୍କ ଦୁର୍ଭିକ୍ଷ ପରେ ଯଦିଓ କେନାଲ ଖନନ କରାଯାଇ ଜଳସେଚନର ବ୍ୟବସ୍ଥା କରାଗଲା, ତାହା ମଧ୍ୟ ପର୍ଯ୍ୟାପ୍ତ ନ ଥିଲା। ବୃଷ୍ଟି ଜଳ ହିଁ କୃଷକ ପାଇଁ ଏକମାତ୍ର ଜଳ ଉତ୍ସ। ପରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା କରାଯାଇ କୃଷିର ବିକାଶ ପାଇଁ ପ୍ରୟାସ କରାଗଲା।

ସବୁଜ ବିପ୍ଳବର ଅୟମାରମ୍ଭ ଓ ଆଧୁନିକ କୃଷି ପ୍ରଣାଳୀ ଅବଲମ୍ବନ କରିବା ଫଳରେ ଖାଦ୍ୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଲା। ବିଂଶ ଶତାବ୍ଦୀର ଶେଷଭାଗରେ ଡାଲୁଅ ଧାନ ଚାଷକରି ଚାଷୀ ତା'ର ନିଅଣ୍ଟିଆ ଖାଦ୍ୟଶସ୍ୟର ଭରଣା କରିବାକୁ ସକ୍ଷମ ହେଲା। ଡାଲୁଅ ଚାଷ ହେବା ଫଳରେ ଉପକୂଳ ଓଡ଼ିଶାରେ ରବି ଫସଲ ବିଶେଷକରି ଡାଲିଜାତୀୟ ଶସ୍ୟର ଉତ୍ପାଦନ ବିପର୍ଯ୍ୟୟର ସମ୍ମୁଖୀନ ହେଲା।

ଦ୍ୱିତୀୟତଃ ପର୍ଯ୍ୟାପ୍ତ ଜଳସେଚନ ଅଭାବରୁ ଚାଷୀ ଡାଲୁଅ ଛାଡି କେବଳ ଶାରଦ ଧାନଚାଷରେ ମନୋନିବେଶ କଲା। କ୍ରମେ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧିପାଇଲା। ଜମିମାଲିକ ସହରମୁହାଁ ହେବା ଫଳରେ ଚାଷକାର୍ଯ୍ୟ ଭାଗଚାଷୀ ହାତକୁ ଗଲା। ଆଧୁନିକ କୃଷିପ୍ରଣାଳୀ ଓ ଉନ୍ନତମାନର ଧାନ ବିହନର ଉପଲବ୍ଧି ଫଳରେ ଚାଷୀ ଅଧିକ ଅମଳକ୍ଷମ ଧାନ ଚାଷରେ ମନୋନିବେଶ କଲା। ପର୍ଯ୍ୟାପ୍ତ ଧାନ ଅମଳ ହେବାରୁ ଚାଷୀ ନିଜ ପରିବାରର ଆବଶ୍ୟକତା ମେଣ୍ଟାଇ ବଳକା ଧାନ ବିକ୍ରୟ ପାଇଁ ସକ୍ଷମ ହେଲା। ସରକାର



ସମବାୟ ସମିତିମାନଙ୍କରେ ଧାନମଣ୍ଡି ଖୋଲି ମିଲର ମାଧ୍ୟମରେ ଧାନ ବିକ୍ରୟର ସୁବିଧା କଲେ । ଧାନ ଚାଷ ଏକ ଖାଦ୍ୟ ପରିପୂରକ ନ ହୋଇ କ୍ରମେ ବ୍ୟବସାୟରେ ପରିଣତ ହେଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଭାଜପା ଦଳ କ୍ଷମତାକୁ ଆସିଲେ ଧାନର କ୍ରୟ ମୂଲ୍ୟ ଉପରେ ୮୦୦ଟଙ୍କା ବୋନସ ଦେବାକୁ ଘୋଷଣା କଲେ। ୨୦୨୪–୨୫ରେ କେନ୍ଦ୍ର ନିର୍ଦ୍ଧାରିତ ଧାନମୂଲ୍ୟ ୨୩୦୦ଟଙ୍କା ଉପରେ ୮୦୦ଟଙ୍କା ବୋନସ ଦେବା ଫଳରେ ଓଡ଼ିଶା ଚାଷୀ ୩୧୦୦ ଟଙ୍କାରେ ଧାନ ବିକ୍ରି କରିପାରିଲେ।

ଓଡ଼ିଆ ଚାଷୀ ଯାହା ଆଶା କରି ନ ଥିଲେ ତାହା ପାଇବାରୁ ବେଶ୍ ଖୁସିହେଲେ। କିନ୍ତୁ ୨୦୨୪–୨୫ କୃଷି ବର୍ଷରେ ଲଘୁଚାପଜନିତ ଲଗାଣ ବର୍ଷା ଯାହା ଡିସେମ୍ବର ମାସରେ ସଂଘଟିତ ହେଲା, ଚାଷୀର ପାଚିଲା ଧାନ କ୍ଷେତକୁ ଉଜାଡି ଦେଲା। ଉପକୂଳ ଓଡ଼ିଶା ସମେତ ପ୍ରାୟ ୨୦ଟି ଜିଲାର ଚାଷୀ ସଙ୍କଟକୁ ସାମ୍ନା କଲେ। ଅବଶ୍ୟ ସରକାରୀ ସହାୟତା ପ୍ରଦାନ କରାଗଲା। କିନ୍ତୁ ତାହା ପର୍ଯ୍ୟାପ୍ତ ନ ଥିଲା। ଭାଗଚାଷୀର ଜମି ମାଲିକାନା ସ୍ୱତ୍ୱ ନ ଥିବାରୁ ସେ ସହାୟତାରୁ ବଞ୍ଚିତ ହେଲା। ଧାନର ପ୍ରଭୂତ କ୍ଷତି ହେଲା। ମିଲରମାନେ ସେହି ଧାନକୁ କିଣିବାକୁ ଅନିଚ୍ଛା ପ୍ରକାଶ କଲେ। ମିଲରଙ୍କ ମନମାନି ଯୋଗୁ କଟନିଛଟନିର ଉତ୍କଟ ଦୃଶ୍ୟ ଦେଖିବାକୁ ମିଳିଲା। ଏପରି କି କୁଇଣ୍ଟାଲ ପିଛା ୧୦ କି.ଗ୍ରା. ସ୍ଥଳବିଶେଷରେ ୨୦ କି.ଗ୍ରା. କାଟି ନେଇ ମିଲର ମଣ୍ଡିରୁ ଧାନ ଉଠାଇଲେ। ସରକାରଙ୍କ ସମସ୍ତ ତାଗିଦ ସତ୍ତ୍ୱେ କଟନିଛଟନି ସୀମାତୀତ ଭାବେ ଚାଲିଲା। ଚାଷୀର କ୍ଷତି ଅବର୍ଣ୍ଣନୀୟ। ଚାଷୀ ବୁଝିପାରିଲା ନାହିଁ ଯେ କଟନିଛଟନି ଯୋଗୁ ତା' ଖରାପ ଧାନ କିପରି ଭଲ ଧାନରେ ପରିଣତ ହେଲା।

ଆସନ୍ତୁ ଏବର୍ଷ ଅର୍ଥାତ୍ ୨୦୨୫–୨୬ ଫସଲ କଥା ଆଲୋଚନା କରିବା। ଚାଷୀ ୮୦୦ଟଙ୍କା ବୋନସ୍ ଲୋଭରେ ପର୍ଯ୍ୟାପ୍ତ ଧାନଚାଷ କଲା। ପାଣିପାଗ ଅନୁକୂଳ ଥିବାରୁ ଧାନ ଅମଳରେ ପ୍ରାୟତଃ ବିଶେଷ କିଛି ଅସୁବିଧା ପରିଲକ୍ଷିତ ହେଲାନାହିଁ। କେବଳ ଉତ୍ତର ବାଲେଶ୍ୱରର କିଛି ଅଞ୍ଚଳରେ ବନ୍ୟାଜନିତ କ୍ଷୟକ୍ଷତିକୁ ଛାଡିଦେଲେ ଅବଶିଷ୍ଟ ଓଡ଼ିଶାରେ ପର୍ଯ୍ୟାପ୍ତ ଧାନ ଅମଳ ହୋଇଛି। ତେବେ ଚାଷୀ ନିଜର ବଳକା ଧାନକୁ ମଣ୍ଡିରେ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଲେ। ସରକାର ଓ ମିଲରଙ୍କ ମଧ୍ୟରେ ବିବାଦ ଏବଂ ମିଲରମାନଙ୍କ ଆନ୍ଦୋଳନ ଯୋଗୁ ପଶ୍ଚିମ ଓଡ଼ିଶାରେ ଧାନ କ୍ରୟ ବିଳମ୍ବିତ ହେଲା। ଚାଷୀ ଖରା କାକରରେ ମଣ୍ଡି ସନ୍ନିକଟ ପଡିଆରେ ଧାନବସ୍ତା ଗଚ୍ଛିତ ରଖି ଦିନରାତି ଜଗି ରହିଲା। ଧାନକିଣା ଘୋର ପ୍ରଭାବିତ ହେଲା। ଫେବୃଆରୀ ଶେଷଭାଗ ହୋଇଥିଲେ ମଧ୍ୟ ଉପକୂଳ ଓଡ଼ିଶାରେ ୯୦ଭାଗ ଚାଷୀ ଧାନ ବିକ୍ରୟ କରିପାରି ନାହିଁ। ଧାନ ଉତ୍କୃଷ୍ଟ ମାନର ଥିଲେ ମଧ୍ୟ କୁଇଣ୍ଟାଲ ପିଛା ୪ରୁ ୫କି.ଗ୍ରା. ଓ ସ୍ଥଳ ବିଶେଷରେ ୧୦ କି.ଗ୍ରା. ପର୍ଯ୍ୟନ୍ତ କଟନିଛଟନି ଦାବି କରାଯାଉଛି। କଟନିଛଟନି ନ ହେଲେ ମିଲର ଧାନ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଚାଷୀ କଟନିଛଟନି ସତ୍ତ୍ୱେ ଧାନ ଦେବାକୁ ରାଜି ହେଉଛି। କାରଣ ମଣ୍ଡିରେ ଧାନ ନ ଦେଇ ପାରିଲେ ଚାଷୀ ତା'ର ବଳକା ଧାନକୁ ନେଇ କରିବ କ'ଣ ? ବାଧ୍ୟ ହୋଇ ଘରୋଇ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପିଛା ୧୫୦୦ରୁ ୧୭୦୦ଟଙ୍କାରେ ବିକ୍ରି କରୁଛି। ସେଥିରେ ପୁଣି ଓଜନଜନିତ ତ୍ରୁଟି ରହିଛି। ଏ ଲେଖକ ସମାନ ସଙ୍କଟର ସମ୍ମୁଖୀନ ହୋଇଛି। ଟୋକନ ଅବଧି ସରି ଆସୁଥିଲେ ମଧ୍ୟ ଧାନ ବିକ୍ରିର କୌଣସି ସୂଚନାପ୍ରାପ୍ତ ହେଉନାହିଁ।

ଆଉ ଏକ ବିଷମ କଥା ହେଲା ପୂର୍ବପରି ଧାନ ଉପରେ ଲୋକଙ୍କର ନିର୍ଭରଶୀଳତା ହ୍ରାସ ପାଇଛି। ଲୋକେ ଭାତ ଅପେକ୍ଷା ଅଧିକ ରୁଟି ପସନ୍ଦ କରୁଛନ୍ତି। ଯେଉଁ ପରିବାରରେ ମାସକୁ ୩୦ କି.ଗ୍ରା.ରୁ ଅଧିକ ଚାଉଳ ଆବଶ୍ୟକ ହେଉଥିଲା ବର୍ତ୍ତମାନ ସେହି ପରିବାରର ୫ରୁ ୧୦ କି.ଗ୍ରା. ଚାଉଳ ଦରକାର ହେଉଛି। ବହୁ ଖର୍ଚ୍ଚାନ୍ତ ହୋଇ ବର୍ଷକର ଉତ୍ପାଦିତ ଧାନଗଣ୍ଡାକ ଯେତେବେଳେ ବିକ୍ରି ହୋଇପାରୁନାହିଁ ଚାଷ ଉପରେ ନିର୍ଭରଶୀଳ ଚାଷୀ ପରିବାରଟି ବଞ୍ଚିବ କିପରି ? ଜମି ଚାଷ କରିବା, ରୁଆ ବଛା ବେଉଷଣଠାରୁ ଆରମ୍ଭ କରି ଆଜିକାଲି ସବୁକାମ ଯନ୍ତ୍ର ଦ୍ୱାରା ପରିଚାଳିତ ହେଉଛି। ମହଙ୍ଗା ଯୁଗରେ ମଜୁରି ମଧ୍ୟ ବୃଦ୍ଧିପାଇଛି। ଉପକୂଳ ଓଡ଼ିଶାରେ ଷଣ୍ଢ ଓ ମାଙ୍କଡଙ୍କର ଉତ୍ପାତ ଯୋଗୁ ଚାଷୀ ଉଦ୍ୟାନ କୃଷି କରି ନ ପାରି ବଜାର ଉପରେ ନିର୍ଭର କରୁଛି। ଚାଷୀ ଋଣ କରଜ କରି ଯେତେବେଳେ ତା'ର ଉତ୍ପାଦିତ ଫସଲକୁ ଉଚିତ ମୂଲ୍ୟରେ ବିକ୍ରି କରିପାରିବ ନାହିଁ, ସେତେବେଳେ ସେ ନିରାଶରେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବ। ଋଣଭାରରେ ଆକ୍ରାନ୍ତ ଚାଷୀଟି ଶେଷରେ ଆତ୍ମହତ୍ୟା ଭଳି ଚରମ ସିଦ୍ଧାନ୍ତକୁ ଆପଣେଇ ନେବ ନାହିଁ ତ ? ସରକାର ଏ ବିଷୟ ପ୍ରତି ଉପଯୁକ୍ତ ଧ୍ୟାନ ଦେବା ଆବଶ୍ୟକ। ନଚେତ୍ ଅନ୍ନଦାତା ବିପଦରେ ପଡି ହୁଏତ କୃଷିକର୍ମଣରୁ ନିବୃତ୍ତ ହେବ ନାହିଁ ବୋଲି କିଏ କହିବ ?

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଜୀବନ ପରୀକ୍ଷାର ଆନନ୍ଦମୟ ଆହ୍ୱାନ



ଡ. ସୁରେଶ କୁମାର ନାୟକ

ପିଲାମାନେ, ମନେରଖିଥାଅ ଜୀବନ ଏକ ପରୀକ୍ଷା। ଜୀବନର ପ୍ରତିଟି ମୁହୂର୍ତ୍ତରେ ଆମେ ଦୈବ ଓ କର୍ମର ପରୀକ୍ଷାକୁ ସାମ୍ନା କରିଥାଉ। ମଣିଷର ଜୀବନ ସମ୍ପୂର୍ଣ୍ଣ ଧରାବନ୍ଧା ପରୀକ୍ଷା ଭିତରେ ଆବଦ୍ଧ। କିଏ ଉତ୍ତୀର୍ଣ୍ଣ ହୋଇଯାଉଛି, କିଏ ଉତ୍ତୀର୍ଣ୍ଣ ହେବା ପାଇଁ ସମୟ ନେଉଛି। କିନ୍ତୁ ଜୀବନଚକ୍ରର ପରୀକ୍ଷାରେ ସମସ୍ତେ ଅତିକ୍ରମ କରି ସଫଳତା ପାଉଛନ୍ତି। ଯେଉଁମାନେ ବିଫଳତା ବୋଲି କିଛି ଭାବୁଛନ୍ତି ତାହା ପ୍ରକୃତରେ ଅସଫଳତା ନୁହେଁ,ତାହା ହେଉଛି ଏକ ଆହ୍ୱାନଭରା ପରୀକ୍ଷା। ପରୀକ୍ଷାକୁ ନେଇ ପିଲାମାନଙ୍କ ଭିତରେ ଅନେକ ଦ୍ୱନ୍ଦ୍ୱ, ଭୟ ଓ ଚାପ ମଧ୍ୟ ଆସିଥାଏ। ନିଜ ପାଠ୍ୟ ପ୍ରସ୍ତୁତିକୁ ନେଇ ଚାପ, ଅଭିଭାବକଙ୍କ ଚାପ ଆଉ ବିଦ୍ୟାଳୟର ଚାପ ଏ ସବୁ ଭିତରେ ସହପାଠୀଙ୍କ ଏକ ଚାପକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମୁଁ ତୁମମାନଙ୍କୁ ସମ୍ପୂର୍ଣ୍ଣ ଚାପମୁକ୍ତ ରହି ଆନନ୍ଦମୟ ପରୀକ୍ଷା ପାଇଁ କିଛି କଥା ବାଣ୍ଟିବାକୁ ଆଜି କଲମ ଧରିଛି। ତୁମେ ସମସ୍ତେ ହେଉଛ ଜୀବନ ପରୀକ୍ଷାର ଜଣେ ଜଣେ ସଫଳ ଓ ଉତ୍ତୀର୍ଣ୍ଣ ତଥା ଉଜ୍ଜ୍ୱଳତମ ତାରକା, ଏହାକୁ କେବେ ଭୁଲିଯାଅ ନାହିଁ। ଚାପମୁକ୍ତ ଜୀବନ ହେଉଛି ପଶୁପକ୍ଷୀଙ୍କର। ଆମ୍ଭେମାନେ ଦିବ୍ୟ ମଣିଷ ଜୀବନ ପାଇଛେ ଚାପକୁ ସହ୍ୟ କରିପାରିବା ପାଇଁ। ତେଣୁ ଜୀବନ ପରୀକ୍ଷାକୁ ଏକ ଆନନ୍ଦମୟ ମୁହୂର୍ତ୍ତ ଓ ଖୁସିର ଉତ୍ତୀର୍ଣ୍ଣ ପାର୍ବଣ ବୋଲି ଗ୍ରହଣ କର।

ସର୍ବପ୍ରଥମେ ଏହାକୁ ଏକ ଆହ୍ୱାନଭରା, କଷ୍ଟକର ଏବଂ ଗଣିତ ପାଠ ପରି ଅବୁଝା ମାନସାଙ୍କ ଭାବନା। ତୁମେ ବର୍ଷ ସାରା ଯେଉଁ ବହିପତ୍ରର ଅଙ୍କାବଙ୍କା ଅକ୍ଷର ସହିତ ଓ ଘଟଣା ସହିତ ଜଡ଼ିତ ରହିଛ ତାହା କ'ଣ ତୁମ ପାଇଁ ଅବୁଝା ? ଦୁର୍ବୋଧ ? ତାହା କ'ଣ ତୁମ ପାଇଁ କେବେ ଆହ୍ୱାନ ସୃଷ୍ଟି କରିବ ? କାରଣ ଗୋଟିଏ ପାଠପଢ଼ା ବହିର ଅକ୍ଷରଗୁଡ଼ିକ କେବଳ ପରୀକ୍ଷା ପାଇଁ ନୁହେଁ ଏହା ତୁମ ଜୀବନର ଅତି ମୂଲ୍ୟବାନ ଓ ସ୍ମରଣୀୟ ଧାଡ଼ିଗୁଡ଼ିକ। ତେଣୁ ଏ ସବୁକୁ ପରୀକ୍ଷାର ଜିନିଷ ବୋଲି ଆଦୌ ବିଚାର କରନାହିଁ। ତୁମେ ଟିକିଏ ମନେପକାଅ ତ, ନୂଆବର୍ଷ ହେଉ ବା ଦଶହରା, ତୁମ ଜନ୍ମଦିନ ହେଉ ବା ତୁମର କୌଣସି ଘରୋଇ ଉତ୍ସବ, ଏହାକୁ ତୁମେ କେତେ ଖୁସି ଓ ଆନନ୍ଦର ସହିତ ଅପେକ୍ଷା କରିଥାଅ। ଠିକ୍ ସେହିପରି ପରୀକ୍ଷା ତୁମର ଏକ ଆନନ୍ଦମୟ ଅବସର। ତାକୁ ଖୁସି ଓ ଆନନ୍ଦର ସହିତ ସ୍ୱାଗତ କଲେ ପରୀକ୍ଷା ଓ ତୁମ ଭିତରେ ପ୍ରଭେଦ ରହିବନାହିଁ। ଦ୍ୱିତୀୟରେ ପରୀକ୍ଷା ପୂର୍ବ ସମୟ ଓ ତୁମର ବର୍ଷ ତମାମର ସମୟ ଭିତରେ କୌଣସି ପାର୍ଥକ୍ୟ ରଖନାହିଁ। ତୁମ ସମୟର, ତୁମ ଘର ଘଣ୍ଟାର କଣ୍ଟାଗୁଡ଼ିକ ଯେଉଁପରି ପ୍ରତିଦିନ ଅତିକ୍ରମ କରେ ଠିକ୍ ସେହିପରି ତୁମେ ତାହାକୁ ଅତିକ୍ରମ କର ଓ ତା' ସହିତ ସମୟ ଅତିବାହିତ କର। ଅର୍ଥ ମୁଁ ତୁମକୁ ଟିକେ ବୁଝାଇ ଲେଖୁଛି। ତୁମେ ଯେଉଁ ସମୟରେ ବିଛଣା ଛାଡ଼, ତୁମ ବ୍ରେକଫାଷ୍ଟ ଗ୍ରହଣ କର, ତୁମେ ଶୋଇବାକୁ ଯାଅ, ଯେଉଁ ସମୟରେ ତୁମେ କିଛି ସମୟ ବୁଲାବୁଲି କରିବାକୁ ପସନ୍ଦ



କର, ଯେଉଁପରି ଘରର ଲୋକଙ୍କ ସହିତ ସମୟ କାଟ ଠିକ ସେହିପରି ତୁମ ସମୟର ମୁହୂର୍ତ୍ତ ଗୁଡ଼ିକୁ ଅତିବାହିତ କର। ସେହିପରି ବିଚଳିତ, ଅଧୈର୍ଯ୍ୟ, ଭୟ ଓ ଆଶଙ୍କା ଶବ୍ଦକୁ ତୁମ ଡିକ୍ସନାରୀରୁ କିଛି ଦିନ ପାଇଁ ସେମାନଙ୍କୁ ବନ୍ଧୁ ତାଲିକାରୁ କାଟି ରଖିଦିଅ। ଜୀବନର ପରବର୍ତ୍ତୀ ସମୟରେ ସେମାନଙ୍କୁ ତୁମେ ବନ୍ଧୁ କରିପାର! ଘରୋଇ ଖାଦ୍ୟ, ମାଆଙ୍କ ହାତରନ୍ଧା ଖାଦ୍ୟ ଯାହାକି ସୁଷମ ଓ ସ୍ୱାସ୍ଥ୍ୟକର ତାହାକୁ ଗ୍ରହଣ କର। ରାତିରେ ଅତି କମରେ ସାତ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଏକାଗ୍ରତା ବଢ଼ାଇବା ପାଇଁ କିଛି ସମୟ ବ୍ୟାୟାମ ଓ ଯୋଗ କରନ୍ତୁ। ପୁଣି ପ୍ରତି ବିଷୟ ପଢ଼ିବା ଆରମ୍ଭରେ ତିରିଶ ମିନିଟ ଲେଖାଏ ପୂର୍ବରୁ ପଢ଼ିଥିବା ପାଠକୁ ରିଭିଜନ ଓ ଲେଖିବା ଅଭ୍ୟାସ କରନ୍ତୁ।

ଓସେପା ପକ୍ଷର ଅଭିଭାବକଙ୍କୁ ମଧ୍ୟ କେତେକ ଉପଯୋଗୀ ପରାମର୍ଶ ଦିଆଯାଇଛି। ଘରେ ଅନୁକୂଳ ପରିବେଶ ସୃଷ୍ଟି କରି ପିଲାକୁ ପାଠ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ପିଲାର ସାମର୍ଥ୍ୟ ଅନୁସାରେ ତା'ଠାରୁ ସେତିକି ଆଶା କରିବା, ପିଲା ସହିତ ଖୋଲାଖୋଲି ଭାବେ ଆଲୋଚନା କରିବା, ଯଦିଓ ପରୀକ୍ଷାକୁ ନେଇ ତାହାର ଚିନ୍ତା ଓ ଭୟ ଦୂର କରାଇ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଏସବୁ ବାଦ୍ ତୁମେ, ଯେଉଁ ପାଠ୍ୟକ୍ରମ ବୁଝି ପାରୁନାହଁ ତୁମ ଶ୍ରେଣୀ ଶିକ୍ଷକ ହୁଅନ୍ତୁ ବା ତୁମ କୋଚିଂ ସହାୟକ ସାର୍‌ଙ୍କ ପରାମର୍ଶ ନିଅ। ହଁ, ପିଲାମାନେ ଗୋଟିଏ ଭଲ କଥା ଟିକିଏ ମନେରଖ। କେହି କେହି କୁହନ୍ତି ପରୀକ୍ଷା ପୂର୍ବରୁ ମୋବାଇଲ ଫୋନ ଆଦୌ ଧରିବ ନାହିଁ। ମୁଁ କିନ୍ତୁ ତୁମମାନଙ୍କୁ ଏପରି ପରାମର୍ଶ ଦେବି ନାହିଁ। ତୁମେ ନିଶ୍ଚିତ ଧୈର୍ଯ୍ୟଶୀଳ ଓ ସଂଯମୀ ତାହା ମୁଁ ଜାଣେ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ରଖି ତୁମେ କିଛି ସମୟ ମୋବାଇଲ ପାଇଁ ଦେଇପାର। ଏହା ତୁମ ପାଠ୍ୟକ୍ରମ ସହ ମାନସିକତା ପାଇଁ ଜରୁରୀ ମଧ୍ୟ। ଖୋଲା ପବନରେ, କିଛି ଖୋଲା ପରିବେଶରେ ସମୟ କାଟିବାକୁ ପସନ୍ଦ କର। ତେବେ ଗରିଷ୍ଠ ଖାଦ୍ୟ, ଯେହେତୁ ବର୍ତ୍ତମାନ ଶୀତଦିନ ଥଣ୍ଡା ଓ ବାସୀ ଖାଦ୍ୟ ନ ଖାଇବା ଭଲ। କୌଣସି ପ୍ରକାରର ଗୁଜବ ବା ସୋସିଆଲ ମିଡ଼ିଆର ଅପପ୍ରଚାରକୁ ଆଦୌ ଶୁଣ ନାହିଁ। ଚାପରୁ ମୁକ୍ତ ହୋଇ, ତୁମେ ନିତିଦିନ ଯେଉଁ ବହି ଅକ୍ଷରର ବନ୍ଧୁମାନଙ୍କୁ ଆପଣେଇଛ ସେମାନଙ୍କ ଉପରେ ଭରସା, ବିଶ୍ୱାସ ଓ ଆସ୍ଥା ରଖି ତୁମ ଜୀବନର ସବୁଠାରୁ ମୂଲ୍ୟବାନ ଓ ଉପଯୋଗୀ ପରୀକ୍ଷା ବନ୍ଧୁକୁ ସାମ୍ନା କର। ଦେଖିବ ସେ ତୁମ ହାତ କେବେ ଛାଡ଼ିବ ନାହିଁ, ତୁମ ମନକୁ ଊଣା କରିଲାପରି ତୁମକୁ ଅସଫଳର ବିନ୍ଦୁଏ ଭରସା ମଧ୍ୟ କମ କରିବନାହିଁ, ତୁମକୁ ସଫଳତାର ସୂର୍ଯ୍ୟୋଦୟ ଦେଖାଇବା ସହ ଜୀବନକୁ ଆଗେଇ ନେବା ପାଇଁ ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ନିଶ୍ଚିନ୍ତ ସେ ତୁମକୁ ସାଫଲ୍ୟର ବିଜୟ ମାଳା ପିନ୍ଧାଇବ ଏହା ଦୃଢ଼ ନିଶ୍ଚିତ।

–ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର–୯, ସିଡିଏ, କଟକ,
ମୋ : ୯୪୩୭୨୨୫୫୯୨

## ଏଇ ଭାରତରେ

ପେସାରେ ଶିକ୍ଷକ ହେଲେ ମଧ୍ୟ ଚାଷ ତାଙ୍କ ଜୀବନର ସବୁକିଛି। ଚାଷ କହିଲେ କୌଣସି କ୍ଷେତବାଡ଼ିକୁ ଯାଉନାହାନ୍ତି କି ହଳ, ଟ୍ରାକ୍ଟରରେ ଚାଷ କରୁନାହାନ୍ତି। ସ୍କୁଲ ସମୟ ପରେ ଘରେ ବଗିଚାରେ ସେ ପଦ୍ମ ଓ କଇଁଫୁଲ ଚାଷ କରୁଛନ୍ତି ତ୍ରିପୁରର ସରକାରୀ ସ୍କୁଲ ଶିକ୍ଷୟିତ୍ରୀ ଲଥିକା ସୁଥାନ। ସେ ଘରେ ପାଣିକୁଣ୍ଡରେ ଦେଶୀ ତଥା ବିଦେଶୀ କିସମର ୧୦୦ ପ୍ରକାର ପଦ୍ମଫୁଲ ଏବଂ ୮୦ ପ୍ରକାର କଇଁଫୁଲ ଚାଷ କରିବାରେ ସକ୍ଷମ ହୋଇଛନ୍ତି। ଏଥିରୁ ଅଧିକାଂଶ କିସମର ପଦ୍ମ ଓ କଇଁ ସେ ଥାଇଲାଣ୍ଡ, ଭିଏତ୍‌ନାମ ଓ ଜାପାନରୁ ସଂଗ୍ରହ କରିଛନ୍ତି। ଭାରତର ବିଭିନ୍ନ ସ୍ଥାନକୁ ଯାଇ ଅନେକ କିସମ ପାଇପାରିଛନ୍ତି। ଏଥିରୁ ସେ ମାସକୁ ୪୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ବଡ଼କଥା ହେଉଛି ୫୧ ବର୍ଷୀୟା ଲଥିକା ତାଙ୍କ ବଗିଚାରେ ବହୁ ପୁରାତନ କିସମର ପଦ୍ମଫୁଟାଇବାକୁ ସକ୍ଷମ ହୋଇଛନ୍ତି। ଏଥିରେ ସେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ସାର ବ୍ୟବହାର କରୁଛନ୍ତି । ଲଥିକାଙ୍କ ସ୍ୱାମୀ ତାଙ୍କୁ ବଗିଚା କାମ ଓ ପରିଚାଳନାରେ ସହଯୋଗ କରୁଛନ୍ତି। ଲଥିକା ପ୍ରତି ମାସରେ ୧୫୦ ପଦ୍ମ ଚାରା ଓ ୧୦୦ଟି କଇଁ ମଞ୍ଜି ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଫେବୃଆରୀ ୧୯୭୭

- ନିର୍ବାଚନ ସମୟରେ ହିଂସାକାଣ୍ଡ ତଦନ୍ତ ପାଇଁ ସର୍ବଦଳୀୟ କମିଟି ଗଠନ କରିବା ନିମନ୍ତେ ଜନତା ପାର୍ଟି ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଦାବି କରାଯାଇଛି।
- ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକୀୟ ଔଷଧପତ୍ରକୁ ସୁଲଭ କରିବା ନିମନ୍ତେ ୯ଟି ପରିକଳ୍ପନା କାର୍ଯ୍ୟକାରୀ ହେବ ବୋଲି ରାଷ୍ଟ୍ରାୟତ୍ତ ହିନ୍ଦୁସ୍ଥାନ ଆଣ୍ଟିବାଓଟିକ ଲିମିଟେଡର ଚେୟାରମ୍ୟାନ ସି. ଏନ୍. ଚାରୀ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ବାସନାଞ୍ଚଳ ଲୁଚିଲା ଗୋଧୂଳି ଆଲୋକେ
ଧୀରେ ଠାରି
ବକ୍ଷ ମୋହର ଚିରିଗଲା ଏକ ପଲକେ
ଛୁରି ମାରି ।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନୃସିଂହ ମନ୍ଦିରର ପବିତ୍ରତା ଅକ୍ଷୁଣ୍ଣ ରଖାଯାଉ

ମହାଶୟ,

ଉତ୍କଳର ପରମ୍ପରା ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅମଳରେ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସନ୍ନିକଟ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଅବସ୍ଥିତ । ଏହି ମନ୍ଦିର ଏବଂ ତତ୍‌ସଂଲଗ୍ନ ପୁଷ୍କରିଣୀକୁ ଆଧାର କରି ଯଜ୍ଞବେଦୀ ମଧ୍ୟ ଉତ୍ପନ୍ନ ହୋଇଥିବାର ପୌରାଣିକ କିମ୍ବଦନ୍ତୀ ଦର୍ଶାଯାଇଛି । ଦୈନନ୍ଦିନ ଅନ୍ତରରେ ପୁରୀକୁ ଛୁଟି ଆସୁଥିବା ଦର୍ଶନାର୍ଥୀ ଏହି ଯଜ୍ଞବେଦୀରୁ ଆବିର୍ଭାବ ହୋଇଥିବା ପ୍ରଭୁ ନୃସିଂହ ମନ୍ଦିର ପରିଦର୍ଶନ ମଧ୍ୟ କରିଥାନ୍ତି । ଏହି ମନ୍ଦିରଟି ମଧ୍ୟ ଗୁଣ୍ଡିଚା ମନ୍ଦିର ନିକଟରେ ରହିଛି । କିନ୍ତୁ ଅତି କ୍ଷୋଭର ବିଷୟ ଯେ, ଏ ମନ୍ଦିରର ପବିତ୍ରତା ପ୍ରତି କାହାର ନଜର ନାହିଁ କହିଲେ ଚଳେ । କାରଣ ମନ୍ଦିର ପରିପାର୍ଶ୍ୱରେ ଥିବା ଏକ ସୁଲଭ ଶୌଚାଳୟ ଗଢ଼ିଉଠିଛି । ଏହା ସମ୍ପୂର୍ଣ୍ଣ ଦୁର୍ଗନ୍ଧମୟ ଏବଂ ବିଷାକ୍ତ ବାତାବରଣ ସୃଷ୍ଟି କରୁଛି । ଯାହା ଦେଖାଯାଏ, ପୁରୀ ଭଳି ଧାର୍ମିକ ସ୍ଥଳର ସ୍ଥାନୀୟ ବ୍ୟକ୍ତିବିଶେଷ ମଧ୍ୟ ଏହି ଶୌଚାଳୟକୁ ଆସି ଏହାର ବ୍ୟବହାର କରୁଛନ୍ତି । ଫଳସ୍ୱରୂପ ଉକ୍ତ ନୃସିଂହ ମନ୍ଦିର ଚାରି ପାଖରେ ସର୍ବଦା ଦୁର୍ଗନ୍ଧମୟ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଅଛି ; ଯାହା କି ମନ୍ଦିରକୁ ଆସୁଥିବା ଅସଂଖ୍ୟ ଭକ୍ତବୃନ୍ଦଙ୍କ ମନରେ ଏକ ମିଶ୍ର ପ୍ରତିକ୍ରିୟା ସୃଷ୍ଟି କରୁଛି । ତେଣୁ ମୋର ଶ୍ରୀମନ୍ଦିର ପ୍ରଶାସକ ଏବଂ ପୁରୀ ଜିଲାପାଳଙ୍କୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନିବେଦନ କରିବା ସହ ପୁରୀ ଗଜପତି ମହାରାଜାଙ୍କର ଦୃଷ୍ଟି ଆକର୍ଷଣ କରୁଅଛି ।

–ସୌମ୍ୟରାଜ ପଟ୍ଟନାୟକ, ରେଡ୍‌କ୍ରସ୍‌ରୋଡ୍, ପୁରୀ ଟାଉନ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)








Flat
45% off
on making charges
of gold jewellery.

90 YEARS
TRUST IS TIMELESS

BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com 1800 3131 777 FOLLOW US ON:

SCAN TO KNOW MORE

# ଅନ୍‌ଲାଇନ୍ ଚାଲାଣ ଫାଙ୍କିବାକୁ ଗାଡ଼ି ନମ୍ବର ଉପରେ ଷ୍ଟିକର

■ବିଭିନ୍ନ ଛକରେ ହେବ ଘଣ୍ଟିକିଆ ଅତର୍କିତ ଚଢ଼ାଉ: ଏସିପି

■ଗାଡି ଜବତ ସହ କରାଯିବ ମୋଟା ଅଙ୍କର ଜରିମାନା

ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)





ନମ୍ବର ପ୍ଲେଟ୍‌ରେ ଷ୍ଟିକର ମରାଯାଇଥିବା ଓ ନମ୍ବର ପ୍ଲେଟ୍ ନଥିବା ଗାଡ଼ିଗୁଡିକୁ ପୋଲିସ ଜବତ କରି ଯାଞ୍ଚ କରୁଛି।

ଅନ୍‌ଲାଇନ୍ ଚାଲାଣରୁ ବର୍ତ୍ତିବାକୁ ବିଭିନ୍ନ ଗଳାବାଟ ଆପଣାଉଛନ୍ତି ଅମାନିଆ। ଗାଡି ନମ୍ବର ଉପରେ କାଗଜ ଷ୍ଟିକର ମାରି ନିର୍ଭୟରେ ବୁଲୁଛନ୍ତି ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କୁ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ କ୍ୟାପ୍‌ଚର କଲେ ମଧ୍ୟ ଗାଡି ନମ୍ବର ଠିକ୍ ଭାବେ ଦିଶୁ ନ ଥିବାରୁ ଚାଲାଣ ହୋଇପାରୁନି। ଯେଉଁଥିପାଇଁ ସହରରେ ଅମାନିଆ ଚାଳକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗାଡ଼ି ନମ୍ବର ଲୁଚାଇ ବୁଲୁଥିବା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପୋଲିସ ବିଭିନ୍ନ ଛକରେ ଏଥର ଅତର୍କିତ ଚଢ଼ାଉ କରି ଘଣ୍ଟିକିଆ ଯାଞ୍ଚ କରିବ। ଯାଞ୍ଚ ସମୟରେ ଯେଉଁମାନେ ଏଭଳି ଅପରାଧ କରୁଥିବା ଧରାପଡ଼ିବେ ସେମାନଙ୍କ ଗାଡିକୁ ଜବତ କରାଯିବା ସହ ମୋଟା ଅଙ୍କର ଜରିମାନା କରାଯିବ। ଆହୁରି ମଧ୍ୟ କେଉଁ ଛକରେ ଯାଞ୍ଚ କରାଯିବ ତାହା କୌଣସି କର୍ମଚାରୀ କିମ୍ବା ଅନ୍ୟ କେହି ଜାଣିବେ ନାହିଁ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ନିର୍ଦ୍ଦିଷ୍ଟ ଛକରେ ଚଢ଼ଉ କରାଯାଇ ୧ ଘଣ୍ଟା ପାଇଁ ଯାଞ୍ଚ କରାଯିବ ବୋଲି ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ହେଲ୍‌ମେଟ ପିନ୍ଧି ନ ଥିବା, ବାଇକ୍‌ରେ ୩ଜଣ ବସି ଯାଉଥିବା, ରଙ୍ଗ୍ ରୁଟ୍‌ରେ ଓ ଓଭର ସ୍ପିଡ୍‌ରେ ଯାଉଥିବା ନିୟମ ଉଲ୍ଲଂଘନକାରୀଙ୍କୁ ସିସିଟିଭି ଫୁଟେଜରୁ ଚିହ୍ନଟ କରାଯାଇ ଗାଡି ନମ୍ବରରେ ଚାଲାଣ କରାଯାଉଥିଲା। ଅନ୍‌ଲାଇନ୍‌ରେ ଚାଲାଣ ପରେ ଚାଲାଣ ଯିବାରୁ ଅମାନିଆମାନେ ଏବେ ନୂଆ ପନ୍ଥା ଆପଣାଇଛନ୍ତି। କେବଳ ଗାଡି ନମ୍ବରରେ ଷ୍ଟିକର ନୁହେଁ, କିଏ ଗାଡ଼ିରୁ ନମ୍ବର ପ୍ଲେଟ୍ ଖୋଲି ଦେଇ ଯାଉଛି ତ ଆଉକିଏ ଗାଡ଼ି ନମ୍ବର ପ୍ଲେଟ୍ ଉପରେ ଲେମ୍ବୁ, ଲଙ୍କା ଏବଂ ଛିଟକନା ବାନ୍ଧି ଦେଉଛନ୍ତି। ଗତ ୬ ମାସରେ ଏଭଳି ନମ୍ବର ପ୍ଲେଟ୍ କାର୍‌ସାଦି ହୋଇଥିବା ୩୫ଟି ଗାଡି ଧରାଗଲାଣି। ବିଶେଷକରି ରାଜମହଲ, ରୁପାଲି, ରସୁଲଗଡ଼, ଏଜି ଭଳି ବଡ଼ ଛକରୁ ଏହି ଅମାନିଆ ଧରାପଡ଼ିଛନ୍ତି। ବଡ଼ କଥା ହେଲା ଗାଡିର ନମ୍ବର ପ୍ଲେଟ୍ ଲୁଚାଇ ବୁଲୁଥିବାରୁ ସେମାନେ ଅପରାଧରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ସାମିଲ ହୋଇଥାଇ ପାରନ୍ତି। କାରଣ କୌଣସି ସ୍ଥାନରେ ଅପରାଧ ଘଟାଇ ଫେରାର ହେଲେ ସେମାନଙ୍କୁ ପୋଲିସ ଧରିବା କଷ୍ଟକର ହୋଇଥାଏ। ତେଣୁ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ଏହି ଅମାନିଆଙ୍କୁ ସାବାଡ଼ କରା ନ ଗଲେ ଆଗକୁ ଏଭଳି ଅମାନିଆଙ୍କ ସଂଖ୍ୟା ସହ ଅପରାଧ ବଢ଼ିବ ବୋଲି ପୋଲିସ କହିଛି। ଯେଉଁମାନେ ଗାଡି ନମ୍ବର ଲୁଚାଇଥିବା ବେଳେ ଧରାପଡ଼ିବେ ସେମାନଙ୍କ ଆପରାଧିକ ରେକର୍ଡ ଯାଞ୍ଚ କରାଯିବ। ଯଦି କେହି ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼େ, ତୁରନ୍ତ ଗିରଫ କରାଯିବ। ରାଜଧାନୀରେ ହେଉଥିବା ସୁନାଚେନ୍ ଲୁଟ୍ ଆଦି ମାମଲାରେ ଏଭଳି ନମ୍ବର ପ୍ଲେଟ୍ ଲୁଚାଇ ଅପରାଧ ଘଟାଉଛନ୍ତି। ତେଣୁ ଥାନାଠାରୁ ଆରମ୍ଭ କରି ଟ୍ରାଫିକ୍ ପୋଲିସ ପକ୍ଷରୁ ଏଭଳି ନମ୍ବର ପ୍ଲେଟ୍ ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ୨ ସେବାୟତ ମାର୍‌ପିଟ, ଥାନାରେ ମାମଲା

## ଦର୍ଶନ କରାଇବାକୁ ନେଇ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଗଣ୍ଡଗୋଳ

ପୁରୁଣା ଭୁବନେଶ୍ୱର, ୨୨।୨(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ରବିବାର ଯାତ୍ରୀ ସେବାକୁ ନେଇ ୨ ସେବାୟତଙ୍କ ମଧ୍ୟରେ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଲିଙ୍ଗରାଜ ଥାନା ପୋଲିସ ୨ଟି ପୃଥକ ମାମଲା (ନଂ.୬୫/୨୬, ୬୬/୨୬)ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବ୍ରାହ୍ମଣ ନିଯୋଗର ଆଶିଷ ମହାପାତ୍ର ଜଣୈକ ଯାତ୍ରୀଙ୍କୁ ଦର୍ଶନ କରାଇବାକୁ ମନ୍ଦିର ଭିତରକୁ ନେଇଥିଲେ। ତେବେ ବଡୁ ନିଯୋଗର ଜଣୈକ ସେବାୟତ ରୋଶନ ବଡୁ ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟ ସେବାୟତଙ୍କ ମଧ୍ୟରେ ବଚସା ଏବଂ ପରେ ମାର୍‌ପିଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ପଚରାଉଚରା କରିଥିଲା।

# ସ୍ତ୍ରୀ ମୃତ୍ୟୁ ମାମଲାରେ ସ୍ୱାମୀ ଗିରଫ

ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)

## ପରିବାର ଲୋକ ଦେଉଥିଲେ ଯୌତୁକ ନିର୍ଯାତନା

ସ୍ତ୍ରୀ ଟି. ସୁମିତ୍ରା ପ୍ରଧାନଙ୍କ ମୃତ୍ୟୁ ମାମଲାରେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ସ୍ୱାମୀ ସନାତନ ପ୍ରଧାନଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ଅଭିଯୋଗକାରୀ ଟି ରମେଶ ପ୍ରଧାନଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୋଗ ଅନୁସାରେ, ଅଭିଯୋଗକାରୀ ରମେଶଙ୍କ ଝିଅ ସୁମିତ୍ରା ପ୍ରାୟ ୮ ବର୍ଷ ପୂର୍ବରୁ ଫୁଲେଶ୍ୱରୀ ବସ୍ତିର ସନାତନ ପ୍ରଧାନଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ ରହିଛି। ସ୍ୱାମୀ ସନାତନ ପ୍ରଧାନ ମାଳି କାମ କରୁଥିଲେ ଏବଂ ସୁମିତ୍ରା ଇ-ଯାନ (ଅଟୋରିକ୍ସା) ଚଳାଇ ପରିବାର ଚାଲାଉଥିଲେ। ବିବାହ ପରେ ସୁମିତ୍ରାଙ୍କୁ ତାଙ୍କ ସ୍ୱାମୀ ସନାତନ ପ୍ରଧାନ ଏବଂ ଶାଶୁ ସୁମତି ପ୍ରଧାନ ନିୟମିତ ଭାବେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସେମାନେ ବାପଘରୁ ଅଧିକ ଯୌତୁକ ଦାବି କରି ମାରପିଟ କରୁଥିଲେ। ଫଳରେ ସୁମିତ୍ରା ତାଙ୍କ ଦୁଇ ଶିଶୁଙ୍କୁ ନେଇ ଶ୍ୱଶୁର ଘର ଛାଡ଼ି ବାପଘରକୁ ଚାଲିଯାଇଥିଲେ। ପରେ ସେ ପୁଣି ସ୍ୱାମୀ ପାଖକୁ ଫେରିଥିଲେ। ଗତ ୨୦୨୪ ଜୁନ୍ ୨୩ରେ ଦିନ ପ୍ରାୟ ୧ଟା ସମୟରେ ସ୍ୱାମୀ ଏବଂ ଶାଶୁଙ୍କ ନିର୍ଯାତନା ସହି ନ ପାରି ସୁମିତ୍ରା ନିଜ ଶୋଇବା ଘରେ ଶାଢ଼ୀ ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ।

# ଆର୍ଯ୍ୟକୁମାରଙ୍କୁ 'ପ୍ରଥମ ଗୁରୁକୃପା ସମ୍ମାନ'

## ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ଗୁରୁକୃପା ଚାରିଟେବଲ ସୋସାଇଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବାଜି ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଚିନ୍ତାମଣି ପର୍ବତ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକ ସାମନ୍ତ ସୁଦର୍ଶନ ପୂଜାପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଜ୍ଞା ମିଶନର ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ମହନ୍ତ ସୁବଳ ଦାସ, ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍ମରଣିକା 'ଗୁରୁକୃପା' ଉନ୍ମୋଚନ କରିବା ସହ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ 'ପ୍ରଥମ ଗୁରୁକୃପା ସମ୍ମାନ'ରେ ସମ୍ମାନିତ କରିଥିଲେ। ସୋସାଇଟିର ସମ୍ପାଦକ ଇଂ. ବିଷ୍ଣୁ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଓ ଆଇନଜୀବୀ ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ 'ପ୍ରଥମ ଗୁରୁକୃପା ସମ୍ମାନ' ପ୍ରଦାନ କରୁଛନ୍ତି।

# 'ମାତୃଭାଷାରେ ପାଠପଢ଼ା ହେବା ଉଚିତ'



କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୨।୨(ସୌମ୍ୟରଞ୍ଜନ ରାଉତ)

ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ରବିବାର ରେଡ୍‌କ୍ରସ ଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ 'ମାତୃଭାଷାରେ ବିଜ୍ଞାନ ଶିକ୍ଷା: ସମସ୍ୟା ଓ ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ ଯୋଗଦେଇ କହିଲେ, ଆମ ମାତୃଭାଷା ସକଳ ଜ୍ଞାନ ବିଜ୍ଞାନର ଉତ୍ସ ଭାବେ ମାନ୍ୟତା ଲାଭ କରିଥିବାରୁ ତାହା ପାଠପଢାର ମାଧ୍ୟମ ହେବା ଉଚିତ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡ. ଚିତ୍ତରଞ୍ଜନ ମିଶ୍ର କହିଲେ, ବିଜ୍ଞାନ ହେଉ ବା ଯେ କୌଣସି ପାଠ୍ୟକ୍ରମ ମାତୃଭାଷାରେ ହିଁ ଶିକ୍ଷାଦାନ ଦେବା ଉଚିତ। ମାତୃଭାଷାରେ ପାଠପଢ଼ା ହିଁ ବିଦ୍ୟାର୍ଥୀର ମନ ଓ ହୃଦୟକୁ ଛୁଇଁଥାଏ। ପ୍ରବୀଣ ବିଜ୍ଞାନ ସାହିତ୍ୟ ଲେଖକ ପ୍ରଫେସର ରମେଶ ଚନ୍ଦ୍ର ପରିଡା କହିଲେ, ବିଜ୍ଞାନ ପାଠ୍ୟକ୍ରମ ଉପଯୁକ୍ତ ଭାବେ ଉଚ୍ଚ ମାଧ୍ୟମିକ ଯାଏ ମାତୃଭାଷା ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଇଂଲିଶ୍‌ରେ ଶିକ୍ଷାଦାନ କରିବା ବିଚାରଯୋଗ୍ୟ। କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି କହିଲେ, ମାତୃଭାଷାରେ ବିଜ୍ଞାନ ଶିକ୍ଷା ନେଇ ସରକାରୀ ଓ ବେସରକାରୀ ସ୍ତରରେ ପର୍ଯ୍ୟାପ୍ତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବା ଜରୁରୀ। ଅନୁଷ୍ଠାନର ପରିଚାଳନା ଟ୍ରଷ୍ଟି ଓ ଝୁମୁକା ସମ୍ପାଦକ ମାନସରଞ୍ଜନ ସାମଲ ଉପସ୍ଥିତ ଥିଲେ। ସାହିତ୍ୟିକା କମଳିନୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଜାତା ଦାସ ଧନ୍ୟବାଦ ଦେଇଥିଲେ।

# ସରଗଶଶୀର ବାର୍ଷିକ ଉତ୍ସବ, ସାରସ୍ୱତ ମହାମିଳନ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

## ୭ଜଣ ସମ୍ମାନିତ

ଓଡିଶା ସାହିତ୍ୟ ଏକାଡେମୀ ଓ ସରଗଶଶୀ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ସରଗଶଶୀର ୨୦ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ଡ. ସୁନାମଣି ରାଉତ, ଶିଶୁ ସାହିତ୍ୟିକ ଡ. ଶରତ କୁମାର ବିଶ୍ୱାଳ, ବୀରେନ୍ଦ୍ର ମହାନ୍ତି ଓ ଡ. ବିଜୟା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସରଗଶଶୀର ସ୍ୱନକ୍ଷତ୍ର ବିଷେଶାଙ୍କ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଶିଶୁ ସାହିତ୍ୟିକ ଜୟକୃଷ୍ଣ ସାହୁଙ୍କୁ 'ସ୍ନେହସୁଧା ଶିଶୁ ସାହିତ୍ୟ ସମ୍ମାନ', ଅଧ୍ୟାପକ ଶରତ କୁମାର ଦାସଙ୍କୁ 'ସରଗଶଶୀ ଶିଶୁ ସାହିତ୍ୟ ସମ୍ମାନ', ନୀଳମଣି ଚାନ୍ଦଙ୍କୁ 'ଚିତ୍ତରଞ୍ଜନ ପଟ୍ଟନାୟକ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ', ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ 'ରବୀନ୍ଦ୍ର ବିଶ୍ୱାଳ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ', ନିରଞ୍ଜନ ସାହୁଙ୍କୁ 'ପଣ୍ଡିତ ଆର୍ତ୍ତତ୍ରାଣ ଦାଶ ସ୍ମୃତି କବିତା ସମ୍ମାନ', କମଳିନୀ ମଲ୍ଲିକଙ୍କୁ 'ବିଜୟା ଶିଶୁ ସାହିତ୍ୟ ସମ୍ମାନ' ଓ ବେବିଲତା ଶତପଥୀଙ୍କୁ 'ଉତ୍କଳ ଭାରତୀ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ଡ. ହେମନ୍ତ କୁମାର ଛୋଟରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସରଗଶଶୀର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରେମିକା ସମେତ ୩ଜଣ ଗିରଫ

ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)

## ତ୍ରିକୋଣୀୟ ପ୍ରେମକୁ ନେଇ କଟୁରିରେ ହାଣିବା ଘଟଣା

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଚିଣ୍ଟୁ ଓରଫ ରଶ୍ମି ରଞ୍ଜନ ଦାସଙ୍କୁ କଟୁରିରେ ହାଣିବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ ପ୍ରେମିକାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜୀବ ନଗରର ଦୀପ୍ତିରଞ୍ଜନ ଓରଫ ଚାମ୍ପା, ଜାଗମରାର ଅତୁଲ୍ୟ କୁମାର ଗୁରୁ ଏବଂ ରଘୁନାଥ ନଗରର ନମସ୍ମିତା ସାହୁ ଓରଫ ପୂଜା। ସେମାନଙ୍କ ନିକଟରୁ ପୋଲିସ ଏକ କଟୁରି ଜବତ କରିଛି। ଅଭିଯୋଗକାରୀ ବିରଜା କୁମାର ଦାସଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଲା ଯେ, ତ୍ରିକୋଣୀୟ ପ୍ରେମକୁ ନେଇ ଚିଣ୍ଟୁ ଓ ଚାମ୍ପାଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଚିଣ୍ଟୁ ଓ ଚାମ୍ପା ଉଭୟ ନମସ୍ମିତାଙ୍କୁ ଭଲ ପାଉଥିଲେ। ରାସ୍ତାରୁ ହଟିଯିବା ପାଇଁ ଚିଣ୍ଟୁଙ୍କୁ ଚମ୍ପା ବାରମ୍ବାର ଧମକ ଦେଇଥିଲେ। ଗତ ମାସ ୩୧ ତାରିଖରେ ଚିଣ୍ଟୁ ଖଣ୍ଡଗିରି ମେଳାକୁ ଅପେରା ଦେଖିବା ପାଇଁ ଯାଇ ରାତି ପ୍ରାୟ ୧ଟା ୩୦ଟାରେ ଫେରୁଥିବାବେଳେ ଚମ୍ପା, ପ୍ରତୀକ ବେହେରା, ଆଇଗିଣିଆର ସୋନୁ, ସୁବାସ ନଗର ବସ୍ତିର ରିଙ୍କୁ ସତ୍ୟଜିତ ଓରଫ ରାଜା ନାୟକ, ଓମ ପ୍ରକାଶ ଏବଂ ରାକେଶ ସେନାପତି ମୋଟରସାଇକେଲରେ ଆସି ଗୋଡାଇ ଗୋଡାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏମ୍ସ ହସ୍ପିଟାଲର ମୁଖ୍ୟ ଫାଟକର ସୁରକ୍ଷା କର୍ମୀ ଓ ଅନ୍ୟମାନେ ପହଞ୍ଚି ତାଙ୍କୁ ରକ୍ଷା କରିଥିଲେ। ଗୁରୁତର ଅବସ୍ଥାରେ ଚିଣ୍ଟୁଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚାମ୍ପାଙ୍କ ନାମରେ ବିଭିନ୍ନ ଥାନାରେ ୭ରୁ ଅଧିକ ଆପରାଧିକ ମାମଲା ରହିଥିବା ବେଳେ ଅତୁଲ୍ୟଙ୍କ ନାମରେ ୨ଟି ମାମଲା ରହିଛି।

# 'ନିଜ ଶକ୍ତି, ସାମର୍ଥ୍ୟକୁ ସମାଜର ଉନ୍ନତି ଦିଗରେ ବିନିଯୋଗ କର'

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬'

କଟକ,୨୨।୨(କୁମାରଶ୍ରୀ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬' ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଓ ସଂକଳ୍ପ ସାକାର କରିବାରେ ଛାତ୍ରୀଛାତ୍ର ଓ ଯୁବ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜର ଶକ୍ତି, ସାମର୍ଥ୍ୟକୁ କେବଳ ନିଜ ପରିବାର ପ୍ରତିପୋଷଣ ପାଇଁ ନୁହେଁ, ସମାଜର ଉନ୍ନତି ଦିଗରେ ବିନିଯୋଗ କରିବା ଅବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ସିନେ ଅଭିନେତା ଅରିନ୍ଦମ୍ ରାୟ, ସମ୍ମାନିତ ଅତିଥି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ଅନ୍ୟତମ ସମ୍ମାନିତ ଅତିଥି ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ସମାରୋହରେ ପୌରୋହିତ୍ୟ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଗରିମାମୟ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ରୋଜାଲିନ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଶିବ ପ୍ରସାଦ ରଥ, ପଦ୍ମିନୀ କେୟାର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗ ଡିନ୍, ଅଧ୍ୟାପକ, ଅଧ୍ୟାପିକା, ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।




ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପନୀରେ ଉପସ୍ଥିତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ପ୍ରତିଷ୍ଠାତା, ବିଧାୟକ ଏବଂ ଅନ୍ୟମାନେ।

# ସ୍ୱାଭାବିକ ହେଲା ଶ୍ରୀ ଲିଙ୍ଗରାଜଙ୍କ ନୀତିକାନ୍ତି

ପୁରୁଣା ଭୁବନେଶ୍ୱର,୨୨।୨ (ସୁବାସ ଚନ୍ଦ୍ର ପ୍ରଧାନ)

ଶନିବାରଠାରୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଅପରାହ୍ନ ୪ଟା ଅର୍ଥାତ ବୀର କିଶୋର ବଲ୍ଲଭଠାରୁ ବନ୍ଦ ହୋଇଥିବା ନୀତି କାନ୍ତି ରବିବାର ସ୍ୱାଭାବିକ ହୋଇଛି। ପ୍ରାତଃ ପ୍ରାୟ ୬ଟା ୨୦ରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇଥିଲା। ପରେ ମଙ୍ଗଳ ଆଳତୀ ଅବକାଶ ହୋଇ କ୍ରମାନ୍ୱୟରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚିକାନ୍ତ ପୂଜପଣ୍ଡା ସୂଚନା ଦେଇଛନ୍ତି।

# 'ମିଶନ ଶକ୍ତି ଏବେ ମହିଳା ସଶକ୍ତୀକରଣର ଆନ୍ଦୋଳନ ପାଲଟିଛି'

ଭୁବନେଶ୍ୱର, ୨୨।୨(ବନ୍ଦନା ସେଠୀ)



ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ହୋଇ ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି। ଏହି ବିଭାଗ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ସହିତ ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ମିଶନ ଶକ୍ତି ଏବେ ମହିଳା ସଶକ୍ତୀକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରବିବାର ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପ୍ରଭାତୀ ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଏବଂ 'ମହାଲକ୍ଷପତି ଦିଦି' ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଏଥିପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ ବୋଲି ସେ କହିଛନ୍ତି। ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରାଥମିକତା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗର କମିଶନର ତଥା ସଚିବ ମାନସୀ ନିମ୍ଭାଳ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶନୀଙ୍କ ସମେତ ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଗୌର ମହାପାତ୍ରଙ୍କୁ 'ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ୍ ଆୱାର୍ଡ'**

ଭୁବନେଶ୍ୱର, (ବନ୍ଦନା ସେଠୀ): ଭୁବନେଶ୍ୱର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ରଙ୍କୁ 'ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ମିଡିଆ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠ ଦକ୍ଷତା ଲାଗି ତାଙ୍କୁ ଏହି ସମ୍ମାନ ମିଳିଛି। ଏଥିପାଇଁ ସେ ଫେଡେରେଶନ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଟାଙ୍କୋଳରେ ଫସଲ ନଷ୍ଟ କଲେ ହାତୀ



ଜଣେ ଚାଷୀ କ୍ଷତିଗ୍ରସ୍ତ ଫସଲ ଦେଖାଉଛନ୍ତି।

ନିରାକାରପୁର,୨୨।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ଧାନ ଫସଲ ଅମଳ ପରେ ଟାଙ୍କୋଳ ଅଞ୍ଚଳରେ ଚାଷୀମାନେ ପନିପରିବା ଚାଷ କରିଛନ୍ତି। ଏବେ ହାତୀପଲ ପରିବା ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ଟାଙ୍କୋଳ ତାରାଦେବୀ ମନ୍ଦିରସ୍ଥିତ ମଲାଗୁଣୀ ନଦୀ ପଠା ଜମିରେ ସ୍ଥାନୀୟ ଚାଷୀମାନେ ପନିପରିବା ସମେତ ଆଖୁ ଫସଲ କରିଥିଲେ। ଶନିବାର ରାତିରେ ହାତୀପଲ ଆସି ଫସଲ ଖାଇବା ସହ ପାଦରେ ଦଳିଚକଟି ନଷ୍ଟ କରିଛନ୍ତି। ସେହିପରି ବାଡ଼ିବଗିଚାରେ ଥିବା ଭଣ୍ଡା, କଦଳୀ, ସଜନା ଗଛ ଆଦିକୁ ଭାଙ୍ଗିଦେଇଥିବା ସୂଚନା ମିଳିଛି। ସନ୍ଧ୍ୟା ପରେ ହାତୀ ଭୟରେ ନୂଆଜଗନ୍ନାଥ ସଡ଼କଠାରୁ ଟାଙ୍କୋଳ ରାସ୍ତା ଏକ ପ୍ରକାର ଶୂନଶାନ ହୋଇପଡୁଛି। ଏନେଇ ଭୂଷଣ୍ଡପୁର ଫରେଷ୍ଟର ଦୁଃଶାସନ ନାୟକ କହିଛନ୍ତି, ଏହି ହାତୀପଲକୁ ଘଉଡ଼ାଇବା ନିମନ୍ତେ ଦୁଇଟି ଟିମ୍ ଗଠନ କରାଯାଇଛି। ଯେଉଁ ଚାଷୀମାନଙ୍କର ଫସଲ ନଷ୍ଟ ହୋଇଛି, ସେମାନେ କ୍ଷତିପୂରଣ ପାଇବା ନିମନ୍ତେ ଆବେଦନ କରିପାରିବେ।

## ନାକେଦମ୍ କଲାଣି ଗୋଠଛଡ଼ା ହାତୀ

ବେଗୁନିଆ,୨୨।୨(ସନ୍ଧ୍ୟାରାଣୀ ମିଶ୍ର)

ଜଙ୍ଗଲକ୍ଷୟ ଯୋଗୁ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ହାତୀ ଏବେ ଜନବସତି ମୁହାଁ ହେବାରେ ଲାଗିଛନ୍ତି। ବେଗୁନିଆ ଓ ବୋଲଗଡ଼ ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ଦୁଇଟି ଗୋଠ ଛଡ଼ା ହାତୀ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ଗତିବିଧି ଲକ୍ଷ୍ୟ ସହ ଆୟତ୍ତ କରିବା ବନ ବିଭାଗ କର୍ମଚାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। କର୍ମଚାରୀମାନେ କେବଳ ହାତୀ ପଛରେ ଡ୍ରୋନ ଉଡ଼ାଇ ସେମାନଙ୍କୁ ଅନୁସରଣ କରି ଜନସାଧାରଣଙ୍କୁ ସତର୍କ ସୂଚନା ଦେଉଛନ୍ତି। ଶୁକ୍ରବାର ରାତ୍ରରେ ଏକ ଗୋଠ ଛଡ଼ା ହାତୀ ଆଡ଼ଖଣ୍ଡିଆ ଗ୍ରାମ ଦେଇ ଗୋଡ଼ି, ବାମଡିହ ଓ ବେଗୁନିଆକୁ ଚାଲିଆସି ଗାଁ ଦାଣ୍ଡରେ ବିଚରଣ କରୁଥିବା ସମୟର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଗତ ଜାନୁଆରୀ ୨ରେ ବେଗୁନିଆ ବ୍ଲକ ଅନ୍ତର୍ଗତ ଭୁଆଶୁଣୀ ପାଟଣା ଗ୍ରାମର ପ୍ରିୟବ୍ରତ ପରିଡ଼ାଙ୍କୁ ହାତୀ ଘୋଷାରି ନେଇ ମାରିବା ଓ ଫେବୃଆରୀ ୭ରେ ଖଡ଼ପଦର ଗ୍ରାମର ଶଙ୍କର ରାଉତରାୟଙ୍କୁ ହାତୀ ଦଳି ଗଣ୍ଡିମୁଣ୍ଡ ଅଲଗା କରିବା ଘଟଣା ଅଞ୍ଚଳବାସୀଙ୍କ ମନରୁ ଲିଭିନାହିଁ। ତେଣୁ ଏବେ ହାତୀଙ୍କ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ରାତ୍ରରୁ ବିଚରଣ କରୁଥିବା ଗୋଠଛଡ଼ା ଦନ୍ତା ବୋଲଗଡ଼ ବ୍ଲକ ଅନ୍ତର୍ଗତ କଡବ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ପ୍ରବେଶ ପଥ ଭାଙ୍ଗିବା ସହ ଧାନବସ୍ତାକୁ ଟେକି ନଷ୍ଟ କରିଦେଇ ନିକଟ ଜଙ୍ଗଲକୁ ପଳାଇ ଯାଇଥିଲା।

## ମିଶନ ଶକ୍ତି ଏବେ ମହିଳା ସଶକ୍ତୀକରଣର ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି: ଉପମୁଖ୍ୟମନ୍ତ୍ରୀ



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବିଭାଗର ବରିଷ୍ଠ ଅଧିକାରୀ।

ଭୁବନେଶ୍ୱର, ୨୨।୨(ବନ୍ଦନା ସେଠୀ)

ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ହୋଇ ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି। ଏହି ବିଭାଗ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ସହିତ ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ମିଶନ ଶକ୍ତି ଏବେ ମହିଳା ସଶକ୍ତୀକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରବିବାର ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପ୍ରଭାତୀ ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଏବଂ 'ମହାଲକ୍ଷପତି ଦିଦି' ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଏଥିପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ ବୋଲି ସେ କହିଛନ୍ତି। ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରଥମିକତା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗର କମିଶନର ତଥା ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୪ରେ 'ଚିତ୍ରାଚାର୍ଯ୍ୟଙ୍କୁ ଚିତ୍ରାଞ୍ଜଳି' କାର୍ଯ୍ୟକ୍ରମ

ବାଣପୁର,୨୨।୨(ଦିଲ୍ଲୀପ କୁମାର ସ୍ୱାଇଁ)

ଚିତ୍ରାଚାର୍ଯ୍ୟ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀଙ୍କ ୪୫ତମ ଶ୍ରାଦ୍ଧୋତ୍ସବ ଜନ୍ମମାଟି ନରେନ୍ଦ୍ରପୁରରେ ତାଙ୍କ ନାମରେ ନାମିତ ଉପେନ୍ଦ୍ର ବିଦ୍ୟାପୀଠରେ ଆସନ୍ତା ୨୪ତାରିଖରେ ପାଳନ କରାଯିବ। ଏଥିସହ ବିଦ୍ୟାଳୟର ୪୧ତମ ବାର୍ଷିକୋତ୍ସବ ପାଳନ ହେବ। ଉକ୍ତଦିନ ରାଜ୍ୟ ସରକାରଙ୍କ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ, ଉତ୍କଳ ସଂସ୍କୃତି ବଶ୍ୱବିଦ୍ୟାଳୟ ଏବଂ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ 'ଚିତ୍ରାଚାର୍ଯ୍ୟଙ୍କୁ ଚିତ୍ରାଞ୍ଜଳି' କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଶା ତଥା ଜାତୀୟସ୍ତରର ୨୦ ଜଣ ଚିତ୍ରଶିଳ୍ପୀ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରିବେ। ଉପେନ୍ଦ୍ର ମହାରଥୀଙ୍କ କୃତି ଓ କୀର୍ତ୍ତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବିଦ୍ୟାଳୟ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବା। ସେହିପରି ବିଶ୍ୱମୁକ୍ତି ପ୍ରକାଶନ ତରଫରୁ ବିଶ୍ୱମୁକ୍ତି ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପଣ ହେବ ବୋଲି ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ ସ୍ମୃତି ପରିଷଦର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଚୂଡ଼ାମଣି ରବିବାର ସୂଚନା ଦେଇଛନ୍ତି।

## ନବରାଜ୍ୟ ମଧୁ ବୈଶ୍ୟ ସମାଜର ବାର୍ଷିକ ଭାଗବତ ସମ୍ମିଳନୀ



ନବରାଜ୍ୟ ମଧୁ ବୈଶ୍ୟ ସମାଜର ବାର୍ଷିକ ଭାଗବତ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

କଳାପଥର,୨୨।୨ (ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ବୈଦେଶ୍ୱର ଦେବଙ୍କ ନିକଟରେ ୧୦୨ତମ ନବରାଜ୍ୟ ମଧୁ ବୈଶ୍ୟ ସମାଜର ବାର୍ଷିକ ଭାଗବତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରହ୍ଲାଦ ସାହୁ, ଉପସଭାପତି ଧ୍ରୁବ ଚରଣ ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ, ସହସମ୍ପାଦକ ଲକ୍ଷ୍ମୀଧର ସାହୁ, କୋଷାଧକ୍ଷ ଚତୁର୍ଭୁଜ ସାହୁ, ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ଗଗନ ବିହାରୀ ସାହୁ, ସମସ୍ତ ସଦର ବେହେରା, ସଭାପତି, କମିଟି ସଭ୍ୟ ଉପସ୍ଥିତ ଥିଲେ। ବାଙ୍କୀ, ବଡମ୍ବା, ତିଗିରିଆ, ଡମପଡ଼ା, ଆଠଗଡ଼,ସରଣ୍ଡା, ଛ ଦେଶ, ନରସିଂହପୁର ଓ ଯୋଡ଼ୁମୁର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦଶମ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସାଙ୍ଗଠନିକ, ଶିକ୍ଷା ବୃତ୍ତି ଓ ମନ୍ଦିରର ଉନ୍ନୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା ଦେଲେ ପିଲା

ବୋଲଗଡ,୨୨।୨(ଦେବବ୍ରତ ହୋତା)

ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର (ସିସିଡବ୍ଲୁଏସ୍ଡି) ତରଫରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଓ ବିକାଶ କରିବା ପାଇଁ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଏହି ପରୀକ୍ଷାରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବରରେ ଭୁବନେଶ୍ୱର ଜୟଦେବ ଭବନରେ ପୁରସ୍କୃତ କରାଯିବ। ପରୀକ୍ଷାକେନ୍ଦ୍ରଗୁଡ଼ିକୁ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ସାନନ୍ଦ କୁମାର ସାହୁ ନିରୀକ୍ଷଣ କରିଥିଲେ। ବୀଣାପାଣି ଶିଶୁ ବିଦ୍ୟାମନ୍ଦିର ବାଙ୍କୋଇ, ସରସ୍ୱତୀ ଶିଶୁ ମନ୍ଦିର ସାନପଦର ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଦେଉଳିରେ ପରୀକ୍ଷା କେନ୍ଦ୍ର ହୋଇଥିଲା।

## ରଣଜିତ ମହାପାତ୍ର ଖୋର୍ଦ୍ଧା ପୌରାଞ୍ଚଳ କଂଗ୍ରେସ ସଭାପତି

ଖୋର୍ଦ୍ଧା,୨୨।୨(ପ୍ରଭାତ ପାଣିଗ୍ରାହୀ)

**ବିଭିନ୍ନ ବ୍ଲକର ନୂତନ ସଭାପତି ମନୋନୀତ**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଖୋର୍ଦ୍ଧା, ବେଗୁନିଆ, ଚିଲିକା, ଜଟଣୀ ଏବଂ ଜୟଦେବ ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଲାଗି ନୂତନ କମିଟି ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୋର୍ଦ୍ଧା ପୌରାଞ୍ଚଳ ପାଇଁ ସଭାପତି ଭାବେ ରଣଜିତ ମହାପାତ୍ର, ଖୋର୍ଦ୍ଧା ବ୍ଲକ ଲାଗି ତାପସ ବିଶି, ଟାଙ୍ଗୀ ବ୍ଲକ ସକାଶେ ଶିଶିର କୁମାର ପଟ୍ଟନାୟକଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ଏନ୍ଏସି ପାଇଁ ବିଜୟ କୁମାର ରଥ, ବ୍ଲକ ସକାଶେ ଅକ୍ଷୟ ମହାପାତ୍ର, ବାଲୁଗାଁ ଏନ୍ଏସି ପାଇଁ ସମୀର ସ୍ୱାଇଁ ଏବଂ ଚିଲିକା ବ୍ଲକ ଲାଗି ଉଗ୍ରସେନ ବିଶ୍ୱାଳଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଗୁନିଆ ବ୍ଲକ ପାଇଁ ମହମ୍ମଦ ମହିଦ୍ଦୁନ ଅହମ୍ମଦ ଓ ବୋଲଗଡ଼ ବ୍ଲକ ଲାଗି ରମାକାନ୍ତ ପଟ୍ଟନାୟକ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକ ପାଇଁ ଶୈଳେନ୍ଦୁ ଦାଶ ଓ ବାଲିଅନ୍ତା ବ୍ଲକ ଲାଗି ଜନ୍ମେଜୟ ସ୍ୱାଇଁ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଟଣୀ ପୌରାଞ୍ଚଳ ପାଇଁ ଶିବପ୍ରସାଦ ଦାସ, ବ୍ଲକ ନିମନ୍ତେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏବଂ ଭୁବନେଶ୍ୱର ବ୍ଲକ ସକାଶେ ପ୍ରତାପ ଚନ୍ଦ୍ର ବେହେରାଙ୍କୁ ସଭାପତି ଘୋଷଣା କରାଯାଇଛି।

## ସନ୍ଥ ନିରଙ୍କାରୀ ମିଶନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଟାଙ୍ଗୀ,୨୨।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମପଞ୍ଚାୟତରେ ଗୁରୁ ପୂଜା ଦିବସ ଉପଲକ୍ଷେ ସନ୍ଥ ନିରଙ୍କାରୀ ମିଶନ ତରଫରୁ ରାସ୍ତା ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୂଷଣ୍ଡପୁର ସନ୍ଥ ନିରଙ୍କାରୀ ଗୋଷ୍ଠୀର ଭଉଣୀଭାଇମାନେ ସାମିଲ ହୋଇ ବାଲିପାଟପୁର ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କରିଥିଲେ। ମିଶନର ସଦସ୍ୟ ଯୁଧିଷ୍ଠିର ସାହୁ, ଦିବ୍ୟସିଂହ ବଳିୟାରସିଂହ, ସେବାକାରୀ ପ୍ରମୁଖ ସୁକାନ୍ତ ପରିଡା, ବୀର ପରିଡ଼ା, ନାରାୟଣ ବେହେରା, ଦଣ୍ଡପାଣି ବେହେରା ଏବଂ ସୀତା ବେହେରା ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ୭୦ କେଜି ଗଞ୍ଜେଇ ଭର୍ତ୍ତି କାର୍ ଜବତ: ଯୁବକ ଗିରଫ

ଖୋର୍ଦ୍ଧା/ବାଘମାରୀ,୨୨।୨
(ପ୍ରଭାତ ପାଣିଗ୍ରାହୀ/ମିହିର ରଞ୍ଜନ ମହାପାତ୍ର)




ଭୁବନେଶ୍ୱରକୁ କନ୍ଧମାଳରୁ ଏକ କାର୍ (ନଂ. ଓଡି ୦୨ସିଏଚ୍ ୨୩୦୮) ଯୋଗେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଖୋର୍ଦ୍ଧା ଜିଲା ଭ୍ରାମ୍ୟମାଣ ଅବକାରୀ ଟିମ୍ ତାହାକୁ ଜବତ କରିଛି। ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଧୀନ ସାରୁଅ ବଜାରରେ ଏହି ୭୦ କେଜି ଗଞ୍ଜେଇ ଭର୍ତ୍ତି କାର୍ ସମେତ ଏକ ମୋବାଇଲ ଫୋନ୍ ଓ ୧ହଜାର ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ କନ୍ଧମାଳ ଜିଲା ବିସିପଡ଼ା ତଳପଡ଼ା ଲୁହୁରାସାହିର ଆଲୋକ ବିନ୍ଧାଣି (୨୦)ଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇ ଚାଲାଣ ସମ୍ପର୍କରେ ଶନିବାର ରାତି ସାଢେ ୧୦ଟାବେଳେ ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀ ସୂଚନା ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଭ୍ରାମ୍ୟମାଣ ଦଳ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇ, ଜିଲା ଭ୍ରାମ୍ୟମାଣ ଭାରପ୍ରାପ୍ତ ନିରୀକ୍ଷକ ତପସ୍ୱିନୀ ବରାଳ, ଉପନିରୀକ୍ଷକ ମିତ୍ରାବିନ୍ଦା ପରିଡା, ସଞ୍ଜୟ କୁମାର ରାଉତ, ଜିତେନ୍ଦ୍ର ହେମ୍ବ୍ରମ, ସତ୍ୟବନ୍ତ ମାଝୀ, ବିକାଶ ଚନ୍ଦ୍ର ରାଉତ, ସ୍ୱପ୍ନାରାଣୀ ବେହେରାଙ୍କୁ ନେଇ ଗଠିତ ଏକ ଟିମ୍ ସାରୁଅ ଶୁଖୁଆ ବଜାର ନିକଟରେ ଛକି ରହିଥିଲେ। ଗଞ୍ଜେଇ ଭର୍ତ୍ତି କାର୍ ଏହି ରାସ୍ତା ଦେଇଯାଉଥିବାବେଳେ ଟିମ୍ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରେ ୧୭ କେଜି ୫୦୦ ଗ୍ରାମ୍ ଓଜନ ଲେଖାଏ ୪ଟି ବସ୍ତାରେ ଥିବା ମୋଟ ୭୦ କେଜି ଗଞ୍ଜେଇ ମିଳିଥିଲା। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ କେସ୍ (ନଂ. ୪୬୧/୨୬) ରୁଜୁ କରାଯାଇଛି।

## ଟାଙ୍ଗୀ-ଚାନ୍ଦପୁର ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ

ଟାଙ୍ଗୀ,୨୨।୨(ରଘୁନାଥ ସାହୁ)

ଟାଙ୍ଗୀ-ଚାନ୍ଦପୁର ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜୟନ୍ତୀ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର ସମୟରେ ଉଷା କୀର୍ତ୍ତନ ସହ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ତ୍ତା ଓ ଉପଦେଶ ପ୍ରଚାର ପ୍ରସାର କରିଥିଲେ। ମଧ୍ୟାହ୍ନରେ ସତସଙ୍ଗ କେନ୍ଦ୍ର ପରିସରରେ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସତ୍‌ସଙ୍ଗ କେନ୍ଦ୍ର ସଭାପତି ବିଜୟ କୁମାର ସିଂ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପ୍ରଭୁ କୃପା ଲାଭ କରିବା ପାଇଁ ସର୍ବଦା ସତ୍‌ମାର୍ଗରେ ଚାଲିବା ନିମନ୍ତେ ଉପଦେଶ ଦେଇଥିଲେ।

## ବାବାଜି ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ
## ଆର୍ଯ୍ୟକୁମାରଙ୍କୁ 'ପ୍ରଥମ ଗୁରୁକୃପା ସମ୍ମାନ'



କାର୍ଯ୍ୟକ୍ରମରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ 'ପ୍ରଥମ ଗୁରୁକୃପା ସମ୍ମାନ' ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ଗୁରୁକୃପା ଚାରିଟେବଲ ସୋସାଇଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବାଜି ସତ୍ୟାନନ୍ଦ ଦାସ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଚିନ୍ତାମଣି ପର୍ବତ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକ ସାମନ୍ତ ସୁଦର୍ଶନ ପୂଜାପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଜ୍ଞା ମିଶନର ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ, ମହନ୍ତ ସୁବଳ ଦାସ, ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍ମରଣିକା 'ଗୁରୁକୃପା' ଉନ୍ମୋଚନ କରିବା ସହ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ 'ପ୍ରଥମ ଗୁରୁକୃପା ସମ୍ମାନ'ରେ ସମ୍ମାନିତ କରିଥିଲେ। ସୋସାଇଟିର ସମ୍ପାଦକ ଇଂ. ବିଷ୍ଣୁ ଚରଣ ସ୍ୱାଇଁ ସ୍ୱାଗତ ଭାଷଣ ଓ ଆଇନଜୀବୀ ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।

## ବାଲିପାଟପୁରରେ ଶ୍ରୀରାମ କୋଟି ମହାଯଜ୍ଞ

ଟାଙ୍ଗୀ,୨୨।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁର ପଞ୍ଚାୟତର ରଘୁନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗୁରୁବାରଠାରୁ ଶ୍ରୀରାମ କୋଟି ମହାଯଜ୍ଞ ଆରମ୍ଭ ହୋଇଛି। ଷଷ୍ଠ ବାର୍ଷିକ ମହାଯଜ୍ଞର ପ୍ରାରମ୍ଭରେ ଅଙ୍କୁରାରୋପଣ ଓ ଜଳଯାତ୍ରା ପରେ ସୂର୍ଯ୍ୟପୂଜା, ଧେନୁ ପୂଜା, ସର୍ବଦେବଦେବୀ ଆବାହନ ପରେ ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି ବୋଲି ଯଜ୍ଞ ଆବାହକ ଦେବେନ୍ଦ୍ର ପାତ୍ର କହିଛନ୍ତି। ଯଜ୍ଞରେ ବାଲିପାଟପୁର ଚନ୍ଦନସାହି ଦେଉଳସାହିର ସମସ୍ତ ବାସିନ୍ଦା ଅଂଶଗ୍ରହଣ କରିଛନ୍ତି।

## ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ: ଆଦିତ୍ୟ ଏକାଦଶ ଚାମ୍ପିୟନ

ଯାଁଳା,୨୨।୨(ବୁଲା ବାରିକ)




ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଚାମ୍ପିୟନ ଆଦିତ୍ୟ ଏକାଦଶ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିସିସି ଭୁବନେଶ୍ୱରକୁ ୪ଉଇକେଟରେ ହରାଇ ଆଦିତ୍ୟ ଏକାଦଶ ଚାମ୍ପିୟନ ହୋଇଛି। ଆଦିତ୍ୟ ଏକାଦଶ ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା। ଟିସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୬ ରନ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୧୦ ବଲରେ ୪୨ ରନ, ଆକାଶ ମହାପାତ୍ର ୨୫ ବଲରେ ୨୮ ରନ କରିଥିଲେ। ବିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୪ ଓଭରରେ ୪୨ ରନ ଦେଇ ୩ ଉଇକେଟ ଏବଂ ଆନନ୍ଦ ଭରଦ୍ୱାଜ ୪ ଓଭରରେ ୪୪ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ଆଦିତ୍ୟ ଏକାଦଶ ୧୮.୪ ଓଭରରେ ୬ ଉଇକେଟ ହରାଇ ୧୮୯ ରନ କରି ମ୍ୟାଚ୍ ଜିତିବା ସହ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ଦଳ ପକ୍ଷରୁ ଆୟୁଷ ୨୩ ବଲ ଖେଳି ୭୨ରନ ଓ ବିକ୍ରମ ସାମଲ ୧୪ ବଲରେ ୨୩ ରନ କରିଥିଲେ। ବିପକ୍ଷ ଦଳର ଅତୁଲ ସାରୱାର ୩.୩ ଓଭରରେ ୩୫ ରନ ଦେଇ ୨ ଉଇକେଟ୍ ଓ ରାମଚନ୍ଦ୍ର ବେହେରା ୪ ଓଭରରେ ୧୯ ରନ ଦେଇ ୨ ଉଇକେଟ ନେଇଥିଲେ। ସୁମେନ୍ଦ୍ର ପାତ୍ର, ଆଶୁତୋଷ ପାଣି ଓ ଶୁଶିଲ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ କ୍ଲବ ସଭାପତି ଆଶିଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା ମୁଖ୍ୟ ବକ୍ତା ଏବଂ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ ଓ ଶିଳ୍ପପତି ଶିଶିର କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଆଦିତ୍ୟ ଏକାଦଶକୁ ଟ୍ରଫି ସହ ନଗଦ ଦେଢଲକ୍ଷ ଟଙ୍କା ଏବଂ ଉପବିଜେତା ଟିସିସି ଦଳକୁ ଟ୍ରଫି ସହ ଏକଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବିଜେତା ଦଳର ଆୟୁଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର, ମ୍ୟାନ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଅତୁଲ ସାରୱାର, ଶ୍ରେଷ୍ଠ ବୋଲର ଶୁଶିଲ କୁମାର ବାରିକ ଓ ଶ୍ରେଷ୍ଠ ଫିଲ୍‌ଡର ଭାବେ କାଶ୍ୟମ ସାଗର ବଳଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରେମ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ପୁରୀ,(ଅଜିତ୍ କୁମାର ମହାନ୍ତି)- ପ୍ରେମ ପ୍ରତାରଣା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ୍ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକ ଜଣଙ୍କ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବେହେରା ସାହିର ତୋଫାନ ଓରଫ୍ ହରେକୃଷ୍ଣ ବେହେରା। ସୂଚନାଯୋଗ୍ୟ, ତୋଫାନ ଜଣେ ବିବାହିତ ମହିଳାଙ୍କୁ ପ୍ରେମ କରିବା ସହ ୪ ମାସର ଗର୍ଭବତୀ କରିଥିଲେ। ପରେ ଯୁବକ ଜଣଙ୍କ ମହିଳାଙ୍କୁ ବିବାହ କରିବାକୁ ମନା କରିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତିକରି ପୋଲିସ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ମହିଳାଙ୍କୁ ପ୍ରେମ ନିବେଦନ କରି ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ପୋଲିସ୍ କେସ୍ ନଂ ୬୦/୨୬ରେ ଏକ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୨।୨୦୨୬

| | |
|---|---|
| ୫,୮୨,୫୦୩ ଟଙ୍କା | |
| ସୁନା | ୫.୧୬୦ ଗ୍ରାମ୍ |
| ରୁପା | ୧୦.୫୯୦ ଗ୍ରାମ୍ |

# ଚଳିତ ବର୍ଷ ବଜେଟ ଲୋକାଭିମୁଖୀ: ସ୍ୱାସ୍ଥ୍ୟମନ୍ତ୍ରୀ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରବିବାର ପୁରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ କରାଯାଇଥିବା ବଜେଟ ସମ୍ପର୍କରେ ସର୍କିଟ ହାଉସ ଠାରେ ଏକ ଖବରଦାତା ସମ୍ମିଳନୀ କରି ବଜେଟ ଉପରେ ସୂଚନା ପ୍ରଦାନ କରିଛନ୍ତି।

ମହାଲିଙ୍ଗ କହିଛନ୍ତି, ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ଦେବତା। ବିଧାନସଭାରେ ମୁଖ୍ୟମନ୍ତ୍ରୀ ୨୦୨୬-୨୭ ମସିହାର ବଜେଟ ଉପସ୍ଥାପନ କରିଛନ୍ତି। ଚଳିତବର୍ଷ ବଜେଟ୍ ଲୋକାଭିମୁଖୀ ବଜେଟ୍। ବିକଶିତ ଭାରତ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ବିଧାନସଭାରେ ଗୃହିତ ହୋଇଥିବା ବଜେଟ ସମସ୍ତଙ୍କ ପାଇଁ ଏକ ବଡ଼ ବଜେଟ। ବଜେଟରେ ସମସ୍ତଙ୍କ ନିମନ୍ତେ କିଛି ନା କିଛି ରହିଛି। ୩ ଲକ୍ଷ ୧୦ କୋଟି ଟଙ୍କାର ବଜେଟ୍ ଘୋଷଣା ହୋଇଛି। ବଜେଟରେ ବିଶେଷ କରି ଗାଁର ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କୃଷକଙ୍କ ସହିତ ସମସ୍ତଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ବଜେଟରେ ପୁରୀକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁଙ୍କ ସଂସ୍କୃତି, ସଂଗ୍ରହାଳୟ ଓ ଲାଇବ୍ରେରୀ ପାଇଁ ୧ ହଜାର କୋଟି ଟଙ୍କା ଘୋଷଣା କରାଯାଇଛି। ପୁରୀ, ଭୁବନେଶ୍ୱର, ପାରାଦୀପ ଓ କଟକକୁ ଅର୍ଥନୈତିକ କେନ୍ଦ୍ର କରିବା ନେଇ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ବରଗଡ଼, ଝାରସୁଗୁଡ଼ା, ବ୍ରହ୍ମପୁର, ସମ୍ବଲପୁର, ଛତ୍ରପୁର, ଗୋପାଳପୁର, ଜୟପୁର, କୋରାପୁଟ, ସୁନାବେଡ଼ାକୁ ଯୋଡି ଅର୍ଥନୈତିକ କରିଡର୍ ପାଇଁ ପ୍ରଚେଷ୍ଟା କରାଯାଇଛି। ପର୍ଯ୍ୟଟନର ବିକାଶ ପାଇଁ ଶାମୁକା ପ୍ରକଳ୍ପ ନାଁରେ ବିଭିନ୍ନ କାର୍ଯ୍ୟ କରାଯିବ।

ପୁରୀର ପର୍ଯ୍ୟଟନ ବିକାଶ ପାଇଁ କ୍ରୁଜ୍ ଟର୍ମିନାଲ କରାଯିବ। କ୍ରୁଜ୍ ଟର୍ମିନାଲ ପାଇଁ ୫ଶହ କୋଟି ଟଙ୍କା ଘୋଷଣା କରାଯାଇଛି। ଚିଲିକାର ଉନ୍ନତି ପାଇଁ ଭିତ୍ତିଭୂମିର ବିକାଶ କରାଯିବ। ଜଳସେଚନ ପାଇଁ ୨୦୨୯ ମସିହା ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ବ୍ୟବସ୍ଥା କରାଯିବ।

ସେହିପରି +୨ ପାସ କରିଥିବା ୧୫ ହଜାର ଛାତ୍ରୀଛାତ୍ରଙ୍କୁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ବ୍ୟବସ୍ଥା କରାଯାଇଛି। ରାଜ୍ୟର ୫ଟି ସ୍ଥାନ ଯଥା ପୁରୀ, ବ୍ରହ୍ମପୁର, ବୁର୍ଲା ଏବଂ କ୍ୟାପିଟାଲ ହସ୍ପିଟାଲର, କୋରାପୁଟରେ ହେବ ବର୍ଣ୍ଣ ୟୁନିଟ। ଏଥିପାଇଁ ଜାଗା ଚିହ୍ନଟ ପାଇଁ ପ୍ରକ୍ରିୟା ଜାରି ରହିଛି। ୫ଟି ମେଡିକାଲ କଲେଜ୍ ସହ ରାଜ୍ୟରେ ୩ଟି ଆୟୁଷ ଓ ୨ଟି ହୋମିଓପ୍ୟାଥିକ କଲେଜ କରାଯିବ। ଅଟଳ ରକ୍ତଦାନ ଅଭିଯାନ ଆରମ୍ଭ ହେବ। ଗାଁ ଗାଁରେ ଏହି ଅଭିଯାନ ଜାରି ରହିବ। ମୁଖ୍ୟମନ୍ତ୍ରୀ କର୍କଟ ରୋଗ ଚିକିତ୍ସା ଅଭିଯାନ ଆରମ୍ଭ ହେବ। ଏଥିପାଇଁ ୩୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପୁରୀ ଜିଲାର ପିପିଲି ଟୋଲ ଗେଟ୍ ଠାରେ ଚାନ୍ଦୁଆ ବଜାର କରାଯିବ। ବିକଶିତ ଓଡ଼ିଶା ପାଇଁ ଏହି ବଜେଟ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମତବ୍ୟକ୍ତ କରି କହିଛନ୍ତି।




ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଅନ୍ୟମାନେ ।

## ପୁଣି ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିଡିଓ ଭାଇରାଲ୍

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନର ବ୍ୟବଧାନ ପରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ମାଧ୍ୟମରେ କରାଯାଇଥିବା ଭିଡିଓ ଭାଇରାଲ୍ ହୋଇଛି। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ବେଶ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ରବି ପ୍ରଭୁ ନାମକ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଦ୍ୱାରା କରାଯାଇଥିବା ଭିଡିଓ ଅପଲୋଡ୍ କରିଛନ୍ତି। ମାତ୍ର ୨୪ ସେକେଣ୍ଡର ଏହି ଭିଡିଓରେ ସେ ବ୍ୟକ୍ତି ଜଣକ ଡ୍ରୋନ୍ ଧରି ହାତରେ ଦେଖାଇବାର ଦୃଶ୍ୟ ରହିଛି। ଅପଲୋଡ୍ ଭିଡିଓଟି ୬ଘଣ୍ଟା ପୂର୍ବରୁ ଅପଲୋଡ୍ ହୋଇଥିବା ଜଣାପଡ଼ିଛି। ତେବେ ଭିଡିଓଟି ୬ଘଣ୍ଟା ପୂର୍ବରୁ ରବି ପ୍ରଭୁ ତାଙ୍କ ଆଇଡିରେ ଅପଲୋଡ୍ କରିଥିବା ବେଳେ ଏହି ଡ୍ରୋନ୍ ଦ୍ୱାରା କରାଯାଇଥିବା ଭିଡିଓଟି ଶ୍ରୀମନ୍ଦିର ଉପରେ କେବେ ଉଡ଼ିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଆଇନ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହୋଇ କଡ଼ା ଦଣ୍ଡବିଧାନର ପ୍ରାବଧାନ କରାଗଲେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଏବଂ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବା ବନ୍ଦ ହୋଇପାରିବ ବୋଲି ଆଶା କରାଯାଉଛି।

ଶ୍ରୀମନ୍ଦିର ନିକଟରେ ରବିବାର ଡ୍ରୋନ୍ ଉଡ଼ିଥିବା ନେଇ ସୂଚନା ମିଳିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଯାଇ ଯାଞ୍ଚ କରିଥିଲେ। ତଦନ୍ତ ପରେ ଏହା କେବଳ ଏକ ଗୁଡ଼ି ବୋଲି ଜଣାପଡ଼ିଥିଲା।

## ହେଲ୍ପ ଫର୍ ନିଡି ପକ୍ଷରୁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ହେଲ୍ପ ଫର୍ ନିଡିର ସଦସ୍ୟମାନେ ।

ଚାରିଛକ,୨୨।୨(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ସଦାବାଜି ତୋଟାରେ ହେଲ୍ପ ଫର୍ ନିଡିର ସଭାପତି ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ବର୍ଷରେ ଚାରିଛକ ସହିତ ବିଭିନ୍ନ ଅଞ୍ଚଳରେ ଥିବା ବିଭିନ୍ନ ପ୍ରକାର ସମସ୍ୟା ଯଥା ନିରୀହ ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆଶା ବାଡ଼ି, ଟ୍ରାଇ ସାଇକେଲ ପ୍ରଦାନ, ବିଭିନ୍ନ ଧର୍ମ ଅନୁଷ୍ଠାନ ସଫେଇ, ରକ୍ତଦାନ ଶିବିର, ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରକାର ଜନ ମଙ୍ଗଳ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ହେଲ୍ପ ଫର୍ ନିଡି ପୂର୍ବତନ ସଭାପତି ଡାନିସି ପଟେଲ ନାୟକ, କାର୍ଯ୍ୟକାରୀ ସଭାପତି ରାଜେଶ ଦାସ, ସାଧାରଣ ସମ୍ପାଦକ ଦୀପକ କୁମାର ବରାଳ, ସହ ସମ୍ପାଦକ ମନୋଜ କୁମାର ବାରିକ, କୋଷାଧ୍ୟକ୍ଷ ରଞ୍ଜିତ ପରିଡ଼ାଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ଅପରେଶନ ଚକ୍ର ଅଭିଯାନରେ ପୁଣି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ବାରବାଟୀ ଯାଗାରେ ବ୍ରାଉନ୍‌ସୁଗାର ବ୍ୟବସାୟ ପାଇଁ ଅପେକ୍ଷା କରିଥିବା ବେଳେ ଟାଉନ୍ ଥାନା ପୋଲିସ ବିଶେଷସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ତାଙ୍କ ଠାରୁ ପୋଲିସ ୧୦.୪୦ ଗ୍ରାମ୍ ବ୍ରାଉନ ସୁଗାର ଓ ଗୋଟିଏ ମୋବାଇଲ ଜବତ କରିଛି। ଅଭିଯୁକ୍ତ ଜଣଙ୍କ ବାରବାଟୀ ଯାଗା ନୂଆସାହିର ସୁଦାମ ଦାସ (୨୬)। ଏନେଇ ଟାଉନ୍ ଥାନା ପୋଲିସ କେସ୍ ନଂ ୧୨୧/୨୬ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ସୁଦାମଙ୍କ ନାଁରେ ପୂର୍ବରୁ ଏକ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗିନ୍ ମାମଲା ଟାଉନ ଥାନାରେ ରହିଛି।

## ନାଗ, ନାଗୁଣୀ ଉଦ୍ଧାର

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପାନ୍ଥନିବାସ ନିକଟରୁ ରବିବାର ନାଗନାଗୁଣୀ ଉଦ୍ଧାର କରାଯାଇଛି। ନାଗର ଲମ୍ବ ପ୍ରାୟ ୪ ଫୁଟ ୫ ଇଞ୍ଚ ଥିବାବେଳେ ନାଗୁଣୀର ଲମ୍ବ ପ୍ରାୟ ୫ ଫୁଟ୍ ହେବ। ଉଭୟ ନାଗ ନାଗୁଣୀର ବୟସ ପ୍ରାୟ ୧୦ ବର୍ଷ ହେବ ବୋଲି କହିଛନ୍ତି ସ୍ନେକ ହେଲ୍ପଲାଇନ ସଦସ୍ୟ ସଂଗ୍ରାମ ଦାସ। ସୂଚନାଯୋଗ୍ୟ, ପାନ୍ଥନିବାସ ନିକଟରେ ନାଗନାଗୁଣୀକୁ କିଛି ବ୍ୟକ୍ତି ଦେଖିଥିଲେ। ଏନେଇ ସ୍ନେକ ହେଲ୍ପଲାଇନକୁ ଖବର ଦିଆଯାଇଥିଲା। ଖବରପାଇ ସ୍ନେକ ହେଲ୍ପ ଲାଇନ୍‌ର ସଂଗ୍ରାମ ଦାସ ପହଞ୍ଚି ସୁରକ୍ଷିତ ଭାବେ ନାଗ ନାଗୁଣୀଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ବିଶେଷ ଭାବେ ଶୀତ ଋତୁ ସାପମାନଙ୍କର ପ୍ରଜନନ ସମୟ। ତେଣୁ ସାପମାନେ ଅଣ୍ଡା ଏବଂ ସୁରକ୍ଷିତ ସ୍ଥାନ ଖୋଜିଥାନ୍ତି। ଉପଯୁକ୍ତ ସ୍ଥାନରେ ରହି ଅଣ୍ଡାଦାନ କରିଥାନ୍ତି। ପୁରୀର ବିଭିନ୍ନ ସ୍ଥାନରେ ନାଗ ସାପ ବଂଶ ବିସ୍ତାର କରିଥାନ୍ତି। ଯଦି କୌଣସି ସ୍ଥାନରେ ନାଗ ନାଗୁଣୀ ଦେଖୁଛନ୍ତି ସେମାନଙ୍କୁ ନ ମାରି ସ୍ନେକ ହେଲ୍ପଲାଇନ ନମ୍ବରକୁ ସୂଚନା ଦିଅନ୍ତୁ ବୋଲି ସଂଗ୍ରାମ କହିଛନ୍ତି।

## ମାତୃଭାଷା ଦିବସ ପାଳିତ

ଯୋଗେଶ୍ୱରପୁର,୨୨।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ଯୋଗଦେଇ ଓଡ଼ିଆ ଭାଷାର ପ୍ରଚଳନ ଓ ପିଲାମାନେ ଓଡ଼ିଆ ଭାଷାରେ ଶିକ୍ଷା ଗ୍ରହଣ କଲେ ବୁଦ୍ଧିର ବିକାଶ ହେବା ସହିତ ଶିକ୍ଷାର ବିକାଶ ହେଇପାରିବ ବୋଲି କହିଥିଲେ।

# ସୃଜନକଳାର ବିକାଶ ହିଁ ସଫଳତାର ମାପକାଠି




ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ଶିଶୁ ପତ୍ରିକା 'ମୋ ଆଶା'ର ଶୀତ ପାଠଚକ୍ର ଓ କର୍ମଶାଳା

ନିମାପଡ଼ା,୨୨।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ ପକ୍ଷରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଶୀତ ପାଠଚକ୍ର ଓ ସୃଜନୀ କର୍ମଶାଳା ନିମାପଡ଼ା ପାଟପୁର ବାବା ବୁଦ୍ଧନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଲିଟିଲ୍ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ସମାରୋହରେ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ଡ. ରବୀନ୍ଦ୍ରନାଥ ପାଢ଼ୀ, ଶିକ୍ଷାବିତ୍ ବସନ୍ତ କୁମାର ସ୍ୱାଇଁ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ଶାରଦା ପ୍ରସନ୍ନ ବେହେରା, ବିମ୍ବାଧର ସାହୁ, ଶିକ୍ଷୟିତ୍ରୀ ଗୌରୀପ୍ରିୟା ନନ୍ଦ, ଉତ୍କଳ ନନ୍ଦ, ସାମାଜିକ କର୍ମୀ ଅଜୟ ମିଶ୍ର, ଅମୀୟ ମିଶ୍ର ପ୍ରମୁଖ ଯୋଗଦେଇ ସୃଜନ କଳାର ବିକାଶ ହିଁ ସଫଳତାର ମାପକାଠି, କୋମଳମତି ଶିଶୁ ଛାତ୍ରୀଛାତ୍ରଙ୍କ ସୃଜନ କଳା ଓ ବୁଦ୍ଧିମତ୍ତାର ବିକାଶ ପାଇଁ ଶିଶୁମାନେ ବିଭିନ୍ନ ପତ୍ର ପତ୍ରିକା ପଠନ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏ ଦିଗରେ ଅଭିଭାବକମାନେ ଯତ୍ନବାନ ହୋଇ ପିଲାଙ୍କ ପ୍ରତି ଧ୍ୟାନଦେବା ଆବଶ୍ୟକ। ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହିଁ ସେମାନଙ୍କୁ ଆଗକୁ ନେବାରେ ସହାୟକ ହେବ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଗଳ୍ପ କବିତା ପାଠ, ଚିତ୍ରାଙ୍କନ, ବକ୍ତୃତା, ଗଳ୍ପ ଓ କବିତା ରଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଜୟ ମିଶ୍ର, ଅମୀୟ ମିଶ୍ର, ଊର୍ମିଳା ମହାରଣା ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ପାଟପୁରରେ ୪ର୍ଥ ବାର୍ଷିକ ଶନିଦେବ ଉତ୍ସବ

ଅସ୍ତରଙ୍ଗ,୨୨।୨(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ପ୍ରାଚୀନଦୀ ଉପକଣ୍ଠ ପାଟପୁର ଗ୍ରାମରେ ଶନିଦେବଙ୍କ ବାର୍ଷିକ ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଯାଇଛି। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉପସ୍ଥିତି ମଧ୍ୟରେ ଶତାଧିକ ମହିଳା ନିକଟସ୍ଥ ପ୍ରାଚୀନଦୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରାରେ ଗ୍ରାମ ପରିଭ୍ରମଣ କରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଶନି ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ଆୟୋଜନରେ ହୋଇଥିବାବେଳେ ମୁଖ୍ୟ ସମନ୍ୱୟକ ଭାବେ ନରେନ୍ଦ୍ର କୁମାର ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମ ଦିନ ଭାଗବତ ପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରବର୍ତ୍ତୀ ଦିନ ଯଜ୍ଞର ପୂର୍ଣ୍ଣାହୁତି, ନାମକୀର୍ତ୍ତନ ଏବଂ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ବିଶ୍ୱ ଚିନ୍ତନ ଦିବସ ପାଳିତ

କଣାସ,୨୨।୨(ବିଭୂତି ଭୂଷଣ ତ୍ରିପାଠୀ)

ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ସ୍କାଉଟ୍ ଭବନରେ କଣାସ ବ୍ଲକର ବିଭିନ୍ନ ସ୍କୁଲ ସ୍କାଉଟ୍ସ, ଗାଇଡ୍ସ, ରୋଭର୍, ରେଞ୍ଜର ଓ ପପ ବୁଲ୍‌ବୁଲ୍‌ମାନେ ଉପସ୍ଥିତ ହୋଇ କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଅଞ୍ଚଳ ସଫେଇ କରିବା ପରେ ପତାକା ଉତ୍ତୋଳନ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟଙ୍କ ସଭାପତିତ୍ୱରେ ଜୀବନ ବ୍ୟାପୀ ସାଧନ ମାର୍ଗରେ ସ୍କାଉଟ୍ସର ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗାଇଡ୍ସ କ୍ୟାପ୍‌ଟେନ ସଂଯୁକ୍ତା କୁମାରୀ ଜେନା ଚିନ୍ତନ ଦିବସର ବାଲଚରର ତାତ୍ତ୍ୱିକ ସାର୍ଥକତା ଏବଂ ସଂକଳ୍ପ ନିୟମର ବାସ୍ତବ ସଂଜ୍ଞା ବର୍ଣ୍ଣନା କରିଥିଲେ। ନାନକେରା ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗାନ୍ଧୀ ପରିଡ଼ା ଯୋଗଦେଇ ସମସ୍ତ ବାଲଚର୍ ଭାଇ ଓ ଭଉଣୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ୫୨ ଦିନରେ ୫୯ ଗିରଫ, ୮୯ ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

### ବେଆଇନ ବାଲି, ପଥର ଚାଲାଣ

ପୁରୀ ଜିଲାରେ ଅବୈଧ ବାଲି ଓ ପଥର ଖନନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁରୀ ପୋଲିସ ଦ୍ୱାରା ୨୦୨୬ ଆରମ୍ଭରୁ ଏପର୍ଯ୍ୟନ୍ତ ନିୟମିତ, ସଂଗଠିତ ଓ କଠୋର ଭାବରେ ବିଶେଷ ଅଭିଯାନ ଜାରି ରଖିଛି। ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ପରିବେଶ ସୁରକ୍ଷା, ସରକାରୀ ରାଜସ୍ୱର ସୁରକ୍ଷା, ନଦୀ ପଥ ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ସାଧାରଣଲୋକଙ୍କ ଜୀବନ-ଜୀବିକାକୁ ସୁରକ୍ଷିତ ରଖିବା। ୫୨ଦିନ ମଧ୍ୟରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଅବୈଧ ବାଲି ଓ ପଥର ଖନନ ଏବଂ ଚାଲାଣ ସମ୍ପର୍କିତ ମୋଟ ୬୩ଟି ମାମଲା ରେଜିଷ୍ଟ୍ରି କରାଯାଇଛି। ଏହି ସମସ୍ତ ମାମଲାରେ କଠୋର ତଦନ୍ତ କରାଯାଇ ମୋଟ ୫୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯାନ ସମୟରେ ଅବୈଧ ଭାବେ ବାଲି, ମାଟି ଓ ପଥର ପରିବହନରେ ବ୍ୟବହୃତ ୭୩ଟି ମାଲବାହୀ ଯାନବାହନ ଓ ୨ଟି ଜେଶିବି ଜବତ କରାଯାଇଛି। ଏହାସହିତ ୧୪ଟି ଯାନବାହନକୁ ମାଇନିଂ ବିଭାଗକୁ ହସ୍ତାନ୍ତର କରାଯାଇଛି।

ଚଳିତବର୍ଷରେ ଏପର୍ଯ୍ୟନ୍ତ ରେଜିଷ୍ଟ୍ରି ହୋଇଥିବା ୬୩ଟି ନୂତନ ମାମଲା ରୁଜୁ ହୋଇଛି। ଏହି ବିଶେଷ ଅଭିଯାନକୁ ଜିଲାର ସମସ୍ତ ୪ଟି ସବ୍‌ଡିଭିଜନ ସିଟି ସବ୍‌ଡିଭିଜନ, ପିପିଲି ସବ୍‌ଡିଭିଜନ, ନିମାପଡ଼ା ସବ୍‌ଡିଭିଜନ ଓ ସଦର ସବ୍‌ଡିଭିଜନର ସମନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇଛି। ପ୍ରତି ସବ୍‌ଡିଭିଜନର ଥାନାଗୁଡ଼ିକୁ ସକ୍ରିୟ କରାଯାଇ ଦିନ ଓ ରାତ୍ରି ପାଟ୍ରୋଲିଂ, ନାକା ଚେକିଂ, ଆକସ୍ମିକ ରେଡ୍ ଓ ସ୍ପେଶାଲ୍ ଡ୍ରାଇଭ୍ ମାଧ୍ୟମରେ ଅବୈଧ ଖନନ ଓ ପରିବହନ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଅନଧିକୃତ ଭାବେ ବାଲି ଓ ପଥର ପରିବହନ କରୁଥିବା ଯାନବାହନ ଜବତ ସହ ଖନନ କାର୍ଯ୍ୟରେ ବ୍ୟବହୃତ ମେଶିନ୍, ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ସିଜ୍ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ବିଶେଷ ଅଭିଯାନକୁ ଆହୁରି ତୀବ୍ର କରାଯିବ। ଲୋକଙ୍କୁ ଅନୁରୋଧ କରାଯାଉଛି, ଅବୈଧ ବାଲି କିମ୍ବା ପଥର ଖନନ ସମ୍ପର୍କିତ କୌଣସି ସୂଚନା ମିଳିଲେ ନିକଟସ୍ଥ ଥାନା କିମ୍ବା ୧୧୨କୁ ତତ୍‌କ୍ଷଣାତ ଅବଗତ କରିବାକୁ କୁହାଯାଇଛି।

# ମା' ବଗଳାମୁଖୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ପିପିଲି,୨୨।୨(ଦୁର୍ଗାମାଧବ ମିଶ୍ର)

ପିପିଲି ଦାଣ୍ଡମୁକୁନ୍ଦପୁର ମା' ବଗଳାମୁଖୀ ପୀଠରେ ୧୪୧ କୁଣ୍ଡୀୟ ନିଖିଳ ବ୍ରହ୍ମାଣ୍ଡ ଗାୟତ୍ରୀ ଗୋମାତା ବିଶ୍ୱଶାନ୍ତି ଯଜ୍ଞ ରବିବାର ଶେଷ ହୋଇଛି। ଗହଣ ଦଳର ରାଜା ନରସିଂହ ଦେବଙ୍କୁ ବାଜା, ବାଣ ସହିତ ବିରାଟ ପଟୁଆରରେ ସଂଗଠନର ୧୬ ମଣ୍ଡଳର ସଦସ୍ୟମାନେ ଗୋପାଳ ମନ୍ଦିରଠାରୁ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ରାଜ୍ୟର କୋଣଅନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସହିତ ସାଧୁ, ସନ୍ଥ, ସେବାୟତ, ରାଜନେତାମାନେ ଯୋଗଦାନ କରିବା ସହିତ ମହାଯଜ୍ଞରେ ପୂର୍ଣ୍ଣାହୁତି ଏବଂ ପୁଷ୍ପାଞ୍ଜଳି ଦେବା ସହ ମା' ବଗଳାମୁଖୀଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ମା' ବଗଳାମୁଖୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗ ଦେଇଥିବା ବେଳେ ତାଙ୍କ ସହିତ ଅଞ୍ଚଳର ସାମାଜିକ କର୍ମୀ, ଶିକ୍ଷାବିତ୍, ପଣ୍ଡିତ, ସନ୍ଥମାନେ ମଞ୍ଚରେ ଉପସ୍ଥିତ ଥିଲେ। ବ୍ରାହ୍ମଣଙ୍କର ବେଦ ଧ୍ୱନିରୁ ଶୁଭାରମ୍ଭ ପରେ ଅନୁଷ୍ଠାନର ପୁରୋଧା ଦେବାଶିଷ ନନ୍ଦ ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ସହ 'ଦଶମହାବିଦ୍ୟା ମା' ବଗଳାମୁଖୀ' ସମ୍ମାନରେ ସମ୍ମାନିତ କରିଥିଲେ।

# ଆୟୁର୍ବେଦ ସେବା ସୁଦୃଢ଼ୀକରଣ ପାଇଁ ସମ୍ପର୍କ ପକ୍ଷରୁ ଦାବି

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ଆୟୁର୍ବେଦ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା, ମାନବ ସମ୍ପଦ ବୃଦ୍ଧି କରିବା ଓ ସେବା ବିସ୍ତାର କରିବା ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିକଟକୁ ପଠାଯାଇଛି।



ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଷ୍ଠାନ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ସଂଲଗ୍ନ ଆୟୁର୍ବେଦ ଚିକିତ୍ସାଳୟରେ ସାଧାରଣ ଲୋକଙ୍କ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଥିବା ସତ୍ତ୍ୱେ ଡାକ୍ତର, ପ୍ରାଧ୍ୟାପକ, ନର୍ସ, ଫାର୍ମାସିଷ୍ଟ ଓ ପାରାମେଡିକାଲ୍ କର୍ମଚାରୀଙ୍କ ଅଭାବ ଦେଖାଯାଉଛି। ପଞ୍ଚକର୍ମ ବିଭାଗରେ ଆଧୁନିକ ଉପକରଣର ଅଭାବ ଓ ଆବଶ୍ୟକ, ଔଷଧର ନିୟମିତ ଯୋଗାଣ ନ ଥିବାରୁ ରୋଗୀମାନେ ପୂର୍ଣ୍ଣ ସେବା ପାଇପାରୁ ନାହାନ୍ତି। ତେଣୁ ଜିଲାର ସମସ୍ତ ଆୟୁର୍ବେଦ ଚିକିତ୍ସାଳୟରେ ଖାଲି ପଦବୀ ଶୀଘ୍ର ପୂରଣ କରାଯାଉ, ସେହିପରି ପଞ୍ଚକର୍ମ ବିଭାଗକୁ ଆଧୁନିକ ଓ ସୁସଜ୍ଜିତ କରାଯିବ। ଆବଶ୍ୟକ ଆୟୁର୍ବେଦିକ ଔଷଧର ନିୟମିତ ଯୋଗାଣ ସୁନିଶ୍ଚିତ କରାଯିବା, ଚିକିତ୍ସାଳୟ ପରିସରରେ ଔଷଧୀୟ ଉଦ୍ଭିଦ ଉଦ୍ୟାନ ସ୍ଥାପନ ଓ ଗବେଷଣା କାର୍ଯ୍ୟକ୍ରମ ପ୍ରୋତ୍ସାହନ, ସହର ଓ ଗ୍ରାମାଞ୍ଚଳରେ ନିୟମିତ ନିଶୁଳ୍କ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଆୟୁର୍ବେଦ ସେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଯୋଜନାରେ ସକ୍ରିୟ ଭାବେ ସମ୍ମିଳିତ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ସରକାର ଏହି ଦାବିଗୁଡ଼ିକୁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଗଠନ ଆଶା ପ୍ରକାଶ କରିଛି। ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱଜିତ୍ ମିଶ୍ର, ଶୁଭ ପ୍ରସାଦ ଶର୍ମା, ରାକେଶ ସେଠୀ ଓ ଅଶୁଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ରେ ଛତିଶା ନିଯୋଗ ବୈଠକ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

### ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତି



ଆସନ୍ତା ୩ ତାରିଖ ଅର୍ଥାତ ଦୋଳପୂର୍ଣ୍ଣିମାରେ ସଂଗଠିତ ହେବ ଚନ୍ଦ୍ରଗ୍ରହଣ। ସେଥିପାଇଁ ଦିନ ବଦଳରେ ରାତିରେ ସୁନାବେଶ ଓ ଦୋଳବେଦୀରେ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତିରେ ବ୍ୟତିକ୍ରମ ଦେଖାଯିବ। ଏଥିପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ୨୪ ତାରିଖ ମଙ୍ଗଳବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇ ଚନ୍ଦ୍ରଗ୍ରହଣର ନୀତିନିର୍ଘଣ୍ଟ ଚୂଡ଼ାନ୍ତ କରାଯିବ ବୋଲି ସୂଚନା ମିଳିଛି।

ମାର୍ଚ୍ଚ ୩ ତାରିଖ ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶଥିବାରୁ ସେହି ସମୟରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ପାକତ୍ୟାଗ ଏବଂ ଦେବନୀତି ନିଷେଧ ଥିବାରୁ ପୂର୍ବଦିନ ରାତି ୩ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ। ପରେ ମଙ୍ଗଳ ଆଳତି ନୀତି ସହିତ ଅବକାଶ ନୀତି ଶେଷ ହେବା ପରେ ଦେବନୀତିକୁ ବନ୍ଦ କରାଯିବ ବୋଲି ସୂଚନା ମିଳିଛି। ଗ୍ରହଣ ସର୍ବମୋକ୍ଷ ପରେ ମହାପ୍ରଭୁଙ୍କ ସୁନାବେଶ, ଦୋଳବେଦୀକୁ ବିଜେ, ଭୋଗମଣ୍ଡପ ଆଦି ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଛତିଶାନିଯୋଗ ବୈଠକରେ ନୀତିନିର୍ଘଣ୍ଟ କରାଯିବ।

ଏନେଇ ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି, 'ଗ୍ରହଣ ସ୍ନାନନୀତି ପରେ ରୋଷହୋମ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଓ ଗ୍ରହଣ ପୂଜା ନୀତି ହୋଇ ଖଇକୋରା ଭୋଗ ଅନୁଷ୍ଠିତ ହେବ। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ଦୋଳବିମାନରେ ବିଜେ କରି ଦୋଳବେଦୀକୁ ବିଜେ କରିବେ। ସେଠାରେ ଠାକୁରଙ୍କର ତିନିଧୂପ, ରାଜନୀତି, ବନ୍ଦାପନା ସମେତ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ଯେଉଁ ଭକ୍ତମାନେ ମହାପ୍ରସାଦ ନେବାକୁ ଇଚ୍ଛା କରିବେ, ସେମାନେ ସନ୍ଧ୍ୟାରେ ସକାଳଧୂପରୁ ବାହାରିଥିବା ମହାପ୍ରସାଦ ସହ ଶୁଖିଲି ଭୋଗ ନେଇପାରିବେ। କିନ୍ତୁ ବରାଦି ଭୋଗ ବାହାରିବାରେ ଅହେତୁକ ବିଳମ୍ବ ହେବାକୁ ଥିବାରୁ ଚନ୍ଦ୍ରଗ୍ରହଣ ଦିନ ଭକ୍ତଙ୍କୁ ବରାଦି ଭୋଗ ନ ମିଳିପାରେ ବୋଲି ଆଶା କରାଯାଉଛି।

**୨ ଡିଜେ ଜବତ କଲା ପୋଲିସ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଥାନା ପୋଲିସ ରବିବାର ସନ୍ଧ୍ୟାରେ ୨ ଡିଜେକୁ ଝିଙ୍କିରିଆଠାରେ ଜବତ କରିଥିଲା। ଲେଜର ଲାଇଟରେ ଡିଜେ ସଜ୍ଜିତ ହୋଇଥିବାରୁ ଲୋକମାନଙ୍କୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡିଜେକୁ ଜବତ କରିଥିଲା।

## ସଂକ୍ଷେପରେ

### ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ କଟକ ଗସ୍ତ

କଟକ,୨୨।୨(କାର୍ତ୍ତିକ ସାହୁ)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ୨୩ ତାରିଖ (ସୋମବାର) କଟକ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଉପମୁଖ୍ୟମନ୍ତ୍ରୀ ସିଂଦେଓ ଓଡ଼ିଶା ସରକାରଙ୍କ ଓଡିଏସ୍ଏସ୍‌ପି-୪ ଯୋଜନା ଅନ୍ତର୍ଗତ ୩୩/୧୧କେଭି ବିଶ୍ୱନାହାକାଣୀ ପ୍ରାଇମେରି ସବଷ୍ଟେଶନ ଏବଂ ଓଡ଼ିଶା ସରକାରଙ୍କ ଓଇଆର୍‌ସି କ୍ୟାପେକ୍ସ ଯୋଜନା ଅନ୍ତର୍ଗତ ୩୩/୧୧କେଭି ମଗୁଳି ପ୍ରାଇମେରି ସବଷ୍ଟେଶନର ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିସହ ଉପମୁଖ୍ୟମନ୍ତ୍ରୀ ଜଗତପୁରଠାରେ କୃଷି ଭବନର ଉଦ୍‌ଘାଟନ କରିବା ସହ ଚାଷୀମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

### ଶିବିରରେ ୧୫୬ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୨୨।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୯ମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥି ଭାବେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ମେୟର ସୁବାସ ସିଂ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସମାଜସେବୀ ରଞ୍ଜନ ବିଶ୍ୱାଳ, ୱାର୍ଡ ନଂ. ୧୭ କର୍ପୋରେଟର ଏ. ଶ୍ରୀଦେବୀ ଏବଂ ୱାର୍ଡ ନଂ.୧୫ କର୍ପୋରେଟର ଲିଜାରାଣୀ ରାଉତ ଯୋଗଦେଇଥିଲେ। ଉକ୍ତ ଶିବିରରେ ୧୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆୟୋଜିତ ଶିବିରରେ ରକ୍ତଦାତାମାନଙ୍କୁ ହେଲମେଟ ପ୍ରଦାନ କରାଯାଇଥିଲା।

### ୨୪ରେ କଟକ ବିଜେଡିର ବିଧାନସଭା ଚାଲ କାର୍ଯ୍ୟକ୍ରମ

କଟକ,୨୨।୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମ ନିକଟରେ କଟକ ମେୟର ତଥା ବିଜୁ ଜନତା ଦଳର ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂଙ୍କ ନେତୃତ୍ୱରେ ଫେବୃଆରୀ ୨୪ ତାରିଖ ବିଧାନସଭା ଚାଲ ପରିପେକ୍ଷୀରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ରବିବାର ଗଡ଼ଖାଇ ସ୍ଥିତ ମେୟରଙ୍କ ଆବାସିକ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଦରଦାମ ବୃଦ୍ଧି, ମଣ୍ଡିରେ ଧାନ ପଡ଼ି ରହିବା, କଟନିଛଟନି ନାମରେ ଗରିବ ଚାଷୀମାନଙ୍କୁ ଶୋଷଣ କରିବା, ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ, ବିଭିନ୍ନ ପ୍ରକାର ନୂତନ ଭତ୍ତା କାର୍ଡ ସଂଖ୍ୟା ବୃଦ୍ଧି ନ କରିବା ସହ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ କରିବା ପ୍ରତିବାଦରେ ରାଜ୍ୟ ବିଜୁ ଜନତା ଦଳ ଆହ୍ୱାନକ୍ରମେ ଧାରଣା ଦିଆଯିବ। ବୈଠକରେ କଟକ ଜିଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ ସିଂ, ଜିଲା ମହିଳା ସଭାପତି ଅନିତା ବେହେରା, କଟକ ଜିଲା କାର୍ଯ୍ୟକାରୀ ମହିଳା ସଭାପତି ପୂର୍ଣ୍ଣିମା ସିଂ, ପୂର୍ବତନ କଟକ ସହର ବିଜୁ ଜନତା ଦଳ ସଭାପତି ମଧୁସୁଧନ ସାହୁ, ପ୍ରବାସୀ ଓଡ଼ିଆ ସଂଘ ଆବାହକ ନନ୍ଦଲାଲ ସିଂ, ଏକାମ୍ର ହୁସେନ, ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ଜଗନ୍ନାଥ ସ୍ୱାଇଁ, ରମଜାନ ଖାନ, ପ୍ରଫୁଲ୍ଲ ବେହେରା, ଆଇନଜୀବୀ ସ୍ୱଦେଶ ଦାସ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

### ରାଧାକିଶୋରପୁର ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଖୁଣ୍ଟୁଣୀ,୨୨।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ରାଧାକିଶୋରପୁର ପଞ୍ଚାୟତ ଖମାରନୂଆଗାଁ ଗ୍ରାମର ମୁରବୀ ତଥା ପୂର୍ବତନ ନାଏବ ସରପଞ୍ଚ ଦୁର୍ଯ୍ୟୋଧନ ରାଉତଙ୍କ ଶନିବାର ଅପରାହ୍ନରେ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପାଇ ଆଠଗଡ଼ ଭାଜପା ଯୁବ ସଙ୍ଗଠକ ଅଭୟ କୁମାର ବାରିକ ପହଞ୍ଚି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଯୁବ ନେତା ସୁରେଶ କୁମାର ମିଶ୍ର, ପଞ୍ଚାୟତ ସମିତିସଭ୍ୟ ବିଧାନଚନ୍ଦ୍ର ସ୍ୱାଇଁ, ପ୍ରଦୋଷ କୁମାର ସ୍ୱାଇଁ, ଖମାରନୂଆଗାଁ ଗ୍ରାମ ସଭାପତି ବସନ୍ତ କୁମାର ରାଉତ ପ୍ରମୁଖ ସ୍ୱର୍ଗତ ରାଉତଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୩ ପୁଅ, ୨ ଝିଅ, ଜ୍ୱାଇଁ, ନାତୁଣୀନାତି, ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଶବାଧାରକୁ ଗ୍ରାମ ପରିକ୍ରମା କରାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ରଣଜିତ ମୁଖାଗ୍ନି ଦେଇଥିଲେ।

# ରମ୍‌ଜାନ୍ ମାସ ପାଇଁ ବଜାର ସରଗରମ

କଟକ,୨୨।୨(ଶିଳ୍ପା ପ୍ରିୟଦର୍ଶିନୀ)




- ଡିମାଣ୍ଡରେ ସାଉଦିଆରବର ମିଶ୍ୱା ଦାତୁନ୍ ସହ କତାର, ଦୁବାଇର ଖଜୁର, ମୁମ୍ବାଇର ଲଚ୍ଛା
- ଲଚ୍ଛା ବକେଟ୍ ସ୍ପେସିଆଲ, ରହିଛି ପାଞ୍ଚ ପ୍ରକାରର ସାମଗ୍ରୀ

ମୁସ୍‌ଲିମ ସମ୍ପ୍ରଦାୟର ପବିତ୍ର ରମ୍‌ଜାନ୍ ମାସ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। କଟକ ସହରରେ ବାସ କରୁଥିବା ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଉପବାସ ବା ରୋଜା ରଖିଥାନ୍ତି। ମାସ ଯାକ ଭୋର୍‌ରୁ ଉଠି ସୂର୍ଯ୍ୟୋଦୟ ପୂର୍ବରୁ ସେହେରୀ ବା ଖାଦ୍ୟ ଗ୍ରହଣ କରିଥାନ୍ତି। ଦିନସାରା ଉପବାସ କରି ସୂର୍ଯ୍ୟାସ୍ତ ପରେ ଖାଦ୍ୟ ଗ୍ରହଣ କରିଥାନ୍ତି। ରମ୍‌ଜାନ୍ ମାସରେ ସ୍ୱତନ୍ତ୍ର ନମାଜ ପାଠ କରାଯାଇଥାଏ। ମୁସଲିମ ସମ୍ପ୍ରଦାୟର ଲୋକ ବୁଧବାର ଚନ୍ଦ୍ର ଦେଖି ରମ୍‌ଜାନ୍ ମାସ ଆରମ୍ଭ କରିଥିବାବେଳେ ମାସକ ପରେ ଚନ୍ଦ୍ର ଦେଖି ଇଦ୍ ପର୍ବ ପାଳନ କରିବେ। ରମ୍‌ଜାନ୍ ମାସ ଆରମ୍ଭ ହୋଇଥିବାରୁ ବଜାର ଚଳଚଞ୍ଚଳ ହୋଇଉଠିଛି। ରମ୍‌ଜାନ୍ ମାସ ପୂର୍ବରୁ ହିଁ ବ୍ୟବସାୟୀମାନେ ବିଭିନ୍ନ ଭେରାଇଟିର ସାମଗ୍ରୀ ଭିନ୍ନ ଭିନ୍ନ ସ୍ଥାନରୁ ଆଣିଛନ୍ତି। ଏହି ଏକମାସ କଟକର ବକ୍ସିବଜାର, ଦରଘା ବଜାର, ଚୌଧୁରୀ ବଜାର, ଓଡ଼ିଆ ବଜାର, ଶେଖବଜାର, ବାଉଁଶଗଳି ଭଳି ଅନ୍ୟାନ୍ୟ ସ୍ଥାନରେ ଭେରାଇଟି ସାମଗ୍ରୀର ପସରା ଖୋଲିଛି। ଚଳିତବର୍ଷ ରମ୍‌ଜାନ୍‌କୁ ନଜରରେ ରଖି ସାଉଦିଆରବ, ଦୁବାଇ, ମୁମ୍ବାଇ, କତାର, ଇରାନ୍, ଟ୍ୟୁନିସିଆ ଭଳି ବିଭିନ୍ନ ଦେଶରୁ ୨୨ରୁ ଅଧିକ ପ୍ରକାରର ଖଜୁର ବଜାରକୁ ବ୍ୟବସାୟୀମାନେ ନେଇଆସିଛନ୍ତି। ଏହାର ଦର ୨୦୦ରୁ ୩୦୦୦ ଟଙ୍କା ଯାଏ ରହିଛି। ସେହିପରି ନାଗପୁର, ଲକ୍ଷ୍ନୌ, ମୁମ୍ବାଇର ଲଚ୍ଛା ଏବେ ବଜାରକୁ ଆସିଛି। ପ୍ଲେନ୍ ଲଚ୍ଛା ଦର ୨୫୦ ଟଙ୍କା, ମିଲ୍କ ଲଚ୍ଛା ଦର ୪୦୦ ଟଙ୍କା ରହିଛି। ଏହାସହ ରହିଛି ଲଚ୍ଛାର ବକେଟ୍ ଯେଉଁଥିରେ ଖଜୁର, କାଜୁ, ପସ୍ତା, ଲଚ୍ଛା ଭଳି ପାଞ୍ଚ ପ୍ରକାରର ସାମଗ୍ରୀ ଏବଂ ଏହାର ଦର ପ୍ରତି ବକେଟ୍ ପିଛା ୪୨୦ ଟଙ୍କା ରହିଛି। ସେହିପରି ମୁମ୍ବାଇର ଜେଲି ଦର ୫୦ ଟଙ୍କା, ହାଇଦ୍ରାବାଦର ଶ୍ରୀକୋର୍ମା ଦର ୮୦ ଟଙ୍କା, ଡ୍ରାଏଫ୍ରୁଟ୍ ଦର ୨୩୦ଟଙ୍କା, ଆଗ୍ରାର ପେଠା ୧୦୦ଟଙ୍କା ରହିଛି। ରମ୍‌ଜାନ ପାଇଁ ବଟରସ୍କଚ୍, ଆମ୍‌ପନା, ଗୁଆଭା, ଅରେଞ୍ଜ, ମ୍ୟାଙ୍ଗୋ ଭଳି ବିଭିନ୍ନ ପ୍ରକାର ଫ୍ଲେଭରର ସର୍ବତ ରହିଛି। ଏହାର ମୂଲ୍ୟ ୨୫୦ରୁ ୪୦୦ଟଙ୍କା ଯାଏ ରହିଛି। ରମ୍‌ଜାନ୍ ପାଇଁ ୧୭୨ ପ୍ରକାରର ଅତର ଅଣାଯାଇଥିବାବେଳେ ଏହାର ଦର ୨୦୦ ଟଙ୍କାରୁ ୨୦୦୦ଟଙ୍କା ଯାଏ ରହିଛି। ମୁଖ୍ୟତଃ ନୂଆକରି ମିଶ୍ୱା ଦାତୁନ ସାଉଦିଆରବରୁ ଅଣାଯାଇଛି। ଏହା ଏକ ଦାନ୍ତକାଠ ପରି ଯାହାକି ନିମକାଠିରୁ ତିଆରି ହୋଇଥାଏ, ଏହାର ଦର ୨୦ଟଙ୍କା ଲେଖାଏ ରହିଛି। ତେବେ ସାଧାରଣ ଦିନରେ ଏସବୁ ସାମଗ୍ରୀ ସହଜରେ ମିଳୁ ନ ଥିବାବେଳେ ଏବେ ରମ୍‌ଜାନ୍ ମାସରେ ଏହି ସବୁ ସାମଗ୍ରୀର ବହୁ ଡିମାଣ୍ଡ ରହିଛି।



> "ରମ୍‌ଜାନ୍‌କୁ ନଜରରେ ରଖି ବିଭିନ୍ନ ଦେଶରୁ ଭେରାଇଟି ସାମଗ୍ରୀ ଆଣିଥାଏ। କଟକ ଭାଇଚାରାର ସହର ଏଠାରେ ଏହି ସାମଗ୍ରୀ ସବୁଲୋକ ନେବାକୁ ପସନ୍ଦ କରିଥାନ୍ତି। ଲୋକଙ୍କ ବେଶ୍ ଆଗ୍ରହ ଏହିସବୁ ଜିନିଷରେ ରହି ଆସିଛି। ଏପରିକି ଆଗୁଆ ଲୋକ ଅର୍ଡର ମଧ୍ୟ କରିଥାନ୍ତି। ଅନେକ ଭେରାଇଟି ଜିନିଷ ଆସିଛି ଏବଂ ସୁଲଭ ମୂଲ୍ୟରେ ରହିଛି ବୋଲି ସେ କହିଛନ୍ତି।
>
> **ଅବଦୁଲ ଜାହିଦ, ବ୍ୟବସାୟୀ**

# 'ଦିବ୍ୟାଙ୍ଗ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବଜାୟ ରଖିଛି'

କଣ୍ଟାପଡା,୨୨।୨(ସୁରନାରାୟଣ ସାହୁ)

## ଏସ୍‌ଭି ନିରତାର ବାର୍ଷିକୋତ୍ସବ

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଓଲଟପୁରସ୍ଥିତ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟସେବା ଓ ଗବେଷଣା କେନ୍ଦ୍ର ଏସ୍‌ଭି ନିରତାର ୫୧ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍‌ଭି ନିରତାର କେବଳ ରାଜ୍ୟ ନୁହେଁ ବରଂ ରାଷ୍ଟ୍ରୀୟସ୍ତରରେ ତାର ଗୁଣବତ୍ତା ବଜାୟ ରଖିଛି ବୋଲି କହିଥିଲେ। ଅପରପକ୍ଷେ ନିରତାରର ସମ୍ପ୍ରସାରଣ କ୍ଷେତ୍ରରେ ଆବଶ୍ୟକ ହେଉଥିବା ଜମି ପାଇଁ ରାଜ୍ୟ ସରକାର ସବୁବେଳେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ ପୁନର୍ବାସ ଶିକ୍ଷା, ଅନୁସନ୍ଧାନ ଓ ଦିବ୍ୟାଙ୍ଗମାନଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏସ୍‌ଭି ନିରତାର ଗତ ୫୧ବର୍ଷ ଧରି ଯୋଗାଇ ଦେଇଆସୁଥିବା ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋରଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ନିରତାର ପକ୍ଷରୁ ମନ୍ତ୍ରୀ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିରତାର ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଓ କର୍ମଚାରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ସନ୍ଧ୍ୟାରେ ନିରତାରର ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ।




ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଆମମାନଙ୍କ ପ୍ରଥମ ଗୁରୁ ମାତାପିତା




ଓଷ୍ଟାର ମେଧାବୃତ୍ତି ପ୍ରଦାନ, ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୨।୨(କାର୍ତ୍ତିକ ସାହୁ)

## ଓଷ୍ଟାର ମେଧାବୃତ୍ତି ପ୍ରଦାନ, ସମ୍ବର୍ଦ୍ଧନା ସମାରୋହ

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ମେଧାବୃତ୍ତି ସମ୍ବର୍ଦ୍ଧନା ସମାରୋହ ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଇନ୍ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ଅଭିଭାଷଣରେ କହିଲେ, ବିନା ଗୁରୁରେ ବିଦ୍ୟା ସମ୍ଭବ ନୁହେଁ। ଆମମାନଙ୍କର ପ୍ରଥମ ଗୁରୁ ହେଲେ ମାତାପିତା। ସେମାନଙ୍କ କଥା ମାନିବା ଓ ଗୁରୁମାନଙ୍କ ଉପଦେଶକୁ ଗ୍ରହଣ କରି ଆଗକୁ ବଢ଼ିବା ପାଇଁ ସେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କେରକେଟ୍ଟା କହିଲେ, ମେଧାବୀ ଗୁଣର କୌଣସି ପରିସୀମା ନାହିଁ। ପ୍ରଥମେ ଚରିତ୍ର ଗଠନ ଓ ପରିବାରର ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ସହିତ ଅବିଶ୍ରାନ୍ତ ପରିଶ୍ରମ ଫଳରେ ସଫଳତା ହାସଲ କରିପାରିବ। ମୁଖ୍ୟବକ୍ତା ଭୁବନେଶ୍ୱରର ଉପ ହିସାବ ନିୟନ୍ତ୍ରକ ଧରିତ୍ରୀ ବରାଳ ଛାତ୍ରୀଛାତ୍ରମାନେ ମେଧାବୀ ହେବା ସହିତ ଗୁଣବାନ ହେବାକୁ ପରାମର୍ଶ ଦେଇଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୧୧୮ଜଣ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଓ ଉପଢୌକନ ସହ ବୃତ୍ତିରାଶି ୩୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଓଷ୍ଟାର ନେତୃମଣ୍ଡଳୀ ସଞ୍ଜୟ କୁମାର ସିଂହ, ତ୍ରିଲୋଚନ ଦାଶ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଧନ୍ୟବାଦ ଦେଇଥିଲେ।

# ଜୈନ ସମାଜ ପକ୍ଷରୁ ରକ୍ତଦାନ ଶିବିର

କଟକ,୨୨।୨(କାର୍ତ୍ତିକ ସାହୁ)

ଜୈନ ସମାଜ ପକ୍ଷରୁ ରକ୍ତଦାନ ଓ ମାଗଣା ଶିଶୁ ଚିକିତ୍ସା ଶିବିର ଶହୀଦ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସେରେବ୍ରାଲ ପାଲ୍ସି (ସିପି), ଅଟିଜମ ଏବଂ ବୌଦ୍ଧିକ ଅକ୍ଷମତା (ଏମ୍‌ଆର୍) ପୀଡ଼ିତ ପିଲାମାନଙ୍କ ପାଇଁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ରୋଗୀମାନେ ଓଡ଼ିଶାର ବିଭିନ୍ନ ଜିଲା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ଆଣ୍ଡାମାନ ପ୍ରଭୃତିରୁ ମଧ ଆସିଥିଲେ। ଡା. ମନୋଜ କୁମାର ଓ ତାଙ୍କ ଚିକିତ୍ସକ ଦଳଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ, ପୁଣେ ପ୍ରଭୃତି ସହରରୁ ଆଠ ଜଣିଆ ଚିକିତ୍ସକ ଦଳ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଅତିରିକ୍ତ ଚିକିତ୍ସା ସହାୟତା ପାଇଁ ଡ. ଉଜ୍ଜ୍ୱଳ ଦାସ ଓ ତାଙ୍କ ଦଳ ମଧ ସାରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଥେରାପିଷ୍ଟମାନେ ଘରେ ରହି ଜାରି ରଖାଯାଇ ପାରୁଥିବା ଚିକିତ୍ସା ପଦ୍ଧତି, ବ୍ୟାୟାମ ଓ ଯୋଗାଯୋଗ କୌଶଳ ବିଷୟରେ ପିତାମାତାଙ୍କୁ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସିଏମ୍‌ସି ମେୟର ସୁବାସ ସିଂହଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଥେରାପି ଶିବିର ସହିତ ସେହି ସ୍ଥାନରେ କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ହୋଇଥିଲା।

# ଏନ୍‌ଏଲ୍‌ୟୁରେ ଜର୍ଣ୍ଣି ଟୁ ଦି ବେଞ୍ଚ ଆଲୋଚନାଚକ୍ର

କଟକ,୨୨।୨(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ର ରିକ୍ରୁଟମେଣ୍ଟ କୋଅର୍ଡିନେଶନ କମିଟି ଆନୁକୂଲ୍ୟରେ ଜର୍ଣ୍ଣି ଟୁ ଦି ବେଞ୍ଚ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ହାଇକୋର୍ଟ ବିଚାରପତି ଡ. ସ୍ୱର୍ଣ୍ଣ କାନ୍ତ ଶର୍ମା ବକ୍ତବ୍ୟ ପ୍ରଦାନ କରି ନିଜ କ୍ୟାରିୟରରେ ସାମ୍ନା କରିଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଏନଏଲୟୁର କୁଳପତି ପ୍ରଫେସର ବେଦ କୁମାରୀ, ଡିନ୍ ପ୍ରଫେସର ଡ. ଡୋଲି ଜବଲ, ସହଯୋଗୀ ପ୍ରଫେସର ଆର୍ଯ୍ୟଲୋପା ମିଶ୍ର ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ରିକ୍ରୁଟମେଣ୍ଟ କୋଅର୍ଡିନେଶନ କମିଟି ସଦସ୍ୟ ମନ୍ଦର ପ୍ରଖର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ରାଘବ ପୃଥି ଓ ଟିନାଶ୍ରୀ ଜେ. ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଗତ ପ୍ରଶ୍ନଗୁଡ଼ିକର ଉତ୍ତର ବିଚାରପତି ଶର୍ମା ପ୍ରଦାନ କରିଥିଲେ।




ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଅତିଥି।

# କାଠଯୋଡ଼ି ନଦୀପଠାରେ ଜବରଦଖଲକୁ ବିରୋଧ

କଟକ ସଦର,୨୨।୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆସ୍ଥିତ କାଠଯୋଡ଼ି ନଦୀପଠାରେ ଜବରଦଖଲକୁ ନେଇ ରବିବାର ଗ୍ରାମବାସୀ ବିରୋଧ କରିଥିଲେ। ନଦୀପଠାରେ କେତେଜଣ ଲୋକ ଘର କରିବା ପାଇଁ ବାଉଁଶ ପୋତିବାକୁ ଉଦ୍ୟମ କରିଥିଲେ। ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ ଓ ଝିଙ୍କିରିଆ ମାତୃଶକ୍ତିର ସଙ୍ଗଠନ ସଦସ୍ୟାଙ୍କ ମିଳିତ ଉଦ୍ୟମରେ ଜବରଦଖଲକୁ ଉଚ୍ଛେଦ କରାଯାଇଥିଲା। ୩ ମାସ ତଳେ ଝିଙ୍କିରିଆ ନଦୀପଠାରେ ସୃଷ୍ଟି ହୋଇଥିବା ରଣେଷଣ୍ଡ ବନ୍ୟ ପ୍ରକଳ୍ପରୁ କେତେ ମୂଲ୍ୟବାନ ଗଛକାଟି ସେଠାରେ ନୂତନ ଭାବେ ଗୃହ ନିର୍ମାଣ କରିଥିଲେ। ଏହାକୁ ବିରୋଧ କରି ଗ୍ରାମର ମାତୃଶକ୍ତି ଅଧୀନରେ ଥିବା ସମସ୍ତ ମହିଳା ଏବଂ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ ଆନନ୍ଦ ଦେବତା, ନରହରି ଦେବତା, ନିରଞ୍ଜନ ସାହୁ, କାହ୍ନୁ ସେଠୀ, ସୁକାନ୍ତ ଦେବତା, ଅଜୟ ଦେବତା, ଲକ୍ଷ୍ମୀଧର ସାହୁ, ଟୁଟନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମର ଅଧିକାରୀ ଚିନ୍ମୟ ଦେବତା ଓ ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦ ସମସ୍ତଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ।



ଝିଙ୍କିରିଆ ଗ୍ରାମ୍ୟ କମିଟିର ସଦସ୍ୟଗଣ ବିରୋଧ କରୁଛନ୍ତି।

# ରାଜ୍ୟ ପ୍ରଗତିରେ ନିର୍ମାଣ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ,୨୨।୨(କାର୍ତ୍ତିକ ସାହୁ)




ବିଧାୟକ ଜଣେ ମହିଳା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

କଟକ ଜିଲା ପ୍ରଶାସନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବାଲିସାହିସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ସହାୟତା ପାଇଁ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟରେ ଅଣସଙ୍ଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରାଥମିକତା ସମ୍ପର୍କରେ ଏକ ଶ୍ରମିକ ସଚେତନତା ଶିବିର ମଧ୍ୟ ଅନୁଷ୍ଠିତ ହୋଇଛି।

ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ, ରାଜ୍ୟ ପ୍ରଗତିରେ ନିର୍ମାଣ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିର୍ମାଣ ଶ୍ରମିକମାନଙ୍କ ସୁରକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ ସେଠୀ କହିଥିଲେ। ଜିଲାରେ ସମସ୍ତ ନିର୍ମାଣ ତଥା ଅଣସଙ୍ଗଠିତ ଶ୍ରମିକମାନେ ଏହି ବୋର୍ଡ ମାଧ୍ୟମରେ ସମୟ ସମୟରେ ପଞ୍ଜୀକୃତ କରିନେବା ସହ ଆବଶ୍ୟକ ସ୍ଥଳେ ଶ୍ରମିକ କାର୍ଡ ନବୀକରଣ କରିନେବା ପାଇଁ ବିଧାୟକ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ କହିଲେ, ରାଜ୍ୟରେ କଟକ ଜିଲାରେ ସର୍ବାଧିକ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି ଏବଂ ସର୍ବାଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ସରକାରୀ ଯୋଜନାଗୁଡିକ ସମସ୍ତଙ୍କ ନିକଟରେ ପହଞ୍ଚିପାରିବ ସେନେଇ ଜିଲା ପ୍ରଶାସନ ସର୍ବଦା ଚେଷ୍ଟିତ। ଏହି ଅବସରରେ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ଓ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ କଟକ ଜିଲାରେ ଶିକ୍ଷା ବୃତ୍ତି, ବିବାହ ସହାୟତା, ମୃତ୍ୟୁକାଳୀନ, ପ୍ରସୂତିକାଳୀନ ଆଦି ସହାୟତା ନିମନ୍ତେ ଏକକାଳୀନ ସର୍ବାଧିକ ୨୬ କୋଟି ୨୦ ଲକ୍ଷ ୭୮ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାରେ ଶିକ୍ଷା କ୍ଷେତ୍ରରେ ଅଧିକ ରାଶି ପ୍ରଦାନ କରାଯାଇଛି। ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇ, ସହକାରୀ ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଜି ନବନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ)

ନନ୍ଦନକାନନ ମୁଖ୍ୟଦ୍ୱାର ସମ୍ମୁଖ କାନନ କ୍ଷେତ୍ରରେ ଥିବା ସର୍ବ ପୁରାତନ ଜଗନ୍ନାଥ ମନ୍ଦିର ପୁନଃ ନିର୍ମିତ କରାଯାଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କର ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହେବ ବୋଲି ଶନିବାର ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀରେ ମନ୍ଦିର ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ପ୍ରାୟ ୩କୋଟି ଟଙ୍କା ବ୍ୟୟ ବରାଦରେ ଏହି ମନ୍ଦିର ପରିସରରେ ନିର୍ମାଣ କରାଯାଇଛି। ଏହି ଉତ୍ସବ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉତ୍ସବର ପ୍ରଥମ ଦିନରେ ୬୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ବାରଙ୍ଗ କେନାଲରୁ କଳସ ଯାତ୍ରାରେ ପାଣି ଉଠାଇ ଘଟ ସ୍ଥାପନ କରିବେ। ପ୍ରତ୍ୟେକ ସନ୍ଧ୍ୟାରେ ଅଷ୍ଟପ୍ରହର, ସଙ୍କୀର୍ତ୍ତନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ସଭାପତି ପାତ୍ର କହିଛନ୍ତି।

# ଭୁଶୁଡ଼ିଲା ନିର୍ମାଣାଧୀନ ବିଜୁ ସେତୁ

## ନିମ୍ନମାନର କାମ ଅଭିଯୋଗ

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ)



ବାରଙ୍ଗ ବ୍ଲକ ଅନ୍ତର୍ଗତ ନୂଆସାହି ଗାଁ ମୁଣ୍ଡ ପୁରୀ ମେନ୍ କେନାଲ ଉପରେ ନିର୍ମାଣାଧୀନ ବିଜୁ ସେତୁର ଗୋଟିଏ ପାର୍ଶ୍ୱ ରବିବାର ଭୁଶୁଡ଼ିପଡ଼ିଛି। ସୌଭାଗ୍ୟ ବଶତଃ ଏହି ସମୟରେ କର୍ଯ୍ୟରତ ଶ୍ରମିକ ରକ୍ଷା ପାଇଯାଇଛନ୍ତି। ଏହି ଦୁର୍ଘଟଣା ପରେ କାମ ବନ୍ଦ କରି ଦିଆଯାଇଛି। ନିମ୍ନମାନର କାମ ଯୋଗୁ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ବେଲଗଛିଆରୁ ଦାଢାପାଟଣା ପଞ୍ଚାୟତକୁ ସଂଯୋଗ କରିବା ପାଇଁ ଏହି ବ୍ରିଜ୍ ନିର୍ମାଣ କରାଯାଉଛି। ଏହାଦ୍ୱାରା ନୟାପାଟଣା, ଆମ୍ବରେଇ ଓ ମଧୁସୂଦନପୁର ଗ୍ରାମକୁ ସଂଯୋଗ ସ୍ଥାପନ ହୋଇପାରିବ। ସେଥିପାଇଁ ପୂର୍ବ ସରକାର ଅମଳରେ ଏହି ସେତୁ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ସମାପ୍ତିର ଅବଧି ଶେଷ ହୋଇଯାଇଥିଲେ ମଧ ସେତୁ ନିର୍ମାଣ କାର୍ଯ୍ୟ ଏଯାଏ ଶେଷ ହୋଇନାହିଁ। ଅପରାହ୍ନରେ ସେତୁ ଉପରେ ଢଳେଇ ପଡୁଥିବା ବେଳେ ସେତୁର ଗୋଟିଏ ପାର୍ଶ୍ୱରେ ଥିବା ଲୁହା ବାଡ଼ ସମେତ ଲୁହା ଛଡ଼ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ଉପରେ କାର୍ଯ୍ୟରତ ଶ୍ରମିକମାନେ ଭୟଭୀତ ହୋଇ ତଳକୁ ଓହ୍ଲାଇ ଆସିଥିଲେ। ଫଳରେ ଶ୍ରମିକଙ୍କ କୌଣସି କ୍ଷୟକ୍ଷତି ହୋଇ ନାହିଁ।

ସୂଚନା ଅନୁଯାୟୀ, ୨୦୨୩ ଜୁନ ୧୧ ତାରିଖରେ ଏହି ସେତୁର ଶୁଭ ଦିଆଯାଇଥିଲା। କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ କେନାଲ ଉପରେ ପ୍ରାୟ ୫ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ବିଜୁ ସେତୁକୁ ୧୫ ମାସ ମଧ୍ୟରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ସେତୁ ନିର୍ମାଣ ସରିବାର ସମୟ ସୀମା ଅତିକ୍ରାନ୍ତ ହୋଇ ୩୨ ମାସ ବିତି ଯାଇଥିଲେ ମଧ ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୋଧରେ କୌଣସି ଅଙ୍କୁଶ ଲଗାଯାଇ ନାହିଁ। ଫଳରେ ଗ୍ରାମବାସୀ ଯାତାୟତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ଗ୍ରାମର ଚାଷ ଜମି ସବୁ ପୁରୀ ମୁଖ୍ୟ କେନାଲ ଅପର ପାର୍ଶ୍ୱରେ ରହିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ସୁବୁଦ୍ଧି କହିଛନ୍ତି, ଲୁହାବାଡ଼ ବନ୍ଧା ଯାଇ ସେତୁ ଉପରେ ଢ଼ଳାଇ ପଡୁଥିବା ବେଳେ ପାର୍ଶ୍ୱରେ ରହିଥିବା ଏକ ଲୁହା ଛଡ଼ ଖସି ପଡ଼ିଥିଲା। ଫଳରେ କିଛି ସମୟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ପରବର୍ତ୍ତୀ ସମୟରେ ପୁନଶ୍ଚ କାର୍ଯ୍ୟ ଚାଲୁ ରହିବ ବୋଲି କନିଷ୍ଠ ଯନ୍ତ୍ରୀ ସୁବୁଦ୍ଧି ପ୍ରକାଶ କରିଛନ୍ତି।

# ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ: ବିଜେଡି

## ରାଜନଗର ନାବାଳିକା ଗଣବଳାତ୍କାର ପ୍ରସଙ୍ଗ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ, ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମହିଳା କମିଶନର ମିନତୀ ବେହେରା ପ୍ରମୁଖ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଟୁକୁନି ସାହୁ କହିଥିଲେ, କେନ୍ଦ୍ରାପଡ଼ାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ୫ଜଣ ଶିକ୍ଷକଙ୍କ ଦ୍ୱାରା ଗଣବଳାତ୍କାର କରାଯିବା ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି। ଦୁଃଖ ଓ ପରିତାପର ବିଷୟ, ଭାଜପା ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରି କି ସରକାରୀ ଆବାସିକ ହଷ୍ଟେଲଗୁଡ଼ିକରେ ରହୁଥିବା ନାବାଳିକା ଛାତ୍ରୀମାନେ ବଳାତ୍କାର, ନିର୍ଯାତନା ଓ ଗର୍ଭବତୀ ହେଉଥିବା ଖବର ଆସୁଛି। ଏନେଇ ବିଜେଡି ସ୍ୱର ଉତ୍ତୋଳନ କରି ଆସୁଥିଲେ ମଧ ରାଜ୍ୟ ସରକାରଙ୍କ ନିଦ୍ରାଭଙ୍ଗ ହେଉନାହିଁ। ଏହି ଅବସରରେ ମିନତୀ ବେହେରା କହିଥିଲେ, ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତମାନଙ୍କୁ ପୋଲିସ ଦ୍ୱାରା ଗିରଫ କରା ଯାଇଛି, ଏହି ନାବାଳିକା ଗଣବଳାତ୍କାର ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ୍ କୋର୍ଟରେ ଶୁଣାଣି କରାଯାଉ। ଏହି ଘଟଣାର ସବିଶେଷ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ବିଜେଡି ଦାବି କରିଛି। ଏହି ସମ୍ମିଳନୀରେ ବିଜେଡିର ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ରୀତାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ।

# ବିଜିୟୁରେ ଫାଇନାନ୍ସିଆଲ ଟେକ୍ନୋଲୋଜିରେ ଏମ୍‌ବିଏ ପାଇଁ ଆବେଦନ ଆହ୍ୱାନ



ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ରେ ଫାଇନାନ୍ସିଆଲ ଟେକ୍ନୋଲୋଜି (ଫିନ୍‌ଟେକ୍)ରେ ଏମ୍‌ବିଏ କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ (୨୦୨୬-୨୮) ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଏହି ପାଠ୍ୟକ୍ରମ ବ୍ୟାଙ୍କିଂ, ଫିନ୍‌ଟେକ୍, ପରାମର୍ଶ ଏବଂ ଡିଜିଟାଲ ଆର୍ଥିକ ସେବା କ୍ଷେତ୍ରରେ କାମ କରିପାରୁଥିବା ପ୍ରଶିକ୍ଷିତ ପେସାଦାରଙ୍କ ପ୍ରତି ବଢୁଥିବା ଶିଳ୍ପ ଚାହିଦାକୁ ପୂରଣ କରିବ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଛନ୍ତି, ଅର୍ଥ ବ୍ୟବସ୍ଥାର ଭବିଷ୍ୟତ ପ୍ରଯୁକ୍ତି, ନବୀନତା ଏବଂ ତଥ୍ୟ ଆଧାରିତ ବୁଦ୍ଧିମତ୍ତାର ସଙ୍ଗମସ୍ଥଳରେ ଅବସ୍ଥିତ। ବିର୍ଲା ସ୍କୁଲ ଅଫ୍ କମର୍ସ ବିଭାଗର ଡିନ୍ ଡ. ପ୍ରଦୀପ୍ତ କୁମାର ସାନ୍ୟାଲ କହିଛନ୍ତି, ପ୍ରଯୁକ୍ତି ସହ ଅର୍ଥ ବ୍ୟବସ୍ଥାର ଦ୍ରୁତ ପରିବର୍ତ୍ତନ ସହିତ ଶକ୍ତିଶାଳୀ ବିଶ୍ଳେଷଣାତ୍ମକ ଏବଂ ଡିଜିଟାଲ କ୍ଷମତା ସମ୍ପନ୍ନ ପେସାଦାରମାନଙ୍କ ଚାହିଦା ବଢୁଛି। ବିଜିୟୁରେ ଫାଇନାନ୍ସିଆଲ ଟେକ୍ନୋଲୋଜିରେ ଏମ୍‌ବିଏ ଛାତ୍ରୀଛାତ୍ରଙ୍କୁ ମୂଳ ଆର୍ଥିକ ପାରଦର୍ଶିତା, ତଥ୍ୟ ଆଧାରିତ ସିଦ୍ଧାନ୍ତ ଗ୍ରହଣ କୌଶଳ ଏବଂ ଉଦୟମାନ ଆର୍ଥିକ ପ୍ରଯୁକ୍ତିର ପ୍ରାୟୋଗିକ ଅନୁଭବ ସହ ପ୍ରସ୍ତୁତ କରାଯାଇଥାଏ।

# ମହିଳା ଜମାକାରୀଙ୍କ ଟଙ୍କା ଲୁଟି ପୋଷ୍ଟାଲ ଏଜେଣ୍ଟ ଗିରଫ

## ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)

ଜଣେ ମହିଳା ଜମାକାରୀଙ୍କ ଟଙ୍କା ଲୁଟିବା ଅଭିଯୋଗରେ ଜଣେ ପୋଷ୍ଟାଲ ଏଜେଣ୍ଟଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। ଅଭିଯୁକ୍ତ ଜଣଙ୍କ ହେଲେ ଜୟଦୁର୍ଗା ନଗରର ଆଶିଷ କୁମାର ଧଳ। ଅଭିଯୋଗକାରିଣୀ ମୌସୁମୀ ମିଶ୍ରଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ନେଇଛି।

ପୋଲିସ ସୂଚନା ଓ ଅଭିଯୋଗ ଅନୁଯାୟୀ, ମୌସୁମୀ ଲକ୍ଷ୍ମୀସାଗର ଉପ ଡାକଘରର ଜଣେ ଜମାକାରୀ ଥିଲେ। ଅଭିଯୁକ୍ତ ଆଶିଷ କୁମାର ଧଳ ଜଣେ ପଞ୍ଜୀକୃତ ପୋଷ୍ଟାଲ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବାବେଳେ ପୂର୍ଣ୍ଣ ଚନ୍ଦ୍ର ମହାରଣା ହେଉଛନ୍ତି ସବ-ପୋଷ୍ଟମାଷ୍ଟର। ପୂର୍ଣ୍ଣ ଚନ୍ଦ୍ର ମୌସୁମୀଙ୍କୁ ଆଶିଷ କୁମାର ଧଳଙ୍କ ସହିତ ପରିଚୟ କରାଇ ତାଙ୍କ ମାଧ୍ୟମରେ ଡାକ ଯୋଜନାରେ ନିବେଶ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୪ ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ସେମାନଙ୍କ ପରାମର୍ଶ ଅନୁଯାୟୀ ମୌସୁମୀ ମୋଟ ୫ଲକ୍ଷ ୩୦ ହଜାର ଟଙ୍କାର ଚେକ ଦେଇଥିଲେ। ଏହା ସହିତ ଆରଡି ଦେୟ ପାଇଁ ଦସ୍ତଖତ ହୋଇଥିବା ଏକ ଖାଲି ଚେକ ଦେଇଥିଲେ ଏବଂ ୟୁପିଆଇ ମାଧ୍ୟମରେ ଆଶିଷ କୁମାର ଧଳଙ୍କୁ ୬୩ ହଜାର ୩୦୦ ଟଙ୍କା ହସ୍ତାନ୍ତର କରିଥିଲେ। କିନ୍ତୁ ନିବେଶ କରିବା ପରିବର୍ତ୍ତେ ଆଶିଷ ସବ୍‌ପୋଷ୍ଟମାଷ୍ଟର ପୂର୍ଣ୍ଣ ଚନ୍ଦ୍ରଙ୍କ ସହ ଆପରାଧିକ ଷଡ଼ଯନ୍ତ୍ର କରି ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ୫ ଲକ୍ଷ ୩୦ ହଜାର ଟଙ୍କା ଓ ୧୪ ହଜାର ଟଙ୍କା ହଡ଼ପ କରିଥିଲେ। ତଦନ୍ତରୁ ଠକେଇ ଜଣାପଡିବା ପରେ ପୋଲିସ ଅଭିଯୁକ୍ତ ଆଶିଷ କୁମାର ଧଳଙ୍କୁ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ ନିକଟରୁ ଗିରଫ କରିଥିବା ବେଳେ ତାଙ୍କ ନାମରେ ପୂର୍ବରୁ ମଧ ଲକ୍ଷ୍ମୀସାଗର ଥାନାରେ ଦୁଇଟି ଠକେଇ ମାମଲା ରହିଥିବା ଜଣାପଡିଛି। ପୋଲିସ ଏହି ମାମଲାରେ ସବ୍ ପୋଷ୍ଟମାଷ୍ଟରଙ୍କ ସମ୍ପୃକ୍ତି ନେଇ ଏ ଅଧିକ ତଦନ୍ତ ଚଳାଇଛି।

# ଗୌର ମହାପାତ୍ରଙ୍କୁ 'ଶ୍ରେଷ୍ଠ ମିଡିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ୍ ଆୱାର୍ଡ'




ଭୁବନେଶ୍ୱର, ୨୨।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ରଙ୍କୁ 'ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ' ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ମିଡିଆ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପରିଚାଳନା କ୍ଷେତ୍ରରେ ଶ୍ରେଷ୍ଠ ଦକ୍ଷତା ଲାଗି ତାଙ୍କୁ ଏହି ସମ୍ମାନ ମିଳିଛି। ଏଥିପାଇଁ ସେ ଫେଡେରେଶନ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ୍ ବିଜେତା, ଉପ ବିଜେତା ଗୋଲ୍ଡେନ ୱାରିଅର

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ)

ଭାରତ ମସଲା ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରାମଦାସପୁର ଖେଳପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। କେବଳ କର୍ମକ୍ଷେତ୍ରରେ ନିଜକୁ ସୀମିତ ନରଖି ନିଜ ମଧ୍ୟରେ ଥିବା ପ୍ରତିଭାକୁ ପ୍ରଦର୍ଶିତ କରିବା ହେଉଛି ଭାରତ ମସଲାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଭା କେବଳ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟରେ ନଥାଏ ପ୍ରତିଭା ସମସ୍ତଙ୍କ ମଧ୍ୟରେ ରହିଛି। ଯାହାକୁ ପ୍ରଦର୍ଶିତ କରିବାକୁ ଭାରତ ମସଲା ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ ପଣ୍ଡା ପ୍ରୟାସ କରିଛନ୍ତି। କର୍ମଚାରୀଙ୍କ ମଧ୍ୟରେ ଥିବା ପ୍ରତିଭା ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇ ଏକ ନୂତନ ପ୍ରୟାସ ଆରମ୍ଭ କରାଯାଇଛି।

ସକାଳୁ ରାମଦାସପୁର ଖେଳପଡ଼ିଆରେ କର୍ମଚାରୀମାନଙ୍କୁ ନେଇ ଏକ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଥିଲା। ଯେଉଁଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ କୁଲ ଚ୍ୟାଲେଞ୍ଜର, ଷ୍ଟ୍ରଙ୍ଗ ଷ୍ଟ୍ରାଇକର, ଗୋଲ୍ଡେନ ୱାରିଅର, ତିଖା ଟାଇଟନସ ଆଦି ଟିମ ଭାଗ ନେଇଥିବା ବେଳେ ଏହା ୬ ଓଭର ବିଶିଷ୍ଟ ମ୍ୟାଚ୍ ହୋଇଥିଲା। ଏଥିରେ ବିଜେତା ହୋଇଥିଲେ ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ୍ ଏବଂ ଉପବିଜେତା ହୋଇଥିଲେ ଗୋଲ୍ଡେନ ୱାରିଅର। ଉଭୟ ବିଜେତା ଓ ଉପବିଜେତା ଦଳକୁ ଭାରତ ମସଲାର ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ ପଣ୍ଡା ଓ ଚେୟାରମ୍ୟାନ ସନ୍ତୋଷ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଜାରି ରହିବ ବୋଲି ଭାରତ ମସଲା ପକ୍ଷରୁ କୁହାଯାଇଛି।



ବିଜେତା ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ୍ କର୍ମକର୍ତ୍ତା ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ଖବରକାଗଜ ବିତରକ ରଞ୍ଜନ କୁମାର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



ଖବରକାଗଜ ବିତରକମାନେ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଭୁବନେଶ୍ୱର, ୨୨।୨ (ବନ୍ଦନା ସେଠୀ)

ଖବରକାଗଜ ବିତରକ ରଞ୍ଜନ କୁମାର ରାଉତଙ୍କର ୨୦ ତାରିଖ ରାତି ୧୨ଟାରେ ପରଲୋକ ହୋଇଯାଇଛି। ସେ କ୍ୟାନସରରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କର ଏଭଳି ଅକାଳ ବିୟୋଗରେ ଭୁବନେଶ୍ୱର ନିୟୁଜ୍‌ପେପର ସପ୍ଲାୟରର୍ସ ଆସୋସିଏଶନ ପକ୍ଷରୁ ରବିବାର ମାଷ୍ଟର କ୍ୟାଣ୍ଟିନ୍ ପଏଣ୍ଟରେ ସ୍ୱର୍ଗତ ରାଉତଙ୍କୁ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଭାରେ ୩ଶହରୁ ଊର୍ଦ୍ଧ୍ୱ ବିତରକ ଯୋଗଦେଇ ରଞ୍ଜନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଓଡ଼ିଶା ବ୍ରାହ୍ମଣ ମହାସଂଘ ଭୁବନେଶ୍ୱର ଶାଖା ଗଠିତ

ଭୁବନେଶ୍ୱର,୨୨।୨ (ସୌମ୍ୟରଞ୍ଜନ ରାଉତ)

ଓଡିଶା ବ୍ରାହ୍ମଣ ମହାସଂଘ ଭୁବନେଶର ଶାଖା ଗଠନ କରାଯାଇଛି। ଏନେଇ ରବିବାର ଖାରବେଳ ନଗରସ୍ଥିତ ଡିପ୍ଲୋମା ଇଞ୍ଜିନିୟର ସଭାଗୃହ ଓଡେଶା ଭବନରେ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏହି ଅବସରରେ ସର୍ବ ସମ୍ମତିକ୍ରମେ ଉପଦେଷ୍ଟା ଭାବେ ଇଂ. ଶ୍ରୀକାନ୍ତ ମହାପାତ୍ର, ଦେବେନ୍ଦ୍ରନାଥ ତ୍ରିପାଠୀ, ସମ୍ପାଦକ ଭାବେ ପରମେଶ୍ୱର ମିଶ୍ର, ଉପସଭାପତି ପଦ୍ମନାଭ ଦାଶ, ସହ ସମ୍ପାଦକ ପ୍ରଦୀପ ପାତ୍ର, ସହ ସମ୍ପାଦକ (ଅର୍ଥ) ଭାବେ ସୁବଳ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ବିରଜା ପ୍ରସାଦ ଶତପଥୀ, ପ୍ରତାପ ଚନ୍ଦ୍ର ମିଶ୍ର, ଶରତ ଚନ୍ଦ୍ର କର, ସୁନିଲ ନନ୍ଦଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଚୟନ ହୋଇଛି। ଏହି ଅବସରରେ ମହାସଂଘର ରାଷ୍ଟ୍ରୀୟ ସମ୍ପାଦକ ଜଗନ୍ନାଥ ପାଢ଼ୀ, କାର୍ଯ୍ୟକାରୀ ସମ୍ପାଦକ ରାମ ପ୍ରସାଦ ଦାଶ ବ୍ରାହ୍ମଣ ମହାସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

ODISHA

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas

G-26252/25

# ସାଧାରଣ ଲୋକଙ୍କ ଅସାଧାରଣ କାମ ଲୋକଲୋଚନକୁ ଆସୁଛି: ମନମୋହନ

## ପ୍ରଧାନମନ୍ତ୍ରୀଙ୍କ ୧୩୧ତମ 'ମନ୍ କୀ ବାତ୍'



ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦ୍ୱାରା ଦେଶର ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟ ଲୋକଲୋଚନକୁ ଆସିପାରୁଛି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି।ରବିବାର ପାଣ୍ଡରା ସାଇ ମନ୍ଦିର ପ୍ରାଙ୍ଗଣରେ ପ୍ରଧାନମନ୍ତ୍ରୀଙ୍କ ୧୩୧ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମନମୋହନ କହିଛନ୍ତି, ପ୍ରଧାନମନ୍ତ୍ରୀ ଏହା ମାଧ୍ୟମରେ ୧୪୦କୋଟି ଦେଶବାସୀଙ୍କ ମନରେ ସଚେତନତା ସୃଷ୍ଟି କରି ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛନ୍ତି। ପୂର୍ବରୁ ଅନେକ ଘଟଣା ଲୋକଲୋଚନକୁ ଆସି ପାରୁ ନ ଥିଲା। ମାତ୍ର ଏବେ ସଂସ୍କୃତିଠାରୁ ଆରମ୍ଭ କରି ଐତିହ୍ୟ, ପରମ୍ପରା ଓ ଲୋକାଲ ଫର୍ ଭୋକାଲ ଆଦି ବିଷୟକୁ ଲୋକଲୋଚନକୁ ଆଣି ପୁନର୍ଜୀବିତ କରିପାରୁଛନ୍ତି। ଓଡ଼ିଆ ପୁଅ ହିରୋଦ ପଟେଲଙ୍କ ଅତ୍ୟାଧୁନିକ କୃଷି ପ୍ରଣାଳୀ ବିଷୟରେ ଦେଶବାସୀଙ୍କୁ ଜଣାଇ ସବୁ ଓଡ଼ିଆଙ୍କୁ ମୋଦି ଗର୍ବିତ କରିଛନ୍ତି। ପଟେଲ ଏବେ ସବୁ ଯୁବବର୍ଗ ପାଇଁ ପ୍ରେରଣା ପାଲଟିଛନ୍ତି। ସେ କହିଛନ୍ତି, ହିରୋଦଙ୍କ ଅସାଧାରଣ ପ୍ରତିଭା ବିଷୟରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହି ମୋଦି ତାଙ୍କ ତ୍ୟାଗ ଓ ତପସ୍ୟାକୁ କେବଳ ସ୍ୱୀକୃତି ଦେଇନାହାନ୍ତି, ସାରା ଦେଶର ଲୋକେ ଓଡ଼ିଆ ଚାଷୀଙ୍କ ବିଷୟରେ ଅବଗତ ହୋଇପାରିଛନ୍ତି। ଏହାଦ୍ୱାରା ଯୁବବର୍ଗ ଚାଷ ପାଇଁ ମନବଳେଇବା ସହ ଚାଷ କ୍ଷେତ୍ରରେ ନିଜ ଜୀବନ ଓ ଯୌବନକୁ ସମର୍ପିତ କରିବାକୁ ଇଚ୍ଛାବ୍ୟକ୍ତ କରିବେ। ଏନେଇ ମୋଦିଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ।

ଏହି ଅବସରରେ ମୋଦି ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ବିଷୟରେ କହିବା ସହ ପ୍ରଯୁକ୍ତିବିଦ୍ୟା, ଅଙ୍ଗଦାନ ଓ ସାଇବର ଅପରାଧ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏସବୁ ବିଷୟ ଓଡ଼ିଶା ସମେତ ସାରା ଦେଶବାସୀଙ୍କୁ ପ୍ରେରଣା ଦେଇଛି ବୋଲି ସାମଲ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସରପଞ୍ଚ, ସହଯୋଗୀ କୋର୍ଟ ଚାଲାଣ

### ହାଇୱାକୁ ଗାଁ ରାସ୍ତାରେ ନ ଛାଡ଼ିବାରୁ ବଚସା ଘଟଣା

**ତିଗିରିଆ,୨୨।୨(କାଫର ଖାଁ):**

ହାଇୱା ଗାଡି ଚାଳକ ଓ ପୋଲିସ ପାଟ୍ରୋଲିଂ ଟିମ୍ ସହ ଗଣ୍ଡଗୋଳ କରିବା ସହ ହାଇୱା ଭଙ୍ଗାରୁଜା କରିବା ଘଟଣାରେ ତିଗିରିଆ ପୋଲିସ ଏହି ଥାନା ଅନ୍ତର୍ଗତ ବାଲିଫୁଟ ସରପଞ୍ଚ ରଞ୍ଜନ କୁମାର ସୂତାର ଓ ତାଙ୍କ ସହଯୋଗୀ ପ୍ରତାପ କୁମାର ବେହେରାଙ୍କୁ ଶନିବାର ବିଳମ୍ବିତ ରାତିରେ କୋର୍ଟ ଚାଲାଣ ଚାଲାଣ କରିଥିବା ଆଇଆଇସି ପ୍ରିୟଦର୍ଶିନୀ ଇପ୍ସିତା କହିଛନ୍ତି। ଶୁକ୍ରବାର ବିଚିଫୁଟ ଗ୍ରାମର ଭୂତିଆଡିହ ସାହିର ଜଣେ ବ୍ୟକ୍ତିଙ୍କ ଘରେ ବାହାଘର କାର୍ଯ୍ୟକ୍ରମ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରେ ହାଇୱା ଚଳାଚଳ ବନ୍ଦ ରଖାଯାଇଥିଲା। ମାତ୍ର ଜଣେ ହାଇୱା ଚାଳକ ଗ୍ରାମଦେଇ ଜୋରଜବରଦସ୍ତ ଗାଡ଼ି ନେଇ ଚାଲିଯିବାରୁ ଗ୍ରାମାବାସୀ ସହ ବଚସା ହୋଇଥିଲା। ଖବରପାଇ ସରପଞ୍ଚ ସୂତାର ଓ ସହଯୋଗୀ ବେହେରା ଘଟଣାସ୍ଥଳରେ ପହଞ୍ଚି ହାଇୱା ଚାଳକ ସହ ପାଟିତୁଣ୍ଡ କରିଥିଲେ। ଏନେଇ ସମ୍ପୃକ୍ତ ଚାଳକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା (ନଂ. ୪୫/୨୬) ରୁଜୁ କରାଯାଇଥିଲା। ଏହି ଘଟଣାରେ ସୂତାର ଓ ବେହେରାଙ୍କୁ ପୋଲିସ ଥାନାରେ ନେଇ ଅଟକ ରଖିଥିଲା। ଏହାପରେ ଗ୍ରାମବାସୀଙ୍କ ପକ୍ଷରୁ ବିନ୍ଧାଣିମା ବାଇପାସ ଛକ ନିକଟରେ କଟକ-ନରସିଂହପୁର ରାଜ୍ୟ ରାଜପଥ ଅବରୋଧ କରାଯିବା ସହ ଥାନାରେ ଧାରଣା ଦିଆଯାଇ ଉଭୟଙ୍କୁ ଛାଡ଼ିବାକୁ ଦାବି କରାଯାଇଥିଲା।

## ‘ଭାରତ ସ୍କାଉଟ, ଗାଇଡ୍ସର ବିଶ୍ୱ ଚିନ୍ତନ ଦିବସ’

**ବାଙ୍କୀ,୨୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବିଶ୍ୱ ସ୍କାଉଟ ଓ ଗାଇଡ୍ସର ୧୦୦ତମ ପ୍ରତିଷ୍ଠା ଦିବସ, ପ୍ରତିଷ୍ଠାତା ବିଡେନ ପାୱାଲ୍ଙ୍କ ଜନ୍ମ ଦିବସ ସହିତ ବିଶ୍ୱ ଚିନ୍ତନ ଦିବସ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ସ୍କାଉଟ ଓ ଗାଇଡ୍ସର ଓ ଶାଖା ସହଯୋଗରେ ମହାବିଦ୍ୟାଳୟ ପରିସରରେ ସ୍କାଉଟ ଓ ଗାଇଡ୍ସର ପତାକା ଉତ୍ତୋଳନ କରିବା ସହ ସଂଗୀତ ଗାନ କରାଯାଇଥିଲା। ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି ସଂସ୍ଥା ସାରା ବିଶ୍ୱରେ ସେବା ମୂଳକ କାର୍ଯ୍ୟକ୍ରମ ଜାରି ରଖିବା ପ୍ରଶଂସନୀୟ। ବିଶେଷ କରି ଭାରତ ସ୍କାଉଟ ଓ ଗାଇଡ୍ସର ଲୋକପ୍ରିୟତା ଆଜି ସର୍ବାଗ୍ରେ ରହିଛି ବୋଲି ପ୍ରାଧ୍ୟାପକ ମହାପାତ୍ର କହିଥିଲେ। ଏଥିସହିତ ଏହାର ପ୍ରତିଷ୍ଠାତା ସ୍ୱର୍ଗତ ପାୱାଲ ଓ ଲେଡି ପାୱାଲ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅଙ୍କିତ୍ କୁମାର ଜେନା ଓ ସନ୍ଦୀପ ପଣ୍ଡା ସହଯୋଗ କରିଥିଲେ।

# ଭୁଶୁଡ଼ିଲା ନିର୍ମାଣାଧୀନ ସେତୁ

## ନିମ୍ନମାନର କାମ ଅଭିଯୋଗ

**ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ):**



ବାରଙ୍ଗ ବ୍ଲକ ଅନ୍ତର୍ଗତ ନୂଆସାହି ଗାଁ ମୁଣ୍ଡ ପୁରୀ ମେନ୍ କେନାଲ ଉପରେ ନିର୍ମାଣଧିନ ବିଜୁ ସେତୁର ଗୋଟିଏ ପାର୍ଶ୍ୱ ରବିବାର ଭୁଶୁଡ଼ିପଡିଛି। ସୌଭାଗ୍ୟ ବଶତଃ ଏହି ସମୟରେ କର୍ଯ୍ୟରତ ଶ୍ରମିକ ରକ୍ଷା ପାଇଯାଇଛନ୍ତି। ଏହି ଦୁର୍ଘଟଣା ପରେ କାମ ବନ୍ଦ କରି ଦିଆଯାଇଛି। ନିମ୍ନମାନର କାମ ଯୋଗୁ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ବେଲଗଛିଆରୁ ଦାଡାପାଟଣା ପଞ୍ଚାୟତକୁ ସଂଯୋଗ କରିବା ପାଇଁ ଏହି ବ୍ରିଜ୍ ନିର୍ମାଣ କରାଯାଉଛି। ଏହାଦ୍ୱାରା ନୟାପାଟଣା, ଆମ୍ବବରେଇ ଓ ମଧୁସୂଦନପୁର ଗ୍ରାମକୁ ସଂଯୋଗ ସ୍ଥାପନ ହୋଇପାରିବ। ସେଥିପାଇଁ ପୂର୍ବ ସରକାର ଅମଳରେ ଏହି ସେତୁ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ସମାପ୍ତିର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେତୁ ନିର୍ମାଣ କାର୍ଯ୍ୟ ଏଯାଏ ଶେଷ ହୋଇନାହିଁ। ଅପରାହ୍ନରେ ସେତୁ ଉପରେ ଢଳେଇ ପଡୁଥିବା ବେଳେ ସେତୁର ଗୋଟିଏ ପାର୍ଶ୍ୱରେ ଥିବା ଲୁହା ବାଡ଼ ସମେତ ଲୁହା ଛଡ଼ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ଉପରେ କାର୍ଯ୍ୟରତ ଶ୍ରମିକମାନେ ଭୟଭୀତ ହୋଇ ତଳକୁ ଓହ୍ଲାଇ ଆସିଥିଲେ। ଫଳରେ ଶ୍ରମିକଙ୍କ କୌଣସି କ୍ଷୟକ୍ଷତି ହୋଇ ନାହିଁ।

ସୂଚନା ଅନୁଯାୟୀ, ୨୦୨୩ ଜୁନ ୧୧ ତାରିଖରେ ଏହି ସେତୁର ଶୁଭ ଦିଆଯାଇଥିଲା। କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ କେନାଲ ଉପରେ ପ୍ରାୟ ୫ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ବିଜୁ ସେତୁକୁ ୧୫ ମାସ ମଧ୍ୟରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ସେତୁ ନିର୍ମାଣ ସରିବାର ସମୟ ସୀମା ଅତିକ୍ରାନ୍ତ ହୋଇ ୩୨ ମାସ ବିତି ଯାଇଥିଲେ ମଧ ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୋଧରେ କୌଣସି ଅଙ୍କୁଶ ଲଗାଯାଇ ନାହିଁ। ଫଳରେ ଗ୍ରାମବାସୀ ଯାତାୟତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ଗ୍ରାମର ଚାଷ ଜମି ସବୁ ପୁରୀ ମୁଖ୍ୟ କେନାଲ ଅପର ପାର୍ଶ୍ୱରେ ରହିଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ସୁବୁଦ୍ଧି କହିଛନ୍ତି, ଲୁହାବାଡ଼ ବନ୍ଧା ଯାଇ ସେତୁ ଉପରେ ଢ଼ଳାଇ ପଡୁଥିବା ବେଳେ ପାର୍ଶ୍ୱରେ ରହିଥିବା ଏକ ଲୁହା ଛଡ଼ ଖସି ପଡ଼ିଥିଲା। ଫଳରେ କିଛି ସମୟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ପରବର୍ତ୍ତୀ ସମୟରେ ପୁନଶ୍ଚ କାର୍ଯ୍ୟ ଚାଲୁ ରହିବ ବୋଲି କନିଷ୍ଠ ଯନ୍ତ୍ରୀ ସୁବୁଦ୍ଧି ପ୍ରକାଶ କରିଛନ୍ତ।

## ଦେଶ ମାତୃକାର ଭାଇଚାରାଭାବ ସୃଷ୍ଟି କରେ ବନ୍ଦେ ମାତରମ୍

**ତାଳବସ୍ତ, ୨୨।୨(ସୁବ୍ରତ କୁମାର ନାୟକ):**

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ସମାରୋହ ବାଙ୍କୀ କଚେରି ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ବନ୍ଦେ ମାତରମ ଉପରେ ବ୍ଲକର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ବିଭିନ୍ନ ବିଭାଗର ପ୍ରତିଯୋଗିତା କରାଯାଇଥିବା ବିଜେତାମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଏବଂ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କଟକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା, ବନ୍ଦେ ମାତରମ୍ ପ୍ରଶିକ୍ଷକ ତଥା କଳାପଥର ଧଳାପଥର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ମମତା ଜେନା, ଆଞ୍ଚଳିକ ସାଧନାକେନ୍ଦ୍ର ସଂଯୋଜକ ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଦେଶ ମାତୃକାର ଭାଇଚାରା ଭାବ, ଦେଶ ସ୍ୱାଧୀନତା ଉପରେ ବନ୍ଦେ ମାତରମ୍‌ର ପ୍ରଭାବକୁ ଆଲୋଚନା କରିଥିଲେ। କଳାପଥର ମହାବିଦ୍ୟାଳୟ ଛାତ୍ରୀ ଇଶିତା ନନ୍ଦଙ୍କୁ ଗୀତବନ୍ଦନା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱଦେଶୀ ସଂକଳ୍ପ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜଣେ ବିଜେତାଙ୍କୁ ମୁଖ୍ୟ ଅତିଥି ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି।

# ‘ଦେଶ ତଥା ରାଜ୍ୟର ସମ୍ପଦ ବରିଷ୍ଠ ନାଗରିକ’



ଅତିଥିମାନେ ବାର୍ଷିକ ମୁଖପତ୍ର ‘ଆମେ ବରିଷ୍ଠ’କୁ ଉନ୍ମୋଚନ କରୁଛନ୍ତି।

**ବାଙ୍କୀ,୨୨।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

## ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ବାର୍ଷିକ ଉତ୍ସବ

ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘର ୧୦ମ ବାର୍ଷିକ ଉତ୍ସବ ରୁଚିକା ହାଟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଏହି ସଂଘ ଦୀର୍ଘ ୧୦ବର୍ଷ ହେଲା ବରିଷ୍ଠ ନାଗରିକମାନଙ୍କର ସମସ୍ୟା ସମାଧାନ କରିବା ସହିତ ସାଧାରଣ ଜନତାଙ୍କ ସେବାରେ କାର୍ଯ୍ୟ କରୁଥିବାରୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇ ବରିଷ୍ଠ ନାଗରିକମାନେ ଦେଶ ତଥା ରାଜ୍ୟର ସମ୍ପଦ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମାଜ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ବାଙ୍କୀ ନଗରପାଳିକା ମାଣିକ ସାହୁ, ଯୋଗ ଓ ଫିଜିଓ ଥେରାପିଷ୍ଟ ଡାକ୍ତର ସଂଗୀତା ଅଗ୍ରୱାଲା, ଯୋଗ ପ୍ରଶିକ୍ଷକ କେଦାରନାଥ ଢ଼ାଲି ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସଭାପତି ନୃସିଂହ ଚରଣ ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ବିପିନ ବିହାରୀ ମହାନ୍ତି ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଅମରେନ୍ଦ୍ର ମିଶ୍ର, ସଦାଶିବ ଦାସ, ଶ୍ରୀନିବାସ ବେହେରା, ଶାନ୍ତିଲତା ସାହୁ, ଦେବରାଜ ସାହୁ, ଲକ୍ଷ୍ମୀଧର ମୁଦୁଲି, କୁନି ଯୋଗଶିକ୍ଷୀ ତେଜସ୍ୱିନୀ ଲେଙ୍କା, ନାରାୟଣ ଦାସ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ‘ଆମେ ବରିଷ୍ଠ’କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ବଂଶୀଧର ମହାପାତ୍ର ପରିଚାଳନା କରିଥିବା ବେଳେ ସଙ୍ଗଠକ କେଶବ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଷ୍ଟ୍ରଙ୍ଗ ଷ୍ଟ୍ରାଇକ୍‌ର ବିଜେତା, ଉପ ବିଜେତା ଗୋଲ୍ଡେନ ୱାରିଅର

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ବାରଙ୍ଗ,୨୨।୨(ଲିଙ୍ଗରାଜ ରାଉତ):**

ଭାରତ ମସଲା ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ରାମଦାସପୁର ଖେଳପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। କେବଳ କର୍ମକ୍ଷେତ୍ରରେ ନିଜକୁ ସୀମିତ ନରଖି ନିଜ ମଧ୍ୟରେ ଥିବା ପ୍ରତିଭାକୁ ପ୍ରଦର୍ଶିତ କରିବା ହେଉଛି ଭାରତ ମସଲାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଭା କେବଳ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟରେ ନଥାଏ ପ୍ରତିଭା ସମସ୍ତଙ୍କ ମଧ୍ୟରେ ରହିଛି। ଯାହାକୁ ପ୍ରଦର୍ଶିତ କରିବାକୁ ଭାରତ ମସଲା ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ ପଣ୍ଡା ପ୍ରୟାସ କରିଛନ୍ତି। କର୍ମଚାରୀଙ୍କ ମଧ୍ୟରେ ଥିବା ପ୍ରତିଭା ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇ ଏକ ନୂତନ ପ୍ରୟାସ ଆରମ୍ଭ କରାଯାଇଛି।

ସକାଳୁ ରାମଦାସପୁର ଖେଳପଡ଼ିଆରେ କର୍ମଚାରୀମାନଙ୍କୁ ନେଇ ଏକ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଥିଲା। ଯେଉଁଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ କୁଲ ଚ୍ୟାଲେଞ୍ଜର, ଷ୍ଟ୍ରଙ୍ଗ ଷ୍ଟ୍ରାଇକର, ଗୋଲ୍ଡେନ ୱାରିଅର, ତିଖା ଟାଇଟନସ ଆଦି ଟିମ ଭାଗ ନେଇଥିବା ବେଳେ ଏହା ୬ ଓଭର ବିଶିଷ୍ଟ ମ୍ୟାଚ୍ ହୋଇଥିଲା। ଏଥିରେ ବିଜେତା ହୋଇଥିଲେ ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ୍ ଏବଂ ଉପବିଜେତା ହୋଇଥିଲେ ଗୋଲ୍ଡେନ ୱାରିଅର। ଉଭୟ ବିଜେତା ଓ ଉପବିଜେତା ଦଳକୁ ଭାରତ ମସଲାର ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ ପଣ୍ଡା ଓ ଚେୟାରମ୍ୟାନ ସନ୍ତୋଷ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଜାରି ରହିବ ବୋଲି ଭାରତ ମସଲା ପକ୍ଷରୁ କୁହାଯାଇଛି।

# ଏସ୍‌ପିଏଲ୍ ପ୍ରିମିୟର ଲିଗ୍ କ୍ରିକେଟ୍: ସାଇ ଏକାଦଶ ଚାମ୍ପିୟନ

**କଟକ ସଦର,୨୨।୨(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଅନ୍ତର୍ଗତ ବେଣ୍ଟକାର ଏସପିଏଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସାଇ ଏକାଦଶ ଚାମ୍ପିୟନ ହୋଇଥିବା ବେଳେ ବେଲେଶ୍ୱର ବ୍ଲାଷ୍ଟର ରନରଅପ ହୋଇଥିଲା। ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ଓ ରନରଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଣ୍ଟକାର ସମିତି ସଭ୍ୟ ବିନୋଦ ବେହେରା, ପ୍ରଫୁଲ୍ଲ ମହାପାତ୍ର, ଅଶୋକ ରାଉତରାୟ, ସର୍ବେଶ୍ୱର ପ୍ରଧାନ, ନବକିଶୋର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ୟୁନିୟନ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ନାୟକ କହିଥିଲେ।

**ସେବାୟତଙ୍କ ମନମାନି**

# ଅବହେଳିତ ଅବସ୍ଥାରେ ଶ୍ରୀ ଶୀ ତୃତୀୟାଦେବ ଜୀଉ

- ସେବା କାର୍ଯ୍ୟରୁ ନିବୃତ୍ତ ରହୁଛନ୍ତି ସେବାୟତ
- କମିଟିର ସଦସ୍ୟମାନେ ମନ୍ଦିରର ରକ୍ଷଣାବେକ୍ଷଣ ଉପରେ ଅନୁଧାନ କରୁନାହାନ୍ତି
- ସେବା କାର୍ଯ୍ୟ ପାଇଁ ସେବାକାରୀମାନଙ୍କୁ ୨୨ ବାଟି ସମ୍ପତ୍ତି ପ୍ରଦାନ କରାଯାଇଛି

**ବାଙ୍କୀ,୨୨।୨(ଶୁଭେନ୍ଦୁ ମହାପାତ୍ର )**

କଟକ ଜିଲା ବାଙ୍କୀ ଉପଖଣ୍ଡ ସରଣ୍ଡା ଗଡର ଆରାଧ୍ୟ ଦେବତା ସୁବର୍ଣ୍ଣପୁର ଗ୍ରାମରେ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ମନ୍ଦିର ରହିଛି। ଏହି ପୁରାତନ ମନ୍ଦିରରେ ସେବାୟତଙ୍କ ମନମାନି କାର୍ଯ୍ୟ ଯୋଗୁ ଶ୍ରୀଜୀଉଙ୍କ ପୂଜା କାର୍ଯ୍ୟରେ ବିଘ୍ନ ହେଉଥିବା ଚର୍ଚ୍ଚା ହେଉଛି। ଏନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଲୋକ କଥା ଅନୁଯାୟୀ, ସରଣ୍ଡାଗଡ଼ର ତତ୍କାଳୀନ ରାଜା ସୁବର୍ଣ୍ଣ କେଶରୀ ଦେବଙ୍କୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଦେବାପରେ ସୁବର୍ଣ୍ଣପୁର ଗ୍ରାମରେ ରାଜା ମନ୍ଦିର ନିର୍ମାଣ କରିଥିଲେ। ଏହାର ନାମ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ନାମ ରଖାଯାଇଥିଲା। ଏଠାରେ ପ୍ରଭୁ ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥ ପୂଜା ପାଉଛନ୍ତି। ମହାନଦୀ ନିକଟରେ ସ୍ଥାପିତ ହୋଇଥିବା ଏହି ମନ୍ଦିରରେ ଶ୍ରୀକ୍ଷେତ୍ର ପୁରୀ ମନ୍ଦିରର ଅବିକଳ ନକଲ ସଦୃଶ କାରୁକାର୍ଯ୍ୟ ହୋଇଛି। ଏଠାରେ ଶ୍ରୀ ଜୀଉଙ୍କ ସେବା ଓ ନୀତିକାର୍ଯ୍ୟ ନିମନ୍ତେ ତତ୍କାଳୀନ ରାଜା ୩୬ ପ୍ରଜାତି ନିଜୋଗୀ ନିଯୁକ୍ତ କରିଥିଲେ। ପିଢ଼ି ପରେ ପିଢ଼ି ସେମାନେ ଶ୍ରୀ ଜୀଉଙ୍କ ସେବା କାର୍ଯ୍ୟ କରି ଆସୁଥିବା ବେଳେ ଗତ କିଛି ବର୍ଷ ହେବ ଶ୍ରୀ ଜୀଉଙ୍କ ସେବା ଓ ନୀତି କାର୍ଯ୍ୟରେ ବ୍ୟାଘାତ ହେଉଛି। ଦୈନନ୍ଦିନ ନୀତିକାନ୍ତି ସେବା କାର୍ଯ୍ୟରେ ନିୟୋଜିତ ସେବାୟତଙ୍କ ମଧ୍ୟରୁ କେତେଜଣ ଟହଲ ସେବା କରୁ ନ ଥିବା ବେଳେ ବେହେରା ସେବାୟତମାନେ ଶ୍ରୀ ଜୀଉଙ୍କ ରୋଷ କାର୍ଯ୍ୟ ନିମନ୍ତେ ପାଣି ଦେଉନାହାନ୍ତି। ସେହିପରି ତୁଳାଭିଣା, ଦାନ୍ତକାଠି ସେବାୟତମାନେ ମଧ ସେବାରୁ ନିବୃତ୍ତ ରହୁଥିବାରୁ ସେବା କାର୍ଯ୍ୟରେ ବିଘ୍ନ ହେଉଥିବା କୁହାଯାଉଛି। ଶ୍ରୀ ଜୀଉଙ୍କ ରଥ ନିର୍ମାଣକାରୀ ବଢ଼େଇ, କମାର ଆଦି ସେବା କାର୍ଯ୍ୟରୁ ନିବୃତ ରହୁଥିବାରୁ ପ୍ରଭୁଙ୍କ ସେବା କାର୍ଯ୍ୟରେ ବାଧା ଉପୁଜିଛି। ଶ୍ରୀ ଜୀଉଙ୍କ ସେବାକାରୀମାନଙ୍କୁ ଚଳିବା ପାଇଁ ଓ ସେବା ମୁତାବକ କାର୍ଯ୍ୟ କରିବା ନିମନ୍ତେ ତତ୍କାଳୀନ ରାଜା ଆବଶ୍ୟକ ମୁତାବକ ଘରଡ଼ିହ, ବାରି ଓ ଚାଷ ଜମି ଏଭଳି ସମସ୍ତ ସେବାକାରୀମାନଙ୍କୁ ୨୨ ବାଟି ସମ୍ପତ୍ତି ଯୋଗାଇ ଦେଇଥିଲେ। ପିଢ଼ି ପରେ ପିଢ଼ି ସେବାକାରୀମାନେ ସେଠାରେ ସେବା କରି ଆସୁଥିବା ବେଳେ ବର୍ତ୍ତମାନ ସମୟରେ ବିଭିନ୍ନ ସେବାକାରୀ କାର୍ଯ୍ୟରୁ ନିବୃତ୍ତ ରହୁଥିବା ହେତୁ ଶ୍ରୀ ଜୀଉଙ୍କ ସେବାରେ ବିଘ୍ନ ସୃଷ୍ଟି ହେଉଛି। ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ସରକାରଙ୍କ ଦେବୋତ୍ତର ବିଭାଗ ଏହି ପୁରାତନ ମନ୍ଦିରକୁ ନିଜ ଅଧୀନକୁ ନେଇଥିଲା। ଏହାସତ୍ତ୍ୱେ ସେବାୟତଙ୍କ କାର୍ଯ୍ୟରେ ସୁଧାର ଆସୁନାହିଁ। ମନ୍ଦିରର ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ମନ୍ଦିରର ରକ୍ଷଣା ବେକ୍ଷଣ ତଦାରଖ ଓ ସୁପରିଚାଳନା ନିମନ୍ତେ ସଭାପତି ଭାବେ ବାଙ୍କୀ ତହସିଲଦାର, ଆଇନଶୃଙ୍ଖଳ ପାଇଁ ବାଙ୍କୀ ଥାନା ଆଇଆଇସି, ଆଠଗଡ଼ ରେଞ୍ଜର, ସ୍ଥାନୀୟ ସରପଞ୍ଚ ସ୍ଥାୟୀ ପଦବୀରେ ଥିବା ବେଳେ ଅସ୍ଥାୟୀ ଭାବେ ଅନ୍ୟ ଅଣସେବାକାରୀମାନେ ରହିଛନ୍ତି। କିନ୍ତୁ କମିଟିର ସଦସ୍ୟମାନେ ମନ୍ଦିରର ରକ୍ଷଣାବେକ୍ଷଣ ଉପରେ ଅନୁଧାନ କରୁ ନଥିବା ହେତୁ ଶ୍ରୀଜୀଉ ପୂଜା ଓ ନୀତିକାନ୍ତି ସେବାରୁ ବଞ୍ଚିତ ହେଉଥିବା କେତେଜଣ ପୂଜକ କହିଛନ୍ତି। ଏ ସମ୍ପର୍କରେ ଜିଲା ଦେବୋତ୍ତର ବିଭାଗ ଅତିରିକ୍ତ କମିଶନର ପ୍ରକାଶ କୁମାର କରଙ୍କୁ ପଚାରିବାରେ ଉକ୍ତ ମନ୍ଦିର ସମସ୍ୟା ସମ୍ପର୍କରେ ସେ ଅବଗତ ନାହାନ୍ତି। ପରିଦର୍ଶନ ପରେ ଆଲୋଚନା କରି ମନ୍ଦିର ଉନ୍ନତି ଓ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ।



ଶ୍ରୀଶୀ ତୃତୀୟାଦେବ ଜୀଉ ମନ୍ଦିର।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫେସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

ODISHA

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com

Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas

G-26252/25

# ହୁଳୁହୁଳା ସେତୁ ଅଧାପନ୍ତରିଆ



**କଳାପଥର, ୨୨।୨ (ଗଙ୍ଗାଧର ସାହୁ)**

ଘୋଡ଼ାବରଠାରେ ନିର୍ମାଣାଧୀନ ହୁଳୁହୁଳା ସେତୁ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ଜନସାଧାରଣ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪ ମାର୍ଚ୍ଚ ୧୬ରେ ତତ୍କାଳୀନ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ହୁଳୁହୁଳା ସେତୁ ନିର୍ମାଣ ପାଇଁ ଭୂମିପୂଜନ କରାଯାଇଥିଲା। ଏହାପରେ କେବଳ କେତୋଟି ଗାଡ଼ ଖୋଳାଯାଇ କାର୍ଯ୍ୟ ବନ୍ଦ ରହିଛି। କଟକ ଚାରବାଟିଆସ୍ଥିତ ଆର୍ ଆଣ୍ଡ ବି ଡିଭିଜନ ଚୌଦ୍ୱାର ତତ୍ତ୍ୱାବଧାନରେ କାର୍ଯ୍ୟ ହେଉଥିବାବେଳେ କାହିଁକି ଅଧାରୁ ବନ୍ଦ ରହିଲା ତାହା ବୁଝାପଡୁନାହିଁ। ହୁଳୁହୁଳା ନଦୀ ଉତ୍ତର ବାଙ୍କୀ, ତିଗିରିଆ ଓ ଆଠଗଡର ସହସ୍ରାଧିକ ଏକର ଚାଷ ଜମିକୁ ଜଳ ଯୋଗାଉଛି। ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସେତୁର ଭୂମିପୂଜା କରାଯାଇଥିଲା। ପ୍ରକଳ୍ପର ମୂଲ୍ୟ ସୂଚନା ବିନା ଫଳକ ଲଗାଯାଇଥିଲା। ବାଙ୍କୀ ବ୍ଲକର ୪ଟି ପଞ୍ଚାୟତକୁ ସଂଯୋଗ କରିବା ପାଇଁ ଏହି ସେତୁ ନିର୍ମାଣ ଲାଗି ଦାବି ହୋଇଆସୁଥିଲା। ଫଳରେ ଗତ ସରକାର ସମୟରେ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ତେବେ ପରେ ଅଧାରୁ ଅଟକି ରହିଛି। ତିନୋଟି ଯାକ ବ୍ଲକ ସଂଲଗ୍ନ ସ୍ଥଳରେ ଥିବା ଚାଷଜମିଗୁଡ଼ିକ ଅଧିକ ଉର୍ବର। ତେବେ ହୁଳୁହୁଳା ନଦୀର ବନ୍ୟାରେ ସେଗୁଡ଼ିକ ପ୍ରଭାବିତ ହେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଉଚ୍ଚତମ ସେତୁ ଓ କୃଷି ନିମନ୍ତେ ଜଳ ପରିଚାଳନା ଆବଶ୍ୟକ। ତୁରନ୍ତ ସେତୁ କାମ ସମ୍ପୂର୍ଣ୍ଣ କରାଯିବାକୁ ତ୍ରିପାନ୍ତ କୃଷକ ପରିଷଦର ସଭାପତି ବିନୋଦ ଦାଶଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। ଉଚ୍ଚତମ ସେତୁ ନିର୍ମାଣ ଦ୍ୱାରା ବନ୍ୟାକୁ ରୋକିବା ସହ ଚାଷଜମିକୁ ଜଳ ଯୋଗାଇବା ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୧୫ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ




**ଟାଙ୍ଗୀ,୨୨।୨(ରଘୁନାଥ ସାହୁ)**

## ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ପରିଦର୍ଶନ

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବରପଲ୍ଲୀସ୍ଥିତ ଅର୍ଜ୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ୧୫ଜଣ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ରବିବାର ମେଡିକାଲରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗଦୀଶ ପ୍ରସାଦ ଜେନାଙ୍କ ପରାମର୍ଶକ୍ରମେ ଜିଲା ଏପିଡେମିଓଲୋଜିଷ୍ଟ ସୁଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଇପଡ଼ା ପଞ୍ଚାୟତ ସ୍ୱାସ୍ଥ୍ୟ ଅଧିକାରିଣୀ ସୋନାଲି ଭୁଜବଳ, ଏଏନ୍‌ଏମ୍ ରଶ୍ମିତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀମାନେ ଅର୍ଜ୍ଜୁନପୁର ଓ ବରପଲ୍ଲୀ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ରକ୍ତନମୁନା ଓ କୂଅ ପାଣି ପରୀକ୍ଷା ସହ କୂଅକୁ ବ୍ଲିଚିଂ ପକାଇ ବିଶୋଧନ କରିଥିବା ଜଣାପଡ଼ିଛି। ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ୧୫ଜଣ ଛାତ୍ରୀଛାତ୍ର ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଆୟୁଷ୍ମାନ ପରିଡ଼ା ନାମକ ଛାତ୍ର ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସମସ୍ତଙ୍କ ରକ୍ତନମୁନା ପଜିଟିଭ ବାହାରିଥିବାବେଳେ ୮ଜଣ ଚିକିତ୍ସାଧୀନ ଅଛନ୍ତି। ୭ଜଣ ସୁସ୍ଥ ହୋଇ ଫେରିଆସିଥିବା ସୂଚନା ମିଳିଛି। ପରିଦର୍ଶନରେ ଆସିଥିବା ମେଡିକାଲ ଟିମ୍ ବିଦ୍ୟାଳୟରେ ପାନୀୟଜଳ ବ୍ୟବସ୍ଥା ଠିକ ଥିବା କହିଛନ୍ତି। ଅନ୍ୟପକ୍ଷରେ ଗତ ସପ୍ତାହରେ ଛାତ୍ରୀଛାତ୍ରମାନେ ବୁଲିବାକୁ ଯାଇ ଗୁପ୍‌ଚପ୍, ଦହିବରା, ବାହାର ଖାଦ୍ୟ ଏବଂ ପାଣି ବ୍ୟବହାର କରିଥିଲେ। ଏହି ବାହାର ଖାଦ୍ୟରୁ ଜଣ୍ଡିସ୍ ହୋଇଥିବା ସନ୍ଦେହ କରାଯାଉଛି। ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଜଗଦୀଶ ପ୍ରସାଦ ଜେନା କହିଛନ୍ତି, ଅବସ୍ଥା ନିୟନ୍ତ୍ରଣାଧୀନ ରହିଛି ଏବଂ ପାନୀୟଜଳର ବିଶୁଦ୍ଧତା ରିପୋର୍ଟ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ।

# ଆଦର୍ଶ ପରିବାର ସଂସ୍କୃତିର ଆଧାର

**ଖୋର୍ଦ୍ଧା,୨୨।୨(ପ୍ରଭାତ ପାଣିଗ୍ରାହୀ)**

ଭାରତୀୟ ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ସାଧୁସନ୍ଥଙ୍କ ଏହି ଦେଶ ସର୍ବଦା ନିଜର ମହାନ ପରମ୍ପରା ଓ ସଂସ୍କୃତିକୁ ନେଇ ଗର୍ବ କରି ଆସିଛି। ସାରା ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ଦେଇ ଆସୁଥିବା ଭାରତବର୍ଷର ଗୌରବମୟ ଇତିହାସ ରହିଛି। ଆଜିର ଯୁବପିଢି ନିଜର ସଂସ୍କୃତି ଓ ପରମ୍ପରା ଠାରୁ ଦୂରେଇ ଯାଉଛନ୍ତି। ପରିବାର ସେମାନଙ୍କୁ ଉଚିତ ଶିକ୍ଷା ଓ ପରାମର୍ଶ ଦେବା ଆବଶ୍ୟକ। କାରଣ ଆଦର୍ଶ ପରିବାର ହେଉଛି ସଂସ୍କୃତିର ଆଧାର ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭୁବନେଶ୍ୱର ମହାନଗର ପ୍ରଚାରକ ରାଜେଶ୍ୱର ରାଉତ କହିଛନ୍ତି।

ଆର୍‌ଏସ୍‌ଏସ୍ ଖୋର୍ଦ୍ଧା ନଗର ପକ୍ଷରୁ ଗଡ଼ଖୋର୍ଦ୍ଧାରେ ଆୟୋଜିତ ପରିବାର ବନବିହାର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଉତ କହିଲେ ଯେ, ଆଦର୍ଶ ପରିବାର ଅଭାବରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏକ ସଶକ୍ତ, ସମୃଦ୍ଧ ରାଷ୍ଟ୍ରର ପରିକଳ୍ପନା କେବଳ ଏକ ଆଦର୍ଶ ପରିବାର ଦ୍ୱାରା ସମ୍ଭବ। ଯେଉଁ ପରିବାରରେ ସମସ୍ତେ ମିଳିମିଶି ଆନନ୍ଦମୟ ପରିବେଶରେ ରୁହନ୍ତି ଓ ସମସ୍ତଙ୍କ ମଧ୍ୟରେ ସ୍ନେହ ଓ ସମ୍ମାନ ସହ ଉତ୍ତମ ବୁଝାମଣା ରହେ, ତାହାକୁ ଆଦର୍ଶ ପରିବାର ବୋଲି କୁହାଯିବ। ଘର ଏକ ମନ୍ଦିର ସଦୃଶ। ଏହାର ଭିତର ଏବଂ ବାହାର ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତା ବଜାୟ ରଖନ୍ତୁ। ଘର ଆଗରେ ଅଥବା ଅଗଣାରେ ତୁଳସୀ ଚଉଁରା ରହିଲେ ଘରେ ସାତ୍ତ୍ୱିକ ପରିବେଶ ସୃଷ୍ଟି ହୁଏ। ଠାକୁର ଘରେ ପରିବାର ସଦସ୍ୟ ଦୈନିକ ପୂଜାପାଠ ସହ ଭାଗବତ ପାଠ କରନ୍ତୁ। ବର୍ଷକୁ ଥରେ କୌଣସି ଏକ ତୀର୍ଥାଟନ ଭ୍ରମଣ କରନ୍ତୁ। ୪ ଧାମ, ୪ ବେଦ, ୫୧ ଶକ୍ତିପୀଠ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାରତୀୟ ସଂସ୍କୃତି, ପରମ୍ପରା ଆଧାର ସ୍ତମ୍ଭ। ଏହାକୁ ପରିବାର ସହ ଦର୍ଶନ କରନ୍ତୁ। ଗଠନମୂଳକ ସମାଜ ଦିଗରେ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ସହପ୍ରାନ୍ତସେବା ପ୍ରମୁଖ ବେଲେଶ୍ୱର ସାହୁ, ଜିଲା ସଂଘଚାଳକ ନିରଞ୍ଜନ ସାହୁ, ନଗର ସଂଘଚାଳକ କିଶୋର ବରାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପୁଣି ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିଡିଓ ଭାଇରାଲ୍



**ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)**

ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନର ବ୍ୟବଧାନ ପରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ମାଧ୍ୟମରେ କରାଯାଇଥିବା ଭିଡିଓ ଭାଇରାଲ୍ ହୋଇଛି। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ବେଶ ଅସନ୍ତୋଷବ୍ୟକ୍ତ କରିଛନ୍ତି।

ରବି ପ୍ରଭୁ ନାମକ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଦ୍ୱାରା କରାଯାଇଥିବା ଭିଡିଓ ଅପଲୋଡ୍ କରିଛନ୍ତି। ମାତ୍ର ୨୪ ସେକେଣ୍ଡର ଏହି ଭିଡିଓରେ ସେ ବ୍ୟକ୍ତି ଜଣକ ଡ୍ରୋନ୍ ଧରି ହାତରେ ଦେଖାଇବାର ଦୃଶ୍ୟ ରହିଛି। ଅପଲୋଡ୍ ଭିଡିଓଟି ୬ଘଣ୍ଟା ପୂର୍ବରୁ ଅପଲୋଡ୍ ହୋଇଥିବା ଜଣାପଡ଼ିଛି। ତେବେ ଭିଡିଓଟି ୬ଘଣ୍ଟା ପୂର୍ବରୁ ରବି ପ୍ରଭୁ ତାଙ୍କ ଆଇଡିରେ ଅପଲୋଡ୍ କରିଥିବା ବେଳେ ଏହି ଡ୍ରୋନ୍ ଦ୍ୱାରା କରାଯାଇଥିବା ଭିଡିଓଟି ଶ୍ରୀମନ୍ଦିର ଉପରେ କେବେ ଉଡ଼ିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଆଇନ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ହୋଇ କଡ଼ା ଦଣ୍ଡବିଧାନର ପ୍ରାବଧାନ କରାଗଲେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଏବଂ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବା ବନ୍ଦ ହୋଇପାରିବ ବୋଲି ଆଶା କରାଯାଉଛି।

ଶ୍ରୀମନ୍ଦିର ନିକଟରେ ରବିବାର ଡ୍ରୋନ୍ ଉଡ଼ିଥିବା ନେଇ ସୂଚନା ମିଳିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଯାଇ ଯାଞ୍ଚ କରିଥିଲେ। ତଦନ୍ତ ପରେ ଏହା କେବଳ ଏକ ଗୁଡ଼ି ବୋଲି ଜଣାପଡ଼ିଥିଲା।

# କେଭି ଆଇଟିବିପିରେ ସ୍କାଉଟ୍ସ ଗାଇଡ୍ସ ଚିନ୍ତନ ଦିବସ

**ଖୋର୍ଦ୍ଧା,୨୨।୨(ପ୍ରଭାତ ପାଣିଗ୍ରାହୀ)**

କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପି ଖୋର୍ଦ୍ଧା ଆନୁକୂଲ୍ୟରେ ଶନିବାର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝାଙ୍କର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଦିବସର ଆଭିମୁଖ୍ୟ ଓ ଶୃଙ୍ଖଳାଜ୍ଞାନ ସମ୍ପର୍କରେ ଆଲୋକପାତ କରିବା ସହ ଭଲ ମଣିଷ ହେବାକୁ ମାର୍ଗଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାପ୍ରତିଭା ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେନାପତି, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ନାୟକ, ବର୍ଷାରାଣୀ ସାହୁ, ଶିକ୍ଷକ ଦିଲ୍ଲୀପ ରଣା ସହଯୋଗ କରିଥିଲେ। ଛାତ୍ରୀ ପ୍ରତ୍ୟୁଷା ମୁଦୁଲି, ଦିବ୍ୟାଂଶୀ ଦଳେଇ ଓ ଅନ୍ୟମାନେ ସର୍ବଧର୍ମ ପ୍ରାର୍ଥନା ସହ ଶାନ୍ତିପାଠ କରିଥିଲେ। ବିଦ୍ୟାଳୟର କବ୍ ଓ ବୁଲ୍‌ବୁଲ୍ ସ୍କାଉଟ ଗାଇଡ୍ସଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ।

# ୨୪ରେ ଛତିଶା ନିଯୋଗ ବୈଠକ

**ପୁରୀ,୨୨।୨ (ଅଜିତ୍ କୁମାର ମହାନ୍ତି)**

## ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ନୀତି

ଆସନ୍ତା ୩ ତାରିଖ ଅର୍ଥାତ ଦୋଳପୂର୍ଣ୍ଣିମାରେ ସଂଗଠିତ ହେବ ଚନ୍ଦ୍ରଗ୍ରହଣ। ସେଥିପାଇଁ ଦିନ ବଦଳରେ ରାତିରେ ସୁନାବେଶ ଓ ଦୋଳବେଦୀରେ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତିରେ ବ୍ୟତିକ୍ରମ ଦେଖାଯିବ। ଏଥିପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ୨୪ ତାରିଖ ମଙ୍ଗଳବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇ ଚନ୍ଦ୍ରଗ୍ରହଣର ନୀତିନିର୍ଘଣ୍ଟ ଚୂଡ଼ାନ୍ତ କରାଯିବ ବୋଲି ସୂଚନା ମିଳିଛି।

ମାର୍ଚ୍ଚ ୩ ତାରିଖ ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶଥିବାରୁ ସେହି ସମୟରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ପାକତ୍ୟାଗ ଏବଂ ଦେବନୀତି ନିଷେଧ ଥିବାରୁ ପୂର୍ବଦିନ ରାତି ୩ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ। ପରେ ମଙ୍ଗଳ ଆଳତି ନୀତି ସହିତ ଅବକାଶ ନୀତି ଶେଷ ହେବା ପରେ ଦେବନୀତିକୁ ବନ୍ଦ କରାଯିବ ବୋଲି ସୂଚନା ମିଳିଛି। ଗ୍ରହଣ ସର୍ବମୋକ୍ଷ ପରେ ମହାପ୍ରଭୁଙ୍କ ସୁନାବେଶ, ଦୋଳବେଦୀକୁ ବିଜେ, ଭୋଗମଣ୍ଡପ ଆଦି ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଛତିଶାନିଯୋଗ ବୈଠକରେ ନୀତିନିର୍ଘଣ୍ଟ କରାଯିବ।

ଏନେଇ ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି, 'ଗ୍ରହଣ ସ୍ନାନନୀତି ପରେ ରୋଷହୋମ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଓ ଗ୍ରହଣ ପୂଜା ନୀତି ହୋଇ ଖଇକୋରା ଭୋଗ ଅନୁଷ୍ଠିତ ହେବ। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ଦୋଳବିମାନରେ ବିଜେ କରି ଦୋଳବେଦୀକୁ ବିଜେ କରିବେ। ସେଠାରେ ଠାକୁରଙ୍କର ତିନିଧୂପ, ରାଜନୀତି, ବନ୍ଦାପନା ସମେତ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ଯେଉଁ ଭକ୍ତମାନେ ମହାପ୍ରସାଦ ନେବାକୁ ଇଚ୍ଛା କରିବେ, ସେମାନେ ସନ୍ଧ୍ୟାରେ ସକାଳଧୂପରୁ ବାହାରିଥିବା ମହାପ୍ରସାଦ ସହ ଶୁଖିଲି ଭୋଗ ନେଇପାରିବେ। କିନ୍ତୁ ବରାଦି ଭୋଗ ବାହାରିବାରେ ଅହେତୁକ ବିଳମ୍ବ ହେବାକୁ ଥିବାରୁ ଚନ୍ଦ୍ରଗ୍ରହଣ ଦିନ ଭକ୍ତଙ୍କୁ ବରାଦି ଭୋଗ ନ ମିଳିପାରେ ବୋଲି ଆଶା କରାଯାଉଛି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ପର୍କରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫେସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

# ଟାଇବ୍ରେକରରେ ଖୋର୍ଦ୍ଧାକୁ ହରାଇ ବାଙ୍କୀ ଚାମ୍ପିୟନ

**ବାଘମାରୀ,୨୨।୨
(ମିହିର ରଞ୍ଜନ ମହାପାତ୍ର)**

## କଣ୍ଟାମଲିମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତର କଣ୍ଟାମଲିମ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗାଁ ଖେଳପଡ଼ିଆରେ ଚାଲିଥିବା ୩୧ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଏବଂ ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ସମୟସୀମା ମଧ୍ୟରେ ଖେଳ ଅମୀମାଂସିତ ରହିଥିଲା। ଶେଷରେ ରେଫରି ଟାଇବ୍ରେକରର ସହାୟତା ନେଇଥିଲେ। ବାଙ୍କୀ ୪-୨ ଗୋଲରେ ଖୋର୍ଦ୍ଧାକୁ ହରାଇ ଚାମ୍ପିୟନ ହୋଇଥିଲା। ମ୍ୟାଚରେ ସକାଓ୍ୱତ ଅଲ୍ଲୀ ଖାଁ ରେଫରି, ବିଦେଶୀ ନାୟକ, ଗିରିଶ ଚନ୍ଦ୍ର ଜାନି ଲାଇନରେ ସହାୟତା କରିଥିବାବେଳେ ୪ର୍ଥ ଅଫିସିଆଲ ଭାବେ ପ୍ରଫୁଲ୍ଲ ବେହେରା ଏବଂ ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ମିହିର ରଞ୍ଜନ ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଗ୍ରାମ୍ୟ କମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସିମୋର ସରପଞ୍ଚ ହାଡ଼ିବନ୍ଧୁ ମହାପାତ୍ର, ବୌଦ୍ଧର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା, ନାଏବ ସରପଞ୍ଚ ଉଷାରାଣୀ ମାର୍ଥା, ପୂର୍ବତନ ସମିତିସଭ୍ୟ ଶିଶିର ଆଚାର୍ଯ୍ୟ, ସାମାଜିକକର୍ମୀ ନବକିଶୋର ଖୁଣ୍ଟିଆ, ମନୋଜ କୁମାର ପ୍ରଧାନ, ଅକ୍ଷୟ କୁମାର ରାଉତରାୟ, ପ୍ରଦୀପ ବଳିୟାରସିଂ, ଚନ୍ଦ୍ରଶେଖର ପାତ୍ର, କ୍ରୀଡ଼ା ସଂଗଠକ ବିଜୟାନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ବାଙ୍କୀ ଦଳକୁ ୭ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉପଭାପତି ଅଜୟ କୁମାର ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରୀବନ୍ଧୁ ପାଇକରାୟଙ୍କ ସମେତ ଜୟଦୁର୍ଗା ଫୁଟ୍‌ବଲ କ୍ଲବର ସଦସ୍ୟ ଏବଂ ଗ୍ରାମବାସୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas

G-26252/25

**ଅନ୍ତରଙ୍ଗରେ କୃଷି କର୍ମଶାଳା**

ଅନ୍ତରଙ୍ଗ,(ମମତା ଜେନା): କାକଟପୁର କୃଷି ଓ ଉଦ୍ୟାନ ବିଭାଗ ତରଫରୁ ଉଦ୍ୟାନ ଓ କୃଷି କର୍ମଶାଳା ସ୍ଥାନୀୟ ଚନ୍ଦନ ବଜାରରେ ଅନୁଷ୍ଠିତ ହୋଇଯାଇଛି। ଆତ୍ମା କମିଟି ଅଧକ୍ଷ ରମେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଉଦ୍ୟାନ ବିଭାଗ ଅଧିକାରୀ ଶିବ ପ୍ରସାଦ ପ୍ରଧାନ, କୃଷି ବିଭାଗ ଅଧିକାରୀ ଅଙ୍କିତ ବେହେରା, ନାରାନେତ୍ରୀ ଚାରୁଲତା ଖୁଣ୍ଟିଆ, ଜୈବିକ ଓ ଉଦ୍ୟାନ ବିଭାଗର ସମୀର କୁମାର ବାରିକ, ଯୁଗଳ କିଶୋର ବାଲା, ରାକେଶ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କାକଟପୁର ବ୍ଲକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇ ନିଜ ମତ ରଖିଥିଲେ। ଛତୁ ଓ ବିଭିନ୍ନ ଚାଷ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଉଦ୍ୟାନ ବିଭାଗ ଅଧିକାରୀ ପ୍ରଧାନ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ମାନସିକ ବିକୃତ ମହିଳାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

କୋଣାର୍କ,୨୨।୨(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନସ୍ଥ ବାଙ୍ଗରଗ୍ରାମସ୍ଥିତ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁନର୍ବାସ କେନ୍ଦ୍ର ଶ୍ରଦ୍ଧାଳୟ ପରିସରରେ ପଶି ଜଣେ ଯୁବକ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ରାମଚଣ୍ଡୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପ୍ରକାଶ ଯେ, ରାମଚଣ୍ଡୀ ଥାନା ଅଧୀନସ୍ଥ ବାଙ୍ଗର-ବରପଦା ଗ୍ରାମର ହରି ନାରାୟଣ ମହାନ୍ତି ନାମକ ଜଣେ ଯୁବକ ଶନିବାର ପୁନର୍ବାସ କେନ୍ଦ୍ର ଶ୍ରଦ୍ଧାଳୟରେ ଧସେଇ ପଶିଥିଲେ। ଏହି ପୁନର୍ବାସ କେନ୍ଦ୍ରରେ ଦୀର୍ଘ ୩ବର୍ଷ ଧରି ମାନସିକ ବିଭାଗରେ ଚିକିତ୍ସିତ ହେଉଥିବା ଜଣେ ମାନସିକ ବିକୃତ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରୁଥିବା ବେଳେ ମହିଳା ଜଣକ ଚିତ୍କାର କରିବାରୁ ଅନ୍ୟ କର୍ମଚାରୀମାନେ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ଶ୍ରଦ୍ଧାଳୟ ପରିଚାଳକ ତାମ୍ବାଲି ନାୟକ ରାମଚଣ୍ଡୀ ଥାନାରେ ଏତଲା ଦେଇଛନ୍ତି। ଖବରପାଇ ରାମଚଣ୍ଡୀ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା ସଦଳବଳ ଉକ୍ତ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏ ନେଇ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ୪୦/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରହିଛି।

### ଦୟାବିହାର ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

କଣାସ,୨୨।୨(ବିଭୂତି ଭୂଷଣ ତ୍ରିପାଠୀ)

ଦୟାବିହାର ସ୍ନାତକ ମହବିଦ୍ୟାଳୟ ଚଳିତ ଶିକ୍ଷାବର୍ଷ ପାଇଁ ପୁରସ୍କାର ବିତରଣ ଉତ୍ସବ ଅଧକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ଆୟୋଜିତ ୧୨ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଇକ୍ୟୁଏସିର କୋର୍ଡିନେଟର ଅଧ୍ୟାପକ ଅଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଲିଟେରାରି ଇନ୍‌ଚାର୍ଜ ଡ. ଲକ୍ଷ୍ମୀପ୍ରିୟା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପାଠ ପଢ଼ିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଦେବଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ରକ୍ତଦାନ ସେବାରେ ସମର୍ପଣ ସମୃଦ୍ଧ, ବିକଶିତ ହେଉ

ପୁରୀ,୨୨।୨(ଅଜିତ୍ କୁମାର ମହାନ୍ତି)

ରକ୍ତଦାନ ସେବାରେ ସମର୍ପିତ ଓଡ଼ିଶାର ଅନନ୍ୟ ଅନୁଷ୍ଠାନ ସମର୍ପଣ, ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ସମୃଦ୍ଧ ଓ ବିକଶିତ ହେଉ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି। ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ସହଯୋଗରେ ସମର୍ପଣ ପକ୍ଷରୁ ରାଜ୍ୟସ୍ତରୀୟ ରକ୍ତଦାତା ସମାବେଶକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ସରକାରଙ୍କ ଉଦ୍ୟମରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ଓଡ଼ିଶାବାସୀଙ୍କ ପାଇଁ ହେଉଥିବା ଅଟଳ ରକ୍ତଦାନ ଅଭିଯାନ, ପୁରୀ ହସ୍ପିଟାଲରେ ବର୍ଣ୍ଣ ୟୁନିଟ୍ ଓ ରକ୍ତ ପୃଥକୀକରଣ ମେଶିନ୍ ସ୍ଥାପନର ପ୍ରଥମ ପ୍ରେରଣା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ।

ଅନୁଷ୍ଠାନର ସଭାପତି ଡ. ଅଭିମନ୍ୟୁ ଭୂୟାଁଙ୍କ ସଭାପତିତ୍ୱ ଓ ସମ୍ପାଦିକା ଜୟନ୍ତୀ ମହାପାତ୍ରଙ୍କ ପରିଚାଳନାରେ ସମାବେଶରେ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ଡାକ୍ତର ଅକ୍ଷୟ କୁମାର ଶତପଥୀ, ସାମାଜିକ କର୍ମୀ ବଦ୍ରି ମିଶ୍ର, ସଦାଶିବ ପରିସରର ଭାରପ୍ରାପ୍ତ ନିର୍ଦ୍ଦେଶିକା ପ୍ରଫେସର ନିର୍ମଳା ପାଣିଗ୍ରାହୀ, ଡାକ୍ତର ଅମରେନ୍ଦ୍ର ନାୟକ, ଡାକ୍ତର ସଞ୍ଜୟ କୁମାର ସାହୁ, ଡାକ୍ତର ବିମଳ କୁମାର ସାହୁ, ଶିଳ୍ପପତି ରାଜକିଶୋର ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଗୋବିନ୍ଦ ପାତ୍ର, ଶିବ ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଆବାହକ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଡ. ବିଶ୍ୱନାଥ ମିଶ୍ର, ଆମ ଓଡ଼ିଶା, ହୋପ୍ ଇଜ୍ ଲାଇଫ, ସାହିଭାଇ, ମିଶନ ଓଡ଼ିଶା, ଜୀବନ ବିନ୍ଦୁ, ସେଣ୍ଟ ଜନ୍ସ ଆମ୍ବୁଲାନ୍ସ, ଭାରତ ବିକାଶ ପରିଷଦ, କଳିଙ୍ଗ ବୈଶ୍ୟ ସଂଘ, ରୋଟାରୀ କ୍ଲବ ଅଫ୍ ଜଗନ୍ନାଥ ଧାମ, ହାପିନେସ ଫାଉଣ୍ଡେଶନ, ଦ ବେଲ୍, ଉର୍ଜାବାନ ଓଡ଼ିଶା, ଯୁବ ରେଡକ୍ରସ ଦୟା ବିହାର ସମେତ ୪୦ଟି ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ଦକ୍ଷିଣାଞ୍ଚଳ ବ୍ରହ୍ମପୁରର ଲକ୍ଷ୍ମୀନାରାୟଣ ପାତ୍ର, ଉତ୍ତରାଞ୍ଚଳ ବାରିପଦାର ନିରୋଜ କୁମାର ପୋଥାଲ, କେନ୍ଦ୍ରାଞ୍ଚଳ କଟକର ସ୍ୱପ୍ନା ଫାଉଣ୍ଡେଶନ, ପୂର୍ବାଞ୍ଚଳର ଅକ୍ଷୟ କୁମାର ମାନସିଂହ ଓ ଇତିଶ୍ରୀ ସୁନ୍ଦରାଙ୍କ ସମେତ ଓଡ଼ିଶାର ୧୦୦ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଶିବାନୀ ଭୂୟାଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରୀରେ ବର୍ଣ୍ଣ ୟୁନିଟ୍ ଓ ରକ୍ତ ପୃଥକୀକରଣ ମେଶିନ ସ୍ଥାପନ ପାଇଁ ମନ୍ତ୍ରୀଙ୍କୁ ପୁରୀବାସୀଙ୍କ ପକ୍ଷରୁ ଡ. ଅଭିମନ୍ୟୁ ଭୂୟାଁ, ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜକିଶୋର ପାତ୍ର, ଡକ୍ଟର ବିଶ୍ୱନାଥ ମିଶ୍ର, ସୌମ୍ୟରଞ୍ଜନ ପାତ୍ର ଓ ଗୋବିନ୍ଦ ପାତ୍ର ପ୍ରମୁଖ ଉପଢୌକନ ପ୍ରଦାନ କରିଥିଲେ।

## ଠାକୁରଙ୍କ ନାମରେ ଚାନ୍ଦା ଆଦାୟ, ଲୋକେ ଅତିଷ୍ଠ

କଣାସ,୨୨।୨(ବିଭୂତି ଭୂଷଣ ତ୍ରିପାଠୀ)

ଠାକୁରଙ୍କ ନାମ ଧରି ଗାଁ ଗାଁ ଓ ବଜାର ବଜାର ବୁଲି କେତେଜଣ ଲୋକ ଚାନ୍ଦା ଆଦାୟ କରୁଥିବାରୁ ଗ୍ରାମବାସୀ ଓ ଦୋକାନୀମାନେ ଚାନ୍ଦା ଦେଇ ଦେଇ ଅତିଷ୍ଠ ହୋଇ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ, ପୂର୍ବରୁ ଯେଉଁ ଗ୍ରାମରେ ନୂଆ ମନ୍ଦିର ନିର୍ମାଣ, ବାର୍ଷିକ ଯଜ୍ଞ, ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ କରିବା ପାଇଁ ରାସ୍ତା ଉପରେ ୫ରୁ ୭ ଜଣ ଠିଆ ହୋଇ ଚାନ୍ଦା କରୁଥିଲେ। ବର୍ତ୍ତମାନ ଧୀରେ ଧୀରେ କମିଯାଇ ଚାରି ଚକିଆ ଯାନ ମାଧ୍ୟମରେ ଠାକୁରଙ୍କ ନାମ ଭଜନ ବଜାଇ ଗାଡ଼ିର ଦୁଇ ପାର୍ଶ୍ୱରେ ଠାକୁରଙ୍କ ରଙ୍ଗିନ ଫଟୋ ଓ ବ୍ୟାନର ମାରି ଗାଁଗୁଡ଼ିକରୁ ଚାଉଳ, ନଡ଼ିଆ, ଧୂପକାଠି, ଟଙ୍କା ସଂଗ୍ରହ କରୁଥିବାବେଳେ ପ୍ରତ୍ୟେକ ବଜାରର ଦୋକାନୀଙ୍କ ପାଖରେ ପହଞ୍ଚି ଥାଳି ଦେଖାଇ ଅର୍ଥ ଭିକ୍ଷା କରୁଛନ୍ତି। ଏପରିକି ପ୍ରତିଦିନ ଦୂରଦୂରାନ୍ତରୁ ଦୁଇ ତିନୋଟି ଲେଖାଏ ପାଟି ଆସି ଚାଦା ଆଦାୟ କରୁଥିବାରୁ ଦୋକାନୀ ଓ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଲେଣି। ମନ୍ଦିର ନିର୍ମାଣ କରୁଥିବା ଗୋଟିଏ ଦଳକୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଦିନକୁ ୭ରୁ ୮ ହଜାର ଟଙ୍କା ଚାନ୍ଦା ଆଦାୟ ହେଉଥିବାବେଳେ ଗାଡ଼ି ଭଡ଼ା ୪ରୁ ୫ ହଜାର ଟଙ୍କା ଚାଲିଯାଉଛି। ଆଉ ଯେଉଁ ୧୦ରୁ ୧୨ ଜଣ ଆସୁଛୁ ଦିନତମାମ ସେମାନଙ୍କ ଖର୍ଚ୍ଚ ୧ରୁ ୨ ହଜାର ଟଙ୍କା ଖାଇବା ଖର୍ଚ୍ଚ ହୋଇଯାଉଛି। ମାତ୍ର ୧ ହଜାର କିମ୍ବା ୨ ହଜାର ଟଙ୍କା ବଳୁଛି। ପୂର୍ବରୁ ରାସ୍ତା ଉପରେ ଆଦାୟ କରାଯାଉଥିବାରୁ ପୋଲିସ ପକ୍ଷରୁ ଧରପଗଡ଼ କରାଯାଉଥିବାବେଳେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନ ଥିବାରୁ ଏହି ବ୍ୟାଧି ଦିନକୁ ଦିନ ବଢ଼ିବାରେ ଲାଗିଛି।

## ୧୯୭୯ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ଅନ୍ତରଙ୍ଗ,୨୨।୨(ମମତା ଜେନା)

କାକଟପୁର ବ୍ଲକ ବାଜପୁର ଭଗବତୀ ବିଦ୍ୟାପୀଠ ୧୯୭୯ ମାଟ୍ରିକ୍ ବ୍ୟାଚ୍‌ର ୪ର୍ଥ ବାର୍ଷିକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ରାମଚଣ୍ଡୀଙ୍କ ପୀଠରେ ରମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ସର୍ବପ୍ରଥମେ ସାଥୀ ପ୍ରଫୁଲ ମହାରାଜାଙ୍କ ଦ୍ୱାରା ଲିଖିତ ସ୍ୱାଗତମ ବନ୍ଦନା ଗାନ କରାଯାଇଥିଲା ଓ ପରେ ଇହଲୀଳା ସମ୍ବରଣ କରିଥିବା ବନ୍ଧୁମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଗ୍ରାମ, ପ୍ରଫୁଲ୍ଲ ଓ ମେନକା, ନାରାୟଣ ବାବୁ ସଙ୍ଗୀତ ପରିବେଷଣ କରିଥିଲେ। ଗ୍ରୁପର କାର୍ଯ୍ୟକଳାପକୁ ପରିଚାଳିତ କରିବା ପାଇଁ ଗଠିତ କମିଟିରେ ଆବାହକ ଭାବେ ରମେଶ ସାହୁଙ୍କୁ ମନୋନୟନ କରାଯାଇଥିଲା। ଅନ୍ୟ ସଦସ୍ୟ ଭାବେ ବିଚିତ୍ରା ନନ୍ଦ ପୃଷ୍ଟି, ନୀରଦ ବରନ ସାହୁ, ରମେଶ ଚନ୍ଦ୍ର ସାହୁ, ପଦ୍ମଚରଣ ସାହୁ, ସଂଗ୍ରାମ ସିଂ ସ୍ୱାଇଁ , ପ୍ରଫୁଲ୍ଲ କୁମାର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ଭିକାରୀ ଚରଣ ମିଶ୍ର, ପ୍ରହଲ୍ଲାଦ ସାହୁ, ପ୍ରଶାନ୍ତ ତ୍ରିପାଠୀ, ପ୍ରସନ୍ନ ପାତ୍ର, ଈଶ୍ୱର ଚନ୍ଦ୍ର ସାହୁ, ପ୍ରମୋଦ କିଶୋର ଦାସଙ୍କୁ ମନୋନୀତ କରାଯାଇଥିଲା।

## ମାତୃଭାଷାର ସମୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ

ସାକ୍ଷୀଗୋପାଳ,୨୨।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ବିଶ୍ୱ ମାତୃଭାଷା ଦିବସ ଶନିବାର ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବକ୍ତୃତାମାଳା ପ୍ରତିଯୋଗିତା ହୋଇଥିଲା। ଭାରପ୍ରାପ୍ତ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଆଲୋଚନାଚକ୍ରରେ ଅଧକ୍ଷତା କରି ଛାତ୍ରୀଛାତ୍ର ସର୍ବଦା ନିଜ ମାତୃଭାଷାର ସମୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ଉନ୍ନତି ପାଇଁ କାମ କରିବାକୁ କୁଳସଚିବ ରଶ୍ମିରେଖା ଦାସ ପରାମର୍ଶ ଦେବା ସହିତ ମାତୃଭାଷା ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଭାଷା ଏକ ଜାତିର ପରିଚୟ ହୋଇଥାଏ ବୋଲି କହିବା ସଙ୍ଗେ ସଙ୍ଗେ ମାତୃଭାଷାର ଲିଖନ ଅନୁବିଧି ସମ୍ପର୍କରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲିପିକା ନାୟକ, ଡ. ରାଧାଗୋବିନ୍ଦ କୁଇଲା, ଡ. ଜୟନ୍ତ ପରିଡ଼ା, ଡ. ସସ୍ମିତା ଜେନା, ଡ. ମୋନାଲି ଟ୍ୟାଙ୍ଗ, ଡ. ଶୁଭସ୍ମିତା ନାୟକ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଜଣେ ଅତିଥିଙ୍କୁ ସମ୍ମାନିତ କରାଯାଉଛି ।

## ଧନୁର୍ଦ୍ଧର ନିମାପଡ଼ା ବ୍ଲକ, ଭାଗ୍ୟଧର ଏନ୍‌ଏସି ବିଜେଡିର ନୂତନ ସଭାପତି ନିଯୁକ୍ତ

ନିମାପଡ଼ା,୨୨।୨(ବିଚିତ୍ରାନନ୍ଦ ସାହୁ)

ବିଜୁ ଜନତା ଦଳର ପୁରୀ ଜିଲାର ସମସ୍ତ ବ୍ଲକ ଓ ଏନ୍‌ଏସିର ନୂତନ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ବ୍ଲକର ନବନିଯୁକ୍ତ ସଭାପତି ଭାବେ ଦଳର ଟାଣୁଆ ବରିଷ୍ଠ ଯୁବନେତା ଭାଗ୍ୟଧର ଖଟୋଇ ଓ ଏନ୍‌ଏସିର ବରିଷ୍ଠ କାଉନ୍‌ସିଲର ଧନୁର୍ଦ୍ଧର ଦାସଙ୍କୁ ନଗରର



ଭାଗ୍ୟଧର ଖଟୋଇ



ଧନୁର୍ଦ୍ଧର ଦାସ

ସଭାପତି ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ଦଳର ରାଜ୍ୟ ଉପସଭାପତି ଦେବୀ ମିଶ୍ରଙ୍କ ଦସ୍ତଖତରେ ଶଙ୍ଖଭବନରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଜଣାପଡ଼ିଛି। ଦଳର ସୁପ୍ରିମୋ ଆମ ଉପରେ ବିଶ୍ୱାସ ଓ ଭରସା କରି ଆମକୁ ନିମାପଡ଼ାର ଦାୟିତ୍ୱ ପ୍ରଦାନ କରି ଦଳପାଇଁ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିବାରୁ ନବନିଯୁକ୍ତ ସଭାପତି ଭାଗ୍ୟଧର ଖଟୋଇ ଓ ଧନୁର୍ଦ୍ଧର ଦାସ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି।

## ଏନ୍‌ରିଚ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ହୋଇଥିବା ବ୍ୟକ୍ତି ବିଶେଷ।

ପିପିଲି,୨୨।୨(ଦୁର୍ଗାମାଧବ ମିଶ୍ର)

ମଙ୍ଗଳପୁରସ୍ଥିତ ଏନ୍‌ରିଚ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୂର୍ଯ୍ୟକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆଇଏଏସ୍ ଦାଶରଥି ଶତପଥୀ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶରତ ଚଉଁରୀ, ଶିକ୍ଷାବିତ ରଶ୍ମିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ କୋମଳମତି ପିଲାଙ୍କୁ ଜୀବନରେ ବଡ଼ ମଣିଷ ହେବା ସହ ଜଣେ ଜଣେ ଭଲ ମଣିଷ ହୋଇ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅଞ୍ଚଳର ୨୦ଜଣ ବୁଦ୍ଧିଜୀବୀ, ସଫଳ ବ୍ୟବସାୟୀ, ସାମାଜିକ କର୍ମୀଙ୍କ ସହ ସାମ୍ବାଦିକ ରଜତ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସମ୍ପାଦକ ଅସିତ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷକ ଅବଦୁଲ କାଦିର କୁରେସୀ ମଞ୍ଚ ପରିଚାଳନା କରିଥିଲେ।

### ନିମାପଡ଼ାରେ ବ୍ରାଉନସୁଗାର କାରବାର ବଢୁଛି

#### ଅବକାରୀ ବିଭାଗ ନୀରବଦ୍ରଷ୍ଟା

ନିମାପଡ଼ା,୨୨।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳରେ ବ୍ରାଉନସୁଗାର, ମଦ ଓ ଗଞ୍ଜେଇ କାରବାର ବଢିଚାଲିଛି। ଅବକାରୀ ରେଞ୍ଜ କାର୍ଯ୍ୟାଳୟ ଓ ଅବକାରୀ ଥାନା ଠାରୁ ମାତ୍ର ଅଧକିଲୋମିଟର ଦୂର କୁଶଭଦ୍ରା ନଦୀବନ୍ଧ, ଡେଲଟାଛକ, ପେଟାଘାଇ ରାସ୍ତା, ଜେଲ ଛକ, ଗୋଲେଇ ଛକ, ପାଟପୁର ନଦୀବନ୍ଧଗଡ଼ା, ଅରିଷଣ୍ଡ, ବାମଦେଇପୁର ନଦୀବନ୍ଧ ଗଡ଼ା ସମେତ ବିଭିନ୍ନ ଗ୍ରାମାଞ୍ଚଳ ଛକରେ ବ୍ରାଉନ ସୁଗାର ଓ ଗଞ୍ଜେଇ କାରବାର ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ନିଶାଦ୍ରବ୍ୟ କାରବାର ଓ ସେବନ ଯୋଗୁ ଯୁବକମାନେ ନିଶାସକ୍ତ ହୋଇ ବର୍ବାଦ ହୋଇପଡୁଛନ୍ତି। ନିମାପଡ଼ା ସହର ଏବେ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ବିଭିନ୍ନ ସମୟରେ ଅବକାରୀ ବିଭାଗ ପକ୍ଷରୁ କେବଳ ଲୋକ ଦେଖାଣିଆ ଭାବେ ଚଢ଼ାଉ କରାଯାଉଛି। ଅବକାରୀ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲାପାଳ, ଏସ୍‌ପି ପ୍ରମୁଖ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍‌ସ୍‌ପେକ୍ଟର ପ୍ରଭାକର ସେଠୀ କହିଛନ୍ତି, ନିମାପଡ଼ାରେ ବହୁଳ ଭାବେ ବ୍ରାଉନସୁଗାର କାରବାର ହେଉଥିବା ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ। କେବଳ ଦୁଇଜଣ ବ୍ୟକ୍ତି ଚୋରା ବ୍ରାଉନସୁଗାର କାରବାର କରୁଥିବା ମୋ ନଜରକୁ ଆସିଛି ଓ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

### ବାନାମ୍ବର ମହାଦେବଙ୍କ ୭ମ ବାର୍ଷିକ ଯଜ୍ଞ

ଯୋଗେଶ୍ୱରପୁର,୨୨।୨(ରଶ୍ମିରଞ୍ଜନ ସାହୁ)

ଇଶାଣପୁର ପଞ୍ଚାୟତ ଦେଉଳିଣ୍ଟି ଗ୍ରାମର ବାନାମ୍ବର ମହାଦେବଙ୍କ ସପ୍ତମ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି। ଗ୍ରାମର ମହିଳାମାନେ ରାମେଶ୍ୱର ପ୍ରାଚୀ ନଦୀତୁଠରୁ କଳସରେ ପାଣି ଆଣି ମହାଦେବଙ୍କ ପୀଠରେ ପହଞ୍ଚିଥିଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳିରେ ସ୍ଥାନୀୟ ଅଞ୍ଚଳ କମ୍ପିଉଠିଥିଲା। ଶନିବାର ଯଜ୍ଞ ଶେଷ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ଶୈବପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ,୨୨।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ବଡ଼ପୁଟ ପଞ୍ଚାୟତର ଗଡ଼ବଡ଼ପୁଟ ଗ୍ରାମର ପ୍ରସିଦ୍ଧ ଶୈବପୀଠରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶେଷ ହୋଇଛି। ଗ୍ରାମର ଶତାଧିକ ମହିଳା ରାଜୁଆ ନଦୀରେ ପୂଜାର୍ଚ୍ଚନା କରି କଳସ ବୁଡ଼ାଇ ଯଜ୍ଞସ୍ଥଳକୁ ଆସିଥିଲେ। ପଣ୍ଡିତମାନେ ବେଦମନ୍ତ୍ର ଉଚ୍ଚାରଣ କରି ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ।

## କାର୍ଯ୍ୟଦିବସରେ ପିକ୍‌ନିକ୍ ଯିବା ଘଟଣା, ୮୦ ଦିନ ପରେ ହେଲା ତଦନ୍ତ

ଯୋଗେଶ୍ୱରପୁର,୨୨।୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟଦିବସରେ ପିକ୍‌ନିକ୍ ଯିବା ଘଟଣାର ୮୦ ଦିନ ପରେ ଶିକ୍ଷାଧିକାରୀ ଅମିତା ସେନାପତି ତଦନ୍ତ କରିଛନ୍ତି। ହେଲେ ଅଭିଯୋଗକାରୀ ଅନୁପସ୍ଥିତ ଥିବା ସମୟରେ ସେ କ'ଣ ତଦନ୍ତ କଲେ ବୋଲି ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ବିଇଓଙ୍କ ଏକପାଖିଆ ତଦନ୍ତକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଗତ ଡିସେମ୍ବର ୩ କାର୍ଯ୍ୟଦିବସରେ ଶିକ୍ଷା ନିର୍ଦ୍ଦେଶିକା ଓ ଉପଜିଲାପାଳଙ୍କ ବିନାନୁମତିରେ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ, କର୍ମଚାରୀ ୬୦/୭୦ ପିଲାଙ୍କୁ ନେଇ ଯାଜପୁର ପିକ୍‌ନିକ୍ ଯାଇଥିଲେ। ଏ ସମ୍ପର୍କରେ ଜଣେ ଅଧ୍ୟାପକ ଓ ଉମାକାନ୍ତ ଭୋଇ ନାମକ ଜଣେ ଅଭିଭାବକ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକଙ୍କୁ ଅଭିଯୋଗ କରିଥିଲେ।

ଏ ସମ୍ପର୍କରେ ନିର୍ଦ୍ଦେଶିକାଙ୍କ ଚିଠି ନମ୍ବର ୧୬୪୯୩,୫।୧୨।୨୦୨୫ରେ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଳମ୍ବ ହେବାରୁ ଉମାକାନ୍ତ ଭୋଇ ପୁନର୍ବାର ନିର୍ଦ୍ଦେଶିକାଙ୍କୁ ଅଭିଯୋଗ କରିବାରୁ ନିର୍ଦ୍ଦେଶିକା ପଟ୍ଟନାୟକଙ୍କ ଚିଠି ନମ୍ବର ୧୭୧୫୭,୨୦।୧୨।୨୦୨୫ରେ ପୁଣି ତଦନ୍ତ ପାଇଁ ପୁରୀ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଦୀର୍ଘ ୮୦ ଦିନ ପରେ ନିଜେ ନ ଆସି ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପାଢ଼ୀ ଗୋପ ବ୍ଲକ ଶିକ୍ଷା ଅଧିକାରିଣୀ ଅମିତା ସେନାପତିଙ୍କୁ ତଦନ୍ତଭାର ଦେବା ପରେ ସେ ବିଦ୍ୟାଳୟକୁ ଆସି ତଦନ୍ତ କରିଛନ୍ତି। ସେହି ସମୟରେ ଅଭିଯୋଗକାରୀ ଅଧ୍ୟାପକ ଓ ଉମାକାନ୍ତ ଭୋଇ ଅନୁପସ୍ଥିତ ଥିଲେ।

ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରିଣୀଙ୍କୁ ଫୋନ୍ ଯୋଗେ ପଚାରିବାରେ ସେ କହିଥିଲେ, ଅଭିଯୋଗକାରୀ କେହି ଆସିନାହାନ୍ତି, ମୁଁ ଯାହା ପଚାରି ବୁଝିଲି ସେହି ଆଧାରରେ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେବି। ସୁପ୍ରିମକୋର୍ଟ ନିୟମ ଅନୁସାରେ 'ନୋ ୱାର୍କ, ନୋ ପେ' ନିର୍ଦ୍ଦେଶ ଥିବାବେଳେ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଓ କର୍ମଚାରୀମାନେ କାର୍ଯ୍ୟଦିବସରେ ପିକ୍‌ନିକ୍ ଯାଇ ସେଦିନ ଦରମା କିପରି ପାଇଲେ ସେ ସମ୍ପର୍କରେ ଶିକ୍ଷା ନିର୍ଦ୍ଦେଶିକା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଜାଣିନାହିଁ। ଘଟଣାର ତଦନ୍ତ କରାଯିବ।


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ୍‌ରମାନଙ୍କୁ ୱେବସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫେସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡ଼ା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

ODISHA

**STATE POLLUTION CONTROL BOARD, ODISHA**

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]

Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012

EPABX : 2653800, E-mail : paribesh1@ospcboard.org, Website : www.ospcboard.org

No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

G-26252/25

Sd./- Executive Engineer,
P.W.D. Division Dewas






ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ବିକ୍ରି ହେଉଥିବା ହାତ ତିଆରି ଜିନିଷ ଓ କଳାକୃତି।

# ମନଜିଣୁଛି ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀର ସମ୍ଭାର




ତୋଷାଳି ମେଳାର ଏକ ଷ୍ଟଲ୍‌ରେ ବରେହି ପାଣି ବିକ୍ରି ହେଉଛି।

ଭୁବନେଶ୍ୱର,୨୨।୨
(ସୌମ୍ୟରଞ୍ଜନ ରାଉତ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜନତା ମଇଦାନରେ ଚାଲିଛି ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରି ହେଉଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ରାଜ୍ୟର ପ୍ରସିଦ୍ଧ ଖାଦ୍ୟର ପସରା ମେଲିଛି ସ୍ୱଦେଶୀ ହାତ ତିଆରି ଜିନିଷ କିଣିବା ସହ ମନୋରଞ୍ଜନ ଓ ସୁଆଦିଆ ଖାଦ୍ୟ ଖାଇବାକୁ ପ୍ରତିଦିନ ଲୋକଙ୍କ ଭିଡ଼ ଜମୁଛି। ମେଳାର ୯ମ ଦିନ ରବିବାର ଛୁଟିଦିନ ହୋଇଥିବାରୁ ପ୍ରବଳ ଗହଳି ହୋଇଥିଲା। ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଲୋକଙ୍କ ସୁଅ ଛୁଟିଥିଲା। ପରିବାର ସହ ଏକାଠି ବୁଲାବୁଲି ଓ କିଣାକିଣି କରିବାର ସୁଯୋଗକୁ ସହରବାସୀ ହାତଛଡ଼ା କରି ନ ଥିଲେ। ସନ୍ଧ୍ୟାରେ ପୂରା ମେଳା ଅଞ୍ଚଳ ଆଲୋକରେ ଝଲସିବା ସହ ଜନଗହଳିରେ ଉତ୍ସବମୁଖର ହୋଇ ଉଠୁଛି।

**ଜମୁଛି ତୋଷାଳି ସ୍ୱଦେଶୀ ମେଳା**

ମେଳାରେ ୯୦୫ଟି ଷ୍ଟଲ୍ ରହିଛି। ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପ୍ରାୟୋଜିତରେ ବିଭିନ୍ନ ରାଜ୍ୟରୁ ୧୫୦ଟି ଷ୍ଟଲରେ ହସ୍ତଶିଳ୍ପ କାରିଗର ଏବଂ ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୫୦ ଷ୍ଟଲ୍‌ରେ ବୁଣାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରୁଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟଙ୍କ ପ୍ରଯୋଜନାରେ ୨୮୧ଜଣ କାରିଗର ଓ ୧୫୦ ଜଣ ବୁଣାକାର ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବର୍ଗର ଉତ୍ପାଦ ୨ଶହ ଷ୍ଟଲରେ ଉପଲବ୍ଧ ରହିଛି। ଅନ୍ୟପକ୍ଷେ ଦର୍ଶକମାନେ ସ୍ୱଦେଶୀ ଖାଦ୍ୟର ସ୍ୱାଦ ଚାଖିବାକୁ ୬୦ଟି ଷ୍ଟଲରେ ଖାଦ୍ୟର ପସରା ମେଲିଛି। ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ରେଶମ ଓଡ଼ିଶା, ଉତ୍କଳିକା ୪ଟି ଷ୍ଟଲରେ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରୁଛନ୍ତି। ଓଡ଼ିଶାର ପ୍ରାଚୀନ କଳା ଓ ସ୍ଥାପତ୍ୟର ପରିଚୟ ମୁଗୁନି ପଥରରେ ତିଆରି ବିଭିନ୍ନ ପ୍ରକାରର ବାସନ, ଛୋଟ ଛୋଟ ଖାଦ୍ୟ ପାତ୍ର, ହେମଦସ୍ତା ଆଦି ବିଭିନ୍ନ ପ୍ରକାରର ଘର କରଣା ସାମଗ୍ରୀ ରହିଛି। ଏଥିସହିତ ମୁଗୁନି ପଥର ତିଆରି ମୂର୍ତ୍ତି ଗୁଡିକ ମଧ୍ୟ ଖୁବ୍ ଆକର୍ଷଣୀୟ ହୋଇଛି।

## ବରେହି ପାଣି, ମୁଢ଼ି ମାଂସ

ତୋଷାଳି ମେଳାରେ ମୟୂରଭଞ୍ଜରରୁ ଆସିଥିବା ଦେବଶ୍ରୀଙ୍କ ଷ୍ଟଲ୍‌ରେ ମିଳୁଛି ମୁଢ଼ି ମାଂସ, ମାଂସ ପିଠା, ମାଣ୍ଡିଆ କଙ୍କଡ଼ା, ବତକ ମାଂସ ଓ ଜଳ ଘଣ୍ଟେଇ ସାଙ୍ଗକୁ ବିଭିନ୍ନ ପ୍ରକାରର ସ୍ୱଦେଶୀ ଖାଦ୍ୟ। ଏହାର ମୂଲ୍ୟ ୩୦ରୁ ଆରମ୍ଭ କରି ୨୩୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଠାରେ ବିଶେଷ ଆକର୍ଷଣ ରହିଛି ବରେହି ପାଣି। ଏନେଇ ଦେବଶ୍ରୀ କୁହନ୍ତି, ବରେହି ପାଣି ଦେଶୀ ନାଲି ମୁଗେଇ ଚାଉଳରେ ତିଆରି। ଦେଶୀ ନାଲି ଭାତ ତୋରାଣି, ବଣ ଅଁଳା, ଅଦା, ପୁଦିନା ଆଦି ଅନେକ ଦେଶୀ ଜିନିଷର ମିଶ୍ରଣରେ ଏହାକୁ ପ୍ରସ୍ତୁତ କରାଯାଉଛି। ଲୋକଙ୍କୁ ବହୁତ ଭଲ ଲାଗୁଛି ଥିବାରୁ ଖରା ସମୟରେ ଏହି ସ୍ୱାସ୍ଥ୍ୟ ଉପଯୋଗୀ ପାନୀୟର ଚାହିଦା ବହୁତ ଅଧିକ ରହୁଛି। ଗୋଟେ ଗ୍ଲାସ୍‌କୁ ୨୦ ଟଙ୍କା ରହିଛି। ଦାମ୍ କମ୍‌ରେ ସ୍ୱାସ୍ଥ୍ୟପ୍ରଦ ପାନୀୟ ପିଇବାକୁ ଭିଡ଼ ଲାଗୁଛି।

## ଗୃହ ଉପକରଣ କିଣିବାକୁ ଭିଡ଼

ନଡିଆ କତାରେ ହରିଣ, ଜିରାଫ, ଘୋଡ଼ା, ହାତୀ ଭଳି ପଶୁପକ୍ଷୀ। ସବାଇଘାସରୁ ପ୍ରସ୍ତୁତ ଚାଙ୍ଗୁଡ଼ା, ପାଛିଆ, ଫୁଲଦାନୀ। ପଥରରେ ନିର୍ମିତ ଦେବୀ ଦେବାତାଙ୍କ ପ୍ରତିମୂର୍ତ୍ତି, ଶିଳ, ଚକି, ହେମଦସ୍ତା। ତୋଷାଳି ମେଳାରେ ପ୍ରଦର୍ଶିତ ଏହିସବୁ ଗୃହ ଉପକରଣ ସାମଗ୍ରୀ କିଣିବାକୁ ଷ୍ଟଲ୍‌ଗୁଡିକରେ ଅଧିକ ଭିଡ ହେଉଛି। ସେହିପରି ମାଟିରେ ପ୍ରସ୍ତୁତ ସାମଗ୍ରୀ ଓ ପଟ୍ଟଚିତ୍ରର ମଧ୍ୟ ଚାହିଦା ରହୁଛି। ଏସବୁ ସାମଗ୍ରୀର ମୂଲ୍ୟ ୫୦ ଟଙ୍କାରୁ ନେଇ ୧ହଜାର ଟଙ୍କା ଭିତରେ ରହିଛି।

# ଦୋଳପୂର୍ଣ୍ଣିମାରେ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ

ଭୁବନେଶ୍ୱର, ୨୨।୨ (ବନ୍ଦନା ସେଠୀ)

**ସୂର୍ଯ୍ୟୋଦୟରୁ ପାକତ୍ୟାଗ**

**ଅପରାହ୍ନ ୩ଟା ୨୦ରୁ ଗ୍ରହଣ ଆରମ୍ଭ, ୬ଟା ୪୭ରେ ସର୍ବମୋକ୍ଷ**

ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମାର୍ଚ୍ଚ ୩ ଦୋଳ ପୂର୍ଣ୍ଣିମାରେ ସଙ୍ଗଠିତ ହେବ। ଅପରାହ୍ନ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ ରହିବ। ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସ୍ପଷ୍ଟ ଦୃଶ୍ୟମାନ ହେବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଗ୍ରହଣ ଆରମ୍ଭର ୯ଘଣ୍ଟା ପୂର୍ବରୁ ଘାତ କାଳ ଆରମ୍ଭ ହୁଏ। ସେହି ଅନୁସାରେ ୩ ତାରିଖ ସକାଳ ୬ଟା ୨୦ରୁ ଘାତ ସମୟ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬ଟା ୪୬ ମିନିଟ ପର୍ଯ୍ୟନ୍ତ ରହିବ। ତେଣୁ ସୂର୍ଯ୍ୟୋଦୟରୁ ହିଁ ପାକତ୍ୟାଗ ହେବ। ଏହି ସମୟରେ ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ କରିବା ଅନୁଚିତ ବୋଲି ଶାସ୍ତ୍ରୀୟ ମାନ୍ୟତା ରହିଥିବା ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର କହିଛନ୍ତି।

ଚଳିତ ବର୍ଷ ୨ଟି ଚନ୍ଦ୍ର ଗ୍ରହଣ ଓ ଦୁଇଟି ସୂର୍ଯ୍ୟୋପରାଗ ଦେଖାଯିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚନ୍ଦ୍ର ଗ୍ରହଣ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ସହଜରେ ଦେଖିହେବ। ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ ବୋଲି ସେ କହିଛନ୍ତି।



ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୮ତମ କଳିଙ୍ଗ ନାଟ୍ୟ ମହୋତ୍ସବର ରବିବାର ସନ୍ଧ୍ୟାରେ ଉତ୍ତରପ୍ରଦେଶ ଲକ୍ଷ୍ନୌସ୍ଥିତ ଭରତେନ୍ଦୁ ନାଟ୍ୟ ଏକାଡେମୀର କଳାକାରଙ୍କ ପକ୍ଷରୁ ମଞ୍ଚସ୍ଥ ହିନ୍ଦୀ ନାଟକ 'ଅବ୍ ନା ବନେଗି ଦେହରି'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

# ଆଜିଠୁ ୨ଦିନ ହାଲୁକା ବର୍ଷା



ଭୁବନେଶ୍ୱର, ୨୨।୨
(ବନ୍ଦନା ସେଠୀ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାସହ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହା ପ୍ରଥମେ ପଶ୍ଚିମ-ଉତ୍ତରପଶ୍ଚିମ ଓ ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଉତ୍ତର-ପୂର୍ବ ଆଡକୁ ଗତି କରିବ। ଏହା ପ୍ରଭାବରେ ସୋମବାର ଓ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ହେବା ସହିତ ପାଗ ମୁଖ୍ୟତଃ ମେଘୁଆ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ସୋମବାର ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କଟକ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଯାଜପୁର ଏବଂ କଳାହାଣ୍ଡି ଜିଲାରେ ହାଲୁକା ବର୍ଷା ହେବା ନେଇ ଆକଳନ କରାଯାଇଛି। ତେବେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାକୁ ଘଡ଼ଘଡି ବର୍ଷା ସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ମଧ୍ୟ ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଗତ ୨୪ଘଣ୍ଟାରେ ରାଜ୍ୟର ୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଏବଂ ତା'ଠାରୁ କମ୍ ରେକର୍ଡ କରାଯାଇଛି। ପାହାଡିଆ ଅଞ୍ଚଳ ଭାବେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ, ସେମିଳିଗୁଡାରେ ୧୩.୧ ଡିଗ୍ରୀ ଏବଂ ସମତଳ ଅଞ୍ଚଳ ଭାବେ ଫୁଲବାଣୀରେ ୧୪ଡିଗ୍ରୀ ରହିଥିଲା। ସେହିପରି ରାଜ୍ୟର ୫ଟି ସ୍ଥାନରେ ସର୍ବାଧିକ ତାପମାତ୍ରା ବା ଦିନ ତାପମାତ୍ରା ୩୫ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରେକର୍ଡ ହୋଇଛି। ପାରଳାଖେମୁଣ୍ଡିଠାରେ ସର୍ବାଧିକ ୩୬.୨ଡିଗ୍ରୀ ତାପମାତ୍ରା ରହିଥିଲା। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କରଡ଼ା ଜଙ୍ଗଲରେ ପୋଲିସ-ମାଓବାଦୀ ମୁହାଁମୁହିଁ

ଭୁବନେଶ୍ୱର/ଫୁଲବାଣୀ/ରାଇକିଆ, ୨୨।୨(ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ/ପ୍ରଦୀପ ବେହେରା)

**ପୋଲିସ ଗୁଳିରେ ୨ ଛତିଶଗଡ଼ୀ ମାଓବାଦୀଙ୍କ ମୃତ୍ୟୁ**

- ଏକେ-୪୭, ଗୋଟିଏ ଏସ୍‌ଏଲ୍‌ଆର୍ ଜବତ
- ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଲେ ଏସ୍‌ପି

କନ୍ଧମାଳ ଜିଲା ରାଇକିଆ ଥାନା କରଡ଼ା ପଞ୍ଚାୟତର ନୀଟିବାଡ଼ି ଘଞ୍ଚ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଛି। ଦୀର୍ଘ ସମୟ ଗୁଳି ବିନିମୟ ପରେ ୨ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ମୃତ ମାଓବାଦୀ ହେଲେ ଜାଗେସ ଓ ମହିଳା କ୍ୟାଡର ହେଲେ ରତ୍ନା। ଉଭୟଙ୍କ ମୁଣ୍ଡରେ ୨୭.୫ ଲକ୍ଷର ପୁରସ୍କାର ରାଶି ରହିଛି। ଜାଗେସ କେକେବିଏନ୍ ସଙ୍ଗଠନର ଏରିଆ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିବା ବେଳେ ରତ୍ନା ପାର୍ଟି ମେମ୍ବର ଥିଲେ। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଏକେ-୪୭ ଓ ଏକ ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ କରିଛି। ସେମାନଙ୍କ ଘର ଛତିଶଗଡ଼ରେ ହୋଇଥିବା ପୋଲିସ କହିଛି। ଏହି ଗୁଳି ବିନିମୟରେ ଏକାଧିକ ମାଓବାଦୀ ଆହତ ହୋଇ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବଡ଼ ସର୍ଚ୍ଚ ଅପରେଶନ କରାଯାଉଛି।

ଛତିଶଗଡ଼ରେ ବଡ଼ ଧରଣର ସର୍ଚ୍ଚ ଅପରେଶନ କରାଯାଉଥିବାରୁ ସେଠାକାର ମାଓବାଦୀମାନେ କନ୍ଧମାଳ ଜଙ୍ଗଲକୁ ଚାଲିଆସି ଲୁଚି ରହୁଛନ୍ତି। ମାଓବାଦୀ ସଙ୍ଗଠନ କେକେବିଏନ୍ ଡିଭିଜନ ଅଷ୍ଟମ ବାଟାଲିଅନର ଏକ କ୍ୟାମ୍ପ ସେହି ଜଙ୍ଗଲରେ ଚାଲିଥିବା ନେଇ ଗୋଇନ୍ଦା ସୂଚନା ମିଳିଥିଲା। ତୁରନ୍ତ ପୋଲିସ ପକ୍ଷରୁ ସାଟେଲାଇଟ୍ ଇମେଜ୍ ଯାଞ୍ଚ କରାଯିବା ପରେ ସେଠାରେ ୨୦ରୁ ଅଧିକ ମାଓବାଦୀ କ୍ୟାମ୍ପ କରୁଥିବା ଜଣାପଡ଼ିଥିଲା। ମାଓବାଦୀଙ୍କ ବିଷୟରେ ପୂରା ତଥ୍ୟ ଆସିବା ପରେ ଗତ ୨୦ ତାରିଖରୁ କନ୍ଧମାଳ ପୋଲିସର ଏସ୍‌ଓଜି ଟିମ୍ ସେହି ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲା। ରବିବାର କରଡ଼ା ପଞ୍ଚାୟତ ନୀଟିବାଡ଼ି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଯବାନ ସର୍ଚ୍ଚ ଅପରେଶନ କରୁଥିବାବେଳେ ମାଓବାଦୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ।

କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି, ଏବେବି ମାଓବାଦୀଙ୍କ ପାଖରେ ସମୟ ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ସେମାନେ ବନ୍ଧୁକ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ। ସରକାର ଏବଂ ପ୍ରଶାସନର ବିକାଶରେ ଭାଗୀଦାରି ହୁଅନ୍ତୁ। ପୋଲିସ ସବୁ ସହଯୋଗ କରିବ। ଆମେ ଜାରି କରିଥିବା ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କଲେ ଆତ୍ମସମର୍ପଣ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଏଭଳି ଜଙ୍ଗଲରେ ଲୁଚି ରହି ହିଂସା ଭିଆଇଲେ ପୋଲିସ ଛାଡ଼ିବ ନାହିଁ। କରଡ଼ା ଜଙ୍ଗଲରେ ଛତିଶଗଡ଼ୀ ମାଓବାଦୀ ଲୁଚିଥିବା ଆମେ ଗୋଇନ୍ଦା ଖବର ପାଇଥିଲୁ। ଆମେ ସର୍ଚ୍ଚ କରିବା ସମୟରେ ସେମାନେ ଗୁଳି ଚାଳନା କରିଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚାଳନା କରିବା ପରେ ୨ ମାଓବାଦୀ ନିହତ ହୋଇଥିବା ସେ ସୂଚନା ଦେଇଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାର୍ତ୍ତିକ



@ ସଞ୍ଜିତ୍



@ ସୁଧାଂଶୁ



@ ସୁଶୀଳ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୧ ଡିଗ୍ରୀ କଲେଜ, ୧ ବିଶ୍ୱବିଦ୍ୟାଳୟକୁ ୧.୭୩ କୋଟି

ଭୁବନେଶ୍ୱର,୨୨।୨
(ଅନୁରାଧା ମହାରଣା)

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ 'ଆମ ଗୌରବ ଆମ କଲେଜ' ଯୋଜନା ଅଧୀନରେ ରାଜ୍ୟର ୧୧ଟି ଡିଗ୍ରୀ କଲେଜ ଏବଂ ଗୋଟିଏ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୧.୭୩ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଏହି ଅନୁଦାନ ସହାୟତାରେ ଉପକୃତ ହେବାକୁ ଯାଉଥିବା ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ହେଲା କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ବୀରେନ ମିତ୍ର ସ୍ମୃତି ମହିଳା ଡିଗ୍ରୀ କଲେଜ, ବଲାଙ୍ଗୀରର ଆଗଲପୁର ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ବରଗଡ଼ର ବିଜେପୁର ଡିଗ୍ରୀ କଲେଜ, କଟକ ଜିଲାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ଦେବଗଡ଼ ଜିଲାର ପଞ୍ଚାୟତ ଡିଗ୍ରୀ କଲେଜ କଲ୍ଲା, ଢେଙ୍କାନାଳ ଜିଲାର ହିନ୍ଦୋଳ ଡିଗ୍ରୀ କଲେଜ, ମହିମା ଡିଗ୍ରୀ କଲେଜ, ଗଞ୍ଜାମ ଜିଲାର ବେଲଗୁଣ୍ଠା ସାଇନ୍ସ ଡିଗ୍ରୀ କଲେଜ, ସମ୍ବଲପୁର ଜିଲାର ନାକଟିଦେଉଳ ଡିଗ୍ରୀ କଲେଜ, ସରକାରୀ ସ୍ୱୟଂଶାସିତ କଲେଜ ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାର ଯଶୋଦା ବିଷ୍ଣୁ କଲେଜ। ଲାଇବ୍ରେରୀ ସମ୍ପଦକୁ ସୁଦୃଢ଼ କରିବା, ଲାବୋରେଟୋରୀ ନିର୍ମାଣ, କ୍ରୀଡ଼ା ଏବଂ ଶୈକ୍ଷିକ କମ୍ପ୍ଲେକ୍ସ ନିର୍ମାଣ, ୱାଇ-ଫାଇ ସଂଯୋଗ ସ୍ଥାପନ, ସିସିଟିଭି ନିରାପତ୍ତା ବ୍ୟବସ୍ଥା ଆଦି ବିକାଶମୂଳକ କାର୍ଯ୍ୟ ପାଇଁ ଏହି ଅର୍ଥ ବ୍ୟବହାର କରାଯିବ। ଏହାଦ୍ୱାରା ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଭଲ ଶିକ୍ଷା ପରିବେଶ ମିଳିବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଉଛି।

# ବଡ଼ବାବୁ ବୋଲି ଚପାଇଦେବାକୁ ଚର୍ଚ୍ଚା

## ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)

ଆୟକର ଭବନରେ ଜିଏସ୍‌ଟି ଯୁଗ୍ମ କମିଶନର ଭାବେ କାର୍ଯ୍ୟରତ ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସରଙ୍କ ବିରୋଧରେ ଆସିଛି ବଳାତ୍କାର ଅଭିଯୋଗ। ଭୁବନେଶ୍ୱର ସତ୍‌ସଙ୍ଗ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଘଟିଛି ଏହି ଅମାନୁଷିକ କାଣ୍ଡ। ଶହୀଦନଗର ଥାନା ପୋଲିସ କେସ୍ ନଂ.୧୦୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଯୁବତୀଙ୍କୁ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରିଛି ପୋଲିସ। ଏଥିସହ ଯୁବତୀ ଓ ତାଙ୍କର ୩ଜଣ ସମ୍ପର୍କୀୟଙ୍କୁ ପଚରାଉଚରା କରିବା ସହ ପୀଡ଼ିତାଙ୍କ ଫୋନ୍‌କୁ ରଖି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ଗତ ୧୫ ତାରିଖରୁ ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ମଧ୍ୟ ଏଯାଏ ଅଭିଯୁକ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି।

କେବଳ ପୀଡ଼ିତାଙ୍କ ଡାକ୍ତରୀ ମାଇନା, ବୟାନ ରେକର୍ଡ ସହ କେତେଜଣଙ୍କୁ ପଚରାଉଚରା କରି ୮ଦିନ ଗଡ଼ାଇ ସାରିଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଚର୍ଚ୍ଚା ହେଉଛି। ଅଧିକାରୀ ଜଣକ ଧରାଛୁଆଁ ଦେଉ ନ ଥିବା ପୋଲିସ କହୁଥିଲେ ମଧ୍ୟ ଏଯାଏ ଫେରାର ଦର୍ଶାଯାଉ ନ ଥିବାରୁ ପ୍ରଶ୍ନ ଉଠିଛି।

୪୮ ବର୍ଷୀୟ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ସତ୍‌ସଙ୍ଗ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସରେ ପରିବାର ସହ ରହୁଛନ୍ତି। ଅଫିସର ଓ ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବା ସମୟରେ ସମ୍ପର୍କୀୟ ଭଉଣୀ ଦେଖିବାକୁ ଭୁବନେଶ୍ୱର ଆସିଥିଲେ। ତାଙ୍କ ସହ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ଜଣେ ୩୮ ବର୍ଷୀୟା ଯୁବତୀ ମଧ୍ୟ ଆସିଥିଲେ। ଗତ ୧୫ ତାରିଖରେ



ସରକାରୀ କ୍ୱାର୍ଟର୍ସରେ ଅମାନୁଷିକ କାଣ୍ଡ

ସ୍ତ୍ରୀ ଓ ଭଉଣୀ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ଉକ୍ତ ଯୁବତୀ ଜଣକ ଘରେ ଥିବାବେଳେ ଆଇଆର୍‌ଏସ୍ ଅଫିସର ଜଣକ ତାଙ୍କୁ ଲାପ୍‌ଟପ୍‌ରେ ମୁଭି ଦେଖିବାକୁ ଡାକି ଅଶ୍ଳୀଳ ଭିଡିଓ ଦେଖାଇଥିଲେ। ତା'ପରେ ଜୋର୍ ଜବରଦସ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେ ପ୍ରତିବାଦ କରିବାରୁ ଅଫିସର ଜଣକ ନିଜ ଫୋନ୍‌ରେ ପୂର୍ବରୁ ଶୁଟ୍ କରିଥିବା ଯୁବତୀଙ୍କ ବାଥ୍‌ରୁମ୍ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇ ବଳାତ୍କାର ସମୟର ଭିଡିଓ ରେକର୍ଡ କରିଥିଲେ। ଯୁବତୀ ଜଣକ ଭୟରେ ରହିବା ସହ ସୁଯୋଗ ଦେଖି ଉକ୍ତ କ୍ୱାର୍ଟର୍ସରୁ ଖସି ପଳାଇଥିଲେ। ଏହାପରେ ଅଭିଯୁକ୍ତ ଅଫିସର ବଳାତ୍କାରର ଭିଡିଓ ପଠାଇ ବ୍ଲାକମେଲ କରିଥିଲେ। ଏହାପରେ ଗତ ୧୫ ତାରିଖରେ ଯୁବତୀ ଜଣକ ଶହୀଦନଗର ଥାନାକୁ ଆସି ସମ୍ପୃକ୍ତ ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଥାନାରେ ମାମଲା ରୁଜୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ଜଣକ ଆଉ ଅଫିସ୍ ଆସୁନାହାନ୍ତି। ତେବେ ପୋଲିସ ତାଙ୍କୁ ଏପର୍ଯ୍ୟନ୍ତ ଫେରାର ବୋଲି ଘୋଷଣା କରିନି। ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏକ ବଳାତ୍କାର ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। କମିଶନରେଟ ପୋଲିସର ଜଣେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ତଦନ୍ତ କରିବା ପରେ ସତ୍ୟାସତ୍ୟ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସ ଏବେ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଠିକ୍ ସମୟରେ ଅଭିଯୁକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିପି କହିଛନ୍ତି।

# ଓଡ଼ିଶାରେ ହାଇ-ସିକ୍ୟୁରିଟି ଡାଟା ସେଣ୍ଟର ପ୍ରତିଷ୍ଠା କଲା ଆର୍‌ବିଆଇ

ନୂଆଦିଲ୍ଲୀ,୨୨।୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଓଡ଼ିଶାରେ ଏହାର ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଭିତ୍ତିଭୂମି ସୁରକ୍ଷାକୁ ତ୍ୱରାନ୍ୱିତ କରି ନିରନ୍ତରତା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ନୂଆ ହାଇ-ସିକ୍ୟୁରିଟି ଡାଟା ସେଣ୍ଟର ପ୍ରତିଷ୍ଠା କରିଛି। ସୀମାପାର ବିପଦ ଓ ଭୂକମ୍ପଜନିତ ରିସ୍କକୁ ହ୍ରାସକରିବା ପାଇଁ ଏହି ରଣନୈତିକ ଅବସ୍ଥିତି ସୁବିଧା କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ପରିଚାଳନା କ୍ଷେତ୍ରରେ ଏହା ସୁରକ୍ଷା ସହାୟକ ଭାବେ କାର୍ଯ୍ୟ କରିବ। ଭୁବନେଶ୍ୱରର ଅଧିକ ଭୂକମ୍ପ ପ୍ରବଣ ଅଞ୍ଚଳ ବାହାରେ ପ୍ରତିଷ୍ଠିତ ଏହି ଗ୍ରୀନ୍‌ଫିଲ୍ଡ ସେଣ୍ଟରରେ ଆର୍‌ବିଆଇ ପରିଚାଳନା କ୍ଷେତ୍ରରେ ଅବିଚ୍ଛେଦ୍ୟ ଅଙ୍ଗ ପାଳଟିଥିବା କୋର୍ କମ୍ପ୍ୟୁଟିଂ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି। ଏଥିରେ ମୁଦ୍ରା ପରିଚାଳନା ଓ ଦେୟ କାରବାର ସୁଗମ ହୋଇପାରିବ। ବିଶେଷଜ୍ଞଙ୍କ ମତରେ ଏହାର ଅବସ୍ଥିତି ସାଇବର ଆକ୍ରମଣରୁ ସୁରକ୍ଷା ଦେବା ସହ ଡାଟା ହବ୍ ଭାବେ କାର୍ଯ୍ୟ କରିବ। ଜାତୀୟ ଭିତ୍ତିଭୂମି ରୂପେ ପରିଗଣିତ ହେଉଥିବା ଆର୍ଥିକ ଡାଟା ପ୍ରତି ଆର୍‌ବିଆଇର ପ୍ରତିଶ୍ରୁତିବଦ୍ଧତାକୁ ଏହା ଦୋହରାଉଛି। ଡିଜିଟାଲ କାରବାର ବୃଦ୍ଧି ପାଇବାରେ ଲାଗିଥିବାବେଳେ କେନ୍ଦ୍ରୀୟ ବ୍ୟାଙ୍କ ସୁରକ୍ଷା ନିୟନ୍ତ୍ରଣ ଓ ଅପରେଶନ୍ କ୍ଷେତ୍ରରେ ନିଜ ଦକ୍ଷତାକୁ ତ୍ୱରାନ୍ୱିତ କରିବ। ଏଥିରୁ ଏକ ବିଶ୍ୱସ୍ତରୀୟ ଧାରା ପ୍ରତିଫଳିତ ହେଉଛି, ଯହିଁରେ ଆର୍ଥିକ କାରବାର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ସୁରକ୍ଷିତ ଡାଟା ପରିବେଶର ସ୍ୱତ୍ୱାଧିକାରକୁ ପ୍ରାଥମିକତା ଦେଇପାରିବେ ବୋଲି କୁହାଯାଉଛି।

# ଅନୁସୂଚିତ ଜାତି, ଜନଜାତିଙ୍କ ସ୍ୱାର୍ଥ ପାଇଁ ବିଧାନସଭା ଘେରାଉ ହେବ: କଂଗ୍ରେସ

ଭୁବନେଶ୍ୱର,୨୨।୨
(ରବିନାରାୟଣ ଜେନା)

ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ଉପରେ ଘଟୁଥିବା ନିର୍ଯ୍ୟାତନାକୁ ନେଇ ବିଧାନସଭା ଘେରାଉ ହେବ ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି। ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଚାଲିଥିବା ୬ ଦିନିଆ ଅହୋରାତ୍ର ଧାରଣାସ୍ଥଳରେ ରବିବାର ଜୟଦେବ ଜେନା ପହଞ୍ଚି ଓଡ଼ିଶାର ଦଳିତ ଆଦିବାସୀମାନେ ଏବେ ଅଧିକ ନିର୍ଯ୍ୟାତିତ ବୋଲି ମତବ୍ୟକ୍ତ କରିଥିଲେ। ଯଦି ଆମର ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାର ଉଦାସୀନ ରୁହନ୍ତି ତେବେ ଆଗାମୀ ଦିନରେ ବିଧାନସଭା ଘେରାଉ ଭଳି ବିଭିନ୍ନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏହି ଧାରଣାରେ ପୂର୍ବତନ ସାଂସଦ ରାଜ୍ୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ ମନ୍ତ୍ରୀ ନକୁଳ ନାୟକ, ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସଭା ପ୍ରାର୍ଥୀ ଚୂଡ଼ାନ୍ତ, କେନ୍ଦ୍ରୀୟ ମୋହର ଅପେକ୍ଷାରେ



ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ପାଖେଇ ଆସୁଛି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଚଳିତମାସ ୨୬ରେ ବିଜ୍ଞପ୍ତି, ମାର୍ଚ୍ଚ ୫ରେ ନାମାଙ୍କନପତ୍ର ଦାଖଲ କରିବାକୁ ରହିଥିବାବେଳେ ୧୬ରେ ନିର୍ବାଚନ ହେବ। ଏହି ଦୃଷ୍ଟିରୁ ପ୍ରାର୍ଥୀ ଘୋଷଣା ନେଇ ହାତରେ ଆଉ ମାତ୍ର ୧୧ଦିନ ରହିଛି। ଏଥର ରାଜ୍ୟରେ ଭାଜପା ସରକାର ଥିବାରୁ ରାଜ୍ୟ ସଭା ନିର୍ବାଚନକୁ ନେଇ ଭାଜପାରେ ଅଧିକ ଉତ୍ସୁକତା ଦେଖିବାକୁ ମିଳିଛି। ତେବେ ରାଜନୈତିକ ଗଣିତ ଟିକେ ଜଟିଳ ଥିବାରୁ ରବିବାର ରାଜ୍ୟ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ତଥା କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋର୍ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ

## ଭାଜପା କୋର୍ କମିଟି ବୈଠକ

ଚରଣ ମାଝୀ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶାରେ ଭାଜପା ସଙ୍ଗଠନକୁ କିଭଳି ମଜଭୁତ କରାଯାଇପାରିବ ଏବଂ ଦଳ ଭିତରେ ଥିବା ରାଜ୍ୟ ସଭା ଆଶାୟୀଙ୍କ ଭିତରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ଲାଗି ଥିବା ଗଣିତ ସଂଖ୍ୟାରେ ୪ଟି ଆସନରୁ ଭାଜପାକୁ ଦୁଇଟି ଆସନ ସହଜରେ ମିଳୁଥିବାବେଳେ ତୃତୀୟ ଆସନ କିଭଳି ଅକ୍ତିଆର କରାଯିବ, ଏଥିପାଇଁ କେତେ ସଦସ୍ୟଙ୍କ ଭୋଟ ଆବଶ୍ୟକ ରହିଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହିତ ଚୂଡ଼ାନ୍ତ କରାଯାଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସଭା ପଦବୀ ଦୌଡ଼ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି ଓ ଉପସଭାପତି ଗୋଲଖ ମହାପାତ୍ରଙ୍କ ନାମ ରହିଥିବାବେଳେ ରାଜ୍ୟ ଭାଜପା ମହିଳା ସଭାନେତ୍ରୀ ମୌସୁମୀ ବିଶ୍ୱାଳଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏହାବ୍ୟତୀତ ଦଳ ପକ୍ଷରୁ ତୃତୀୟ ଆସନରେ ମଧ୍ୟ ବୁଝାମଣା ହୋଇପାରେ ବୋଲି ଜଣେ ବରିଷ୍ଠ ସଦସ୍ୟ ନିଜ ନାମ ଗୋପନ ରଖି କହିଛନ୍ତି। ତେବେ ନାମ ସ୍ପଷ୍ଟ କରାଯାଉ ନ ଥିବାବେଳେ ଆନୁମାନିକ ଭାବେ କୁହାଯାଉଛି ଯେ, ବିଜେଡି ସହ ଭିତିରି ବୁଝାମଣା ହେବାର ସବୁ ସମ୍ଭାବନା ରହିଛି।

କୋର୍ କମିଟି ବୈଠକ ପୂର୍ବରୁ ମନମୋହନଙ୍କ ସୂଚନା ଅନୁଯାୟୀ, ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହାପରେ ଦଳର ନିୟମ ଅନୁଯାୟୀ, ସଂସଦୀୟ ବୋର୍ଡକୁ ପ୍ରାର୍ଥୀମାନଙ୍କ ନାମ ଯିବ। ବୋର୍ଡ ନିଗମ ନେଇ କୋର୍ କମିଟିରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ମନମୋହନ ଇଙ୍ଗିତ ଦେଇଥିଲେ।

ଅନ୍ୟପକ୍ଷରେ ରାଜ୍ୟ ସରକାରକୁ ୨୦ମାସ ବିତିଥିବାବେଳେ ଏପର୍ଯ୍ୟନ୍ତ ଖାଲି ପଡ଼ିଥିବା ବିଭିନ୍ନ ନିଗମ ପଦ ଏବଂ ଅନ୍ୟାନ୍ୟ ଉପଦେଷ୍ଟା ପଦ ପୂରଣ ହୋଇନାହିଁ। ଏହି ବୈଠକ ପରେ ଉକ୍ତ ଖାଲି ପଦ ପୂରଣ ହେଉଛି କି ନାହିଁ ତାହା ଦେଖିବାର ରହିଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଦୁଇ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଜୁଏଲ ଓରାମ ଏବଂ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ସଭାପତି ବସନ୍ତ ପଣ୍ଡା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର,ସହ ପ୍ରଭାରୀ ଲତା ଉସେଣ୍ଡି ଓ ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କଡ଼ ଲେଉଟାଇବୁ ନାହିଁ: କାଡାମ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନରେ ଏଥର କଂଗ୍ରେସ କଡ଼ ଲେଉଟାଇବ ନାହିଁ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରବିବାର କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସଭା ନିର୍ବାଚନକୁ ନେଇ ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ କିଭଳି ନିଜର ସ୍ଥିତି ସୁଦୃଢ଼ କରିବ ସେନେଇ ବିଭିନ୍ନ ରଣନୀତି ସ୍ଥିର ହୋଇଛି। ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଆମ ସହିତ ଅଛନ୍ତି। ଏଥର କଂଗ୍ରେସ କାହା ପଛରେ ଗୋଡ଼ାଣିଆ ହେବ ନାହିଁ କି କୌଣସି ଲାଳାୟିତ ହୋଇ ଭାସିଯିବ ନାହିଁ। ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ ଦିଆଯିବ। ଏନେଇ ଦଳ ପକ୍ଷରୁ ପୁନର୍ବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି କାଡାମ କହିଛନ୍ତି।

ଏହି ଅବସରରେ ଦଳର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ଲାଗି ଆମେ ବିଧାୟକମାନେ ଶପଥ ନେଇଛୁ। ଏଥର କଂଗ୍ରେସ ଯେଉଁ ରାଜ୍ୟ ସଭା ପ୍ରାର୍ଥୀ ଦେବ ତାକୁ ବିଜେଡି ସମର୍ଥନ ଦେବ ବୋଲି ଆଶା ରଖିଛୁ। ଭାଜପା ଯେଉଁ ଭାବୁଛି, ବିଜେଡି ସହ ସଲାସୁତୁରା କରି ଚତୁର୍ଥ ଆସନ ହାତେଇବ ତାହା କେବେହେଲେ ସଫଳ ହେବନାହିଁ ବୋଲି ତାରା କହିଛନ୍ତି।

# ଶୈଳବାଳା କଲେଜକୁ ନେଇ ଉଚିତ ପଦକ୍ଷେପ ନେବୁ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

କଟକସ୍ଥିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ସରକାର ଠିକ୍ ସମୟରେ ଉଚିତ ପଦକ୍ଷେପ ନେବେ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ରବିବାର ମନ୍ତ୍ରୀ କହିଛନ୍ତି, ଏନେଇ ଶନିବାର ମହାବିଦ୍ୟାଳୟ ଛାତ୍ରୀଙ୍କ ପକ୍ଷରୁ ଯେଉଁ ଉଦ୍‌ବେଗ ପ୍ରକାଶ ପାଇଥିଲା ତାକୁ ନେଇ ବିଭାଗୀୟ ଅଧିକାରୀସ୍ତରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ସୋମବାର ମଧ୍ୟ ବୈଠକ ଅନୁଷ୍ଠିତ ହେବାର ରହିଛି। ତେବେ ଶୈଳବାଳାର ଉନ୍ନତୀକରଣ ପାଇଁ ଯେଉଁ ଭିତ୍ତିଭୂମି ଓ ଆନୁଷଙ୍ଗିକ ଆବଶ୍ୟକ ରହିଛି ତାହାକୁ ଗୁରୁତ୍ୱ ଦେଇ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କରାଯିବାର ରହିଛି। ତେବେ ମହାବିଦ୍ୟାଳୟକୁ ଉନ୍ନତୀକରଣ କରିବା ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ମଧ୍ୟରେ ବହୁ ଫରକ ରହିଛି। ଉନ୍ନତୀକରଣ ଲାଗି ୫୦ରୁ ୬୦କୋଟି ଆବଶ୍ୟକ, ମାତ୍ର ବିଶ୍ୱବିଦ୍ୟାଳୟ ପାଇଁ ୩୫୦କୋଟି ଟଙ୍କାର ଆବଶ୍ୟକତା ସହିତ ରିକରିଂ ଖର୍ଚ୍ଚ ମଧ୍ୟ ରହିଛି। ସେହି ଦୃଷ୍ଟିରୁ ସରକାର ବିଚାର କରୁଛନ୍ତି, ଠିକଣା ସମୟରେ ଏହାର ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଏନ୍‌ସିଆର୍‌ଟି ପୁସ୍ତକରେ ତ୍ରୁଟି

## ନିୟମଗିରି ପାହାଡ଼ ଓଡ଼ିଶା ବଦଳରେ ଲେଖାଯାଇଛି ଝାଡ଼ଖଣ୍ଡ

ରାୟଗଡ଼ା/କଲ୍ୟାଣସିଂହପୁର,୨୨।୨
(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ସିବିଏସ୍‌ଇ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଏନ୍‌ସିଇଆର୍‌ଟି ପକ୍ଷରୁ ୨୦୨୫-୨୬ ଶିକ୍ଷା ବର୍ଷର ସପ୍ତମ ଶ୍ରେଣୀ ପିଲାଙ୍କୁ ଦିଆଯାଇଥିବା ସୋସିଆଲ ସାଇନ୍ସ ବହିରେ ତ୍ରୁଟି ଦେଖିବାକୁ ମିଳିଛି। 'ଏକ୍ସପ୍ଲୋରିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ବହିର ଅଷ୍ଟମ ଅଧ୍ୟାୟ ହାଓ ଲ୍ୟାଣ୍ଡ ବିକମ୍‌ସ ସାକ୍ରେଡ଼ ଶୀର୍ଷକ ବିଷୟରେ ଦିଆଯାଇଥିବା କିଛି ଉଦାହରଣରେ ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ ନିୟମଗିରି ପାହାଡ଼, ସେଠାରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କ ପାଇଁ କିଭଳି ପବିତ୍ର ବୋଲି ଉଲ୍ଲେଖ ରହିଛି।

ରବିବାର କଲ୍ୟାଣସିଂହପୁର ବ୍ଲକର ଜଣେ ପ୍ରାଇଭେଟ ଟ୍ୟୁଶନ ଶିକ୍ଷକ ଆଦର୍ଶ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପଢ଼ାଇବାବେଳେ ବହିରେ ଏଭଳି ଭୁଲ ଲେଖାଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଧରିତ୍ରୀ ପ୍ରତିନିଧିଙ୍କୁ ଯୋଗାଯୋଗ କରି ସୂଚନା ଦେଇଥିଲେ। ବହିରେ ଉଲ୍ଲେଖ ରହିଛି 'ଝାଡଖଣ୍ଡରେ ଅବସ୍ଥିତ ନିୟମଗିରି ପାହାଡ଼ ଉପରେ ଡଙ୍ଗରିଆ ଜନଜାତି ସମ୍ପ୍ରଦାୟ ଲୋକେ ବସବାସ କରନ୍ତି। ସେମାନଙ୍କ ବିଶ୍ୱାସ ରହିଛି, ଏହି ପାହାଡ଼ରେ ତାଙ୍କ ଦେବତା ନିୟମରାଜାଙ୍କ ବାସସ୍ଥାନ, ଯିଏ ସେମାନଙ୍କୁ ଖାଦ୍ୟ ସହ ଅନ୍ୟ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇଥାନ୍ତି। ନିୟମଗିରି ପାହାଡରୁ ଗଛ କାଟିବା ନିଷେଧ ଏବଂ ଗଛ କାଟିଲେ ଦେବତାଙ୍କ ପ୍ରତି ଅସମ୍ମାନ ଭାବେ ବିବେଚନା କରାଯାଏ।' ଶିକ୍ଷକ ଜଣକ କହିଛନ୍ତି, ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ କଲ୍ୟାଣସିଂହପୁର ବ୍ଲକରେ ରହିଛି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ବସବାସ କରୁଥିବା ନିୟମଗିରି ପାହାଡ଼,



More sacred sites

Hindu and many folk and tribal belief systems go further. In Grade 6 we learnt that in such belief systems, people regard elements of Nature, such as mountains, rivers, trees, plants and animals, and sometimes stones too, as sacred. In Hinduism, for instance, this includes countless geographical sites or features of Nature, such as specific mountains, rivers and forests, which are regarded as particularly divine and are worshipped as deities; many rivers are regarded as devīs, while some species of trees, animals and plants are particularly holy.

This tradition comes from the perception of a divine presence in all of Nature. Ultimately, the whole of planet Earth is considered sacred—she is Mother Earth or Bhūdevī.

Fig. 8.5. In this image Viṣhṇu in the form of his boar avatar crushes a demon and saves Bhūdevī (Mother Earth), shown here sitting on his elbow (from the Belur temple, Karnataka)

Here are a few more examples of such traditions:

- The Niyam Dongar hill in the Niyamgiri Range of Jharkhand is sacred to the Dongria Khond tribe. They believe that the hill is the abode of Niyam Raja, the supreme deity who provides everything they need for sustenance. Cutting trees here is prohibited and considered a sign of disrespect to the deity.
- In the early 2000s, the Government of Sikkim identified several sacred mountains, caves, lakes, rocks and hot springs that were to be protected against all forms of damage.
- In the Nilgiris of Tamil Nadu, the Todas, a tribal community, regard many mountain peaks as sacred and associate them with their gods. To them, this sense of sacredness extends to many plants (which often become part of their rituals), Shola forests, wetlands, and even specific stones and individual trees.

ଯାହା କଲ୍ୟାଣସିଂହପୁର ବ୍ଲକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ବହିରେ ଏଭଳି ଲେଖାଗଲେ ପିଲାଙ୍କ ପାଠପଢ଼ା ଉପରେ ଏହାର କୁପ୍ରଭାବ ପଡ଼ିବ। ତେଣୁ ଏହାର ସଂଶୋଧନ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ଏ ନେଇ କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ସଙ୍ଗୀତ ପାଲଙ୍କୁ ପଚାରିବାରୁ ବହିରେ ତ୍ରୁଟି ରହିଥିବା ଜଣାପଡ଼ିବା ପରେ ସଂଶୋଧନ ପାଇଁ ବିଭାଗକୁ ପୂର୍ବରୁ ସୂଚନା ଦିଆଯାଇଥିବା କହିଛନ୍ତି। ଏନେଇ ଶିକ୍ଷାବିତ୍ ଡ. ରଘୁନାଥ ପଣ୍ଡା କହିଛନ୍ତି, ନିୟମଗିରି ସମ୍ପୂର୍ଣ୍ଣ ଭାବେ ଓଡ଼ିଶାର। ଏନ୍‌ସିଆର୍‌ଟି ପୁସ୍ତକରେ ଏହାକୁ ଝାଡ଼ଖଣ୍ଡର ବୋଲି ଉଲ୍ଲେଖ କରିବା ସମ୍ପୂର୍ଣ୍ଣ ଭୁଲ୍। ଏନ୍‌ସିଆର୍‌ଟି ପୁସ୍ତକ ଜାତୀୟସ୍ତରୀୟ। ଏଥିରେ କିଛି ଛାପିବା କରିବା ପୂର୍ବରୁ ସେ ନେଇ ଭଲଭାବେ ଯାଞ୍ଚ କରିବା ଦରକାର। ନଚେତ୍ ଏହାକୁ ପଢ଼ି ଛାତ୍ରଛାତ୍ରୀମାନେ ଭୁଲ ସୂଚନା ପାଇବେ ଏବଂ ବିଭିନ୍ନ ପରୀକ୍ଷାରେ ଏହି ଭୁଲକୁ ଲେଖିବେ।

# ରେଡ୍ ଫ୍ଲାଗ୍ କେସ୍‌ରେ ଅନ୍ତର୍ଭୁକ୍ତ କଲା କ୍ରାଇମ୍‌ବ୍ରାଞ୍ଚ

କେନ୍ଦ୍ରାପଡ଼ା,୨୨।୨(ଜଗନ୍ନାଥ ଧଳ)

## ଛାତ୍ରୀ ଗଣବଳାତ୍କାର ମାମଲା

■ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ
■ ପୀଡ଼ିତାଙ୍କ ବୟାନର ଅଡିଓ ଭିଡିଓ କରିବ ସିଏଡବ୍ଲ୍ୟୁସି

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଲାଭର ଅଞ୍ଚଳର ଘରୋଇ ଇଂଲିଶ ମିଡିୟମ୍ ସ୍କୁଲରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ରାଜ୍ୟ ପୋଲିସ ଗୁରୁତର ଭାବେ ଗ୍ରହଣ କରିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏହାକୁ ରେଡ୍ ଫ୍ଲାଗ୍ କେସ୍ ଭାବେ ରବିବାର ଗ୍ରହଣ କରିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି, ଏହି ମାମଲା ଏବେ କ୍ରାଇମ୍‌ବ୍ରାଞ୍ଚର ବରିଷ୍ଠ ଅଧିକାରୀଙ୍କ ଅଧୀନରେ ତଦନ୍ତ ଚାଲିବ। କ୍ରାଇମ୍ ଏଗ୍‌ନେଷ୍ଟ ଓମ୍ୟାନ (ସିଏଡବ୍ଲ୍ୟୁ) ୱିଙ୍ଗ୍ ଏଥିରେ ସାମିଲ ହେବେ। ଏସ୍‌ପି ଅଥବା ଏଏସ୍‌ପି ଏହାର ତଦନ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବେ। ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗପତ୍ରର ଦାଖଲ ପରଠାରୁ ୬୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦିଆଯିବା ସେହିପରି ନ୍ୟାୟିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପିପି) ଅଥବା ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଏଥିରେ ସାମିଲ ହେବେ। ପୋଲିସ ପୀଡିତାଙ୍କୁ ସୁରକ୍ଷା ଦେବା ସହିତ ନିୟୋଜିତ ସିଏଡବ୍ଲ୍ୟୁ ୱିଙ୍ଗ୍ ପୀଡିତାଙ୍କ ବୟାନର ଅଡିଓ ଭିଡିଓ ରେକର୍ଡିଂ କରିବେ। ପ୍ରତ୍ୟେକ ୧୫ ଦିନ ମଧ୍ୟରେ ମାମଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। ତଦନ୍ତ ପରିସରକୁ ଆହୁରି ବ୍ୟାପକ କରାଯିବ। ଆବଶ୍ୟକସ୍ଥଳେ ଡିଏନ୍‌ଏ ଟେଷ୍ଟ ଆଦି କରାଯିବା ବ୍ୟବସ୍ଥା ରହିଥିବା ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି।

ଏଥିସହ ସେ ସୂଚନା ଦେଇଛନ୍ତି, ରାଜକନିକାର ଏହି ନାବାଳିକା ଛାତ୍ରୀଙ୍କ ଗଣବଳାତ୍କାର ମାମଲା (ନଂ- ୫୪/୨୬) ପୋକ୍‌ସୋ ଆକ୍ଟରେ ତଦନ୍ତ ସହ ବିଚାର ଚାଲିବ। ଏହି ମାମଲାରେ ସ୍କୁଲର ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ଜଣେ ପିଅନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖରେ ସେ ସ୍କୁଲରେ ଥିଲେ। ରିସେସରେ ଛାତ୍ରୀଙ୍କୁ ସ୍କୁଲ ଅଫିସକୁ ଡକାଇ ଏହି ଜଘନ୍ୟ କାଣ୍ଡ କରିଥିବା ଅଭିଯୋଗ ଅଛି। ଗଣବଳାତ୍କାରର ଭୟ ପାଇ ପୀଡିତା ସ୍କୁଲକୁ ଯାଉ ନ ଥିଲେ। ବିଦେଶରେ ଥିବା ବାପା ଘରକୁ ଫେରିବା ପରେ ପୀଡିତା ଛାତ୍ରୀ ଏ ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ। ମା' ଓ ବାପା ଗତ ୧୮ ତାରିଖରେ ସିଡବ୍ଲ୍ୟୁସିକୁ ଭେଟି ଏପରି ଘଟଣା ସମ୍ପର୍କରେ ଅଭିଯୋଗପତ୍ର ଦେଇଥିଲେ। ପରେ ଗତ ୨୧ରେ ଥାନାରେ ଅଭିଯୋଗ କରିଥିବା ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି।

# ମୟୂର ଜୟକୁମାର କଂଗ୍ରେସର ଓଡ଼ିଶା ସହପ୍ରଭାରୀ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସମ୍ପାଦକ ତଥା କର୍ଣ୍ଣାଟକ ଦାୟିତ୍ୱରେ ଥିବା ମୟୂର ଜୟକୁମାରଙ୍କୁ ଓଡ଼ିଶା ସହପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। କଂଗ୍ରେସର ବ୍ୟବସ୍ଥା ଅନୁଯାୟୀ ଜୟକୁମାର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ରାଜ୍ୟର ଦଳୀୟ ବ୍ୟାପାରରେ ସହଯୋଗ କରିବେ। ଏହି ନୂତନ ନିଯୁକ୍ତି ସହ ଜୟକୁମାରଙ୍କୁ କର୍ଣ୍ଣାଟକ ଦାୟିତ୍ୱରୁ କଂଗ୍ରେସ ଅଧ୍ୟକ୍ଷ



ମୟୂର ଜୟକୁମାର

ମଲ୍ଲିକାର୍ଜ୍ଜୁନ ଖାର୍ଗେ ମୁକ୍ତ କରିଛନ୍ତି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ରବିବାର ଜାରି କରିଥିବା ବିବୃତିରେ ଉଲ୍ଲେଖ କରିଛନ୍ତି।

# ହଟିବେ ପରାମର୍ଶଦାତା, ଭଙ୍ଗା ହେବ ପିଏମ୍‌ୟୁ ସେଲ୍

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ରହିଥିବା ପରାମର୍ଶଦାତାଙ୍କ ଭବିଷ୍ୟତ ନେଇ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। କେଉଁ ବିଭାଗରେ ପରାମର୍ଶଦାତାଙ୍କ ଆବଶ୍ୟକତା ରହିଛି ଏବଂ କେଉଁ ବିଭାଗରେ ନାହିଁ ତାହାର ତର୍ଜମା କରାଯିବ। ଏହାସହିତ ବିଭିନ୍ନ ବିଭାଗରେ ମୋଟା ଅଙ୍କରେ ଦରମା ପାଇପ୍ରୋଜେକ୍ଟ ମନିଟରିଂ ସେଲ୍‌ରେ ରହିଥିବା କର୍ମଚାରୀଙ୍କ ଉପରେ ମଧ୍ୟ ସରକାର ନିଷ୍ପତ୍ତି ନେବେ। ଏହାକୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ଅର୍ଥ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଫେବୃଆରୀ ୧୭ରେ ଏକ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଦର୍ଶାଇଛନ୍ତି,

## ଉନ୍ନୟନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ହେବ ବିଭାଗୀୟ ତର୍ଜମା

ଏହି କମିଟିରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଓ ସମ୍ପୃକ୍ତ ବିଭାଗର ସଚିବ ରହିବେ। ଉକ୍ତ କମିଟି ୨୦୨୫ ଜୁଲାଇ ୩୧ରେ ପୂର୍ବତନ ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ନିର୍ଦ୍ଦେଶନାମାକୁ ଅନୁସରଣ କରି ନିଷ୍ପତ୍ତି ନେବ। ତେବେ ପୂର୍ବତନ ମୁଖ୍ୟଶାସନ ସଚିବ ବିଭିନ୍ନ ବିଭାଗରେ ମନଇଚ୍ଛା ପରାମର୍ଶଦାତାଙ୍କ ନିଯୁକ୍ତି ଏବଂ ବିଭିନ୍ନ ପିଏମ୍‌ୟୁ, ଟିଏସ୍‌ୟୁ ସେଲ୍ ଗଠନ ହେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ ସ୍ପଷ୍ଟ କରିଥିଲେ, ଏସବୁର ଭବିଷ୍ୟତ ଉପରେ ୨୦୨୬ ଏପ୍ରିଲ ପହିଲା ପୂର୍ବରୁ ନିଷ୍ପତ୍ତି ନିଆଯିବା ଆବଶ୍ୟକ। ଇତିମଧ୍ୟରେ ୭ମାସ ବିତିବାକୁ ବସିଥିବା ବେଳେ ଅର୍ଥ ବିଭାଗ ପକ୍ଷରୁ ଏବେ ତତ୍ପରତା ପ୍ରକାଶ ପାଇଛି। ମନୋଜ ନିର୍ଦ୍ଦେଶନାମାରେ ସେତେବେଳେ ଦର୍ଶାଇଥିଲେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସରକାରଙ୍କ ନୀତିଗତ ସୁଧାର ଏବଂ ପ୍ରକଳ୍ପ ସୁପରିଚାଳନା ପାଇଁପରାମର୍ଶଦାତାମାନଙ୍କୁ(କନ୍‌ସଲଟାଣ୍ଟ, ପିଏମ୍‌ୟୁ, ଟିଏସ୍‌ୟୁ ରୂପେ) ନିଯୁକ୍ତ କରିଛନ୍ତି। ସେମାନଙ୍କୁ ନିଯୁକ୍ତ କରାଯିବାର ଉଦ୍ଦେଶ୍ୟ ହେଉଛି ଏକ ସହଯୋଗମୂଳକ ପରିବେଶ ଗଠନ କରିବା, ଯାହା ଦ୍ୱାରା କାର୍ଯ୍ୟକୁଶଳତା ବୃଦ୍ଧି ପାଇବ। କିନ୍ତୁ ଦେଖାଯାଉଛି, କେତେକ ବିଭାଗ ଅନିୟନ୍ତ୍ରିତ ଭାବେ ପରାମର୍ଶଦାତା ନିଯୁକ୍ତ କରୁଛନ୍ତି, ଫଳରେ ସ୍ୱୟଂ କର୍ମଚାରୀମାନଙ୍କର ଦକ୍ଷତା ଯଥେଷ୍ଟ ଭାବେ ବ୍ୟବହୃତ ହେଉନାହିଁ ଏବଂ ପରାମର୍ଶଦାତାଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାକୁ ପଡୁଛି। ଏହା ପୂର୍ବରୁ ୨୦୧୯ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏକ ନିର୍ଦ୍ଦେଶନାମା ଜାରି କରି ଏଥିରେ ପ୍ରତିବନ୍ଧକ ଲଗାଇବାକୁ କହିଥିଲେ। ଏହିଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ ତାଙ୍କର ପରାମର୍ଶଦାତା ଆବଶ୍ୟକତା ( ବିଭାଗ ଅଧୀନସ୍ଥ ସଂସ୍ଥାରେ ନିଯୁକ୍ତ) ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ମୂଲ୍ୟାୟନ କରି ୨୦୨୬ ଏପ୍ରିଲ ପହିଲା ପୂର୍ବରୁ ଅର୍ଥ ବିଭାଗକୁ ପ୍ରସ୍ତାବ ଦେବେ। ଏହାପରେ ଅର୍ଥ ବିଭାଗ ଏହି ବିଷୟକୁ ଉଚ୍ଚସ୍ତରୀୟ କମିଟି ସମ୍ମୁଖରେ ରଖିବେ। ଉକ୍ତ କମିଟି ସେସବୁର ତର୍ଜମା କରି ଚୂଡାନ୍ତ ନିଷ୍ପତ୍ତି ନେବ।

ତେବେ ପୂର୍ବତନ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ ୨୦୧୯ରେ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲେ, ସେଥିରେ ଦର୍ଶାଇଥିଲେ ସରକାରଙ୍କ ବିଭିନ୍ନ ବିଭାଗରେ ବିଭିନ୍ନ କ୍ୟାଡରରେ ବହୁ ଦକ୍ଷତା ସମ୍ପନ୍ନ କର୍ମଚାରୀ ଅଛନ୍ତି। ସେମାନଙ୍କୁ ତାଲିମ ଦେଇ ଅଧିକ ଦକ୍ଷ କରି ଉକ୍ତ ପିଏମ୍‌ୟୁ ଏବଂ ଟିଏସ୍‌ୟୁ ସେଲ୍‌ରେ ରଖିବାର ଆବଶ୍ୟକତା ରହିଛି। ଫଳରେ ସରକାରଙ୍କ ଉପରେ ଅଧିକ ବୋଝ ପଡ଼ିବ ନାହିଁ। ପୂର୍ବତନ ଦୁଇ ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ଏବେ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ସବୁ ବିଭାଗ ପକ୍ଷରୁ ପରାମର୍ଶଦାତା, ପିଏମ୍‌ୟୁ ସେଲ୍ ଓ ଟିଏସ୍‌ୟୁ ସେଲ୍ ସମ୍ପର୍କରେ ତର୍ଜମା କରାଯାଇ କାହାକୁ ବାଦ୍ ଦିଆଯିବ ଏବଂ କାହାକୁ ନିଆଯିବ ତା'ଉପରେ ନିଷ୍ପତ୍ତି ନିଆଯିବ ବୋଲି ଜଣାଯାଇଛି।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର

ରଘୁନାଥପୁର, ୨୨।୨
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ମା' ରଘୁନାଥପୁର ଥାନାରେ ରବିବାର ରାତି ପ୍ରାୟ ୭ଟାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ମା', ବାପା ଅପରାହ୍ଣ ପ୍ରାୟ ୪ଟା ବେଳେ କାମକୁ ଯାଇଥିଲେ। ଘରେ ୧୪ ବର୍ଷୀୟା ନାବାଳିକା ଥିଲେ। ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ନାବାଳିକାଙ୍କ ଘରେ ପଶି ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ କୌଣସି ଅଧିକାରୀ ନ ଥିବାରୁ ତଦନ୍ତରେ ଅଗ୍ରଗତି ହୋଇପାରି ନ ଥିବା ଏସ୍‌ଆଇ ଯୋଗେଶ୍ୱର ବେହେରା କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆଦିବାସୀ ସାହିର ଲୋକେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଥାନା ସମ୍ମୁଖରେ ବସି ରହିଥିଲେ।

# ହୋମ୍‌ଗାର୍ଡ ଚାକିରି କରାଇଦେବାକୁ କହି ୮ ଲକ୍ଷ ଠକେଇ

## ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ


ଗିରଫ ଦିଲୀପ କୁମାର ସାହୁ।

ସମ୍ବଲପୁର, ୨୨।୨ (ପ୍ରମୋଦ ବହିଦାର)

ହୋମ୍‌ଗାର୍ଡ ଚାକିରି କରାଇଦେବା ନାମରେ ସମ୍ବଲପୁରରେ ହୋଇଥିବା ଏକ ଠକେଇର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଧନୁପାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଧନୁପାଲି ଥାନା ଚାରଭାଟି ଅଞ୍ଚଳର ଦିଲୀପ କୁମାର ସାହୁ(୪୬)। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଦିଲୀପ ଝୁଝୁମୁରା ଥାନା ପଢ଼ିଆବାହାଲ ନିକଟ ସୁଜୋମରା ଗ୍ରାମର ୬ ଜଣ ଯୁବକଙ୍କୁ ହୋମଗାର୍ଡ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ମୋଟ ୮ ଲକ୍ଷ ୨୭ ହଜାର ଟଙ୍କା ଠିକି ନେଇଥିଲେ। ସେ ଜଣପିଛା ୧ ଲକ୍ଷରୁ ୧ ଲକ୍ଷ ୨୦ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ଦିଲୀପ ପ୍ରଥମେ ଉକ୍ତ ଗ୍ରାମରେ କେତେଜଣ ଯୁବକଙ୍କ ସହିତ ପରିଚିତ ହୋଇଥିଲେ। ପୋଲିସ ବିଭାଗର ଅନେକ ବଡ଼ ଅଧିକାରୀଙ୍କ ସହ ତାଙ୍କର ପରିଚୟ ରହିଛି। ନିକଟରେ ହେବାକୁ ଥିବା ହୋମଗାର୍ଡ ନିଯୁକ୍ତି ସେମାନଙ୍କ ଅଧୀନରେ ହେବ। ତେଣୁ କିଛି ଟଙ୍କା ନେଇ ସେମାନେ ହୋମଗାର୍ଡ ଚାକିରି କରାଇ ଦେଇପାରିବେ ବୋଲି ଯୁବକମାନଙ୍କୁ ପ୍ରଲୋଭିତ କରିଥିଲେ। ଫଳରେ ହୋମଗାର୍ଡ ଚାକିରି ପାଇଁ ଆବେଦନ କରିଥିବା ଉକ୍ତ ୬ ଯୁବକ ଲୋଭରେ ତାଙ୍କୁ ଟଙ୍କା ଦେଇଥିଲେ। ମାତ୍ର ଗତ ଡିସେମ୍ବରରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ହୋଇଥିବା ଲିଖିତ ପରୀକ୍ଷାର ଫଳାଫଳ ତାଲିକାରେ ଆଶାୟୀ ଯୁବକମାନଙ୍କ ନାମ ପ୍ରକାଶ ପାଇ ନ ଥିଲା। ଫଳରେ ସେମାନେ ଦିଲୀପଙ୍କୁ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ପ୍ରଥମେ ଦିଲୀପ ଟାଳଟୁଳ ନୀତି ଆପଣେଇ ପରବର୍ତ୍ତୀକାଳରେ ଟଙ୍କା ଦେବାକୁ ସିଧାସଳଖ ମନା କରିଦେଇଥିଲେ। ଫଳରେ ଉକ୍ତ ଆଶାୟୀ ଯୁବକମାନେ ଧନୁପାଲି ଥାନାରେ ଦିଲୀପଙ୍କ ବିରୋଧରେ ଏତଲା ଦେଇଥିଲେ। ସେମାନଙ୍କ ଏତଲା ଆଧାରରେ ଏକ ମାମଲା(ନଂ. ୭୪/୨୬)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏଏସ୍‌ପି ମିଶ୍ର ଏହି ଘଟଣାରେ ପୋଲିସ ବିଭାଗର କୌଣସି ଅଧିକାରୀ ବା କର୍ମଚାରୀଙ୍କ ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ସମ୍ବଲପୁର ଜିଲାରେ ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟା ଶତପ୍ରତିଶତ ସ୍ୱଚ୍ଛତା ଓ ଦକ୍ଷତା ଭିତ୍ତିରେ ଆୟୋଜିତ ହୋଇଛି ବୋଲି ସେ କହିଛନ୍ତି। ଏଭଳି ଠକାମିର ଶିକାର ହେଉଥିଲେ ବିନା ଦ୍ୱିଧାରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ବଧୂହତ୍ୟା ମାମଲାରେ ସ୍ୱାମୀ, ଶାଶୁଙ୍କୁ ଆଜୀବନ କାରାଦଣ୍ଡ

ବଇଣ୍ଡା, ୨୨।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳରେ ୩୦ ବର୍ଷ ପୂର୍ବେ ଘଟିଥିବା ଯୌତୁକ ନିର୍ଯାତନା ଓ ବଧୂହତ୍ୟା ମାମଲାର ଶୁକ୍ରବାର ଆଠମଲ୍ଲିକ ଅତିରିକ୍ତ ଜିଲା ଓ ଦୌରାଜଜ ରଞ୍ଜନ କୁମାର ସୂତାର ରାୟ ଘୋଷଣା କରିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ ମହାଦେବଲାଲ ଗୋଦୁକା ଓ ଶାଶୁ ଦେବକୀବାଇ ଗୋଦୁକାଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ନଣନ୍ଦ ସରୋଜା ଦେବୀ ଓ ଦିଅର ବିନାୟକ ଗୋଦୁକାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଘୋଷଣା କରାଯାଇଛି। ମାମଲା ଅନୁଯାୟୀ, ଅନୁଗୋଳ ଏଫ୍‌ସିଆଇ ଅଞ୍ଚଳର ନାଥୁରାମ ଅଗ୍ରୱାଲଙ୍କ ବଡ଼ଝିଅ ସରିତା ଅଗ୍ରୱାଲଙ୍କ ବିବାହ ୫ ମାର୍ଚ୍ଚ ୧୯୯୪ରେ ଆଠମଲ୍ଲିକ ରଥସାହି ନିବାସୀ ନଥୁଲାଲ ଗୋଦୁକାଙ୍କ ବଡ଼ପୁଅ ମହାଦେବଲାଲଙ୍କ ସହ ହୋଇଥିଲା। ୫ ଜାନୁଆରୀ ୧୯୯୬ରେ ସରିତାଙ୍କୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ତାଙ୍କ ବାପା ଆଠମଲ୍ଲିକ ଥାନାରେ ମାମଲା ରୁଜୁ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଶ୍ୱଶୁର ନଥୁଲାଲ, ସ୍ୱାମୀ ମହାଦେବଲାଲ ଗୋଦୁକା, ଶାଶୁ ଦେବକୀବାଇ ଗୋଦୁକା ଓ ଦିଅର ବିନାୟକ ଗୋଦୁକାଙ୍କୁ ଗିରଫ କରିଥିଲା।

# ମୋବାଇଲକୁ ନେଇ ଗଣ୍ଡଗୋଳ: ବୃଦ୍ଧାଙ୍କ ମୃତ୍ୟୁ

କଳିଙ୍ଗନଗର, ୨୨।୨ (ଶୁଭାଶିଷ ରାଉତ)

ଯାଜପୁର ରୋଡ୍ ଥାନ ଅଧୀନ ସୋଲେଇ ଗ୍ରାମରେ ରବିବାର ରାତିରେ ମୋବାଇଲ ଫୋନ୍ ଛଡ଼ାଇ ନେବାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜେମା ଆଲଦା (୬୫)। ସୂଚନା ଅନୁସାରେ, ଉକ୍ତ ଗ୍ରାମର ଆଦିବାସୀ ସାହିର ବରଜୁ ଲୋହାରଙ୍କ ମୋବାଇଲ ଫୋନ୍‌କୁ ଗତ ଶୁକ୍ରବାର କମାର ସାହିର ରବି ହେମ୍ବ୍ରମ ଛଡ଼ାଇ ନେଇଥିଲେ। ମୋବାଇଲ କାହିଁକି ଛଡ଼ାଇନେଲେ ବୋଲି ବରଜୁଙ୍କ ଶାଶୁ ଜେମା ରବିବାର ରାତିରେ ଯାଇ ରବିଙ୍କୁ ପଚାରିଥିଲେ। ଏହି ସମୟରେ ରବିଙ୍କ ସମେତ ସାହିର ଅନ୍ୟ ପ୍ରାୟ ୧୦ଜଣ ଯୁବକ ଆସି ଗଣ୍ଡଗୋଳ କରିବା ସହ ଜେମାଙ୍କୁ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ଏହି ଘଟଣା ପରେ ସୋଲେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଯାଜପୁର ରୋଡ୍ ଥାନା ଅଧିକାରୀ ଆଶିଷ କୁମାର ସାହୁ ଓ ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ପ୍ରେମିକ ଗିରଫ

ବଣାଇଁ/ଲହୁଣୀପଡା, ୨୨।୨ (ପ୍ରଦୀପ ତ୍ରିପାଠୀ/ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଭଗବାନ ସାହିରେ ଜଣେ ମହିଳା(୪୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ଏହି ଘଟଣାରେ ମହୁଲପଦା ପୋଲିସ ରବିବାର ମହିଳାଙ୍କ ପ୍ରେମିକଙ୍କୁ ଗିରଫ କରି ବଣାଇଁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶୁକ୍ରା ମୁଣ୍ଡା। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଶୁକ୍ରାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ.୧୨/୨୬ ରୁଜୁ କରି ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ପାଖରେ ନ ରହି ଅଲଗା ରହୁଥିଲେ। ଉକ୍ତ ମହିଳାଙ୍କ ସହ ଶୁକ୍ରାଙ୍କ ପ୍ରେମ ସମ୍ପର୍କ ଥିଲା। ଏଥିରେ ତିକ୍ତତା ଦେଖାଦେବାରୁ ଶୁକ୍ରା ଶନିବାର ରାତିରେ ମହିଳାଙ୍କୁ ନିଜ ଘରକୁ ଡାକିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶୁକ୍ରା ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ମହିଳାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସକାଳୁ ମୃତଦେହ ଦେଖି ମହିଳାଙ୍କ ସ୍ୱାମୀ ପୋଲିସକୁ ଖବର ଦେଇଥିଲେ। ମହୁଲପଦା ଥାନା ଅଧିକାରୀ ଶିବଶଙ୍କର ଅଲଦା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏତଲାକାରୀ ଅର୍ଥାତ୍ ମୃତା ମହିଳାଙ୍କ ସ୍ୱାମୀଙ୍କ ବୟାନକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ଶୁକ୍ରାଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ଶେଷରେ ସବୁ କିଛି ସ୍ପଷ୍ଟ ହୋଇଥିଲା।

# ୧ ହଜାର ବୋତଲ ଜିଞ୍ଜର ଜବତ, ୫ ବ୍ୟବସାୟୀ ଫେରାର



ବାଲେଶ୍ୱର, ୨୨।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ଅବକାରୀ ମୋବାଇଲ ୟୁନିଟ୍ ଓ ସୋର ଥାନା ପୋଲିସ ରବିବାର ସୋର ତେଣ୍ଟେଇ ଦୟାନିଧିପୁର ଅଞ୍ଚଳରେ ମିଳିତ ଚଢ଼ାଉ କରି ୧ ହଜାର ବୋତଲ ଜିଞ୍ଜର ଜବତ କରିଛନ୍ତି। ଚଢ଼ାଉ ବେଳେ ୫ଜଣ ଜିଞ୍ଜର ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଓଡ଼ିଶାରେ ଜିଞ୍ଜର ବିକ୍ରି ଉପରେ ପ୍ରତିବନ୍ଧକ କରାଯାଇଥିବାବେଳେ କେତେଜଣ ଅସାଧୁ ବ୍ୟକ୍ତି ଏହାକୁ ଅନ୍ୟ ରାଜ୍ୟରୁ ଆଣି ବାଲେଶ୍ୱରରେ ଚୋରାରେ ବ୍ୟବସାୟ କରୁଛନ୍ତି। କୌଣସି ସୂତ୍ରରୁ ଖବରପାଇ ଅବକାରୀ ମୋବାଇଲ ୟୁନିଟ୍ ସୋର ପୋଲିସ ସହାୟତାରେ ଭୋର ସମୟରେ ଦୟାନିଧିପୁର ଗ୍ରାମରେ ଚଢ଼ାଉ କରିଥିଲା। ବ୍ୟବସାୟୀମାନେ ଜାଣିପାରି ଜିଞ୍ଜର ବୋତଲଗୁଡ଼ିକୁ ପେଟିରେ ପୂରାଇ କଣ୍ଟା ବୁଦାମୂଳରେ ଲୁଚାଇ ଦେଇଥିଲେ। ଅବକାରୀ ପୋଲିସ ଏ ବାବଦରେ ସୂଚନା ପାଇ କଣ୍ଟାବୁଦା ମୂଳରୁ ୧୪ ପେଟି ଜିଞ୍ଜର ଜବତ କରିଥିଲା। ପେଟିରେ ୧ ହଜାର ବୋତଲ ଜିଞ୍ଜର ଥିବାବେଳେ ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ସବ୍ ଇନ୍ସପେକ୍ଟର ଭବେଶ ଦାସ ସୂଚନା ଦେଇଛନ୍ତି। ଫେରାର ୫ ବ୍ୟବସାୟୀଙ୍କ ନାମରେ ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ.୪୪୦/୨୫-୨୬) ରୁଜୁ କରାଯାଇଛି।

# ସାଇବର ଠକେଇର ପର୍ଦ୍ଦାଫାଶ, ୬ ଗିରଫ

ଛତ୍ରପୁର/ବୁଗୁଡ଼ା, ୨୨।୨ (ଦିଲୀପ ସାମଲ/ କାଳିଚରଣ ଦାଶ)

ସାଇବର ଅପରାଧୀଙ୍କ ଉପରେ ଲଗାମ ଲଗାଇବା ପାଇଁ ଓଡିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ ସାଇବର କବଚ। ଏହି ଅବସରରେ ଗଞ୍ଜାମ ଜିଲା ପୋଲିସ ଗୋଟିଏ ଦିନରେ ୮୬ଟି ବେନାମୀ ବ୍ୟାଙ୍କ ଆକଉଣ୍ଟ ଚିହ୍ନଟ କରିଥିବାବେଳେ ୧୧ଟି ମାମଲା ରୁଜୁ କରିଛି। ୧୧ ଜଣଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ପୋଲିସ ୬ଜଣଙ୍କୁ ଗିରଫ କରିଛି। ହିଞ୍ଜିଳି ଥାନା ପକ୍ଷରୁ ୪ ଜଣ ପିଣ୍ଟୁ ଦାସ, ବାୟା ଦାସ, ରାଜେଶ ପାତ୍ର ଓ ସରୋଜ ପାତ୍ର ଗିରଫ କରଯାଇଥିବା ବେଳେ ବୁଗୁଡା ଥାନା ଦ୍ୱାରା ୨ ଜଣ ମନୋଜ ସ୍ୱାଇଁ ଓ ଅଶ୍ୱିନୀ ରାଉତ ଗିରଫ ହୋଇଛନ୍ତି। ମନୋଜ ଓ ଅଶ୍ୱିନୀଙ୍କ ଘର ଆସିକା ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ୩୨ ଲକ୍ଷ ୫୯ ହଜାର ୯୫୬ ଟଙ୍କା ସିଜ୍ କରାଯାଇଛି। ଏହି ସବୁ ବେନାମୀ ବ୍ୟାଙ୍କ ଆକଉଣ୍ଟରେ ୮କୋଟି ୭୮ ଲକ୍ଷ ୭୩ ହଜାର ୮୧୪ ଟଙ୍କା କାରବାର ହୋଇଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି।

## Business

# ବାରାଣସୀରୁ ମୋଜାମ୍ବିକ ଗଲା ୧୦ମ ଲୋକୋମୋଟିଭ୍

ଭୁବନେଶ୍ୱର, ୨୨।୨ (ଅନୁରାଧା ମହାରଣା)



ବାରାଣସୀ ଲୋକୋମୋଟିଭ ୱାର୍କସ (ବିଏଲ୍‌ଡବ୍ଲ୍ୟୁ) ଦ୍ୱାରା ନିର୍ମିତ ଦଶମ ସ୍ୱଦେଶୀ ୩୩୦୦ ହର୍ସପାୱାର ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭ ମୋଜାମ୍ବିକୁ ଶନିବାର ପଠାଯାଇଛି। ଭାରତୀୟ ରେଳ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯେଉଁଥିରେ ବିଏଲ୍‌ଡବ୍ଲ୍ୟୁ ମୋଜାମ୍ବିକ ପାଇଁ ମୋଟ ୧୦ଟି ୩୩୦୦ ଏଚପି ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭର ଏକ୍ସପୋର୍ଟ ଅର୍ଡର ପାଇଥିଲା। ଆରଆଇଟିଇଏସ୍ ଲିମିଟେଡ ମାଧ୍ୟମରେ ଏହି ୧୦ଟି ଲୋକୋମୋଟିଭ ନିର୍ମାଣ ଓ ରପ୍ତାନି ଚୁକ୍ତି ଅଧୀନରେ ଯୋଗାଇ ଦିଆଯାଇଛି। ପ୍ରଥମ ଦୁଇଟି ଲୋକୋମୋଟିଭ ୨୦୨୫ ଜୁନ୍‌ରେ, ତୃତୀୟଟି ସେପ୍ଟେମ୍ବରରେ, ଚତୁର୍ଥଟି ଅକ୍ଟୋବରରେ, ପଞ୍ଚମଟି ଡିସେମ୍ବର ୧୨, ଷଷ୍ଠଟି ଡିସେମ୍ବର ୧୫, ସପ୍ତମଟି ୨୦୨୬ ଜାନୁଆରୀ ୮, ଅଷ୍ଟମଟି ଜାନୁଆରୀ ୨୩ରେ ଏବଂ ନବମଟି ଫେବୃଆରୀ ୧୭ରେ ପଠାଯାଇଥିଲା। ବିଏଲ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମିତ ଏହି ଆଧୁନିକ ଲୋକୋମୋଟିଭ୍‌ଗୁଡ଼ିକ ପ୍ରତି ଘଣ୍ଟାରେ ୧୦୦ କିଲୋମିଟର ପର୍ଯ୍ୟନ୍ତ ଗତିରେ ଚଳାଚଳ କରିପାରିବ। ଏହାରେ ଆନ୍ତର୍ଜାତିକ ମାନଦଣ୍ଡ ଅନୁଯାୟୀ ଡ୍ରାଇଭର-ଅନୁକୂଳ ବ୍ୟବସ୍ଥା ଯେପରିକି ରେଫ୍ରିଜରେଟର, ହଟ ପ୍ଲେଟ, ମୋବାଇଲ ହୋଲ୍ଡର ଏବଂ ଆଧୁନିକ କ୍ୟାବିନ ଡିଜାଇନ ରହିଛି, ଯାହା ଅପରେଟରଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରୁଛି। ଭାରତୀୟ ରେଳଗାଡ଼ିର ଉତ୍ପାଦନ ୟୁନିଟ ଭାବେ ବାରାଣସୀରେ ଅବସ୍ଥିତ ବିଏଲ୍‌ଡବ୍ଲ୍ୟୁ ଏବେ ଲୋକୋମୋଟିଭ ନିର୍ମାଣ ଓ ରପ୍ତାନିର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେଉଛି। ସ୍ୱଦେଶୀ ଡିଜାଇନ ଏବଂ ଉନ୍ନତ ରେଳ ପ୍ରଯୁକ୍ତିରେ ଏହାର ବିଶେଷଜ୍ଞତାକୁ ବ୍ୟବହାର କରି ବିଏଲ୍‌ଡବ୍ଲ୍ୟୁ ବିଶ୍ୱ ରେଳ ବଜାରରେ ଭାରତର ଉପସ୍ଥିତିକୁ ସୁଦୃଢ଼ କରୁଛି। ୨୦୧୪ ପରଠାରୁ ବିଏଲ୍‌ଡବ୍ଲ୍ୟୁ ଶ୍ରୀଲଙ୍କା, ମ୍ୟାନମାର ଏବଂ ମୋଜାମ୍ବିକ ଭଳି ଦେଶଗୁଡ଼ିକୁ ଲୋକୋମୋଟିଭ ରପ୍ତାନି କରିଛି, ଯାହା ସେମାନଙ୍କର ରେଳ ବ୍ୟବସ୍ଥାର ବିକାଶରେ ସହାୟକ ହୋଇଛି। 'ମେକ ଇନ୍ ଇଣ୍ଡିଆ' ଏବଂ 'ମେକ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଅନୁଯାୟୀ ଏହି ଏକ୍ସପୋର୍ଟଗୁଡ଼ିକ ବିଭିନ୍ନ ଗେଜ ସିଷ୍ଟମରେ ବ୍ୟବହୃତ ରୋଲିଂ ଷ୍ଟକ ଡିଜାଇନ, ନିର୍ମାଣ ଏବଂ ଯୋଗାଣରେ ଭାରତୀୟ ରେଳଗାଡ଼ିର ସକ୍ଷମତାକୁ ପ୍ରମାଣ କରୁଛି। ଏଭଳି ଉଦ୍ୟମ ମାଧ୍ୟମରେ ଭାରତୀୟ ରେଳଗାଡ଼ି ସହଯୋଗୀ ଦେଶଗୁଡ଼ିକର ରେଳ ଭିତ୍ତିଭୂମିକୁ ଉନ୍ନତ କରିବାରେ ସହାୟକ ହେଉଛି ଏବଂ ରେଳ ରୋଲିଂ ଷ୍ଟକ ଓ ସମ୍ବନ୍ଧିତ ସେବାର ନିର୍ଭର ଯୋଗ୍ୟ ଏକ୍ସପୋର୍ଟର ଭାବେ ଭାରତର ସ୍ଥାନକୁ ସୁଦୃଢ଼ କରୁଛି।

# ଚାଷୀ ବର୍ଗଙ୍କୁ ସୁରକ୍ଷା ଦେଉଛି ପିଏମ୍‌ଏଫ୍‌ବିୱାଇ

ଭୁବନେଶ୍ୱର, ୨୨।୨ (ଅନୁରାଧା ମହାରଣା)

୨୦୧୬ ପୂର୍ବର ଫସଲ ବୀମାକୁ ସାଧାରଣତଃ ଏକ ସୁରକ୍ଷା କବଚ ପରିବର୍ତ୍ତେ ଏକ ଜଟିଳ, ବ୍ୟାଙ୍କ-ଚାଳିତ ଔପଚାରିକତା ଭାବରେ ଦେଖାଯାଉଥିଲା। ମାତ୍ର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ସେହି ଧାରଣାକୁ ବଦଳାଇ ଦେଇଥିବା ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡର ଏମ୍‌ଡି ଏବଂ ସିଇଓ ଡା. ତପନ ସିଙ୍ଘେଲ କହିଛନ୍ତି। ୨୦୨୪-୨୫ରେ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୪.୧୯ କୋଟିରୁ ଅଧିକ କୃଷକଙ୍କୁ ବୀମାଭୁକ୍ତ କରାଯାଇଥିଲା । ଭାରତର କୃଷକ ସମୁଦାୟର ପ୍ରାୟ ଏକ ତୃତୀୟାଂଶ ପିଏମଏଫବିୱାଇ ଉପରେ ବିଶ୍ୱାସ ରଖିଛନ୍ତି । ପ୍ରାୟ ୫୫% ବୀମାଭୁକ୍ତ କୃଷକ ଅଣ-ଋଣୀ, ଅର୍ଥାତ୍ ସେମାନେ ସ୍ୱେଚ୍ଛାକୃତ ଭାବରେ ପଞ୍ଜୀକରଣ କରିଛନ୍ତି। ୨୦୨୪-୨୫ରେ କାର୍ଯ୍ୟକାରୀ ରାଜ୍ୟଗୁଡ଼ିକରେ ମୋଟ ଫସଲ ଅଞ୍ଚଳ (ଜିସିଏ)ର ୩୫% ବୀମାଭୁକ୍ତ କରାଯାଇଥିଲା।

# ଟିପିସିଓଡିଏଲ୍‌ର ବିଜନେସ୍ ଆସୋସିଏଟ ମିଟ୍



ଭୁବନେଶ୍ୱର, ୨୨।୨ (ଅନୁରାଧା ମହାରଣା)

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ବିଜନେସ୍ ଆସୋସିଏଟ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଯୋଗାଣକାରୀ, ନିର୍ମାତା ଏବଂ ସେବା ପ୍ରଦାନକାରୀ ସଂସ୍ଥା ସମେତ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଅଧୀନରେ ପଞ୍ଜୀକୃତ ଅନେକ ଉଦ୍ୟୋଗ ଯୋଗ ଦେଇଥିଲେ। ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ବିଜିନେସ୍ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ, ସିଏଫଓ (ଟିଆଣ୍ଡଡି) ସଞ୍ଜୀବ ଗୁପ୍ତା ଏବଂ ସିଓଓ ଦୁଷ୍ୟନ୍ତ ତ୍ୟାଗୀ ପ୍ରମୁଖ ଉପସ୍ଥିତ ରହି ବିଜନେସ୍ ଆସୋସିଏଟ୍‌ମାନଙ୍କୁ ଓଡ଼ିଶାରେ ଟ୍ରାନ୍ସଫର୍ମର, କେବୁଲ୍, କଣ୍ଡକ୍ଟର, ପୋଲ୍, ମିଟର ଏବଂ ମିଟର ବକ୍ସ ଆଦିର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ଆଲୋଚନାରେ ସୁରକ୍ଷା ପ୍ରୋଟୋକଲ୍, ବୈଧାନିକ ନିୟମ ପାଳନ, ନୈତିକ ବ୍ୟବସାୟିକ ଆଚରଣ, ଉଚ୍ଚ ଗୁଣବତ୍ତାର ମାନଦଣ୍ଡ ଏବଂ ଗ୍ରାହକ-କୈନ୍ଦ୍ରିକ ପରିଚାଳନା ଏବଂ ସେବା ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ବିଜ୍‌ନେସ୍ ଆସୋସିଏଟ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିନ୍ଦଲ ଷ୍ଟିଲ୍ ସିଏସ୍‌ଏରେ ୪୨ ପଏଣ୍ଟ ବୃଦ୍ଧି

JINDAL STEEL

ଭୁବନେଶ୍ୱର, ୨୨।୨ (ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲ ଲିମିଟେଡ୍‌ର କର୍ପୋରେଟ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସ୍‌ଏ) ସ୍କୋରରେ ୪୨ ପଏଣ୍ଟର ବୃଦ୍ଧି ହାସଲ କରିଛି। ଏହି ସ୍କୋର ୩୦ରୁ ବଢ଼ି ୭୨ରେ ପହଞ୍ଚିଛି । ଏହା ସହିତ କମ୍ପାନୀକୁ ୨୦୨୬ ସଷ୍ଟେନେବିଲିଟି ଇୟରବୁକର ମେମ୍ବର ଭାବେ ମନୋନୀତ କରାଯାଇଛି। ଏହି ସମ୍ମାନ ଷ୍ଟିଲ ଇଣ୍ଡଷ୍ଟ୍ରିରେ ବିଶ୍ୱବ୍ୟାପୀ ମାତ୍ର ୧୧ଟି କମ୍ପାନୀଙ୍କୁ ମିଳିଛି (୧୨୯ଟି ମୂଲ୍ୟାଙ୍କନ କରାଯାଇଥିବା କମ୍ପାନୀଗୁଡ଼ିକ ମଧ୍ୟରୁ)। ବିଶ୍ୱବ୍ୟାପୀ ୯,୨୦୦ରୁ ଅଧିକ କମ୍ପାନୀଙ୍କ ମଧ୍ୟରୁ ୫୯ଟି ଇଣ୍ଡଷ୍ଟ୍ରିରେ ୮୪୮ଟି କମ୍ପାନୀକୁ ଏହି ଇୟରବୁକରେ ସ୍ଥାନ ମିଳିଛି। କମ୍ପାନୀ ୯୬% ଡିସକ୍ଲୋଜର୍ ରେଟ ହାସଲ କରି 'ଭେରି ହାଇ' ଡାଟା ଉପଲବ୍ଧତାରେ ପହଞ୍ଚିଛନ୍ତି। ଏହା ସହିତ ଟ୍ରାନ୍ସପାରେନ୍ସି ଓ ରିପୋର୍ଟିଂରେ ପରଫେକ୍ଟ ୧୦୦ରୁ ୧୦୦ ସ୍କୋର କରିଛନ୍ତି । ଏହା ସହିତ ଇଏସ୍‌ଜି ସ୍କୋର ୩୭ରୁ ବଢ଼ି ୭୪ରେ ପହଞ୍ଚିଛି। ଆର୍ଥିକବର୍ଷ ୨୦୨୫ରେ କମ୍ପାନୀ ଡବଲ ମେଟେରିଆଲିଟି ଆସେସମେଣ୍ଟ ସମ୍ପନ୍ନ କରିଛି, ଟିଏନଏଫ୍‌ଡି-ଆଲାଇନ୍ଡ ବାୟୋଡାଇଭରସିଟି ରିସ୍କ ରିଭ୍ୟୁ କରିଛି ଏବଂ ଜଳବାୟୁ ରିସ୍କକୁ ଏଣ୍ଟରପ୍ରାଇଜ ରିସ୍କ ମ୍ୟାନେଜମେଣ୍ଟରେ ସମ୍ପୃକ୍ତ କରିଛି। ହାର୍ଡ-ଟୁ-ଆବେଟ ସେକ୍ଟର ହୋଇଥିଲେ ମଧ୍ୟ ଏନଭାୟରନମେଣ୍ଟାଲ ପଲିସି ଓ ମ୍ୟାନେଜମେଣ୍ଟରେ ୧୦୦ରୁ ୯୯ ଏବଂ କ୍ଲାଇମେଟ ଗଭର୍ନାନ୍ସ ଓ ଟିସିଏଫ୍‌ଡି ଆଲାଇନମେଣ୍ଟରେ ୧୦୦ରୁ ୧୦୦ ସ୍କୋର ହାସଲ କରିଛନ୍ତି। ଜିନ୍ଦଲ ଷ୍ଟିଲ ଲିମିଟେଡର ପ୍ରେସିଡେଣ୍ଟ ଓ ହେଡ୍ ସଷ୍ଟେନେବିଲିଟି ଏବଂ ଡିକାର୍ବୋନାଇଜେଶନ ନବୀନ ଆହ୍ଲୱତ୍ କହିଛନ୍ତି, ଏହି ସ୍ୱୀକୃତି ଆମ ଟିମ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଆମେ ସ୍ୱଚ୍ଛ ଏବଂ ଅଡିଟେବଲ ରିପୋର୍ଟିଂ ଉପରେ ଆଧାରିତ କମ୍ କାର୍ବନ, ସୁରକ୍ଷିତ ଏବଂ ସ୍ଥିତିସ୍ଥାପକ ଷ୍ଟିଲ ବ୍ୟବସାୟ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖିବୁ।



ଅଲ୍ ଓଡ଼ିଶା ୟୁନିୟନ୍ ବ୍ୟାଙ୍କ ରିଟାୟର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଚାଇଲ୍ଡ କେୟାର ହୋମ୍ ଆଶ୍ରୟରେ ରବିବାର ଗ୍ରୋସରି ସାମଗ୍ରୀ ପ୍ରଦାନ କରାଯାଇଛି।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ

ଭୁବନେଶ୍ୱର, ୨୨।୨ (ଅନୁରାଧା ମହାରଣା)




ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବିବାହ ଅଭିଯାନ 'ନିଭାୟେଙ୍ଗେ ଅଲୱେଜ୍'ର ଶୁଭାରମ୍ଭ କରାଯାଇଛି। ଏହା କେବଳ ଏକ ବ୍ରାଇଡାଲ ସଂଗ୍ରହ ନୁହେଁ, ଏହା ପ୍ରେମ, ପ୍ରତିବଦ୍ଧତା ଓ ଏକତ୍ରତାର ଅମର ପ୍ରତୀକ ଭାବରେ ଗହଣାକୁ ଉପସ୍ଥାପନ କରୁଛି। ଜଣେ ନବବଧୂ ଏକ ନୂଆ ପରିବାରରେ ପ୍ରଥମ ଥର ପାଦ ରଖିବାଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ ଗହଣାକୁ ପ୍ରତିଶ୍ରୁତିର ମୂକସାକ୍ଷୀ ଭାବରେ ଉପସ୍ଥାପନ କରିଛି। ସୂକ୍ଷ୍ମ କାରିଗରିରେ ପ୍ରସ୍ତୁତ କରାଯାଇଥିବା ଗହଣା ପିଢ଼ି ପିଢ଼ି ଧରି ସ୍ମୃତିଗୁଡ଼ିକର ସାକ୍ଷୀ ହୋଇରହିବ। ଏହି କଲେକ୍ସନରେ ସ୍ୱତନ୍ତ୍ର ହାର, ଐତିହ୍ୟବହନ କରୁଥିବା ଚୁଡ଼ି, ଚୋକର ଓ କାନଫୁଲ ଆଦି ରହିଛି। ମେହେନ୍ଦିରୁ ରିସେପଶନ ପର୍ଯ୍ୟନ୍ତ ଏହି କଲେକ୍ସନକୁ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ଖିମଜୀ ଜୁଏଲର୍ସ ସୁନା ଗହଣାର ଗଢା ମଜୁରିରେ ଫ୍ଲାଟ ୪୫% ରିହାତି ଘୋଷଣା କରାଯାଇଛି। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ଏହି କଲେକ୍ସନ ପ୍ରତ୍ୟେକ ବିବାହକୁ ପରିଭାଷିତ କରୁଥିବା ପ୍ରତିଶ୍ରୁତିକୁ ରୂପ ଦେଉଛି।

# ପାରାଦୀପ ପରିବା ମାର୍କେଟରେ ବଡ଼ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ମାର୍କେଟରେ ଦୋକାନ, ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି।

**ପାରାଦୀପ,୨୨।୨(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପରେ ବଡ଼ପଡ଼ିଆ ମୁଖ୍ୟ ପରିବା ମାର୍କେଟରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୯୧ଟି ପରିବା ଦୋକାନ ପୋଡି ଯାଇଥିବା ଜଣାପଡ଼ିଥିବା ବଣିକ ସଂଘ ସଭାପତି ଅମିୟ ପାଣି କହିଛନ୍ତି। ବିଭିନ୍ନ ଆସବାବପତ୍ର ସମେତ ବହୁ ପରିବା ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ, କୁଜଙ୍ଗ ଅଗ୍ନିଶମ ବିଭାଗ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ୮ଟି ନିଆଁଲିଭା ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହେବାକୁ ରବିବାର ଭୋର ପର୍ଯ୍ୟନ୍ତ ସମୟ ଲାଗିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ମଶା ଧୂପ କିମ୍ବା ବିଦ୍ୟୁତ୍ ଶର୍ଟସର୍କିଟରୁ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ଅଗ୍ନିକାଣ୍ଡରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଥିବା ପୌର ପରିଷଦ ପକ୍ଷରୁ ଆକଳନ କରାଯାଇଛି।

ପାରାଦୀପର ସବୁଠାରୁ ବଡ଼ ଓ ମୁଖ୍ୟ ପରିବା ବଜାର ମଧ୍ୟରେ ପ୍ରାୟ ୨୦୦ରୁ ଅଧିକ ବ୍ୟବସାୟୀ ଅସ୍ଥାୟୀ ପିଣ୍ଡିରେ ପରିବା ବ୍ୟବସାୟ କରନ୍ତି। ସେମାନଙ୍କ ପାଇଁ ସ୍ଥାୟୀ ଶେଡ୍ ଏପର୍ଯ୍ୟନ୍ତ ହୋଇନାହିଁ। କାରଣ ବନ୍ଦର ଜାଗାରେ ଏପରି ସ୍ଥାୟୀ ଶେଡ୍ କରିବା ପାଇଁ କେତେକ ପ୍ରତିବନ୍ଧକ ରହିଛି। ପୌରପରିଷଦ ମଧ୍ୟ ଏପର୍ଯ୍ୟନ୍ତ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ କରିନାହାଁନ୍ତି। ଫଳରେ ସବୁ ବ୍ୟବସାୟୀ ବାଉଁଶଭାରା ଉପରେ ପଲିଥିନ ଶେଡ୍ କରି ବ୍ୟବସାୟ କରୁଥିଲେ। ନିଆଁ ଲାଗିଲା ପରେ ତାହା ପଲିଥିନ ଯୋଗୁ ବ୍ୟାପୀ ଯାଇଥିଲା। ଘଟଣା ପରେ ପୌରାଧକ୍ଷ

### ୯୧ ଦୋକାନ ଜଳିଗଲା

ବସନ୍ତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ବ୍ୟବସାୟୀଙ୍କୁ ଭେଟି ସାନ୍ତ୍ୱନା ଜଣାଇଛନ୍ତି। ମଧ୍ୟାହ୍ନ ସମୟରେ ସ୍ଥାନୀୟ ବିଧାୟକ ତଥା ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ପକ୍ଷରୁ ବିପନ୍ନ ବ୍ୟବସାୟୀଙ୍କ ପ୍ରତି କିଛି ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ମନ୍ତ୍ରୀ ଯିବାର ୧୦ ମିନିଟ ପରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ପ୍ରଥମେ ପ୍ରଭାବିତ ବ୍ୟବସାୟୀଙ୍କୁ ପୌରପରିଷଦ ପକ୍ଷରୁ ଯଥା ସମ୍ଭବ ସହାୟତା ପାଇଁ ଆଲୋଚନା କରାଯାଇଛି। ଯେହେତୁ ବନ୍ଦର ଜାଗାରେ ଉକ୍ତ ମାର୍କେଟ ଚାଲିଛି ସେଥିପାଇଁ ସେମାନଙ୍କୁ ସ୍ଥାୟୀ ଶେଡ ମିଳିବାରେ ଅସୁବିଧା ହେଉଛି। ଏନେଇ ସେ ନିଜେ ବନ୍ଦର ପ୍ରଶାସନ ସହ ଆଲୋଚନା କରି ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଚେଷ୍ଟା କରିବେ ବୋଲି ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁଲାଇ ୧୪ରେ ସମାନ ଜାଗାରେ ଅଗ୍ନିକାଣ୍ଡ ଘଟି ୪ ଦୋକାନ ପୋଡ଼ି ଯାଇଥିଲା।

### ଜୀବନ ବଞ୍ଚାଇ ନିଜେ ଜଳିଗଲା କୁକୁର

ଉକ୍ତ ପରିବା ମାର୍କେଟରେ ସନ୍ତୋଷ ସାହୁଙ୍କ ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ସନ୍ତୋଷ ତାଙ୍କର ଏକ ପୋଷା କୁକୁର ସହ ରାତିରେ ଶୋଇଥିଲେ। ନିଆଁ ଲାଗିବା ପରେ କୁକୁର ବିକଟାଳ ଭାବେ ଭୁକିଥିଲା। ଏହି ଶବ୍ଦରେ ସନ୍ତୋଷଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ଉଠିବା ବେଳକୁ ଚାରିଆଡ଼େ ନିଆଁ ଜଳୁଥିବା ଦେଖିଥିଲେ। ଏନେଇ ସନ୍ତୋଷ ତୁରନ୍ତ ଦୋକାନରୁ ବାହାରକୁ ଚାଲି ଆସିବା ସହ ଅନ୍ୟମାନଙ୍କୁ ଡାକି ବାହାରକୁ ବାହାର କରିଥିଲେ। ଫଳରେ ସମସ୍ତେ ରକ୍ଷା ପାଇଯାଇଥିବାବେଳେ ଉକ୍ତ କୁକୁରଟି ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଛି।

## ମନ୍ କୀ ବାତ୍‌ରେ ସୁନ୍ଦରଗଡ଼ର ଯୁବଚାଷୀ ହିରୋଦ



ହିରୋଦ ପଟେଲ

**ସୁନ୍ଦରଗଡ,୨୨।୨ (ଜୟ ନାରାୟଣ ମେଣ୍ଡୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣରେ ସୁନ୍ଦରଗଡ଼ର ଯୁବ ଚାଷୀ ହିରୋଦ ପଟେଲଙ୍କ ଚାଷ ଶୈଳୀକୁ ଭୂୟସୀ ପ୍ରଶଂସା କରିଛନ୍ତି। ହିରୋଦ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ଏହି ଯୁବ ଚାଷୀ ଇଞ୍ଜିନିୟରିଂ ପାଠ ପଢ଼ା ପରେ ଗତ ୮ ବର୍ଷ ତଳେ ବାପା ଶିବ ଶଙ୍କର ପଟେଲଙ୍କ ସହିତ ମିଶି ପ୍ରଥମେ ଧାନ ଚାଷ ଆରମ୍ଭ କରିଥିଲେ। ଏହାପରେ ମାଛ ଚାଷ ସହିତ କଦଳୀ, ଅମୃତଭଣ୍ଡା ସହିତ ଅନ୍ୟାନ୍ୟ ପନିପରିବା ଓ ଫୁଲଚାଷ କରିଆସୁଛନ୍ତି। ଏଥିରୁ ସେ ଲାଭବାନ ହୋଇ ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି। ତାଙ୍କର ଏହି ମିଶ୍ରିତ ଚାଷ ଦେଖିବା ପାଇଁ ବହୁ ଚାଷୀ ଓ ବିଭିନ୍ନ ସରକାରୀ ଅଧିକାରୀ ଆସୁଛନ୍ତି। ତାଙ୍କର ଏହି ଉତ୍ସାହ ଦେଖି କୃଷି, ଉଦ୍ୟାନ ଓ ମତ୍ସ୍ୟ ବିଭାଗ ତରଫରୁ ତାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରକୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିସରକାରୀ ସହାୟତା ମଧ୍ୟ ଯୋଗାଇ ଦେଇଛନ୍ତି। ବିହାର ପାଟ୍‌ନାକୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବର୍ତ୍ତମାନ ଥିବା ହିରୋଦ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତାଙ୍କୁ କରିଥିବା ପ୍ରଶଂସା ଶୁଣି ଖୁସିବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ସରକାରୀ ସ୍ତରରେ ପୁରସ୍କୃତ ହୋଇଛନ୍ତି। ହିରୋଦଙ୍କ ଏହି ମିଶ୍ରିତ ଚାଷ ଶୈଳୀର ସଫଳତାକୁ ନେଇ ପୂର୍ବରୁ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

## ପରିବା ବଗିଚାରେ ୨ ଜଣଙ୍କୁ ମାରିଲା ଦନ୍ତା

**ଦିଗପହଣ୍ଡି,୨୨।୨(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜଳମେରିପଲ୍ଲୀ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦନ୍ତାହାତୀ ଆକ୍ରମଣରେ ଗ୍ରାମର ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ସୀମାଞ୍ଚଳ ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ (୫୧) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ (୬୭)। ସୀମାଞ୍ଚଳଙ୍କ ଆଖି ଆଗରେ ତାଙ୍କ ସ୍ତ୍ରୀ ଉର୍ମିଳାଙ୍କ ଜୀବନ ଯାଇଛି। ଅପରପକ୍ଷରେ ଉର୍ମିଳାଙ୍କ ଚକ୍ଷୁକୁ ପରିବାର ଲୋକେ ସ୍ୱେଚ୍ଛାକୃତ ଭାବେ ଦାନ କରିଛନ୍ତି।



ଉର୍ମିଳା ରାଉତ



ଗୋପୀନାଥ ପ୍ରଧାନ

ଖବରରୁ ଜଣାପଡିଛି, ରବିବାର ସକାଳେ ଉର୍ମିଳା ତାଙ୍କ ସ୍ୱାମୀ ସୀମାଞ୍ଚଳ ଓ କାଶୀନାଥ ଗାଁ ନିକଟସ୍ଥ ପରିବା ବଗିଚାରେ କାମ କରୁଥିଲେ। ନିକଟସ୍ଥ ଘୋଡ଼ାହାଡ଼ ନଦୀ ପଠାରୁ ଏକ ଦନ୍ତା ହାତୀ ଆସୁଥିବା ଦେଖି ନିକଟରେ କାମ କରୁଥିବା ଲୋକେ ପାଟିକରିଥିଲେ। ଉର୍ମିଳା ଦୌଡି ନ ପାରିବାରୁ ସୀମାଞ୍ଚଳ ତାଙ୍କୁ ପିଠିରେ ବୋହି ନେଉଥିବାବେଳେ ହାତୀ ଉର୍ମିଳାଙ୍କୁ ସୀମାଞ୍ଚଳଙ୍କ ପିଠିରୁ ଭିଡ଼ିନେଇ ତଳେ ପକାଇ ଦଳି ଦେଇଥିଲା। ଫଳରେ ଉର୍ମିଳାଙ୍କ ମୃତ୍ୟୁ ହୋଇଥିଲା। ସୀମାଞ୍ଚଳ ନିକଟରେ ଥିବା ଏକ ଗଛକୁ ଆଉଜି ପଡି ଲୁଚିଯିବାରୁ ହାତୀ କବଳରୁ ବର୍ତ୍ତି ଯାଇଥିଲେ। ପରେ ହାତୀ ଗୋପୀନାଥଙ୍କୁ ଗୋଡ଼ାଇ ଶୁଣ୍ଢରେ ଦୁଇଥର ଟେକିଆଣି କିଛି ଦୂରକୁ ଫୋପାଡି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋପୀନାଥଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ ପ୍ରଧାନ ଟିମ୍‌ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ତହସିଲଦାର ଉଭୟ ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଲେଖାଏ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ୧୦ ଲକ୍ଷ ଟଙ୍କା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଦାନ କରାଯିବ। ଶୁଦ୍ଧିକ୍ରିୟା ବାବଦକୁ ଅନୁକମ୍ପା ରାଶିର ୧୦ ପ୍ରତିଶତ ତତ୍କାଳ ପ୍ରଦାନ କରାଯିବ ବୋଲି ଅତିରିକ୍ତ ବନ ସଂରକ୍ଷକ ସାହୁ କହିଛନ୍ତି।

## ୨୬ରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)**

ମହାନଦୀ ଜଳ ବିବାଦ ସମାଧାନ ଲାଗି ଆସନ୍ତା ୨୬ ତାରିଖରୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ (ଏମ୍‌ଡବ୍ଲ୍ୟୁଡିଟି)ର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀ ଏବଂ ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ଗତ ୨୦ ତାରିଖରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜଳସମ୍ପଦ ବିଭାଗ ସମେତ ରାଜ୍ୟର ବହୁ ପଦାଧିକାରୀଙ୍କ ପତ୍ର ଲେଖି ସୂଚିତ କରାଯାଇଛି। ଚିଠିରେ କୁହାଯାଇଛି, ଏମ୍‌ଡବ୍ଲ୍ୟୁଡିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ କର୍ମଚାରୀଙ୍କ ସହ ଫେବୃଆରୀ ୨୬ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତ ସମୟରେ ସେମାନଙ୍କର ଯେଭଳି କୌଣସି ପ୍ରକାର ବ୍ୟତିକ୍ରମ ନ ଉପୁଜେ ତାକୁ ନେଇ ଝାରସୁଗୁଡ଼ା, ସମ୍ବଲପୁର, ଖୋର୍ଦ୍ଧା ଏବଂ ପୁରୀ ଜିଲାପାଳମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହାସହ ଜଳସମ୍ପଦ ବିଭାଗକୁ ସଂଯୋଜନା ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତ କରି ସମଗ୍ର ଯାତ୍ରାର ସମନ୍ୱୟ କରିବାକୁ କୁହାଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ ସମ୍ପୃକ୍ତ ଜିଲାର ପୋଲିସ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଗସ୍ତରେ ଟ୍ରିବ୍ୟୁନାଲର ଜଷ୍ଟିସ୍ ଡକ୍ଟର ରବି ରଞ୍ଜନ, ଜଷ୍ଟିସ୍ ଇନ୍ଦରମିତ କୌର କୋଚର୍ ଏବଂ ଅନ୍ୟାନ୍ୟ ଅଧିକାରୀଗଣ ସାମିଲ ରହିବେ ବୋଲି ଗୃହବିଭାଗ ପକ୍ଷରୁ କୁହାଯାଇଛି।

### ୪ ଜିଲାପାଳଙ୍କୁ ଦାୟିତ୍ୱ ବଣ୍ଟନ

## ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଓଡ଼ିଆଙ୍କ ସକ୍ରିୟ ସହଯୋଗର ଚିତ୍ର

**ଡ. ସୁରେନ୍ଦ୍ର କୁମାର ମିଶ୍ର**

### ୧୩୦ ଜଣ ଶଗଡ଼ିଆ, ୨୬୦ ବଳଦ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ



ପରିବହନ ପାଇଁ ବ୍ୟବହୃତ ଶଗଡ଼।




ଆମେ ଗତ ସଂଖ୍ୟାରେ ଶାରୀରିକ ସହଯୋଗ ପ୍ରସଙ୍ଗ ଲେଖିଥିଲୁ। ଏବେ ଦେଖିବା ସେମାନେ କିଏ କିଏ! ମହିଳା ଶ୍ରମିକଙ୍କ ସର୍ଦ୍ଦାର 'ସୁଖି ମୂଳିଆଣୀ' ନାମରେ ପ୍ରସିଦ୍ଧ ଥିଲେ। ୭୪ଜଣ ମୂଳିଆଣୀଙ୍କୁ 'ସୁଖି ମୂଳିଆଣୀ' ତାଙ୍କ ଅଧୀନରେ ରଖି ଶେଷ ଯଜ୍ଞସ୍ଥାନ ପରିଷ୍କାର ପର୍ଯ୍ୟନ୍ତ ଥିଲେ।

ବର୍ଷ ବର୍ଷ ଧରି ଶେଷ ଦିନ ପର୍ଯ୍ୟନ୍ତ ୩୨ଜଣ ବାରିକ ଶିବିରଗୁଡ଼ିକରେ ଶିଳ୍ପୀଙ୍କର ସେବା କରୁଥିଲେ। ସେଲୁନ ତ ସେତେବେଳେ ନ ଥିଲା। ତେଣୁ ଅପରିହାର୍ଯ୍ୟ ଥିଲେ ସେମାନେ। ସେମାନଙ୍କୁ ଏବର 'ଜାହାନିଆ'ଠାରେ ଗଜପତି ଚାଷଜମି ଦାନ କରିଥିଲେ।

ମନ୍ଦିର ନିର୍ମାଣବେଳେ ୧୩୦ଜଣ ଶଗଡ଼ିଆ ଓ ୨୬୦ଟି ବଳଦ ଶେଷ ପର୍ଯ୍ୟନ୍ତ ଥିଲେ। ଏକ ଶଗଡ଼ଶାଳା ଓ ଏକାଧିକ ବଳଦ ଗୁହାଳ ଥିଲା। ଏଇ ଶଗଡ଼ିଆମାନେ ଜଳେଶ୍ୱର ଦଣ୍ଡପାଟରୁ ଧାନ ନେଇ ଆସିବା ପରେ ସେବା ନିଯୁକ୍ତ ହୋଇଥିଲେ। କେବଳ ଜଳେଶ୍ୱର ନୁହେଁ, ମହେନ୍ଦ୍ର କଟକ, ଶ୍ରୀକୂର୍ମ କଟକ ଓ କୋଠଦେଶରୁ ଧାନ ଆସିଥିଲା। ସମସ୍ତ ଶଗଡ଼ିଆ ରହିଯାଇଥିଲେ ସେବାରେ।

ସଫେଇ କର୍ମଚାରୀ ୩୦ଜଣଯାକ ଶେଷ ପର୍ଯ୍ୟନ୍ତ ଥିଲେ। ସେମାନେ ଚାରି ଶିବିର, କାର୍ଯ୍ୟସ୍ଥଳ ଓ ବିଭିନ୍ନ ଯିବାଆସିବା ରାସ୍ତା ସଫା କରୁଥିଲେ। ତାଙ୍କର ସର୍ଦ୍ଦାର ଥିଲେ ରାମ ରାଉଳ। ପାଇଖାନା ସଫେଇ କର୍ମଚାରୀ ଅଲଗା ଥିଲେ। ଶେଷ ପର୍ଯ୍ୟନ୍ତ ଥିଲେ ବିଶୁଦ୍ଧ ପାଣି ଯୋଗାଉଥିବା ୪୮ଜଣ ସେବାକାରୀ। ଶେଷ ପର୍ଯ୍ୟନ୍ତ ଥିଲେ ୧୮୭ଜଣ ଚାପ ଦଳେଇ।

ଶାରୀରିକ ସହଯୋଗର ଚିତ୍ର ଆମେ ଆଲୋଚନା କରୁଛେ। ଛାଡ଼ିଯାଉଛେ କି ଦୁହୁଡ଼ିଆମାନଙ୍କୁ। ଶିଳ୍ପୀଙ୍କ ଶିବିରରେ ୧୩୦ଜଣ ଠିଆ ଦୁହୁଡ଼ି ଜାଳୁଥିଲେ। ଥୁଆ ଦୁହୁଡ଼ିର ଦାୟିତ୍ୱରେ ଥିଲେ ୧୨ଜଣ। ଏମାନଙ୍କୁ ୨୪ଜଣ 'ତେଲି' ଦିନରାତି ପରିଶ୍ରମ କରି ପୋଲାଙ୍ଗ ତେଲ ଯୋଗାଉଥିଲେ। ପୋଲାଙ୍ଗଫଳ ସଂଗ୍ରହ, ଶୁଖେଇବା, ଘଣାରେ ପେଡ଼ି ତେଲ ସଂଗ୍ରହ କରିବା ସହଜ ବ୍ୟାପାର ନୁହେଁ। ତେଲ ପହଞ୍ଚାଉଥିବା ତେଲିଙ୍କ ପଛରେ କେତେଲୋକ କାମ କରୁଥିବେ ସହଜେ ଅନୁମେୟ। କେତେ ସୁଚିନ୍ତିତ ଯୋଜନାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିଲା... ଅନୁଭବ କରିବା କଥା। ବାହାରିଆ ଲେଖକ ଏହା ଭିତରେ ପଶିପାରିବେ ନାହିଁ... ଲେଖିଦେଲେ ଆମେ କରିନୁ!

ମନ୍ଦିର ନିର୍ମାଣରେ ସହଯୋଗୀ ମୂଳିଆଣୀ, ମହିଳା ଶ୍ରମିକ, ବାରିକ, ଶଗଡ଼ିଆ, ସଫେଇ କର୍ମଚାରୀ, ଦୁହୁଡ଼ିଆ ଓ ତେଲିଙ୍କ ଅବଦାନ ଆମେ ଆଲୋଚନା କଲେ। ଶିଳ୍ପୀ ଓ ଅନ୍ୟ ସହଯୋଗୀମାନଙ୍କୁ ପୋଷାକ ଯୋଗାଇବା ପାଇଁ ଗଜପତିଙ୍କ ସହମତିରେ ୨୨ଜଣ ଲୁଗାବେପାରୀଙ୍କ ନିଯୁକ୍ତି ଦିଆଯାଇଥିଲା। ବିଭିନ୍ନ ଶିବିରରେ ୨୨ଜଣ ରୋଷେୟା ଖାଦ୍ୟ ପ୍ରସ୍ତୁତ କରୁଥିଲେ। ରୋଷେଇ ହାଣ୍ଡି ଓ ଅନ୍ୟ ବାସନକୁସନ ମାଜିବା ପାଇଁ ଥିଲେ ୩୪ଜଣ। ଦ୍ୱାରଫାଟକ ଜଗିବା ପାଇଁ ୧୨ଜଣ ଜଗୁଆଳି ଶେଷ ପର୍ଯ୍ୟନ୍ତ ଥିଲେ। ସେମାନଙ୍କୁ 'ପଢ଼ିଆରୀ' ଶବ୍ଦରେ ପୋଥି ଲେଖକ ବର୍ଣ୍ଣନା କରିଛନ୍ତି।

ଏହା ତ ଗୋଷ୍ଠୀଗତ ସହଯୋଗରେ ଇତିହାସ ଥିଲା। ବ୍ୟକ୍ତିଗତ ଭାବରେ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହି କିପରି ସଫଳ ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି, ଆମେ ଜାଣିବା କଥା।

ମନ୍ଦିର ନିର୍ମାଣବେଳେ ରାଜକାର୍ଯ୍ୟରେ ଗଜପତି ବ୍ୟସ୍ତ ରହୁଥିଲେ। ସେତେବେଳେ 'ବଳଶ୍ରୀ' ତାଙ୍କର ପ୍ରତିନିଧି ଭାବରେ କୋଣାର୍କରେ ଉପସ୍ଥିତ ରହୁଥିଲେ। ଧର୍ମପଦ ମୁଣ୍ଡି ମାରିବା ରାତିରେ ସେ ଉପସ୍ଥିତ ଥିଲେ। ତାଙ୍କରି ପାଟିରୁ ବାହାରି ଆସିଥିଲା ବାଃ... ଧର୍ମପଦ ବାଃ...। ତାଙ୍କ ପୂରା ନାମ ବଳଶ୍ରୀ ବାସୁ ସହସ୍ରମଲ୍ଲ ବର୍ମନ। ଉପହାର ସ୍ୱରୂପ ଗଜପତି ଏକ 'ରତ୍ନଶିରୋପା' ଦେଇଥିଲେ। ସେଥିରେ ଦୁର୍ମୂଲ୍ୟ ପଥର ଖଞ୍ଜା ଯାଇଥିଲା। ସେହିପରି ବିଶିଷ୍ଟ ସ୍ଥପତି ନାରାୟଣ ମହାପାତ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ପରିଦର୍ଶନ କରୁଥିଲେ। ଅର୍ଥାତ୍ ପ୍ରତିଦିନର କାମ କେତେ ଆଗେଇଲା, ପଥର ଉପରକୁ ଉଠିଲା କି ନାହିଁ, ନିଜେ ମଧ୍ୟ ଭାସ୍କର୍ଯ୍ୟ କାର୍ଯ୍ୟ କରୁଥିଲେ। ସେତିକି ନୁହେଁ, ବ୍ୟକ୍ତିଗତ ଭାବରେ ନିର୍ମାଣ ପ୍ରତି ଯେଉଁମାନେ ନିଘା ରଖିଥିଲେ ସେମାନେ ହେଲେ- ତ୍ରିଭୁବନ କେଶରୀ ଦେବ ବର୍ମନ (ଯାହାଙ୍କୁ ଗଜପତି ରାଜରାଜେଶ୍ୱର ଦେବ ଉପାଧିରେ ସମ୍ମାନ ଦେଇଥିଲେ)। ତାପଙ୍ଗ ବିଷୟର ରାଜେନ୍ଦ୍ର ସାମନ୍ତ, କେରାଣ୍ଡିମାଳର -ବୀରଦେବ ପାଟସାହାଣୀ, ଶିଳ୍ପାଚାର୍ଯ୍ୟ ରବି ବ୍ରହ୍ମା, ସିଂହାଚଳ ବଳୟ ମଣ୍ଡଳର -ଜୟଦେବାଚାର୍ଯ୍ୟ କଳିଙ୍ଗ ଘାଟିର ଅଂଶୁମାଳି ବର୍ମା, ମହାମାଣ୍ଡଳିକ ପୁରୁଷୋତ୍ତମ ବ୍ରହ୍ମା ରାୟଗୁରୁ। ଏମାନେ ଆମର ନମସ୍ୟ। କିଛି ପାଇବାର ଆଶା ଅପେକ୍ଷା ଜୀବନକୁ ଏକ ପବିତ୍ର କାର୍ଯ୍ୟରେ ନିୟୋଜିତ କରିବା ଅଭିପ୍ରାୟ ଜାଣିଲେ ମୁଗ୍ଧ ହେବାକୁ ହୁଏ। ଶେଷ ପର୍ଯ୍ୟନ୍ତ ଏମାନେ ସକ୍ରିୟ ସହଯୋଗର ହାତ ବଢ଼ାଇଥିଲେ।

### କୋଣାର୍କ ଶ୍ରୀପଦ୍ମକେଶର ମନ୍ଦିର ଐତିହ୍ୟର ଶହେତମ ଆଲେଖ୍ୟ

'ଐତିହ୍ୟର ଓଡ଼ିଶା' ଶୀର୍ଷକରେ ବିଶ୍ୱବିସ୍ମୟ କୋଣାର୍କର ଶ୍ରୀପଦ୍ମକେଶର ମନ୍ଦିରର ନିର୍ମାଣ ଐତିହ୍ୟ ୨୦୨୧ ମାର୍ଚ୍ଚ ୨ରୁ 'ଧରିତ୍ରୀ'ରେ ଆମେ ଆରମ୍ଭ କରିଥିଲୁ। ଏବେ ତାହା ୧୦୦ତମ ସଂଖ୍ୟାରେ ପହଞ୍ଚିଛି। କେବଳ ଇତିହାସ କିମ୍ବା ଦସ୍ତାବିଜ୍‌କୁ ଆମେ ଆଧାର କରି ନ ଥିଲୁ, କୋଣାର୍କର ୧୮ ଗଡ଼ ମଧ୍ୟରୁ ୧୫ ଗଡ଼କୁ ଅନୁସନ୍ଧାନ ପାଇଁ ଯାଇଥିଲୁ। କିଛି ପାଇବା ଆଶାରେ ନଈ, ନାଳ, ଜଙ୍ଗଲ ଭିତରକୁ ଯାଇଛୁ। ମନ୍ଦିର ନିର୍ମାଣରେ ସହଯୋଗ ଦେଇଥିବା ଗାଁକୁ, ପଥର ଆସିଥିବା ଗାଁକୁ, ପଥରବୁହା ନଦୀର ଧାରେ ଧାରେ ଖରାରେ ଓଦଗାମୁଛା ମୁଣ୍ଡରେ ପକାଇ ବୁଲିଛୁ। ବାହାରିଆ ଲେଖିଥିବା ବିଭ୍ରାନ୍ତ ଇତିହାସକୁ ନିରାଧାର କରିବାକୁ ଆପ୍ରାଣ ପ୍ରଚେଷ୍ଟା। ଭ୍ରମାତ୍ମକ ଇତିହାସରେ ଆଗାମୀ ପିଢ଼ି ବିଭ୍ରାନ୍ତ ନ ହୁଅନ୍ତୁ...।

**MAA MANIKESHWARI UNIVERSITY**
**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**
**माँ माणिकेश्वरी विश्वविद्यालय**
(Erstwhile : Kalahandi University)
Manikya Vihar,Bhawanipatna,Kalahandi,Odisha
No.11001/30/2526: Website-kalahandiuniversity.ac.in

No.526/MMU Dt.21.02.2026

**RECRUITMENT NOTICE**

Maa Manikeshwari University, Bhawanipatna invites applications in both physical and online mode through HIMS portal from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Professor/ Associate Professor/ Assistant Professor against regular sanctioned posts in the departments of Anthropology, Botany, Chemistry, Commerce, Education, Economics, English, Geography, History, Mathematics, Odia, Physics, Political Science, Sanskrit, Sociology, Zoology of this University as directed vide **Letter No. 5322/HE, Dated 31.01.2026** of Department of the Higher Education, Government of Odisha, Bhubaneswar. The online application form and department wise reservation details will be made available on the University website **www.kalahandiuniversity.ac.in and HIMS Portal** from 06.03.2026 onwards. Please visit the University website for details of the terms and conditions, guidelines for applying etc.

Application open date: 06.03.2026
Application closing date: 05.04.2026
Closing Date for receipt of Printed copy of the application: 15.04.2026

Sd./- Registrar
Maa Manikeshwari University,
Bhawanipatna

OIPR-11001/11182/1/25-26/0001

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର**
**OFFICE OF THE NOTIFIED AREA COUNCIL, PADMAPUR**
AT/PO/PS:-Padampur, Dist:-Bargarh (Odisha), PIN:-768036
Email ID:- nac.padampur@gmail.com
ପତ୍ରସଂଖ୍ୟା ୪୩୩, ତା.୧୯.୦୨.୨୦୨୬ରିଖ

**ଲୌହ ସାମଗ୍ରୀର ବିକ୍ରୟ ପାଇଁ ଇସ୍ତାହାର**

**No.13001/359/2526:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ବିଭିନ୍ନ ଅଦରକାରୀ ଲୌହସାମଗ୍ରୀର ବିକ୍ରୟ ପାଇଁ କୋଟେସନ ମାଧ୍ୟମରେ ବିଡରଙ୍କୁ ଆହ୍ୱାନ କରାଯାଉଛି । ଲୌହ ସାମଗ୍ରୀର ବିକ୍ରୟ ପାଇଁ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରୁ ବିଡିଂ ଫର୍ମ ତା.୨୩.୦୨.୨୦୨୬ରିଖ ରୁ ତା.୦୫.୦୩.୨୦୨୬ରିଖ ୪.୩୦ ଘଟିକା ପର୍ଯ୍ୟନ୍ତ ମଧ୍ୟରେ ଉପଲବ୍ଧ ରହିବ । ବିଡିଂ ଫର୍ମ ମୂଲ୍ୟ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଯାହା ଫେରସ୍ତ ହେବ ନାହିଁ । କୋଟେସନ ମାଧ୍ୟମରେ ଆବେଦନଗୁଡ଼ିକୁ ତା.୦୬.୦୩.୨୦୨୬ ରିଖ (ଶୁକ୍ରବାର) ଦିବା ୧୧.୩୦ ଘଟିକା ସମୟରେ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଖୋଲାଯିବ । ବିକ୍ରୟ ପାଇଁ ଥିବା ଅଦରକାରୀ ଲୌହ ସାମଗ୍ରୀଗୁଡ଼ିକ ହେଲା ୧) ଲୌହ ଚେନାଲ ପାଇପ, ୨) ଲୌହ ଚଦର ଏବଂ ୩) ଭେଣ୍ଡିଂ ଜୋନରେ ଥିବା ଅଦରକାରୀ ଲୌହ ବାକ୍ସ ଇତ୍ୟାଦି । ଆପଣ ବିଭିନ୍ନ ଲୌହ ସାମଗ୍ରୀ କିଲୋଗ୍ରାମ ପ୍ରତି ମୂଲ୍ୟ ଅନୁସାରେ ପ୍ରଦାନ କରିବେ । କୋଟେସନ ଖୋଲା ସମୟରେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ତେବେ ଉକ୍ତ କୋଟେସନକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

OIPR-13001/13118/1/25-26/0029

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**LOWER INDRA CANAL DIVISION, KHARIAR**
No.32001/113/25-26
Dist : Nuapada, Odisha, PIN - 766107
e-Procurement Notice No. SELICD-11/2025-26, Dt. 18.02.2026 (Online)
No. 493 E-mail ID : eelicd.kha@gmail.com Date : 18.02.2026

1. Type/Nature of work : **Civil Works**, 2. Total No. of works : **01 (One) No.**, 3. Approx. value of works : **Rs.21.94 Lakh (Excluding GST)**, 4. Period of completion : **02 Months**, 5. Classification of bidders : **'C & B' Class Contractors only**.

Other details as follows :

| Procurement Officer | Bid Identification No. | Name of the work | Bid Amount | Availability & Submission of bids in online |
|---|---|---|---|---|
| Superintending Engineer, Lower Indra Canal Division, Khariar, Dist.-Nuapada, Odisha | SELICD-11/2025-26, Dt.18.02.2026 | 1. Remedial measures to leakage and damaged structures or treatment and durability enhancement of Drainage Gallery of Lower Indra Irrigation Project | Rs.21.94 Lakh | From 24.02.2026 At 10.00 A.M. to 05.03.2026 Upto 5.00 P.M. |

N.B. : **Date & time of opening of tender on 06.03.2026 at 11.00 A.M.**
Bidders to be participated in online bidding only. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the tender can be seen in above website only.

Sd./- (Er. Soumya Kishore Jaipuria)
Superintending Engineer, Lower Indra Canal Division, Khariar

OIPR-32001/32335/1/25-26/0007

**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ
No.31001/20/2526

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ଆଇ.ଟି.ଆଇ. ପଡ଼ିଆ, ବାଲେଶ୍ୱର
ସୁଭଦ୍ରା ଶକ୍ତି ମେଳା, ବାଲେଶ୍ୱର-୨୦୨୬
ତା.୨୨.୦୨.୨୦୨୬ରିଖ ଠାରୁ ୨୮.୦୨.୨୦୨୬ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

''ଆପଣଙ୍କ ପ୍ରିୟ ବାଲେଶ୍ୱର ସହରରେ ସୀମିତ ସମୟ ପାଇଁ''
ଆଜିହିଁ ପଦାର୍ପଣ କରନ୍ତୁ ଏବଂ ସୁଲଭ ମୂଲ୍ୟରେ ବସ୍ତ୍ର କ୍ରୟ କରିବା ସହିତ
ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।

OIPR-31001/31001/1/25-26/0001 ସ୍ୱା./-ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ ମହିଳା ଫୁଟ୍‌ବଲ ଦଳରେ ଓଡ଼ିଶାରୁ ୩

**ଖୁଣ୍ଟୁଣୀ,୨୨।୨(ସଚ୍ଚିଦାନନ୍ଦ ପଣ୍ଡା)**

ଓଡ଼ିଶାର ଅଗ୍ରଣୀ ମହିଳା ଫୁଟ୍‌ବଲ ଏକାଡେମୀ ନୀତା ଫୁଟ୍‌ବଲ ଏକାଡେମୀର ୩ଜଣ ଖେଳାଳି ଆସନ୍ତା ମାସରେ ଅଷ୍ଟ୍ରେଲିଆରେ ହେବାକୁ ଯାଉଥିବା ଏଏଫ୍‌ସି ମହିଳା ଏସିଆନ କପ୍ ପାଇଁ ଭାରତୀୟ ମହିଳା ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ମାର୍ଚ୍ଚ ୧୦ରୁ ୨୧ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆଠାରେ ହେବାକୁ ଥିବା ଏଏଫ୍‌ସି ମହିଳା ଏସିଆନ

## ଏଏଫ୍‌ସି ଏସିଆନ କପ୍

କପ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାରତୀୟ ମହିଳା ଫୁଟ୍‌ବଲ ଦଳର ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଘୋଷିତ ୨୬ ଜଣିଆ ଖେଳାଳି ତାଲିକାରେ ଓଡ଼ିଶାର ଅଗ୍ରଣୀ ମହିଳା ଫୁଟବଲ ଏକାଡେମୀ 'ନୀତା ଫୁଟବଲ ଏକାଡେମୀ'ର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଫରୱାର୍ଡ ପ୍ୟାରି ଖାଖା, ମିଡଫିଲ୍ଡର ଯଶୋଦା ମୁଣ୍ଡା ଓ ଡିଫେଣ୍ଡର ଜୁଲି କିଷାନ। ସୂଚନାଯୋଗ୍ୟ, ଭାରତ ଗ୍ରୁପ 'ସି'ରେ ଜାପାନ, ଭିଏତ୍‌ନାମ ଓ ଚାଇନିଜ ତାଇପେ ସହ ରହିଛି। ଆସନ୍ତା ମାର୍ଚ୍ଚ ୪ରେ ଇଣ୍ଡିଆ ଭିଏତ୍‌ନାମ ବିପକ୍ଷରେ ଖେଳି ତାର ଅଭିଯାନ ଆରମ୍ଭ କରିବା ପରେ ମାର୍ଚ୍ଚ ୭ରେ ଜାପାନ ଓ ୧୦ରେ ଚାଇନିଜ ତାଇପେ ବିପକ୍ଷରେ ଖେଳିବ। ଓଡ଼ିଶା ନୀତା ଫୁଟବଲ ଏକାଡେମୀର ଏହି ୩ ଖେଳାଳି ପ୍ୟାରୀ, ଯଶୋଦା ଓ ଜୁଲି ଜାତୀୟ ମହିଳା ଫୁଟବଲ ଦଳରେ ସ୍ଥାନ ପାଇଥିବାରୁ ଏକାଡେମୀ ଅଧ୍ୟକ୍ଷ ଇଂ. ସୁବ୍ରତ ଦାସ, ସମ୍ପାଦକ ଇଂ. ଅରୁଣ ପରିଜା, ଚିଫ ଟେକ୍‌ନିକାଲ ଆଡଭାଇଜର ମହମ୍ମଦ ଶହିଦ ଜବାର, ଏକାଡେମୀର ମ୍ୟାନେଜର ପ୍ରଦୀପ କୁମାର ରାଉତ ଭାରତୀୟ ଫୁଟ୍‌ବଲ ମହାସଂଘ ଏବଂ ଓଡିଶା ଫୁଟବଲ ସଂଘର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇବା ସହିତ ଏକାଡେମୀର ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ପ୍ୟାରି ଖାଖା


ଜୁଲି କିଷାନ


ଯଶୋଦା ମୁଣ୍ଡା

# ଅଲ୍‌କାରାଜଙ୍କୁ କାତାର ଓପନ ଟାଇଟଲ

**ଦୋହା, ୨୨।୨ (ଏପି)**

ୱାର୍ଲ୍ଡ ନମ୍ବର ୱାନ୍ କାର୍ଲୋସ ଅଲ୍‌କାରାଜ କାତାର ଓପନ ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟର୍‌ର ୨୬ତମ ଟାଇଟଲ। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ୬-୨, ୬-୧ ସେଟ୍‌ରେ ଆର୍ଥର ଫିଲ୍ସଙ୍କୁ ହରାଇଛନ୍ତି। ଏହି ବିଜୟ ପାଇଁ ତାଙ୍କୁ ୫୨ ମିନିଟ ଲାଗିଥିଲା। ସେ ଏହି ଟୁର୍ନାମେଣ୍ଟରେ ଗୋଟିଏ ସେଟ୍ ହାତଛଡ଼ା କରିଥିଲେ। ପୂର୍ବରୁ ସେ ଏହି ଟୁର୍ନାମେଣ୍ଟରେ କେବଳ ଥରେ ତଥା ଗତ ସଂସ୍କରଣରେ ଭାଗ ନେଇଥିଲେ। ହେଲେ ସେ କ୍ୱାର୍ଟର ଫାଇନାଲ ବାଧା ଅତିକ୍ରମ କରିପାରି ନ ଥିଲେ। ଏହି ସ୍ପାନିଶ ଷ୍ଟାର ସବୁଠାରୁ କମ୍ ବୟସ୍କ ଖେଳାଳି ହିସାବରେ ଅଷ୍ଟ୍ରେଲିଆନ ଓପନରେ କ୍ୟାରିୟର ଗ୍ରାଣ୍ଡସ୍ଲାମ (ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଜିତିବା)ପୂରଣ କରିଥିଲେ। ଏହି ସଫଳତାର ୨୦ଦିନ ପରେ ତାଙ୍କ ବିଜୟ ଧାରା ୧୨ରେ ପହଞ୍ଚିଛି। ବର୍ଷର ଆରମ୍ଭ ବାସ୍ତବିକ ବହୁତ ଭଲ ରହିଛି ବୋଲି ଅଲ୍‌କାରାଜ କହିଛନ୍ତି। ସେ ଏହି ଟୁର୍ନାମେଣ୍ଟ ଜରିଆରେ ପରବର୍ତ୍ତୀ ଗ୍ରାଣ୍ଡ୍‌ସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ଲାଗି ପ୍ରସ୍ତୁତ ହେଉଛନ୍ତି।

# ରାମେଶ୍ୱରୀ ସ୍ପୋର୍ଟିଂ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଭୁବନେଶ୍ୱର,୨୨।୨(ଅନାଦି କର)**

ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ୨୭ତମ ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିଶୋର କ୍ଲବକୁ ୩ ଉଇକେଟରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳ ପାଇଁ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ବାବୁସାନ ମାଝୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସେହିଭଳି ଭେଟେରାନ ବିଭାଗରେ କିଶୋର କ୍ଲବ ୪ ଉଇକେଟରେ ଜେପି ବ୍ଲାଷ୍ଟର୍ସ ପୁରୀକୁ ପରାସ୍ତ କରିଛି। ପୂରା ଟୁର୍ନାମେଣ୍ଟ ୧୦ ଓଭର ବିଶିଷ୍ଟ ଖେଳାଯାଇଥିବା ବେଳେ ଫାଇନାଲ ମ୍ୟାଚ୍ ୧୦୧ ବଲ ଖେଳାଯାଇଥିଲା। ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ଓଡ଼ିଶାର ଦୁଇ ପୂର୍ବତନ କ୍ରିକେଟର ରଞ୍ଜନ ପରିଡ଼ା ଓ ପ୍ରଭଞ୍ଜନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଦୁଃସାହସିକ ଜଳ କ୍ରୀଡ଼ା ଶିବିର ଉଦ୍‌ଘାଟିତ



ମହାନଦୀ ଚିଦାସ୍ୱାମୀ ଘାଟ ନିକଟ ମହାନଦୀ ଜଳରାଶିରେ ଅନୁଷ୍ଠିତ ଦୁଃସାହସିକ ଜଳକ୍ରୀଡ଼ା ଶିବିରର ଉଦ୍‌ଘାଟନୀ ଅବସରରେ ଏକ ରେସିଂ ବୋଟ ଚଳାଉଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୨୨।୨(କୁମାରଶ୍ରୀ)**

ଓଡ଼ିଶା ୟାଟିଂ ଆସୋସିଏଶନ ଦ୍ୱାରା ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ ମହାନଦୀ ଚିଦାସ୍ୱାମୀ ଘାଟ ନିକଟ ସୂର୍ଯ୍ୟ ଦ୍ୱୀପରେ ଦୁଃସାହସିକ ଜଳ କ୍ରୀଡ଼ା ଶିବିର ଆରମ୍ଭ ହୋଇଛି। କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଭାବେ ଶିବିରକୁ ରବିବାର ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଜିଲା କ୍ରୀଡ଼ା ଅଧିକାରୀ ଧୀରଜ ପଟ୍ଟନାୟକ, ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଓଡ଼ିଶାର ୪ଟି ଜିଲା ସମ୍ବଲପୁର, ସୁନ୍ଦରଗଡ଼, ଭବାନୀପାଟଣା ଏବଂ କଳାହାଣ୍ଡିରୁ ଏନ୍‌ଏସ୍‌ଏସ୍ କ୍ୟାଡେଟମାନେ ଯୋଗଦେଇଛନ୍ତି। ପ୍ରତ୍ୟେକ ୧୫ଜଣ ଅଂଶଗ୍ରହଣକାରୀଙ୍କ ବ୍ୟାଚ ସୂର୍ଯ୍ୟ ଦ୍ୱୀପରେ ୩ ରାତି ଏବଂ ୪ ଦିନ ରହିବେ। ସେଠାରେ ସେମାନେ ବିଭିନ୍ନ ଦୁଃସାହସିକ ଜଳକ୍ରୀଡ଼ା ସ୍କୁବା ଡାଇଭିଂ, ସ୍ନୋର୍କେଲିଂ, ୱିଣ୍ଡସର୍ଫିଂ, କାୟାକିଂ, ପେଡାଲ ବୋଟିଂ ଓ ଜେଟ୍ ସ୍କି ରାଇଡିଂରେ ତାଲିମ ଓ ଏକ୍ସପୋଜର ପାଇବେ। ଓଡ଼ିଶା ୟାଟିଂ ଆସୋସିଏଶନର ପ୍ରତିଷ୍ଠାତା ଡ. ସବିର ବକ୍ସ, ସଚିବ ସଞ୍ଜୟ କୁମାର କର, ସଭାପତି କ୍ୟାପଟେନ ସରୋଜ କୁମାର ପ୍ରଧାନ, ମୁଖ୍ୟ ପ୍ରଶିକ୍ଷକ ପୀତବାସ ସାସମଲ ଓ ବିଶ୍ୱଜିତ ରାୟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

# ସିଏସ୍‌କେର ସବୁ ମ୍ୟାଚ ଖେଳି ନ ପାରନ୍ତି ଧୋନୀ

**ଅହମଦାବାଦ, ୨୨।୨ (ପି.ଟି.)**

ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତବର୍ଷ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସର ସମସ୍ତ ମ୍ୟାଚ ପାଇଁ ଉପଲବ୍ଧ ହେବେ କି ନା ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଧୋନୀ ଚଳିତବର୍ଷ ପରବର୍ତ୍ତୀ ଭାଗରେ ୪୫ବର୍ଷ ବୟସରେ ପଦାର୍ପଣ କରିବେ। ଆସନ୍ତା ଆଇପିଏଲ୍ ସିଜନ ପାଇଁ ସେ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜର ଭିତିରି ସୂତ୍ରରୁ ଜଣାଯାଇଛି। ମାତ୍ର ସିଏସ୍‌କେ ସଞ୍ଜୁ ସାମସନଙ୍କ ଭଳି ଖେଳାଳିଙ୍କୁ ଦଳରେ ସାମିଲ କରିଥିବାରୁ କିମ୍ବଦନ୍ତୀ ପୂର୍ବତନ ଭାରତ ଅଧିନାୟକ ହୁଏତ ସମସ୍ତ ଲିଗ୍ ମ୍ୟାଚରେ ଖେଳି ନ ପାରନ୍ତି। ଏହି ସିଜନ ପାଇଁ ସିଏସ୍‌କେ ପାଖରେ ୩ଜଣ ଉଇକେଟକିପର ବ୍ୟାଟର ରହିଛନ୍ତି। ଧୋନୀ ଯେଉଁ ମ୍ୟାଚ ପାଇଁ ଉପଲବ୍ଧ ନ ହେବେ ସେହି ମ୍ୟାଚରେ ସାମସନ ଉଇକେଟ କିପିଙ୍ଗ କରିବେ। ଦଳରେ ଉର୍ଭିଲ ପଟେଲ ମଧ୍ୟ ଅଛନ୍ତି। ଏହାଛଡ଼ା ୧୪.୨୦ କୋଟିରେ କିଣା ଯାଇଥିବା କାର୍ତ୍ତିକ ଶର୍ମା ରହିଛନ୍ତି। ତାଙ୍କୁ ଶୁଭମ ଦୁବେଙ୍କ ସହ ଫିନିଶର ଭାବେ ପ୍ରସ୍ତୁତ କରାଯାଉଛି। ଯାହା ଅନୁମାନ କରାଯାଉଛି, ଧୋନୀ ଚେନ୍ନାଇରେ ଖେଳାଯିବାକୁଥିବା ସିଏସକେର ଘରୋଇ ମ୍ୟାଚ ଗୁଡ଼ିକରେ ଖେଳିବା ନିଶ୍ଚିତ।

# ଡିସେମ୍ବର ସୁଦ୍ଧା ଓସିଏ ନିର୍ବାଚନ

**କଟକ,୨୨।୨(କୁମାରଶ୍ରୀ)**

## ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିର୍ବାଚନ ନୂଆ ଜାତୀୟ କ୍ରୀଡ଼ା ନୀତି ଅନୁସାରେ ହେବ। ଭାରତ ସରକାର ଓ ବିସିସିଆଇ ପକ୍ଷରୁ ନୂଆ କ୍ରୀଡ଼ା ନୀତିର ଗାଇଡ୍‌ଲାଇନ ଜାରି କରାଯିବା ପରେ ଆସନ୍ତା ଡିସେମ୍ବର ସୁଦ୍ଧା ଓସିଏ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରବିବାର ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ କାଉନସିଲର ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ମତାମତ ଆଧାରରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅନ୍ୟ ପକ୍ଷରେ ଏଭଳି ନିଷ୍ପତ୍ତିକୁ ଓସିଏର କିଛି କାଉନସିଲ ସଦସ୍ୟ ବିରୋଧ କରିଛନ୍ତି। ଲୋଧା କମିଟି ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ବାଚନ ହେଉ ବୋଲି ସେମାନେ ଦାବି କରିଛନ୍ତି। ମାତ୍ର ସେମାନଙ୍କ ଦାବି ଗ୍ରହଣୀୟ ନ ହେବାରୁ କେତେକ ନିର୍ଦ୍ଦିଷ୍ଟ କାଉନସିଲ ସଦସ୍ୟ ବୈଠକ ଅଧାରୁ ଉଠି ପଳାଇଛନ୍ତି।

ସୂଚନାନୁସାରେ, ଓସିଏ ନିର୍ବାଚନ ୪ ମାସ ଘୁଞ୍ଚିଲାଣି। ଅପେକ୍ଷା ରହିଛି ନୂଆ କ୍ରୀଡ଼ା ନୀତି ଆସିବାକୁ। ଏଥିପାଇଁ ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ବୈଠକର ମୁଖ୍ୟ ପ୍ରସଙ୍ଗ ଓସିଏ ନିର୍ବାଚନ ଆଧାରିତ ଥିଲା। ଜଷ୍ଟିସ ଲୋଧା କମିଟି ଅନୁସାରେ ପ୍ରତି ୩ ବର୍ଷକୁ ଥରେ ଓସିଏ ନିର୍ବାଚନ ହୋଇଆସୁଛି। ଲଗାତାର ଦୁଇ ଅବଧି ରହିଥିବା ବ୍ୟକ୍ତିମାନେ ତୃତୀୟ ଥର ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ। ଏହି ଦୃଷ୍ଟିରୁ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କେତେକ ସଦସ୍ୟ ଆଉଥରେ ନିର୍ବାଚିତ ହେବାର ସୁଯୋଗ ନାହିଁ। ତେଣୁ ନୂଆ ଜାତୀୟ କ୍ରୀଡ଼ା ନୀତି ଅନୁସାରେ ନିର୍ବାଚନ କରିବାକୁ ଓସିଏ କର୍ତ୍ତୃପକ୍ଷ ପୂର୍ବରୁ ଚିନ୍ତା କରିଥିଲେ। ଫଳରେ ନୂଆ ନୀତି ଅନୁସାରେ ଆଉ ଗୋଟିଏ ଅବଧି ସମାନ କାର୍ଯ୍ୟକର୍ତ୍ତା କାର୍ଯ୍ୟକାଳ ଜାରି ରଖିପାରିବେ। ରବିବାର ସ୍ୱତନ୍ତ୍ର ବୈଠକରେ ଅମ୍ବୁଡ୍ସମ୍ୟାନ ଜଷ୍ଟିସ ଏମ.ଏମ. ଦାସଙ୍କ ଉପସ୍ଥିତିରେ ନୂଆ କ୍ରୀଡ଼ା ନୀତି ବିଷୟରେ ଆଲୋଚନା କରାଯାଇଥିଲା। କିନ୍ତୁ ନୂଆ ନୀତି ଆସିବା ପୂର୍ବରୁ ନିର୍ବାଚନକୁ ସ୍ଥଗିତ ରଖାଯିବାକୁ ନେଇ କେତେକ କାଉନସିଲ ସଦସ୍ୟ ଅଭିଯୋଗ ଉଠାଇଥିଲେ। ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା କାଉନସିଲ ସଦସ୍ୟ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସଞ୍ଜୀବ ଦତ୍ତ, ଅମିତ ବେହେରାଙ୍କ ସମେତ ହାତଗଣତି କେତେଜଣ ସଦସ୍ୟ ଏହାକୁ ବିରୋଧ କରିଥିଲେ। ଫଳରେ ନୂଆ ଅନୁସାରେ ନା ପୁରୁଣା ବ୍ୟବସ୍ଥାରେ ନିର୍ବାଚନ ହେବ ସେନେଇ ଭୋଟିଂ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହାକୁ ବିରୋଧ କରି ବୈଠକ ଅଧାରୁ ଉଠି ପଳାଇ ଆସିଥିଲେ ଲଳିତେନ୍ଦୁ ଓ ତାଙ୍କର କେତେକ ସମର୍ଥକ। ବୈଠକରେ ରହିଥିବା ସଦସ୍ୟଙ୍କ ସମର୍ଥନରେ ନୂଆ କ୍ରୀଡ଼ା ନୀତି ଅନୁସାରେ ନିର୍ବାଚନ କରିବାକୁ ନିଷ୍ପତ୍ତି ନିଆଗଲା। ସଭାପତି ପଙ୍କଜଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହାରିଲା ଭାରତ

**ହୋବାର୍ଟ, ୨୨।୨ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ତେବେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ଶୁଟ୍‌ଆଉଟରେ ଆୟୋଜକ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ଅମିତ ରୋହିଦାସ (୧୫ତମ ମିନିଟ) ଓ ଯୁଗରାଜ ସିଂ (୪୩ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଏଲ ରିଣ୍ଟାଲ (୪୭ତମ ଓ ୫୬ତମ ମିନିଟ) ଦୁଇଟି ଗୋଲ ସ୍କୋର କରି ମ୍ୟାଚକୁ ସମାନସ୍ତରକୁ ନେଇ ଆସିଥିଲେ। ମ୍ୟାଚ୍‌ର ଶୁଟ୍‌ଆଉଟ ମଧ୍ୟ ରୋମାଞ୍ଚକ ଥିଲା। ଏଥିରେ ଅଷ୍ଟ୍ରେଲିଆ ୫-୪ ଗୋଲ୍‌ରେ ବିଜୟୀ ହୋଇଥିଲା। ଚଳିତବର୍ଷର ଏଫଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତର ଏହା ହେଉଛି କ୍ରମାଗତ ୫ମ ପରାଜୟ। ତନ୍ମଧ୍ୟରେ ରାଉରକେଲାରେ ୪ ମ୍ୟାଚ ସାମିଲ। ହୋବାର୍ଟ ପର୍ଯ୍ୟାୟରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ସ୍ପେନ ବିପକ୍ଷରେ ଖେଳିବ। ଏଠାରେ ସ୍ପେନର ବିପକ୍ଷ ପ୍ରଥମ ମ୍ୟାଚ ଦଳ ୦-୨ ଗୋଲ୍‌ରେ ପରାଜିତ ହୋଇସାରିଛି।

# ନର୍ଥଇଷ୍ଟ ୟୁନାଇଟେଡ୍ ଓ ବେଙ୍ଗାଲୁରୁ ମ୍ୟାଚ ଡ୍ର

**ବେଙ୍ଗାଲୁରୁ, ୨୨।୨ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ବେଙ୍ଗାଲୁରୁ ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ମ୍ୟାଚର ବେଙ୍ଗାଲୁରୁ ପକ୍ଷରୁ ଖେଳର ୧୮ତମ ମିନିଟ୍‌ରେ ବ୍ରାଏନ ସାଞ୍ଚେଜ ଏକ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟ୍‌ରେ ଲାଲରିନ୍‌ଜୁଆଲାଙ୍କ ଗୋଲ୍ ବଳରେ ନର୍ଥଇଷ୍ଟ ୟୁନାଇଟେଡ୍ ମ୍ୟାଚକୁ ୧-୧ରେ ଡ୍ର ରଖିବାରେ ସମର୍ଥ ହୋଇଥିଲା।

# ରାଜ୍ୟ ସ୍କୁଲ ଓପନ ଚେସ୍: ଆରିଶ ଚାମ୍ପିୟନ


ଟ୍ରଫି ଓ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୨୨।୨(ଅନାଦି କର)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ର ଆରିଶ ନନ୍ଦ ଗୋସ୍ୱାମୀ ସର୍ବାଧିକ ୮.୫୦ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ସମାନ ପଏଣ୍ଟ ସହ କେ ଭି ନଂ-୧ ସ୍କୁଲର ଆୟୁଷମାନ ବେହେରା ରନରଅପ୍ ହୋଇଛନ୍ତି। ନୟାପଲୀସ୍ଥିତ ନାରାୟଣ ଇ-ଟେକନୋ ସ୍କୁଲର ଅୟାବନ୍ତ ମହାନ୍ତି ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହାର ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଡ. ଶ୍ରୀନିବାସ ରାମାନୁଜନ କାନନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜାତୀୟ ଚେସ୍ ଖେଳାଳି ସଙ୍ଘମିତ୍ରା ସିଂ, ରୟାଲ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ପ୍ରଜ୍ଞା ପରମିତା ସାହୁ, ଓଏସ୍‌ସିଏ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତଃ ସଦାନନ୍ଦ ସ୍ୱାଇଁଙ୍କ ଏକମାତ୍ର ଝିଅ ସୁମିତ୍ରା ସ୍ୱାଇଁ ଉପସ୍ଥିତ ଥିଲେ।


Classified Everyday
0674-2580101, 9692975378



REAL ESTATE

SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.
D-3215

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980.
D-3441

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059 / 7656969134.
D-3416

AFFIDAVIT

Consequent upon an affidavit duly sworn by me Jhilima Limma daughter of late Edmohan Limma, Gaiba, Gajapati. I have changed my name as Jhilima Limma instead of Muni Limma. Henceforth, my name will be known as Jhilima Limma for all official purposes.
Sd./- Jhilima Limma
Gaiba, Gajapati.
D-3452

I, Sunayana Devi, W/o.- Jagannath Prasad Sahu of Balisankara, P.S.- Talsara, Dist.- Sundargarh, Odisha vide affidavit No.6121 dtd.- 06.12.2025 now known as Sunani Sahu for all future purposes.
D-3453

By virtue of an affidavit sworn before the Executive Magistrate, Boudh, No.155, Dtd.- 21.02.26, I, Sasmita Naik, W/o.- Ajaya Kumar Bhoi, R/o. Village/P.O.- Sampoch, P.S./Dist.- Boudh, Odisha, PIN- 762024 declare that I have changed my name from SARITA NAIK to SASMITA NAIK. Henceforth, I shall be known as SASMITA NAIK for all purposes.
SASMITA NAIK
D-3454

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit before the Notary Public, Balangir Town, I, Rabi Shankar Dash (52 years), S/o. Damador Dash, R/o. Tikrapara, P.O./Dist.- Balangir hereby affirm that my daughter Shriya Krishna Dash was a student of Little Flower School and passed ICSC 10th Board Exam in the year 2023. The original Pass Certificate of my daughter has been lost some where else in my house and due to my best effect it could not be traceout. Hence, I am swearing this affidavit to produce it before the concerned authority for obtaining Duplicate Board Certificate of ICSC 10th Examination in favour of my daughter Shriya Krishna Dash for her future reference.
D-3455

# ପୃଥିବୀ ବାହାରେ ଜୀବନ



ନିକୁଞ୍ଜ ବିହାରୀ ସାହୁ

"ଆମେ ବାହ୍ୟଜାଗତିକ ଜୀବସତ୍ତାର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବାର ଏକମାତ୍ର ଦୃଷ୍ଟାନ୍ତ ହେଉଛି ଏକ ଉଲ୍‌କାଖଣ୍ଡ, ଯାହା ୧୯୯୬ ମସିହାରେ ବରଫାବୃତ ଆଣ୍ଟାର୍କାଟିକା ମହାଦେଶରୁ ଆବିଷ୍କୃତ ହୋଇଛି। ଏହାର ନାମ ରଖାଯାଇଛି 'ଏଏଲ୍‌ଏଚ୍ ୮୪୦୦୧'। ଏହି ଉଲ୍‌କାଖଣ୍ଡଟି ମଙ୍ଗଳ ଗ୍ରହରୁ ଆସିଛି ବୋଲି ବିଶ୍ୱାସ କରାଯାଉଛି। ବୈଜ୍ଞାନିକମାନେ ଏହାର ପଥରସନ୍ଧିରୁ କିଛି ଜୈବିକ ଅଣୁର ସନ୍ଧାନ ପାଇଛନ୍ତି ଯାହା କୌଣସି ପୁରାତନ ଅଣୁଜୀବର ଅବଶେଷ ବୋଲି ମନେ କରାଯାଉଛି। ଏହା ସତ୍ୟ ହୋଇଥିଲେ ମଙ୍ଗଳ ଗ୍ରହରେ କିଛି ଅନୁନ୍ନତ ଜୀବସତ୍ତାର ବିକାଶ ଘଟିଛି ବୋଲି ବିଶ୍ୱାସ କରିବାକୁ ହେବ।"



ଆକାଶରେ ଚିକ୍‌ମିକ୍ କରୁଥିବା ଅସୁମାରି ତାରକା ପ୍ରତିଟି ରାତିରେ ଆମର ଦୃଷ୍ଟି ଆକର୍ଷଣ କରିଥାନ୍ତି। ଏହି ତାରା ଆଲୁଅର ରୋଶଣିରେ ଭିଜୁ ଭିଜୁ ବେଳେବେଳେ ଆମ ମନରେ ପ୍ରଶ୍ନ ଉଠେ : ଏହି ତାରାଗୁଡ଼ିକ ମଧ୍ୟରୁ କେଉଁଠି ପୃଥିବୀ ଭଳି ଜୀବସତ୍ତା ଅଛି କି? ଅର୍ଥାତ, ଏ ବିଶାଳ ବିଶ୍ୱରେ ଆମର କେହି ବାହ୍ୟଜାଗତିକ ସାଥୀ ଅଛନ୍ତି କି?

ତାରାମାନେ ବାସ୍ତବ ପକ୍ଷରେ ଅତିଶୟ ଉତ୍ତପ୍ତ ହୋଇଥିବାରୁ ସେଠାରେ ଜୀବନର ଉପସ୍ଥିତି ଅସମ୍ଭବ। ତାରାମାନଙ୍କୁ ପ୍ରଦକ୍ଷିଣ କରୁଥିବା ଗ୍ରହଗୁଡ଼ିକ କିନ୍ତୁ ବହୁଗୁଣରେ ଭିନ୍ନ। ସେମାନଙ୍କ ମଧ୍ୟରୁ କେତେକ ଜୀବନର ସଙ୍କେତ ଓ ପ୍ରତିଶ୍ରୁତି ବହନ କରିଥାନ୍ତି। କୌଣସି ଗ୍ରହରେ ଜୀବନର ଉପସ୍ଥିତି ନିମନ୍ତେ ମୁଖ୍ୟ ଆବଶ୍ୟକତା ହେଉଛି ମୃଦୁ ତାପମାତ୍ରା, ଜଳ ଓ ଅମ୍ଳଜାନର ଉପସ୍ଥିତି ଏବଂ ମାରାତ୍ମକ ଅତିବାଇଗଣି ରଶ୍ମିର ପ୍ରତିହତକାରୀ ଆସ୍ତରଣ ଓଜୋନ ମଣ୍ଡଳ। ଆମ ଗ୍ରହ ପୃଥିବୀରେ ଏ ସମସ୍ତ ଉପାଦାନ ଉପଲବ୍ଧ ଥିବାରୁ ସେଠାରେ ଜୀବନର ସଞ୍ଚାର ସମ୍ଭବ ହୋଇଛି। ଏ ବିଶାଳ ବିଶ୍ୱରେ କୋଟି କୋଟି ତାରା ରହିଛନ୍ତି ଓ ସେମାନଙ୍କ ନିଜସ୍ୱ ଗ୍ରହଜଗତ ମଧ୍ୟ ଥାଇପାରେ। ସେଭଳି କୌଣସି ଏକ ଗ୍ରହରେ ଜୀବନୋପଯୋଗୀ ପରିବେଶ ସୃଷ୍ଟି ହୋଇ ଥିବାର ପରିସ୍ଥିତି ସମ୍ଭାବନା କିଛି ଆଶାତୀତ ନୁହେଁ।

ମାତ୍ର ଆମେ ଏପର୍ଯ୍ୟନ୍ତ ଦୂରବୀକ୍ଷଣ ଯନ୍ତ୍ରରେ ବିଶ୍ୱର କୌଣସିଠାରେ ଜୀବନ୍ତ ପ୍ରାଣୀମାନଙ୍କୁ ବିଚରଣ କରୁଥିବାର ଦେଖିନାହୁଁ। ମହାଶୂନ୍ୟକୁ ଯାଇଥିବା ମହାକାଶଚାରୀମାନେ ମଧ୍ୟ କୌଣସି ଜୀବନ୍ତ ପ୍ରାଣୀ କିମ୍ବା ବାହ୍ୟଜାଗତିକ ଯାନର ସଂସ୍ପର୍ଶରେ ଆସିଥିବାର ବିବରଣୀ ମିଳିନାହିଁ। ଅତୀତରେ ଅନେକ ବିଚିତ୍ର ଉଡନ୍ତା ଥାଳିଆ ଭଳି ରହସ୍ୟମୟ ବସ୍ତୁସବୁ ଆମ ଆକାଶରେ ଘୂରି ବୁଲୁଥିବାର ଲୋକମୁଖରୁ ଶୁଣାଯାଇଛି। କେହି କେହି ଏହି ଉଡନ୍ତା ଥାଳିଆଗୁଡ଼ିକୁ କୌଣସି ବୁଦ୍ଧିମାନ ବାହ୍ୟଜାଗତିକ ବାସିନ୍ଦାଙ୍କ ଦ୍ୱାରା ପ୍ରେରିତ ଯାନ ବୋଲି ବର୍ଣ୍ଣନା କରିଛନ୍ତି। ମାତ୍ର ବାସ୍ତବପକ୍ଷରେ, କେତେକ ଉଡନ୍ତା ଥାଳିଆ କପୋଳକଳ୍ପିତ ହୋଇଥିଲାବେଳେ ଆଉ କେତେକଙ୍କ ରହସ୍ୟ ଏପର୍ଯ୍ୟନ୍ତ ଉଦ୍‌ଘାଟିତ ହୋଇପାରି ନାହିଁ।

ଆମେ ବାହ୍ୟଜାଗତିକ ଜୀବସତ୍ତାର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବାର ଏକମାତ୍ର ଦୃଷ୍ଟାନ୍ତ ହେଉଛି ଏକ ଉଲ୍‌କାଖଣ୍ଡ ଯାହା ୧୯୯୬ ମସିହାରେ ବରଫାବୃତ ଆଣ୍ଟାର୍କଟିକା ମହାଦେଶରୁ ଆବିଷ୍କୃତ ହୋଇଛି। ଏହାର ନାମ ରଖାଯାଇଛି 'ଏଏଲ୍‌ଏଚ୍ ୮୪୦୦୧'। ଏହି ଉଲ୍‌କାଖଣ୍ଡଟି ମଙ୍ଗଳ ଗ୍ରହରୁ ଆସିଛି ବୋଲି ବିଶ୍ୱାସ କରାଯାଉଛି। ବୈଜ୍ଞାନିକମାନେ ଏହାର ପଥରସନ୍ଧିରୁ କିଛି ଜୈବିକ ଅଣୁର ସନ୍ଧାନ ପାଇଛନ୍ତି, ଯାହା କୌଣସି ପୁରାତନ ଅଣୁଜୀବର ଅବଶେଷ ବୋଲି ମନେ କରାଯାଉଛି। ଏହା ସତ୍ୟ ହୋଇଥିଲେ ମଙ୍ଗଳ ଗ୍ରହରେ କିଛି ଅନୁନ୍ନତ ଜୀବସତ୍ତାର ବିକାଶ ଘଟିଛି ବୋଲି ବିଶ୍ୱାସ କରିବାକୁ ହେବ। ଲାଲ ରଙ୍ଗର ଏହି ଗ୍ରହଟି ଅନେକାଂଶରେ ଆମ ପୃଥିବୀ ଭଳି। ପୃଥିବୀ ଭଳି ଏହାର ବାୟୁମଣ୍ଡଳ ରହିଛି ଏବଂ ଏଠାରେ ଦିନରାତି ଓ ଋତୁଚକ୍ରର ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳେ। ଏହାର ଦୁଇ ମେରୁର ବରଫାବୃତ ଶୃଙ୍ଗରେ ପ୍ରଚୁର ଜଳ ବରଫ ଆକାରରେ ଜମାଟ ବାନ୍ଧି ରହିଥିବାର ସୂଚନା ମିଳେ। ଜୀବସତ୍ତାର ସ୍ପଷ୍ଟ ପ୍ରତିଶ୍ରୁତି ବହନ କରୁଥିବା ଏ ଗ୍ରହଟିକୁ ପ୍ରକୃତ ଅନୁସନ୍ଧାନ ନିମନ୍ତେ ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା 'ନାସା' ତରଫରୁ ବିଗତ ୧୯୭୬ ମସିହାରେ 'ଭାଇକିଙ୍ଗ' ନାମକ ଦୁଇଟି ରକେଟ ପ୍ରେରଣ କରାଯାଇଥିଲା। ମାତ୍ର ଭାଇକିଙ୍ଗର ଅନୁସନ୍ଧାନରୁ ଗ୍ରହଟିରେ ଜୀବସତ୍ତା ଉପସ୍ଥିତିର କୌଣସି ସଙ୍କେତ ମିଳି ନଥିଲା।

କେବଳ ମଙ୍ଗଳ ନୁହେଁ; ଆମ ସୌରଜଗତର ଅନ୍ୟ ଗ୍ରହମାନଙ୍କରେ ମଧ୍ୟ ଜୀବସତ୍ତା ଉପସ୍ଥିତିର ସମ୍ଭାବନା ଅତିଶୟ କ୍ଷୀଣ। ବୁଧ, ଶୁକ୍ର ଭଳି ଗ୍ରହଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ଥିବାରୁ ସେଗୁଡ଼ିକର ତାପମାତ୍ରା ଅଧିକ ଏବଂ ସେଭଳି ପ୍ରଚଣ୍ଡ ତାପମାତ୍ରାରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ। ଅନ୍ୟପକ୍ଷରେ ବୃହସ୍ପତି, ଶନି, ୟୁରାନ୍‌ସ, ନେପଚ୍ୟୁନ ଭଳି ବହିଃଗ୍ରହଗୁଡ଼ିକ ବିଶାଳକାୟ ଗ୍ୟାସୀୟ ଦାନବ ଅଟନ୍ତି। ବୃହସ୍ପତି ଗ୍ରହ ମୁଖ୍ୟତଃ ହାଇଡ୍ରୋଜେନ ଗ୍ୟାସରେ ଗଢ଼ା, ଯାହା ଜୀବନୋପଯୋଗୀ ନୁହେଁ। ନିଜ ଅକ୍ଷ ଚାରିପଟେ ଦ୍ରୁତ ଘୂର୍ଣ୍ଣନ ହେତୁ ଏହାର ବାୟୁମଣ୍ଡଳ ମଧ୍ୟରେ ସର୍ବଦା ଦୁରନ୍ତ ଓ ଅଶାନ୍ତ ଝଡ଼ମାନ ସୃଷ୍ଟି ହୋଇଥାଏ। ସୁତରାଂ ଏଭଳି ପରିସ୍ଥିତିରେ ଏଠାରେ ଜୀବନ ବଞ୍ଚିବା ସମ୍ଭବ ନୁହେଁ। ସେହିପରି ଶନି, ୟୁରାନ୍‌ସ, ନେପଚ୍ୟୁନ ଭଳି ଅନ୍ୟ ଗ୍ରହଗୁଡ଼ିକ ସୂର୍ଯ୍ୟଠାରୁ ଅତି ଦୂରରେ ଅବସ୍ଥିତ ଥିବାରୁ ସେଠାକାର ତାପମାତ୍ରା ଅତି କମ୍ ଏବଂ ଶୂନ୍ୟ ଡିଗ୍ରୀରୁ ଅନେକ ତଳେ। ସେଗୁଡ଼ିକର ଶ୍ୱାସରୁଦ୍ଧକାରୀ ବିଷାକ୍ତ ବାୟୁମଣ୍ଡଳ ମଧ୍ୟରେ ମଧ୍ୟ ଜୀବନ ବଞ୍ଚିବା ସମ୍ଭବପର ନୁହେଁ। ଏବେ ଆମ ପୃଥିବୀର ଏକମାତ୍ର ଉପଗ୍ରହ ତଥା ମହାକାଶରେ ଆମର ପଡୋଶୀ ଚନ୍ଦ୍ର ଉପରେ ଦୃଷ୍ଟିପାତ କରିବା। ଚନ୍ଦ୍ରର ବାୟୁମଣ୍ଡଳ ନାହିଁ। ଏହାର ମଧ୍ୟ ଓଜୋନ ମଣ୍ଡଳ ନ ଥିବାରୁ ଏହା ପୃଷ୍ଠରେ ମହାକାଶରୁ ଆସୁଥିବା ମାରାତ୍ମକ ଅତିବାଇଗଣି ରଶ୍ମି ସିଧାସଳଖ ପଡ଼ିଥାଏ। ଚନ୍ଦ୍ରରେ ମଧ୍ୟ ଜୀବନ ବଞ୍ଚିବା ପାଇଁ ଏକ ମୁଖ୍ୟ ଉପାଦାନ ଜଳ ଉପଲବ୍ଧ ନୁହେଁ। ନିଜ ଅକ୍ଷ ଚାରିପଟେ ମନ୍ଥର ଘୂର୍ଣ୍ଣନ ହେତୁ ଚନ୍ଦ୍ରର ଦିନ ଓ ରାତିର ତାପମାତ୍ରା ମଧ୍ୟରେ ପ୍ରଚଣ୍ଡ ତାରତମ୍ୟ ଦେଖିବାକୁ ମିଳେ। ସୁତରାଂ ଏଭଳି ପ୍ରତିକୂଳ ପରିସ୍ଥିତିରେ ଚନ୍ଦ୍ରରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ।

ସୁତରାଂ ବାହ୍ୟଜାଗତିକ ଜୀବସତ୍ତା ଅନୁସନ୍ଧାନ ନିମନ୍ତେ ଆମକୁ ସୁଦୂର ତାରା ରାଇଜର ଅନ୍ୟ ଗ୍ରହ ଜଗତକୁ ଦୃଷ୍ଟିପାତ କରିବାକୁ ପଡିବ। ତେବେ ପ୍ରଶ୍ନ ହେଉଛି : ଆମେ କ'ଣ ଏପର୍ଯ୍ୟନ୍ତ ଅନ୍ୟ କୌଣସି ତାରାରେ ଗ୍ରହଜଗତ ଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ପାଇ ସାରିଲେଣି ? ନାସା ଦ୍ୱାରା ଅନ୍ତରୀକ୍ଷକୁ ପ୍ରେରଣ କରା ଯାଇଥିବା କେପଲାର୍ ଦୂରବୀକ୍ଷଣ ଯନ୍ତ୍ର ଇତିମଧ୍ୟରେ ଏଭଳି କିଛି ତାରକାଙ୍କ ସନ୍ଧାନ ପାଇଛି, ଯାହାଙ୍କ ଚାରିପଟେ ପ୍ରକାଣ୍ଡ ଗ୍ୟାସୀୟ ବାଦଲ ଘେରି ରହିଥିବାର ଦେଖାଯାଉଛି। ଏହି ଗ୍ୟାସୀୟ ବାଦଲ ସମୟକ୍ରମେ ଥଣ୍ଡା ହୋଇ ତାରାଗୁଡ଼ିକରେ ଗ୍ରହଜଗତ ସୃଷ୍ଟି କରିବ ବୋଲି ବିଶ୍ୱାସ କରାଯାଏ। ଆଉ ଏଭଳି କିଛି ଗ୍ରହରେ ଘଟଣାକ୍ରମେ ଅନୁକୂଳ ପରିବେଶ ସୃଷ୍ଟି ହୋଇ ଜୀବସତ୍ତା ବିକଶିତ ହେବ ବୋଲି ବୈଜ୍ଞାନିକମାନେ ଆଶାବଦୀ ଅଛନ୍ତି।

ସୁତରାଂ ବାହ୍ୟଜାଗତିକ ଜୀବସତ୍ତା ଅନ୍ୱେଷଣରେ ଆମର ଅନୁସନ୍ଧାନ ଜାରି ରହିଛି। ସମ୍ଭବତଃ ଆମେ ହିଁ ଏ ବିଶାଳ ବିଶ୍ୱରେ ଏକମାତ୍ର ଜୀବନ୍ତ ପ୍ରାଣୀ। ଆମେ ଏପର୍ଯ୍ୟନ୍ତ ଆମ ବାହ୍ୟଜାଗତିକ ସାଥୀଟିଏ ଖୋଜି ପାଇ ନାହେଁ!

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୪୮

## ଜାଣିରଖନ୍ତୁ



ଆଜିକାଲି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ନିହାତି ଦରକାର। କାରଣ ଦିନକୁ ଦିନ ବିଭିନ୍ନ ପ୍ରକାର ନୂଆ ନୂଆ ରୋଗ ଦ୍ୱାରା ମାନବ ସମାଜ ଆକ୍ରାନ୍ତ ହେଉଛି। ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା କରାଇ ନିଅନ୍ତୁ। ଏହାର କାରଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଯଦି ଆମେ କୌଣସି ରୋଗର କାରଣ ବିଷୟରେ ଅବଗତ ହୋଇ ମଧ୍ୟ ତାହାକୁ ଅବହେଳା କରୁ ତେବେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ରୋଗ ଜଟିଳ ଆକାର ଧାରଣ କରିବା ସହ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତେଣୁ ନିଜକୁ ନୀରୋଗ ରଖିବାକୁ ପ୍ରଥମେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ନିଜକୁ ଟେନସନ୍‌ଠାରୁ ଯେତେସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଏଭଳି ଅଭ୍ୟାସ ଥିଲେ...



ଉଷୁମ ପାଣି ଆମ ଶରୀର ପାଇଁ ବେଶ୍ ଉପକାରୀ। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଏକ ଭଲ ଅଭ୍ୟାସ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ କେତେକାଂଶରେ ଏହା ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି। କୋଲେଷ୍ଟରଲଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ପିଇଲେ ତାହା ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରିତ କରିଥାଏ।

## ସକ୍ରିୟ ରହିବ ମସ୍ତିଷ୍କର କାର୍ଯ୍ୟଧାରା



ମସ୍ତିଷ୍କର କାର୍ଯ୍ୟଧାରା ସକ୍ରିୟ ରହିବା ନିହାତି ଦରକାର। କାରଣ ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହା ଅକାମୀ ହୋଇଗଲେ ମଣିଷ ମୃତ୍ୟୁମୁଖରେ ପଡିଥାଏ। ତେବେ ଏହା କିପରି ସକ୍ରିୟ ରହିବ ତାହାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ନିଜ ମନପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଅନେକାଂଶରେ ସକ୍ରିୟ ରହିଥାଏ। ଏଭଳି ବିଷୟବସ୍ତୁ ଉପରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି ସମୟ ନିଜ ମନପସନ୍ଦର ଗୀତ ଶୁଣିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ପୂର୍ବାପେକ୍ଷା ସକ୍ରିୟ ରହୁଥିବାର ଜଣାପଡ଼ିଥିଲା। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ମସ୍ତିଷ୍କ ସହ ଯୋଡ଼ିହୋଇ ରହିଥିବା ସମସ୍ତ ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ଚଳଚଞ୍ଚଳ ହୋଇଉଠେ, ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଏହା ଆଗ୍ରହ ସୃଷ୍ଟି କରେ।

## ଶ୍ୱାସକ୍ରିୟା ସମସ୍ୟାରୁ ଉପଶମ ଦିଏ ଭିଟାମିନ୍ 'ସି'



ଆମ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ 'ସି' ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାସହ ନିୟମିତ ସମୟ ବ୍ୟବଧାନରେ ଏହାଦ୍ୱାରା ସେମାନେ ଏଭଳି ସମସ୍ୟାରୁ କେତେ ଉପଶମ ଲାଭ କରୁଛନ୍ତି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ରକ୍ତ ସଞ୍ଚାଳନ ଓ ମହୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ମହୁ ଖାଇଲେ ଏହା ଓଜନ କମାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଉଷୁମ ପାଣି ପିଇଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ କିଛି ଲେମ୍ବୁରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ତାହା ମେଦବହୁଳତାକୁ ନିୟନ୍ତ୍ରଣରେ ରଖିଥାଏ। ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବାରେ ମଧ୍ୟ କେତେକାଂଶରେ ସାହାଯ୍ୟ କରିଥାଏ। ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଲଗାଇ ପାରିବା।

## ସ୍ୱାସ୍ଥ୍ୟ ସୂଚନା

- ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ ତାହା ସେତେ ଭଲ।
- ନିୟମିତ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରିରହିଛି। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ତା'ସହ ନିଦ୍ରାକୁ ମଧ୍ୟ ପ୍ରଭାବିତ କରେ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ଆଦି ସମସ୍ୟାର କାରଣ ସାଜିଥାଏ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ଆପଣଙ୍କର ଯଦି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ସାମିଲ କରନ୍ତୁ। ଏଥିରୁ ଅନେକାଂଶରେ ମାନସିକ ଶାନ୍ତି ମିଳିଥାଏ।
- ସବୁବେଳେ ନିଜକୁ ଚିନ୍ତାମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।



## ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଖାଦ୍ୟପେୟ ଅସନ୍ତୁଳିତ ରହିଲା ତେବେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଆପଣ ଡିପ୍ରେସନ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବା ଲାଗି ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ୍‌ଯୁକ୍ତ ତଥା ସୁଷମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ମାନସିକତା ସକାରାତ୍ମକ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। କେବଳ ସେତିକି ନୁହେଁ, ଏଥିଯୋଗୁଁ ତାଙ୍କୁ ଡିପ୍ରେସନ ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଅଧିକାଂଶ ସମୟ ଡିପ୍ରେସନ୍‌ର ସମ୍ମୁଖୀନ ହେଉଥିବା କେତେ ବ୍ୟକ୍ତିଙ୍କୁ ନିକଟରେ ୟୁନିଭର୍ସିଟି ଅଫ ସିଓଲର ବିଶେଷଜ୍ଞମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କୁ ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ଏହି ସମୟରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଖାଇଥିଲେ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ପରେ ସେମାନେ ଏଥିରୁ କେତେ ଉପଶମ ଲାଭ କରୁଛନ୍ତି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ବ୍ୟକ୍ତି ଡିପ୍ରେସନ୍‌ରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ Bhubaneswar, Monday, February 23/ 2026

# ଭାରତର ବିଜୟ ଧାରା ଭାଙ୍ଗିଲା

**ଅହମଦାବାଦ,୨୨।୨**

ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ଏକ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭୬ ରନରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ଯୋଗୁ ଗତ ସଂସ୍କରଣରୁ ଅପରାଜେୟ ଥିବା ଭାରତୀୟ ଦଳର ବିଜୟ ଧାରାରେ ବ୍ରେକ ଲାଗିଛି। ଦକ୍ଷିଣ ଆଫ୍ରିକା ଦ୍ୱାରା ପ୍ରଦତ୍ତ ୧୮୮ ରନର ଚ୍ୟାଲେଞ୍ଜିଂ ଟାର୍ଗେଟରେ ପିଛା କରି ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳ ଆସନ୍ତା ୨୬ ତାରିଖରେ ତା'ର ପରବର୍ତ୍ତୀ ସୁପର-୮ ମ୍ୟାଚ୍‌ରେ ଜିମ୍ବାୱେକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଖୁବ ଶସ୍ତାରେ ଅଧିନାୟକ ଏଡେନ ମାରକ୍ରମ (୪), କ୍ୱିଣ୍ଟନ ଡି କକ୍ (୭) ଓ ରିଆନ ରିକଲଟନ (୭)ଙ୍କ ଉଇକେଟ ହରାଇଥିଲା। ଏହାପରେ ଡେୱାଲ୍ଡ ବ୍ରେଭିସ ଓ ଡେଭିଡ୍ ମିଲର ଚତୁର୍ଥ ଉଇକେଟରେ ୫୦ ବଲରେ ୯୭ ରନ କରିଥିଲେ। ଅର୍ଦ୍ଧଶତକ ଅଭିମୁଖେ ଅଗ୍ରସର ହେଉଥିବା ବ୍ରେଭିସ ୨୯ ବଲରେ ୩ ଲେଖାଏ ଚୌକା ଓ ଛକା ସହ ୪୫ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ମିଲର ଦଳୀୟ ସ୍କୋରକୁ ୧୫୦ ପାର ପଞ୍ଚାଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ମିଲର ୩୫ ବଲରେ ୭ ଚୌକା ଓ ୩ ଛକା ସହିତ ୬୩ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଷ୍ଟବ୍ସ ୨୪ ବଲରେ ଅପରାଜିତ ୪୪ ( ୧ ଚୌକା ଓ ୩ ଛକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ଉଇକେଟ ହରାଇ ୧୮୭ ରନ କରିଥିଲା। ଭାରତ ପାଇଁ ଯଶପ୍ରୀତ ବୁମରା ୩ ଉଇକେଟ ନେଇଥିବା ବେଳେ ଅର୍ଶଦୀପ ସିଂ ୨ ଉଇକେଟ ହାତେଇଥିଲେ। ଜବାବରେ ଭାରତ ମଧ୍ୟ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଶିବମ ଦୁବେ (୪୨ ରନ, ୧ ଚୌକା ଓ ୩ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସ୍କୋର କରି ପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୮୭/୭ (ଡେଭିଡ୍ ମିଲର-୬୩, ଡେୱାଲ୍ଡ ବ୍ରେଭିସ-୪୫, ଟ୍ରିଷ୍ଟାନ ଷ୍ଟବ୍ସ-୪୪*, ଯଶପ୍ରୀତ ବୁମରା-୩/୧୫, ଅର୍ଶଦୀପ ସିଂ-୨/୨୮)। ଭାରତ: ୧୮.୫ ଓଭରରେ ୧୧୧/ଅଲଆଉଟ୍ (ଶିବମ ଦୁବେ-୪୨, ମାର୍କୋ ଜାନସେନ-୪/୨୨, କେଶବ ମହାରାଜ-୩/୨୪, କର୍ବିନ ବୋଶ୍-୨/୧୨)।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଜିମ୍ବାୱେ ବନାମ ୱେଷ୍ଟଇଣ୍ଡିଜ**
**ସ୍ଥାନ: ମୁମ୍ବାଇ**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର**



ଅର୍ଦ୍ଧଶତକ ଇନିଂସ ଅବସରରେ ଡେଭିଡ୍ ମିଲର।

# ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର ବଡ଼ ବିଜୟ

**ପାଲିକେଲ,୨୨।୨**

ୱିଲ ଜ୍ୟାକ୍ସଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ୫୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୪୭ ରନର ଟାର୍ଗେଟର ପିଛା କରୁଥିବା ଶ୍ରୀଲଙ୍କା ୧୬.୪ ଓଭରରେ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଜ୍ୟାକ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ଆସନ୍ତା ୨୪ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପାଇଁ ଫିଲିପ୍ ସଲ୍ଟ ୪୦ ବଲରେ ୬୨ (୬ ଚୌକା ଓ ୨ ଛକା) ଓ ଜ୍ୟାକ୍ସ ୨୧ (୪ ଚୌକା) ରନ କରିଥିଲେ। ଶ୍ରୀଲଙ୍କା ପାଇଁ ଦୁନିଥ ୱେଲାଲେଜ ୩ ଉଇକେଟ ନେଇଥିବା ବେଳେ ଦିଲଶାନ ମଦୁଶଙ୍କା ଓ ମହିଶ ପାଥିରାନା ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଦାସୁନ ଶନାକା ୩୦ (୧ ଚୌକା ଓ ୨ ଛକା) ରନ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିଜୟୀ ଦଳ ଲାଗି ଜ୍ୟାକ୍ସ ୩ଟି ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର, ଲିଆମ ଡସନ ଓ ଆଦିଲ ରସିଦ ୨ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୨୦ ଓଭରରେ ୧୪୬/୯ (ଫିଲିପ୍ ସଲ୍ଟ-୬୨, ଦୁନିଥ ୱେଲାଲେଜ-୩/୨୬, ମହିଶ ଥିକସାନା-୨/୨୧, ଦିଶାନ ମଦୁଶଙ୍କା-୨/୨୫)। ଶ୍ରୀଲଙ୍କା: ୧୬.୪ ଓଭରରେ ୯୫/ଅଲଆଉଟ୍ (ଦାସୁନ ଶନକା-୩୦, ୱିଲ ଜ୍ୟାକ୍ସ-୩/୨୨, ଆଦିଲ ରସିଦ-୨/୧୩, ଜୋଫ୍ରା ଆର୍ଚ୍ଚା-୨/୨୦)।



ଉଇକେଟ ନେବା ପରେ ୱିଲ ଜ୍ୟାକ୍ସଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଷ୍ଟିଫେନ୍ସ-ଜୋଜିଙ୍କ ବିବାହ ବିଚ୍ଛେଦ

**ନ୍ୟୁୟର୍କ, ୨୨।୨ (ଏପି)**

ପୂର୍ବତନ ୟୁଏସ୍ ଓପନ ଟେନିସ ଚାମ୍ପିୟନ ସ୍ଲୋଏନ୍ ଷ୍ଟିଫେନ୍ସ ଓ ଫୁଟ୍‌ବଲ ଷ୍ଟାର ଜୋଜି ଅଲ୍‌ଟିଡୋରଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ଉଭୟେ ୪ ବର୍ଷ ତଳେ ବିବାହ କରିଥିଲେ। ୨୦୧୭ ୟୁଏସ୍ ଓପନ ଚାମ୍ପିୟନ ଷ୍ଟିଫେନ୍ସ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିବା ଘୋଷଣା କରିଛନ୍ତି। ଜୋଜି ଓ ମୁଁ ଆପୋସ ବୁଝାମଣାରେ ଆମର ବୈବାହିକ ଜୀବନର ପରିସମାପ୍ତି ଘଟାଇବା ଲାଗି ନିଷ୍ପତ୍ତି ନେଇଛୁ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ୩୨ ବର୍ଷୀୟ ଷ୍ଟିଫେନ୍ସ ଆହୁରି ମଧ୍ୟ ୨୦୧୮ ଫ୍ରେଞ୍ଚ ଓପନ ରନରଅପ୍। ୩୬ ବର୍ଷୀୟ ଅଲ୍‌ଟିଡୋର୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ୟୁଏସ୍ ପୁରୁଷ ଫଉଟ୍‌ବଲ ଦଳ ତରଫରୁ ୧୧୫ ମ୍ୟାଚ ଖେଳି ୪୨ ଗୋଲ୍ ସ୍କୋର କରିଛନ୍ତି।


ସ୍ଲୋଏନ୍ ଷ୍ଟିଫେନ୍ସ ଓ ଜୋଜି ଅଲ୍‌ଟିଡୋର।

# ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୨୨।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ସାପ୍ତାହିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଚଳିତ ଟି୨୦ ବିଶ୍ୱକପ୍ ଓ ଆମେରିକା, କାନାଡା ଓ ଓମାନ ପାଇଁ ଖେଳୁଥିବା ଭାରତୀୟ ବଂଶୋଦ୍ଭବ ଖେଳାଳି କାନାଡା ଅଧିନାୟକ ଦିଲପ୍ରୀତ ବାଜୱା, ନବନୀତ ଧାଲିୱାଲ, ହର୍ଶ ଠାକର, ଶ୍ରେୟସ ମୋଭା, ଆମେରିକାର ଯତୀନ୍ଦର ସିଂ, ବିନାୟକ ଶୁକ୍ଳା, କରନ ସୋନାଭେଲ, ଜୟ ଓଡେଡ୍ରାଙ୍କୁ ପ୍ରଶଂସା କରିଛନ୍ତି।

ମୁଁ ସର୍ବଦା କୁହେ ଯେ, ଯେଉଁମାନେ ଖେଳନ୍ତି, ସେମାନଙ୍କ ପ୍ରତିଭା ପ୍ରକାଶିତ ହୁଏ। ଆପଣମାନେ ନିଶ୍ଚିତ ଭାବେ ଚଳିତ ଟି୨୦ ବିଶ୍ୱକପ୍‌ର ମ୍ୟାଚ୍ ଦେଖୁଥିବେ। ମୁଁ ନିଶ୍ଚିତ ଯେ, ମ୍ୟାଚ୍ ଦେଖିଲା ବେଳେ ଆପଣମାନେ ନିର୍ଦ୍ଦିଷ୍ଟ ଭାବେ କିଛି ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖୁଥିବେ। ଜର୍ସି ଅନ୍ୟ ଦେଶର ହୋଇପାରେ, କିନ୍ତୁ ସେମାନଙ୍କ ନାମ ଶୁଣିବା ପରେ ସେମାନେ ଆମ ଦେଶର ବୋଲି ବୁଝିପଡୁଛି। ଏହି ମୁହୂର୍ତ୍ତ ଖୁସି ପ୍ରଦାନ କରେ। କାରଣ ଭାରତୀୟ ବଂଶୋଦ୍ଭବ ଖେଳାଳି ଅନ୍ୟ ଦେଶ ପାଇଁ ଖେଳୁଛନ୍ତି, ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି, ସେମାନେ ଅନ୍ୟ ଦେଶର ଜର୍ସି ପିନ୍ଧି ଖେଳୁଛନ୍ତି, ତା ନୁହେଁ ବରଂ ସମ୍ପୂର୍ଣ୍ଣ ହୃଦୟରୁ ନିଜ ଦେଶର ପ୍ରତିନିଧିତ୍ୱ କରୁଛନ୍ତି। କାନାଡା ଦଳରେ ସର୍ବାଧିକ ସଂଖ୍ୟକ ଭାରତୀୟ ଖେଳାଳି ରହିଛନ୍ତି ।

କାନାଡାର କ୍ୟାପ୍ଟେନ ଦିଲପ୍ରୀତ ବାଜୱା ପଞ୍ଜାବର ଗୁରଦାସପୁରରେ ଜନ୍ମ ହୋଇଥିବା ବେଳେ ନବନୀତ ଧାଲିୱାଲ ଚଣ୍ଡିଗଡ଼ରେ ଜନ୍ମ ହୋଇଥିଲେ। ଆମେରିକା ଦଳରେ ଅନେକ ଭାରତୀୟ ଘରୋଇ କ୍ରିକେଟର ରହିଛନ୍ତି। ଆମେରିକାର ଅଧିନାୟକ ମୋନାଙ୍କ ପଟେଲ ଗୁଜରାଟ ପାଇଁ ୧୬ ଓ ୧୮ ବର୍ଷରୁ କମ୍ ବର୍ଗରେ କ୍ରିକେଟ ଖେଳିଥିଲେ। ମୁମ୍ବାଇର ସୌରଭ, ହର୍ମିତ ସିଂ ଓ ଦିଲ୍ଲୀର ମିଲିନ୍ଦ କୁମାର ଆମେରିକା ଦଳର ଗର୍ବ। ଭାରତର ଫାଷ୍ଟ କ୍ଲାସ କ୍ରିକେଟରେ ବିଭିନ୍ନ ରାଜ୍ୟ ପାଇଁ ଖେଳୁଥିବା କ୍ରିକେଟରମାନେ ଏବେ ଓମାନ ଦଳର ସଦସ୍ୟ। ଯତୀନ୍ଦର ସିଂ, ବିନାୟକ ଶୁକ୍ଲା, କରନ, ଜୟ ଓ ଆଶିଷ ଓମାନ ଦଳ ଲାଗି ଖେଳୁଛନ୍ତି। ଏଭଳି ଅନେକ ଭାରତୀୟ ଖେଳାଳି ସେମାନଙ୍କ ଦେଶ ପାଇଁ ଗର୍ବ ଓ ଗୌରବ ଆଣୁଛନ୍ତି। ଏହା ହିଁ ଭାରତୀୟତାର ସ୍ୱତନ୍ତ୍ରତା। ସେମାନେ ଯେଉଁଠାକୁ ବି ଯାଆନ୍ତି, ଭାରତୀୟମାନେ ସେମାନଙ୍କ ଦେଶ ସହିତ ଜଡ଼ିତ ହୋଇ ରୁହନ୍ତି।

# କରକେରା, ନିର୍ମାବେନ୍ ଜିତିଲେ ନୂଆଦିଲ୍ଲୀ ମାରାଥନ

**ନୂଆଦିଲ୍ଲୀ, ୨୨।୨ (ପି.ଟି.)**

କାର୍ତ୍ତିକ କରକେରା ୧୧ଶ ନୂଆଦିଲ୍ଲୀ ହାଫ୍ ମାରାଥନ ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ୪୨.୨ କିଲୋମିଟର ଦୂରତା ବିଶିଷ୍ଟ ଏହି ଦୌଡ଼ ପ୍ରତିଯୋଗିତାରେ ମୁମ୍ବାଇର କରକେରା ୨ ଘଣ୍ଟା ୧୩ ମିନିଟ ଓ ୧୦ ସେକେଣ୍ଡ ଟାଇମିଂରେ ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଜାପାନରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅଙ୍କ ହାସଲ କରିପାରିଛନ୍ତି। ପେସାରେ ଜଣେ ଡାକ୍ତର ଏହି ୨୮ ବର୍ଷୀୟଙ୍କ ପଛକୁ ଗୋପୀ ଥୋନାକଲ (୦୨:୧୩:୧୨) ଓ ମାନ୍ ସିଂ (୦୨:୧୩:୧୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସର ପୁରୁଷ ବିଭାଗ ମାରାଥନରେ ଭାଗ ନେବାକୁ ଯୋଗ୍ୟତା ଅଙ୍କ ୨:୧୫:୦୪ ଧାର୍ଯ୍ୟ କରାଯାଇଛି। ମହିଳା ବିଭାଗରେ କିନ୍ତୁ ଜଣେ ହେଲେ ଯୋଗ୍ୟତା ଅଙ୍କ ୨:୩୧:୫୨ ହାସଲ କରିବାରେ ସମର୍ଥ ହୋଇପାରି ନାହାନ୍ତି। ତେବେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଥାକୋର ନିର୍ମାବେନ୍ (୦୨:୪୧:୧୫) ତାଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟରେ ଉନ୍ନତି ଆଣିପାରିଛନ୍ତି। ମହିଳା ବିଭାଗରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଭାଗୀରଥି (୦୨:୪୩:୨୮) ଓ ଅଶ୍ୱିନୀ ଯାଦବ (୦୨: ୫୬:୫୯)। ନୂଆଦିଲ୍ଲୀ ମାରାଥନ ହେଉଛି ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ଜାତୀୟ ମାରାଥନ। ଏଥିରେ ୩୧ ଦେଶ ଏବଂ ୪୯୦ ସହରରୁ ୩୦, ୦୦୦ରୁ ଊର୍ଦ୍ଧ୍ୱ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ଅଲିମ୍ପିକ ପଦକ ବିଜେତା ବକ୍ସର ବିଜେନ୍ଦର ସିଂ ଓ ଟେନିସ ଷ୍ଟାର ରୋହନ ବୋପାନ୍ନା ପତାକା ହଲାଇ ରେସ୍‌ର ଶୁଭାରମ୍ଭ କରିଥିଲେ।

# ଭାରତ ଏସିଆ କପ୍ ରାଇଜିଂ ଷ୍ଟାର ଟାଇଟଲ ବିଜେତା

**ବ୍ୟାଙ୍କକ୍, ୨୨।୨ (ପି.ଟି.):** ତେଜଲ ହାସନବିସ୍‌ଙ୍କୁ ୩୪ ବଲ୍‌ରୁ ଅପରାଜିତ ୫୧ ରନ ଏବଂ ଲେଗସ୍ ସ୍ପିନର ପ୍ରେମା ରାୱତଙ୍କ ପ୍ରଭାବୀ ବୋଲିଂ ସହାୟତାରେ ଭାରତ 'ଏ' ମହିଳା ଦଳ ଏଠାରେ ଏକ ଲୋ-ସ୍କୋରିଂ ଫାଇନାଲରେ ବାଂଲାଦେଶକୁ ୪୬ରନରେ ପରାସ୍ତ କରି ଏଠାରେ ଚାଲିଥିବା ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ ବିଜେତା ହୋଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ଏକଦା ୪୪ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଭାରତ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ହାସନବିସ୍ ଏବଂ ଅନ୍ୟଜଣେ ଅନ୍ତର୍ଜାତୀୟ ଖେଳାଳି ତଥା ଅଧିନାୟିକା ରାଧା ଯାଦବ (୩୦ ବଲ୍‌ରୁ ୩୬ ରନ) ୫ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୮୯ରନ ଯୋଗ କରିବା ଦ୍ୱାରା ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୩୪ ରନ କରି ମ୍ୟାଚକୁ ଜିତି ନେଇଥିଲା। ସ୍ଥାନୀୟ କଣ୍ଡିଶନରୁ ଫାଇଦା ଉଠାଇ ରାଧାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ବାଂଲାଦେଶକୁ ୧୯.୧ ଓଭରରେ ୮୮ ସ୍କୋରରେ ଅଲଆଉଟ କରିଦେଇଥିଲେ। ଭାରତ ତରଫରୁ ପ୍ରେମା ଚମତ୍କାର ବୋଲିଂ କରି ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ରନ୍ ଚେଜ୍ ବେଳେ ବାଂଲାଦେଶ ତୃତୀୟ ଓଭରରେ ମାତ୍ର ୧୨ ରନ ସ୍କୋରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ଏହାପରଠାରୁ ବାଂଲାଦେଶର ନିୟମିତ ଭାବେ ଗୋଟିକ ପରେ ଗୋଟିଏ ଉଇକେଟମାନ ପତନ ଘଟିଥିଲା। ୨୦୨୩ରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଫାଇନାଲରେ ମଧ୍ୟ ବାଂଲାଦେଶ 'ଏ'କୁ ପରାସ୍ତ କରି ଭାରତ 'ଏ' ଚାମ୍ପିୟନ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ମହିଳା ଦଳ: ୨୦ ଓଭରରେ ୧୩୪/୭ (ତେଜଲ ହାସବନିସ୍-୫୧*, ରାଧା ଯାଦବ-୩୬; ଫହିମା ଖାତୁନ-୪/୨୫, ଫାତେମା ଜାହାନ ସୋନିଆ-୧/୧୯)। ବାଂଲାଦେଶ 'ଏ' ମହିଳା : ୧୯.୧ ଓଭରରେ ୮୮/ଅଲଆଉଟ(ଶମିମା ସୁଲ୍‌ତାନା-୨୦; ପ୍ରେମା ରାୱତ-୩/୧୨, ତନୁଜା କନୱର-୨/୨୨, ସୋନିଆ ମେନ୍ଧିଆ-୨/୨୧)।



BHUBANESWAR: SKY AUTOMOBILES: 7440011607 | JYOTE MOTORS: 7064499354, 7064499352 | NARAYANI MOTORS: 7381000168, 9583022097 | PURI: NARAYANI MOTORS: 7381000168 | PARADEEP: NARAYANI MOTORS: 7381000168, 9583022097, 9583022047 | KEONJHAR/NAYAGARH/BALUGAON: JYOTE MOTORS: 9776615006 | CUTTACK: TUSHI MOTORS PVT LTD: 9078073430, SKY AUTOMOBILES: 9078080819 | JAJPUR: SKY AUTOMOBILES: 9078080819.
*ନିୟମ ଏବଂ ଶର୍ତ୍ତାବଳୀ ଲାଗୁ। ଆଉ ଅଧିକ ଜାଣିବା ପାଇଁ ଆପଣଙ୍କର ନିକଟତମ ଡିଲରକୁ ଯାଆନ୍ତୁ। **ଭେରିଫାଇଡ କାର ହିଷ୍ଟ୍ରି ଏବଂ ୱାରେଣ୍ଟି, କେବଳ True Value ସାର୍ଟିଫାଇଡ୍ କାରଗୁଡିକରେ ଉପରେ ଲାଗୁହୋଇଥାଏ। ମାଗଣା ସେବା କେବଳ ଶ୍ରମିକ ଖର୍ଚ୍ଚ ଉପରେ ଲାଗୁ ହୋଇଥାଏ। ଏହି ଚିତ୍ରଗୁଡ଼ିକ କେବଳ ଇଲାଷ୍ଟ୍ରେସନ୍ ପାଇଁ ବ୍ୟବହାର କରାଯାଇଛି। ଗାଡ଼ିର ଜଳା କାଚ ଆଲୋକ ପ୍ରଭାବ କାରଣ ଯୋଗୁଁ ହୋଇଥାଏ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ